# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ସୋମବାର, ଜୁଲାଇ ୧୪/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, July 14/2025 | Page 14 | ₹ 7.00

୫୧ଶ ଭାଗ ୨୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 229 | ମୂଲ୍ୟ ₹୭/-





**କାର୍ତ୍ତିକଙ୍କ ଫିଲ୍ମରେ ଜ୍ୟାକି**

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ 'ତୁ ମେରୀ ମେଁ ତେରା, ମେଁ ତେରା ତୁ ମେରୀ' ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତା ଜ୍ୟାକି ଶ୍ରଫ୍ ସାମିଲ ହୋଇଛନ୍ତି। **୧୨**

**୧୪** **ସୁନ୍ଦରଙ୍କ ଚମତ୍କାର ବୋଲିଂ**

ଲର୍ଡ୍‌ସରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଚମତ୍କାର ବୋଲିଂ କରି ଭାରତ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଛନ୍ତି ୱାଶିଂଟନ ସୁନ୍ଦର।










# ଜଣେ କେହି ଶୁଣିଥିଲେ ଏଭଳି ଘଟି ନ ଥାନ୍ତା

**ବାଲେଶ୍ୱର/ଭୁବନେଶ୍ୱର, (ବାଞ୍ଛାନିଧି ଦେ/ସୁନୀତ୍ ମିଶ୍ର)୧୩।୭**

ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ (ଏଚ୍‌ଓଡି) ତଥା ଅଧ୍ୟାପକ ସମୀର କୁମାର ସାହୁଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ଜଣେ ଛାତ୍ରୀ ଶନିବାର ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ସେ ମୃତ୍ୟୁ ସହ ସଂଗ୍ରାମ କରୁଥିବାବେଳେ ତାଙ୍କର ୧୨ ଦିନ ତଳର ଟୁଇଟ୍ ଏବେ ଭାଇରାଲ ହୋଇଛି, ଯାହାକୁ ନେଇ ସାରା ରାଜ୍ୟରେ କ୍ଷୋଭ ପ୍ରକାଶ ପାଇଛି। ୬ ମାସ ଧରି ଦିଆଯାଇଆସୁଥିବା ଶାରୀରିକ, ମାନସିକ ନିର୍ଯାତନା ସମ୍ପର୍କରେ ପୀଡ଼ିତା ଜୁଲାଇ ୧ରେ ନିଜ ସୋସିଆଲ ମିଡିଆ 'X' ହ୍ୟାଣ୍ଡଲରେ ଜଣାଇଥିଲେ। ଏହାର ପୂର୍ବ ଦିନ ଅର୍ଥାତ୍ ଜୁନ୍ ୩୦ ତାରିଖରେ ସେ ବରିଷ୍ଠ ପୋଲିସ ଅଧିକାରୀ, ଅଧ୍ୟାପକ ଏବଂ କେତେଜଣ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ନିର୍ଯାତନା ସମ୍ପର୍କରେ କଲେଜ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ୧ ତାରିଖରେ 'X'ରେ ଏନେଇ ତଥ୍ୟ ଉଲ୍ଲେଖ କରିବା ସହ କେତେଜଣ ବିଶିଷ୍ଟ ବ୍ୟକ୍ତି ଓ କର୍ତ୍ତୃପକ୍ଷଙ୍କୁ ଟ୍ୟାଗ୍ କରିଥିଲେ। ସେମାନଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗ (@ଡିଏଚ୍‌ଇ), ଉଚ୍ଚଶିକ୍ଷା ମନ୍ତ୍ରୀ (@ସୂର୍ଯ୍ୟବଂଶୀବିଜେପି), କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ (@ଡିପ୍ରଧାନବିଜେପି), @ସିଏମ୍‌ଓ_ଓଡ଼ିଶା, @ମୋହନଏମ୍‌ଓଡ଼ିଶା, ବାଲେଶ୍ୱର ଜିଲାପାଳ (@ଡିବାଲେଶ୍ୱର), ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ (@ମାନସକୁମାରଦତ୍ତ), କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ (@ଏଡୁମିନ୍‌ଅଫ୍‌ଇଣ୍ଡିଆ) ଓ ଜାତୀୟ ମହିଳା କମିଶନ(@ଏନ୍‌ସିଡବ୍ଲ୍ୟୁଇଣ୍ଡିଆ)। ଏହିମାନଙ୍କ ପାଖରୁ ପୀଡ଼ିତା ନ୍ୟାୟ ଆଶା ରଖିଥିଲେ। କଲେଜ ଅଧ୍ୟକ୍ଷ ତାଙ୍କୁ ୪/୫ ଦିନ ସମୟ ମାଗିଥିଲେ। ହେଲେ ନା କୌଣସି କର୍ତ୍ତୃପକ୍ଷ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଲେ ନା ଅଧ୍ୟକ୍ଷଙ୍କଠାରୁ ସେ ନ୍ୟାୟ ପାଇଲେ। ଶେଷରେ ହତାଶ ହୋଇ ଆତ୍ମାହୁତି ଦେବା ପାଇଁ ଚରମ ପଦକ୍ଷେପ ନେଲେ। ନିର୍ଯାତିତା ଛାତ୍ରୀଙ୍କ ଏହି ଟୁଇଟ୍‌ରେ ଟ୍ୟାଗ୍ ହୋଇଥିବା ବ୍ୟକ୍ତିମାନଙ୍କ ଉପରେ ଏବେ ସୋସିଆଲ ମିଡିଆ ୟୁଜର୍ସ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। କେହି ଜଣେ ଶୁଣିଥିଲେ, ଛାତ୍ରୀ ନିଜ ଦେହରେ ନିଆଁ ଲଗାଇଦେବା ଭଳି ଘଟଣା ଘଟି ନ ଥାନ୍ତା ବୋଲି ୟୁଜର୍ସ ଦର୍ଶାଇବା ସହ ପ୍ରକୃତରେ କିଏ ଦାୟୀ ଏବଂ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ପ୍ରଶ୍ନ ଉଠାଇଛନ୍ତି।


yashree Bisi
mya247...
Follow

@DHE_Odisha
@suryabanshibjp
@dpradhanbjp
@CMO_Odisha
@MohanMOdisha
@DBalasore
@manaskumardutta
@EduMinOfIndia
@NCWIndia

22:29 · 01 Jul 25 · 77.6K Views

'X'ରେ ଜୁଲାଇ ୧ରେ ନିର୍ଯାତିତା ଛାତ୍ରୀ କରିଥିବା ପୋଷ୍ଟ।



ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷଙ୍କ ପ୍ରକୋଷ୍ଠକୁ ଜୁନ୍ ୩୦ରେ ଅଭିଯୋଗ କରିବାକୁ ଆସିଥିବା ଛାତ୍ରୀ। ସେଠାରେ ଉପସ୍ଥିତ ଥିଲେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଅଧ୍ୟାପକ ଓ ଛାତ୍ରମାନେ।

## ଆଜି ଆସୁଛନ୍ତି ରାଷ୍ଟ୍ରପତି



**ଭୁବନେଶ୍ୱର,୧୩।୭(ସୁନିତ୍ ମିଶ୍ର)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବେ। ସୋମବାର ସନ୍ଧ୍ୟାରେ ରାଷ୍ଟ୍ରପତି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ) ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହରେ ଯୋଗଦେବେ। ଏହାପରେ ସେ ରାଜଭବନରେ ରାତ୍ରିଯାପନ କରିବେ। ୧୫ ତାରିଖ ପୂର୍ବାହ୍ନରେ ସେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏହାପରେ ସେ କଟକର ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଅପରାହ୍ନରେ କଟକ ତୁଳସୀପୁର ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନ ଯାଇ ଆଦିକବି ସାରଳା ଦାସଙ୍କ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ସାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହିତ କଳିଙ୍ଗ ପୁରସ୍କାର ୨୦୨୪ ପ୍ରଦାନ କରିବେ। ମଙ୍ଗଳବାର ସନ୍ଧ୍ୟାରେ ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।


**ଆଜିର ସମ୍ପାଦକୀୟ**

**ନାଗରିକ ଅସହାୟ**


## ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ: ମୁଖ୍ୟମନ୍ତ୍ରୀ

- **ଏମ୍‌ସରେ ଡାକ୍ତରଙ୍କ ସହ ଆଲୋଚନା କଲେ**
- **ପୀଡ଼ିତାଙ୍କ ମା', ବାପାଙ୍କୁ ଭେଟିଲେ**
- **ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଲେ ଦିଲ୍ଲୀ ଏମ୍‌ସକୁ ଏୟାରଲିଫ୍ଟ କରାଯିବ**

**ଭୁବନେଶ୍ୱର,୧୩।୭(ସୁନିତ୍ ମିଶ୍ର)**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟବର୍ଷରେ ଅଧ୍ୟୟନରତା ଜଣେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱର ସହ ନେଇଛନ୍ତି। ରବିବାର ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଏୟାରପୋର୍ଟରୁ ଏମ୍‌ସ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଏମ୍‌ସର ନିର୍ଦ୍ଦେଶକ ଏବଂ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ଭାବେ ନିନ୍ଦା କରିବା ସହିତ କହିଛନ୍ତି ଯେ, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ୩ଜଣିଆ କମିଟି ଗଠନ କରାଯାଇଛି। କମିଟି ରବିବାର ବାଲେଶ୍ୱର ଗସ୍ତ କରି ତଦନ୍ତ ଆରମ୍ଭ କରିଛି। କମିଟି ରିପୋର୍ଟ ଦେବା ପରେ ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିବେ, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହିତ ଆଗାମୀ ଦିନରେ ଯେଭଳି କୌଣସି ଶିକ୍ଷାନୁଷ୍ଠାନରେ ଏଭଳି ଘଟଣା ନ ଘଟିବ ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। ଛାତ୍ରୀଙ୍କ ଅବସ୍ଥା ଏବେ ସଙ୍କଟାପନ୍ନ ରହିଛି। ତାଙ୍କୁ ଦିଲ୍ଲୀ ଏମ୍‌ସ ଷ୍ଟାଣ୍ଡାର୍ଡରେ ଚିକିତ୍ସା ଯୋଗାଇ ଦିଆଯାଉଛି। ଛାତ୍ରୀଙ୍କ ଅବସ୍ଥା ସ୍ଥିର ହେଲେ ତାଙ୍କୁ ଏୟାରଲିଫ୍ଟ କରାଯାଇ ଦିଲ୍ଲୀ ଏମ୍‌ସ ନେବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ଚିକିତ୍ସାରେ ଯେପରି କୌଣସି ପ୍ରକାର ତ୍ରୁଟି ନ ରହିବ ସେଦିଗରେ ସଚେତନ ହୋଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ମା' ଏବଂ ବାପାଙ୍କୁ ଭେଟି ସାନ୍ତ୍ୱନା ଦେବା ସହିତ ଝିଅର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା କରାଯାଉଛି ବୋଲି କହିଛନ୍ତି।



ମୋହନ ଚରଣ ମାଝୀ

## ଡିଜିପିଙ୍କୁ ରିପୋର୍ଟ ମାଗିଲେ ଏନ୍‌ସିଡବ୍ଲ୍ୟୁ

**ଭୁବନେଶ୍ୱର,୧୩।୭ (ସତ୍ୟଜିତ୍ ରାଉତ)**

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଗୁରୁତ୍ୱର ସହ ନେଇଛନ୍ତି। ଏନେଇ କମିଶନ ନିଜ ଆଡୁ ହସ୍ତକ୍ଷେପ କରି ରବିବାର ଓଡ଼ିଶା ପୋଲିସ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି। ତେବେ ଏହି ଘଟଣାକୁ କମିଶନ ଗଭୀର ଚିନ୍ତାଜନକ ଭାବେ ଅଭିହିତ କରିଛନ୍ତି। ଏଥିସହ ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ବିଜୟା କିଶୋର ରାହତକର ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ମାଗଣାରେ ସମସ୍ତ ଆବଶ୍ୟକ ଚିକିତ୍ସା ଓ ମାନସିକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ୩ ଦିନ ମଧ୍ୟରେ ଏହି ଘଟଣାର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କମିଶନ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଗଷ୍ଟରୁ ଦେଶରେ ହୋଇପାରେ ଭୋଟର ତାଲିକା ସଂଶୋଧନ

**ନୂଆଦିଲ୍ଲୀ,୧୩।୭(ପି.ଟି.)**

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଆସନ୍ତା ମାସରୁ ସାରା ଦେଶରେ ଏଭଳି ସଂଶୋଧନ ହୋଇପାରେ। ଏଥିପାଇଁ ନିର୍ବାଚନ କମିଶନ (ଇସି) ସମସ୍ତ ରାଜ୍ୟରେ ଥିବା ନିର୍ବାଚନ କଳକୁ ସକ୍ରିୟ କରିଛନ୍ତି। ଏସ୍‌ଆଇଆର୍ ଏକ ସାମ୍ବିଧାନିକ ଆଦେଶ ବୋଲି ଗତ ସପ୍ତାହରେ ସୁପ୍ରିମକୋର୍ଟ କହିବା ସହ ବିହାରରେ ଏହି ପ୍ରକ୍ରିୟା ଜାରି ରଖିବାକୁ ଅନୁମତି ଦେଇଥିଲେ। ଏଥିସହ ଏସ୍‌ଆଇଆର୍‌ରେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାଶନ କାର୍ଡକୁ ସାମିଲ କରିବା ପାଇଁ ସର୍ବୋଚ୍ଚ ଅଦାଲତ କହିଥିଲେ। ତଦନୁଯାୟୀ, ଇସି ସାରା ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପାଇଁ ଅଣ୍ଟା ଭିଡ଼ିଥିବା ଜଣାପଡ଼ିଛି।

ବିହାରରେ ଭୋଟର ତାଲିକା ସଂଶୋଧନକୁ ବିରୋଧ କରି ଅନେକ ବିରୋଧୀ ଦଳ ଓ ଅନ୍ୟମାନେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହି ପ୍ରକ୍ରିୟା ନାଗରିକମାନଙ୍କୁ ସେମାନଙ୍କ ମତାଧିକାରରୁ ବଞ୍ଚିତ କରିବ ବୋଲି ସେମାନେ ଅଭିଯୋଗ କରିଥିଲେ। ବିଭିନ୍ନ ରାଜ୍ୟରେ ଶେଷଥର ପାଇଁ ହୋଇଥିବା ଏସ୍‌ଆଇଆର୍ ଅନୁଯାୟୀ, ସମ୍ପୃକ୍ତ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଭୋଟର ତାଲିକା ପ୍ରକାଶ କରିବା ଆରମ୍ଭ କରିଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀରେ ୨୦୦୮ରେ ହୋଇଥିବା ଶେଷ ସଂଶୋଧନ ଅନୁଯାୟୀ ଭୋଟର ତାଲିକା ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ୍‌ରେ ରହିଛି। ସେହିପରି ଉତ୍ତରାଖଣ୍ଡରେ ୨୦୦୬ ଏସ୍‌ଆଇଆର୍ ଅନୁଯାୟୀ, ସେହିବର୍ଷର ଭୋଟର ତାଲିକା ରାଜ୍ୟ ସିଇଓଙ୍କ ୱେବ୍‌ସାଇଟ୍‌ରେ ଦିଆଯାଇଛି। ବିଭିନ୍ନ ରାଜ୍ୟର ଶେଷ ଏସ୍‌ଆଇଆର୍‌କୁ କଟ୍-ଅଫ୍ ତାରିଖ ଭାବେ ଧରାଯିବ, ଯେପରି ବିହାର ପାଇଁ ୨୦୦୩ର ଭୋଟର ତାଲିକାକୁ ସଂଶୋଧନ ଲାଗି ବ୍ୟବହାର କରାଯାଉଛି। ଅଧିକାଂଶ ରାଜ୍ୟରେ ୨୦୦୨ରୁ ୨୦୦୪ ମଧ୍ୟରେ ଭୋଟର ତାଲିକା ସଂଶୋଧନ ହୋଇଥିଲା।

ଜୁଲାଇ ୨୮ରେ ବିହାର ଏସ୍‌ଆଇଆର୍ ମାମଲା ପୁଣିଥରେ ସୁପ୍ରିମକୋର୍ଟରେ ଶୁଣାଣି ହେବାକୁ ଥିବାରୁ ଏହାପରେ ଦେଶବ୍ୟାପୀ ଏହାକୁ ଆରମ୍ଭ କରିବା ନେଇ ନିର୍ବାଚନ କର୍ତ୍ତୃପକ୍ଷ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଜଣେ ଅଧିକାରୀ କହିଛନ୍ତି। ଜନ୍ମସ୍ଥାନ ଯାଞ୍ଚ କରି ବିଦେଶୀ ବେଆଇନ ଆପ୍ରବାସୀଙ୍କୁ ☞ପୃଷ୍ଠା-୪

## ଆମାଜନ ଶୈଳୀରେ ହେବ ଜନଶୁଣାଣି ଟ୍ରାକିଂ

**ଲୋକଙ୍କ ଯାହା ଆପତ୍ତି ଅଭିଯୋଗ ରହିଥାଏ, ପ୍ରଶାସନିକ ହସ୍ତକ୍ଷେପ ଜରିଆରେ ସମାଧାନ ଆଶାରେ ମୁଖ୍ୟମନ୍ତ୍ରୀଙ୍କ ସୋମବାରିଆ ଜନଶୁଣାଣି କାର୍ଯ୍ୟକ୍ରମକୁ ଅପେକ୍ଷା କରିଥାନ୍ତି। ଗୁହାରି କରିବା ପରେ କଥା କେତେ ବାଟ ଆଗେଇଛି ତାହା ଜାଣିବା ପାଇଁ ରହିଥିବା ଷ୍ଟାଟସ୍ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସରକାର ଏକ ନୂଆ ନୀତି ଆପଣାଇବାକୁ ଯାଉଛନ୍ତି। ତଦନୁଯାୟୀ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ପରିଚାଳିତ janasunani.odisha.gov.in ପୋର୍ଟାଲକୁ ଅପ୍‌ଗ୍ରେଡ୍ କରାଯିବ। ଆମାଜନ ଶପିଂରେ ଅର୍ଡର କରାଯାଇଥିବା ସାମଗ୍ରୀର ଯେପରି ଟ୍ରାକିଂ କରି ତା'ର ଅବସ୍ଥିତି ଜାଣିହୁଏ ସେହିପରି ଅଭିଯୋଗକର୍ତ୍ତା ତାଙ୍କ ଅଭିଯୋଗ କେଉଁ ସ୍ତରରେ ପହଞ୍ଚିଛି ଓ ଫାଇଲ କେତେ ବାଟ ଆଗେଇଛି ଘରେ ବସି ସେନେଇ ସବିଶେଷ ବିବରଣୀ ପାଇପାରିବେ। ଏହାଦ୍ୱାରା ସେଣ୍ଟ୍ରାଲାଇଜ୍‌ଡ ପବ୍ଲିକ୍ ଗ୍ରିଭାନ୍ସ ରିଡ୍ରେସାଲ୍ ଆଣ୍ଡ ମନିଟରିଂ ସିଷ୍ଟମ୍ (ସିପିଜିଆର୍‌ଏମ୍‌ଏସ୍) ଜରିଆରେ ସମନ୍ୱୟ ରକ୍ଷା କରି ନାଗରିକମାନଙ୍କୁ ଅଭିଯୋଗର ସ୍ଥିତି ଜାଣିବାର ସୁଯୋଗ ମିଳିବ। ଜୁଲାଇ ୩୧ରୁ ଏହି 'ଆମାଜନ ନୀତି' ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଥିବାରୁ ଆଗକୁ ପ୍ରଶାସନିକ ତତ୍ପରତା ବୃଦ୍ଧି ପାଇବା ସହ ରାଜ୍ୟବାସୀଙ୍କୁ ନ୍ୟାୟ ପ୍ରଦାନ ବ୍ୟବସ୍ଥା ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି।**

**ଭୁବନେଶ୍ୱର,୧୩।୭ (ରବିନାରାୟଣ ଜେନା)**

ଜନଶୁଣାଣି ପ୍ରତି ଲୋକଙ୍କ ଯେତିକି ବିଶ୍ୱାସ ରହିଛି, ଆଗାମୀ ଦିନରେ ଏହା କିଭଳି ଜନତାଙ୍କ ହୃଦୟ ଜିଣିବ ସେ ନେଇ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଛି। ଲୋକେ ଘରେ ବସି ସେମାନଙ୍କ ଅଭିଯୋଗର ଯେଭଳି ଟିକିନିଖି ଖବର ପାଇପାରିବେ ସେଥିପାଇଁ ନୀତିରେ କେତେକ ପରିବର୍ତ୍ତନ କରାଯିବ। ଏବେ ଲୋକଙ୍କୁ କେବଳ ତାଙ୍କ ଅଭିଯୋଗ ପ୍ରାପ୍ତିର ଗୋଟିଏ ଲେଖାଏ ପ୍ରାପ୍ତିପତ୍ର(ଆକ୍‌ନଲେଜ୍‌ମେଣ୍ଟ) ପ୍ରଦାନ କରାଯାଉଛି। ଆଗାମୀ ଦିନରେ ଏସବୁ ଆଉ ଚଳିବ ନାହିଁ। ଜନଶୁଣାଣି ପୋର୍ଟାଲରେ ଖୁବ୍‌ଶୀଘ୍ର ଆମାଜନ ଟ୍ରାକିଂ ନୀତି କାର୍ଯ୍ୟକାରୀ ହେବ ; ଯାହାଫଳରେ ଲୋକେ ସେମାନଙ୍କ ଅଭିଯୋଗ ଟ୍ରାକିଂ କରିପାରିବେ। ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଓକାକ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତମାସ ୪ ତାରିଖରେ ଯୋଜନା ଓ ସଂଯୋଜନା ବିଭାଗ ଓଏସ୍‌ଡି ଡି.କେ. ଜେନା ସଚିବସ୍ତରୀୟ ବୈଠକରେ ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶକୁ ନେଇ ଓକାକ୍ ଦେଇଥିବା ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, ଚଳିତମାସ ୩୧ ସୁଦ୍ଧା ଜନଶୁଣାଣି ପୋର୍ଟାଲ ଉନ୍ନୀତ ହେବା ଆବଶ୍ୟକ। ମୁଖ୍ୟସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି ପୋର୍ଟାଲରେ ଆମାଜନ ଓ ଫ୍ଲିପ୍‌କାର୍ଟ ଭଳି ଟ୍ରାକିଂ ସୁବିଧା ରହିବ ; ଯାହାଫଳରେ ଲୋକେ ସେମାନଙ୍କ ଅଭିଯୋଗ କେଉଁ ଅଧିକାରୀଙ୍କ ନିକଟରେ କେତେଦିନ ପଡ଼ି ରହିଲା ତାହା ଘରେ ବସି ଜାଣିପାରିବେ। ଫଳରେ ଲୋକେ ଅଯଥା ଖର୍ଚ୍ଚାନ୍ତ ହେବେ ନାହିଁ କିମ୍ବା ସରକାରୀ ଅଧିକାରୀ ତଥା ଅଭିଯୋଗ ପ୍ରକୋଷ୍ଠରେ ଆଉ ଭିଡ଼ କରିବେ ନାହିଁ।

ବୈଠକର ସୂଚନା ଅନୁଯାୟୀ, ଯଦି କୌଣସି ଅଧିକାରୀଙ୍କ ସ୍ତରରେ ଲୋକଙ୍କ ଅଭିଯୋଗ ଦୀର୍ଘଦିନ ଧରି ପଡ଼ି ରହିବ, ତେବେ ସେକ୍ଷେତ୍ରରେ ଅଟୋମେଟିକ୍ ଫାଇଲ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟକୁ ଚାଲିଯିବ। ଅତି ବେଶିରେ ଜଣେ ଅଧିକାରୀଙ୍କ ନିକଟରେ ଏକ ସପ୍ତାହ ପର୍ଯ୍ୟନ୍ତ ଫାଇଲ ☞ପୃଷ୍ଠା-୪

## ଛାଡ଼ପତ୍ର ଖୁସିରେ କ୍ଷୀର ସ୍ନାନ





**ଗୁଆହାଟୀ, ୧୩।୭**

ଦୀର୍ଘଦିନର ଅପେକ୍ଷା ପରେ ଆସାମର ନଲବାଡ଼ି ଜିଲାର ମାଣିକ ଅଲିଙ୍କୁ ସ୍ତ୍ରୀଙ୍କଠାରୁ ଛାଡ଼ପତ୍ର ମିଳିଥିବାରୁ ସେ ଏକ ନିଆରା ଉପାୟରେ ନିଜ ଖୁସିକୁ ଜାହିର କରିଛନ୍ତି। ମାଣିକ ଖୁସିରେ କ୍ଷୀରରେ ଗାଧୋଇଛନ୍ତି। ସୋସିଆଲ ମିଡିଆରେ ଏହାର ବିଭିନ୍ନ ଭିଡିଓ ଭାଇରାଲ ହେବାରେ ଲାଗିଛି। ଆଇନଗତ ଭାବେ ସ୍ତ୍ରୀଙ୍କଠାରୁ ଅଲଗା ହୋଇ ଏବେ ସେ ସ୍ୱାଧୀନତା ପାଇଛନ୍ତି ଏବଂ ଏହି ଖୁସିରେ ସେ କ୍ଷୀରରେ ଗାଧୋଇଥିବା ମାଣିକ କହିଛନ୍ତି। ମାଣିକ ଲମ୍ବା ସମୟ ଧରି ବୈବାହିକ ସମସ୍ୟାରେ ପୀଡ଼ିତ ଥିଲେ। ତାଙ୍କ ସ୍ତ୍ରୀ ପୂର୍ବରୁ ଅନେକବାର ଘର ଛାଡ଼ି ପ୍ରେମିକଙ୍କ ସହ ପଳାଇ ଯାଇଥିଲେ ବୋଲି ମାଣିକ କହିଛନ୍ତି। ତେବେ ନିଜ ପରିବାରର ଶାନ୍ତି ଏବଂ ମର୍ଯ୍ୟାଦା ପାଇଁ ସେ ଏହାକୁ ବିରୋଧ କରି ନ ଥିଲେ ଏବଂ ଚୁପ୍ ରହିବାକୁ ନିଷ୍ପତ୍ତି ନେଇଥିଲେ। ଅନେକ ଦିନ ଧରି ବିବାଦ ଚାଲିବା ପରେ ଶେଷରେ ପାରସ୍ପରିକ ସହମତିରେ ଉଭୟ ଛାଡ଼ପତ୍ର ପାଇଁ ରାଜି ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ମାଣିକଙ୍କ ସ୍ତ୍ରୀ ପୂର୍ବରୁ ଅନ୍ୟୂନ ୨ ଥର ପ୍ରେମିକଙ୍କ ସହ ଫେରାର ହୋଇଯାଇଥିଲେ। ସ୍ତ୍ରୀଙ୍କ ବାରମ୍ବାର ଏପରି କାର୍ଯ୍ୟ ଯୋଗୁ ମାଣିକ ମାନସିକ ଚାପ ମଧ୍ୟରେ ରହୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଛାଡ଼ପତ୍ର ଚୂଡ଼ାନ୍ତ ☞ପୃଷ୍ଠା-୪

# ଏଫ୍‌ଏମ୍ କଲେଜରେ ତଦନ୍ତକାରୀ କମିଟି

- ନିଲମ୍ବିତ ଅଧକ୍ଷ ଓ ଇଣ୍ଟରନାଲ କମିଟି ସହ ସାଢ଼େ ୩ ଘଣ୍ଟା ଆଲୋଚନା
- ପହଞ୍ଚିଲା କ୍ରାଇମ୍‌ବ୍ରାଞ୍ଚ ଟିମ୍
- ଜିଲାପାଳଙ୍କୁ ସୁରକ୍ଷା ମାଗିଲେ ନିଲମ୍ବିତ ଅଧକ୍ଷ

ବାଲେଶ୍ୱର, ୧୩।୭ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀର ମୋହନ (ଏଫ୍‌ଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ଜଣେ ଛାତ୍ରୀ ଶନିବାର ଅଧକ୍ଷଙ୍କ ଚାମ୍ବର ସମ୍ମୁଖରେ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିବା ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଛି। ସମ୍ପୃକ୍ତା ଛାତ୍ରୀ ଏବେ ଏମ୍‌ସରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ରବିବାର ମହାବିଦ୍ୟାଳୟରେ ୩ ଜଣିଆ ଉଚ୍ଚସ୍ତରୀୟ କମିଟି ଓ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚିଛି। ଉଚ୍ଚସ୍ତରୀୟ କମିଟି ସଦସ୍ୟ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାଳି ପ୍ରସନ୍ନ ମହାପାତ୍ର, ଉଚ୍ଚ ଶିକ୍ଷା ଯୁଗ୍ମ ସଚିବ ମୌସୁମୀ ନାୟକ, ବିଜେବି କଲେଜ ଅଧକ୍ଷା ବରିଷ୍ଠ ଏକାଡ଼େମିସିଆନ୍ ଝୁମୁକି ରଥ ମହାବିଦ୍ୟାଳୟରେ ପହଞ୍ଚି ନିଲମ୍ବିତ ଅଧକ୍ଷ ଦିଲୀପ ଘୋଷ ଓ ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି ସଦସ୍ୟାଙ୍କୁ ସାଢ଼େ ୩ଘଣ୍ଟା ଧରି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଏହାପରେ କ୍ରାଇମବ୍ରାଞ୍ଚ ଡିଜିଙ୍କ ନିର୍ଦ୍ଦେଶ କ୍ରମେ କ୍ରାଇମ ଏଗ୍‌ନେଷ୍ଟ ଚିଲ୍‌ଡ୍ରେନ୍ ଆଣ୍ଡ ଓମେନ ୱିଙ୍ଗର ଆଡିଶନାଲ ଏସ୍‌ପି ରାଜଲକ୍ଷ୍ମୀ ନାୟକ ଓ ଡିଏସ୍‌ପି ଇମନ କଲ୍ୟାଣ ନାୟକ ମହାବିଦ୍ୟାଳୟରେ ପହଞ୍ଚି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ଅପରପକ୍ଷରେ ନିଲମ୍ବିତ ଅଧକ୍ଷ ଘୋଷ ନିଜର ସୁରକ୍ଷା ପାଇଁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଚିଠି ଦ୍ୱାରା ଅବଗତ କରାଇଛନ୍ତି।

ଉଚ୍ଚସ୍ତରୀୟ କମିଟି ଅପରାହ୍ନ ୧ଟାରୁ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ନିଲମ୍ବିତ ଅଧକ୍ଷ ଘୋଷ ଓ କମିଟି ସଦସ୍ୟଙ୍କ ସହ ଘଟଣାର ବିଭିନ୍ନ ଦିଗକୁ ନେଇ ପଚରାଉଚରା କରି ଭୁବନେଶ୍ୱର ଫେରିଥିଲା। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ମହାପାତ୍ର କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ଆରମ୍ଭ ହେଲା। ତଦନ୍ତ ନିମନ୍ତେ ବରମ୍ବାର କଲେଜ ଆସିବାକୁ ପଡ଼ିବ। ରିପୋର୍ଟ ମୁତାବକ କଲେଜ କର୍ତ୍ତୃପକ୍ଷଙ୍କ ତ୍ରୁଟି ସମ୍ପର୍କରେ ଅନୁଧ୍ୟାନ କରାଗଲା। କମିଟିର ସମସ୍ତଙ୍କୁ ଡକାଯାଇ ନ ଥିଲା। ପର୍ଯ୍ୟାୟ କ୍ରମେ ସମସ୍ତଙ୍କୁ ପଚରାଉଚରା କରାଯିବ। ରିପୋର୍ଟର ତର୍ଜମା ହେବ। ମୁଖ୍ୟତଃ ନିଲମ୍ବିତ ଅଧକ୍ଷଙ୍କଠାରୁ ଘଟଣା ସମ୍ପର୍କରେ ରିପୋର୍ଟ ନିଆଗଲା ବୋଲି କହିଥିଲେ। ଏହାପରେ କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ ନିଲମ୍ବିତ ଅଧକ୍ଷଙ୍କ ସହ ଦୀର୍ଘ ସମୟ ଧରି ଘଟଣାର ବିଭିନ୍ନ ଦିଗକୁ ନେଇ ପଚରାଉଚରା କରିଥିଲେ।

ନିଲମ୍ବିତ ଅଧକ୍ଷ ଘୋଷଙ୍କ କହିବାନୁଯାୟୀ, ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ତଦନ୍ତ ଜାରି ରହିଛି। ଉତ୍ତେଜନା ପରିସ୍ଥିତିକୁ ନେଇ ଜିଲାପାଳଙ୍କୁ ନିଜ ପାଇଁ ସୁରକ୍ଷା ଲୋଡ଼ିଛି। କେଉଁ ମୁହୂର୍ତ୍ତରେ କ'ଣ ହେବ ସେଥିପାଇଁ ନିଜକୁ ସୁରକ୍ଷିତ ମଣୁ ନାହିଁ। ସମସ୍ତ ପ୍ରକାର ତଦନ୍ତରେ ମୁଁ ସହଯୋଗ କରିବି ଏବଂ ପ୍ରକୃତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଘୋଷ କହିଛନ୍ତି।

ତଦନ୍ତକାରୀ ଟିମ୍‌ର ଗସ୍ତ ସମୟରେ ମହାବିଦ୍ୟାଳୟରେ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ଡିଏସ୍‌ପି ତପସ୍ୱିନୀ କହଁର, ସହଦେବଖୁଣ୍ଟା ଥାନା ଆଇଆଇସି ଅଜୟ କୁମାର ମୁର୍ମୁ, ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ନିମନ୍ତେ କଲେଜ ପରିସରରେ ବ୍ୟାପକ ପୋଲିସ ମୁତୟନ ରହିଛନ୍ତି।




ମହାବିଦ୍ୟାଳୟରେ ତଦନ୍ତକାରୀ ଟିମ୍।

# ଏମ୍‌ସ ଆଇସିୟୁରେ ଜୀବନ ସହ ସଂଗ୍ରାମ କରୁଛନ୍ତି ପୀଡ଼ିତା

ଭୁବନେଶ୍ୱର, ୧୩।୭ (ବନ୍ଦନା ସେଠୀ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆତ୍ମାହୁତି ଉଦ୍ୟମ କରିଥିବା ଇଣ୍ଟିଗ୍ରେଟେଡ୍ ବି.ଏଡ୍ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଭୁବନେଶ୍ୱର ଏମ୍ସରେ ତାଙ୍କର ଚିକିତ୍ସା ଜାରି ରହିଛି। ପୀଡିତାଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ିଯାଇଥିବାରୁ ତାଙ୍କୁ ଆଇସିୟୁ ଭେଣ୍ଟିଲେଟରରେ ରଖାଯାଇଛି। ତାଙ୍କ ଫୁସଫୁସ ଓ କିଡ୍‌ନୀ ପ୍ରଭାବିତ ହୋଇଛି। ଆସନ୍ତା ୨୪ରୁ ୪୮ଘଣ୍ଟା ତାଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ତାଙ୍କର ଚିକିତ୍ସା କରୁଛନ୍ତି। ତେବେ ଶନିବାରଠାରୁ ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସେଭଳି କିଛି ସୁଧାର ଆସି ନ ଥିବା ଏମ୍ସ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ରବିବାର ରାତିରେ ପୀଡିତାଙ୍କ ଏମ୍ସ ବର୍ଣ୍ଣ ଆଇସିୟୁରେ ଡାଏଲିସିସ୍ ଆରମ୍ଭ ହୋଇଛି। ଭିଡିଓ କନ୍‌ଫରେନ୍ସିଂରେ ଦିଲ୍ଲୀ ଏମ୍ସର ପରାମର୍ଶ ନେବାପରେ ଚିକିତ୍ସାକୁ ତ୍ୱରାନ୍ୱିତ କରାଯାଇଛି। ପୀଡିତାଙ୍କ ସୁଗାର ଲେବଲ ଉପରେ ଧ୍ୟାନ ରଖାଯାଇଛି। ହେମୋଡାଇନାମିକ୍ ମନିଟରିଂ କରାଯାଉଛି ବୋଲି ଡା. ବିଶ୍ୱାସ କହିଛନ୍ତି।

ପୀଡିତାଙ୍କ ଚିକିତ୍ସା ପାଇଁ ଏମ୍ସ ଭୁବନେଶ୍ୱର ପକ୍ଷରୁ ୧୦ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ଆନେସ୍ଥେସିଓଲୋଜି ବିଭାଗ ପ୍ରଫେସର ଡା. ଜୟନ୍ତ ମିତ୍ର, ଆସୋସିଏଟ୍ ପ୍ରଫେସର ଡା. ଦେବିଶ୍ରୀ ଦାସ, ଜେନେରାଲ ମେଡିସିନ ବିଭାଗ ପ୍ରଫେସର ଡା. ଅନୁପମ୍ ଦେ, ପଲ୍‌ମୋନାରୀ ମେଡିସିନ୍ ବିଭାଗ ପ୍ରଫେସର ମନୋଜ କୁମାର ପାଣିଗ୍ରାହୀ, ବର୍ନ ଆଣ୍ଡ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଆଡିଶନାଲ ପ୍ରଫେସର ସଞ୍ଜୟ କୁମାର ଗିରି, କାର୍ଡିଆଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଦେବାଶିଷ ଆଚାର୍ଯ୍ୟ, ନେଫ୍ରୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ସନ୍ଦୀପ କୁମାର ପଣ୍ଡା, ବର୍ନ ଆଣ୍ଡ ପ୍ଲାଷ୍ଟିକ୍ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ସାନ୍ତନୁ ସୁବା, ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ-୨ ଡା. ମହାଲିଙ୍ଗମ୍ ଭି ଏବଂ ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ୍ ପ୍ରିୟଦର୍ଶିନୀ ସାହୁ ରହିଛନ୍ତି। ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଏହି ଟିମ୍ ଦୃଷ୍ଟି ଦେବା ସହିତ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରାଯାଉଥିବା ନେଇ ଏମ୍ସ ଭୁବନେଶ୍ୱର ପକ୍ଷରୁ ସୂଚନା ଦିଆଯାଇଛି।

## ଚିକିତ୍ସା କରୁଛି ୧୦ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍



ଏମ୍‌ସ୍ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଡାକ୍ତରୀ ଟିମ୍ ସହିତ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରୁଛନ୍ତି।

## ଅନ୍ୟକୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେଉଥିବା ଝିଅ ଏବେ ନିଜେ ଅସହାୟ ହୋଇପଡ଼ିଲେ

ଫକୀର ମୋହନ ସ୍ୱୟଂଶାସିତ କଲେଜରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଛାତ୍ରୀଜଣଙ୍କ ନ୍ୟାୟ ନ ପାଇ ଏଭଳି ଚରମ ପଦକ୍ଷେପ ନେଲେ ବୋଲି କୁହାଯାଉଛି। ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଜଣେ ସଦସ୍ୟା ଥିଲେ। ଏପରି କି ସେ ମାର୍ଶାଲ ଆର୍ଟରେ ସେଲ୍ଫ ଡିଫେନ୍ସ ଟ୍ରେନିଂ ନେଇଥିଲେ। ବିଭିନ୍ନ କଲେଜକୁ ଯାଇ ସେ ଅନ୍ୟମାନଙ୍କୁ ଆତ୍ମ ରକ୍ଷା(ସେଲ୍ଫ ଡିଫେନ୍ସ) ଟ୍ରେନିଂ ଦେଉଥିଲେ। ଅନ୍ୟମାନଙ୍କୁ ସେଲ୍ଫ ଡିଫେନ୍ସ ଟ୍ରେନିଂ ଦେଉଥିବା ଜଣେ ଝିଅ ନିଜକୁ ଅସହାୟ ମନେକରି ଆତ୍ମାହୁତି ଉଦ୍ୟମ କରିବା ଘଟଣା ଏବେ ସମସ୍ତଙ୍କୁ ଚକିତ କରିଛି। ପୀଡ଼ିତା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ। ପ୍ରତିବର୍ଷ ଏବିଭିପି ପକ୍ଷରୁ ହେଉଥିବା ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମରେ ସେ ସାମିଲ ହୋଇ ଅଭିନୟ କରି ଅନେକ ପୁରସ୍କାର ପାଇଛନ୍ତି। ସେ ପାଠ ପଢ଼ିବା ପାଇଁ ସାଙ୍ଗଙ୍କ ସହ ଘରୋଇ ମେସ୍‌ରେ ରହୁଥିଲେ ବୋଲି ଜଣାପଡ଼ିଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୀଡ଼ିତାଙ୍କ ମା'ବାପାଙ୍କୁ ସାନ୍ତ୍ୱନା ଦେଉଛନ୍ତି।

## ଶୋଭାଯାତ୍ରା, ବିକ୍ଷୋଭ ପାଇଁ ଡିଏସ୍‌ଓର ସଜବାଜ


ଭୋଗରାଇ, ୧୩।୭ (ପ୍ରଦୀପ ଦାସ)

ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ଛାତ୍ର ସଂଗଠନଗୁଡ଼ିକ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଗଣତାନ୍ତ୍ରିକ ଛାତ୍ର ସଂଗଠନ (ଡିଏସ୍‌ଓ) ପକ୍ଷରୁ ଏହି ଘଟଣାର ତୀବ୍ର ନିନ୍ଦା କରାଯାଇଛି। ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଂଗଠନ ଦାବି କରିଛି। ଅଭିଯୁକ୍ତ ଏଚଓଡି ସମୀର କୁମାର ସାହୁ, ଅଧକ୍ଷ ଦିଲୀପ ଘୋଷଙ୍କୁ ଚାକିରିରୁ ବହିଷ୍କାର କରିବା, ପୋଲିସ, ପ୍ରଶାସନ ଓ ନେତାଙ୍କୁ ଆଇନ ପରିସରକୁ ଆଣି ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା, ଶିକ୍ଷାନୁଷ୍ଠାନରେ ମାନବିକତା ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ମହାପୁରୁଷଙ୍କ ଜୀବନାଦର୍ଶ ଶିକ୍ଷାବ୍ୟବସ୍ଥା ଚାଲୁକରିବା ପ୍ରଭୃତି ଦାବି ନେଇ ବାଲେଶ୍ୱର ଷ୍ଟେଶନ ବଜାରରୁ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ଶୋଭାଯାତ୍ରା ବାହାରିବ। ପରେ ପଥପ୍ରାନ୍ତ ସଭା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଡିଏସ୍‌ଓ ସଂଗଠନର ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲା ସଭାପତି ହରେକୃଷ୍ଣ ଦାସ, ସମ୍ପାଦକ ପ୍ରଶାନ୍ତ ଦାସ ପ୍ରମୁଖ ଘୋଷଣା କରିଛନ୍ତି। ଅପରପକ୍ଷରେ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀ ଜଣକ ଭୋଗରାଇ ଅଞ୍ଚଳର ହୋଇଥିବାରୁ ଡିଏସ୍‌ଓ ପକ୍ଷରୁ ଭୋଗରାଇ ଫାଣ୍ଡି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି ଆନ୍ଦୋଳନରେ ବିଭିନ୍ନ କଲେଜର ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ସାମିଲ ହେବେ ବୋଲି ସୂଚନା ମିଳିଛି।

## ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ପିଟିଶନ୍

ଭୁବନେଶ୍ୱର, ୧୩।୭ (ସତ୍ୟଜିତ୍ ରାଉତ)

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବି.ଏଡ୍ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣା ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ରବିବାର ଏ ସଂକ୍ରାନ୍ତରେ ଓଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ ଦାଖଲ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଛାତ୍ରୀଙ୍କୁ କ୍ଷତିପୂରଣ ଦାବି କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ସଚିବ, ବାଲେଶ୍ୱର ଜିଲାପାଳ, ପୂର୍ବାଞ୍ଚଳ ଡିଆଇଜିଙ୍କୁ କମିଶନ ନୋଟିସ୍ କରି ଏହି ଘଟଣାରେ ଶୀଘ୍ର ତଦନ୍ତ କରି ନ୍ୟାୟ ଦେବା ଲାଗି ନିଶ୍ଚିତ କରିବାକୁ ସେ ପ୍ରାର୍ଥନା କରିଛନ୍ତି। ଏଥିସହ ଏମ୍‌ସରେ ଚିକିତ୍ସାଧୀନ ଗୁରୁତର ଛାତ୍ରୀଙ୍କ ସୁସ୍ଥ ପାଇଁ ଆବଶ୍ୟକ ପଦକ୍ଷେପ ଯୋଗାଇବାକୁ ପିଟିଶନ୍‌ରେ ଅନୁରୋଧ କରାଯାଇଛି। ଏଭଳି ଘଟଣାର ପୁନରାବୃତ୍ତି ନ ହେବାକୁ ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଉ। ଏଥିସହ ଛାତ୍ରୀଙ୍କୁ ଏକ କୋଟି କ୍ଷତିପୂରଣ ରାଶି ଯୋଗାଇବାକୁ କମିଶନ ସୁପାରିସ କରିବେ ବୋଲି ପ୍ରଦୀପ୍ତ ଆଶା ରଖିଥିବା ଅଭିଯୋଗରେ ଦର୍ଶାଇଛନ୍ତି।



ଅଧ୍ୟାପକଙ୍କ ନିର୍ଯାତନା ସମ୍ପର୍କରେ ପୀଡ଼ିତା ଜୁନ୍ ୩୦ ତାରିଖରେ କଲେଜ ଅଧକ୍ଷଙ୍କ ନିକଟରେ କରିଥିବା ଅଭିଯୋଗ ସଂକ୍ରାନ୍ତରେ ଜୁଲାଇ ୧ରେ ସୋସିଆଲ୍ ମିଡିଆ 'X'ରେ କରିଥିବା ପୋଷ୍ଟ।

## ତଥ୍ୟ ଅନୁସନ୍ଧାନକାରୀ କମିଟି ଗଠନ କଲା ପିସିସି

- ମହିଳା କଂଗ୍ରେସ ସଭାନେତ୍ରୀ କମିଟି ଅଧକ୍ଷା
- ବାଲେଶ୍ୱର ଗସ୍ତ କରି ରିପୋର୍ଟ ସଂଗ୍ରହ କରିବ ୮ ଜଣିଆ ଟିମ୍

ଭୁବନେଶ୍ୱର, ୧୩।୭ (ସୁନିତ୍ ମିଶ୍ର)

ଫକୀର ମୋହନ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ୍ ଦ୍ୱିତୀୟ ବର୍ଷର ଛାତ୍ରୀ ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହୋଇ ଆତ୍ମହତ୍ୟା ଉଦ୍ୟମ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀ ଜଣଙ୍କ ଏବେ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାର ତଦନ୍ତ ଲାଗି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଦଳ ପକ୍ଷରୁ ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ଗଠନ ହୋଇଛି। ଏହି କମିଟିରେ ମୋଟ୍ ୮ ଜଣ ସଦସ୍ୟ ରହିଛନ୍ତି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କମିଟିର ଅଧକ୍ଷା ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଗାୟତ୍ରୀ ବିଶ୍ୱାଳ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମଧୁସ୍ମିତା ସେଠୀ, ପ୍ରଣତୀ ମିଶ୍ର, ଜୟଶ୍ରୀ ପାତ୍ର, ଦେବସ୍ମିତା ଶର୍ମା ଏବଂ ସୁସ୍ମିତା ଘୋଷାଲ ଏଥିରେ ରହିଛନ୍ତି। ଏହି କମିଟି ଖୁବ୍‌ଶୀଘ୍ର ବାଲେଶ୍ୱର ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏକ ରିପୋର୍ଟ ପ୍ରଦାନ କରିବା ପାଇଁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ କଂଗ୍ରେସ ରାଜ୍ୟ ମହିଳା ନେତ୍ରୀ ମୀନାକ୍ଷୀ ବାହିନୀପତି ଓ ଅନ୍ୟମାନେ।

## ପୀଡିତାଙ୍କ ଚିକିତ୍ସା ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ

ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଏକାମ୍ର ବିଧାୟକ ବାବୁ ସିଂ ଏମ୍‌ସ ଯାଇ ପୀଡିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସ୍ଥିତି ଅନୁଧ୍ୟାନ କରିଥିଲେ। ପୀଡିତାଙ୍କ ଉନ୍ନତ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏମ୍‌ସର ନିର୍ଦ୍ଦେଶକ ଏବଂ ଡାକ୍ତର ସହ ଏନେଇ ଆଲୋଚନା କରାଯାଇଛି। ସରକାରଙ୍କ ପକ୍ଷରୁ ପୀଡିତାଙ୍କ ସମସ୍ତ ପ୍ରକାର ଚିକିତ୍ସା ଯୋଗାଇ ଦିଆଯାଉଛି ଓ ଆଗକୁ ଯାହା ଆବଶ୍ୟକ ପଡ଼ିବ କରାଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ପୀଡିତାଙ୍କ ପରିବାରକୁ ଭେଟିବା ସହିତ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଭୟ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ରାସ୍ତାକୁ ଓହ୍ଲାଇଲା ଏଆଇଏମ୍‌ଏସ୍‌ଏସ୍




ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର, ୧୩।୭ (ସୁଚିସ୍ମିତା ସାହୁ)

ନିର୍ଯାତନା ସହି ନ ପାରି ଏଫ୍‌ଏମ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍‌ଏସ୍‌ଏସ୍) ପକ୍ଷରୁ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ରୀ ଜଣକ ଦୀର୍ଘ ଆଠ/ନଅ ମାସ ଧରି ଅଧ୍ୟାପକଙ୍କ ଦ୍ୱାରା ମାନସିକ ନିର୍ଯାତନାର ଶିକାର ହୋଇଆସୁଥିଲେ। ଏନେଇ କଲେଜ କର୍ତ୍ତୃପକ୍ଷ ଓ ପୋଲିସକୁ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଛାତ୍ରୀ ଜଣକ ଆତ୍ମାହୁତି ପରି ଚରମ ନିଷ୍ପତ୍ତି ନେଇଥିଲେ। ଏହି ଘଟଣା ସାରା ଓଡ଼ିଶାର ଜନସାଧାରଣଙ୍କୁ ଗଭୀର ମର୍ମାହତ କରିଛି। ଏପରି ଘଟଣାର ପୁନରାବୃତ୍ତି ନ ହେବା ଲାଗି ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ, ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ନିରାପତ୍ତା, ଶିକ୍ଷାନୁଷ୍ଠାନରେ ସମସ୍ତ ପ୍ରକାର ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ନୀତି ବନ୍ଦ ପାଇଁ ବିକ୍ଷୋଭକାରୀମାନେ ଦାବି କରିଛନ୍ତି। ସଙ୍ଗଠନର ଉପସଭାନେତ୍ରୀ ନିୟତି ଜାନାଙ୍କ ସଭାପତିତ୍ୱରେ ଆୟୋଜିତ ବିକ୍ଷୋଭରେ ସଭାନେତ୍ରୀ ବିଜୟା ଲକ୍ଷ୍ମୀ ପାତ୍ର, ସମ୍ପାଦିକା ପ୍ରଭାମଞ୍ଜୁଳା ବ୍ରହ୍ମ, ଉପସଭାନେତ୍ରୀ ପ୍ରବାସିନୀ ରାଉଳ, ଶୁଭ୍ରାଶ୍ରୀ ଦାସ, ସୁନିତା ପାଣିଗ୍ରାହୀ, ନନ୍ଦିତା ମାହାତୋ, ଲକ୍ଷ୍ମୀ ବେଉରିଆ, ବୀଣା ସାମଲ, ସରଳା ସାହୁ ପ୍ରମୁଖ ସାମିଲ ହୋଇଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବିରେ ରବିବାର ନବ ନିର୍ମାଣ ଛାତ୍ର ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି: ଛାତ୍ର, ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୧୩।୭ (ସୁନିତ୍ ମିଶ୍ର)

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା ପ୍ରସଙ୍ଗରେ ରବିବାର ପ୍ରଦେଶ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ମିଳିତ ଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରିବାକୁ ଉଦ୍ୟମ କରାଯାଇଛି। ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ଏବଂ ପୋଲିସ ମଧ୍ୟରେ ପ୍ରାୟ ଘଣ୍ଟାଏ ଧରି ଧସ୍ତାଧସ୍ତି ପରିସ୍ଥିତି ଲାଗି ରହିବା ପରେ ପୋଲିସ ବ୍ୟାରିକେଡ୍‌କୁ ଆନ୍ଦୋଳନକାରୀ ଭାଙ୍ଗି ଦେଇଥିଲେ। ପୋଲିସ ସେଠାରୁ ଭ୍ୟାନ ଯୋଗେ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଥିଲା। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ପ୍ରଦେଶ ଯୁବ କଂଗ୍ରେସ ସଭାପତି କହିଛନ୍ତି, ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଜିଲା ପୋଲିସ ପ୍ରଶାସନ ଦାୟୀ। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗକୁ ପରିଚାଳନା କରିବାରେ ବିଫଳ ଅଯୋଗ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ସମଗ୍ର ଘଟଣା ପାଇଁ ଦାୟୀ ଏବଂ ସେ ତୁରନ୍ତ ଇସ୍ତଫା ଦିଅନ୍ତୁ। ଓଡ଼ିଶାରେ ସରକାରୀ ଓ ବେସରକାରୀ ଶିକ୍ଷା ବିଭାଗର କ୍ୟାମ୍ପସରେ ମହିଳା ଅସୁରକ୍ଷିତ। ସୁତରାଂ କ୍ୟାମ୍ପସରେ ଛାତ୍ରୀଙ୍କୁ ସୁରକ୍ଷା ଦେଇପାରୁ ନ ଥିବା ଉଚ୍ଚ ଶିକ୍ଷାମନ୍ତ୍ରୀ ତୁରନ୍ତ ନିଜ ପଦ ଛାଡ଼ନ୍ତୁ। ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ କହିଛନ୍ତି, ମୋହନ ସରକାର ଏକ ଛାତ୍ର ବିରୋଧୀ। ପୀଡ଼ିତା ନ୍ୟାୟ ପାଇବା ପାଇଁ କଲେଜର ଅଧକ୍ଷ, ଥାନା, ବାଲେଶ୍ୱର ସାଂସଦ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଯୋଗାଯୋଗ କରିଛନ୍ତି। କିନ୍ତୁ ତାଙ୍କୁ ନ୍ୟାୟ ମିଳିନାହିଁ। ଶେଷରେ ହତାସ ହୋଇ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଲେ ବୋଲି ସେ କହିଛନ୍ତି।


ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ ଉଦ୍ୟମ କରୁଛନ୍ତି ଯୁବ ଓ ଛାତ୍ର କଂଗ୍ରେସ କର୍ମୀ।

# ରାଷ୍ଟ୍ରପତିଙ୍କୁ ଭେଟିବାକୁ ସମୟ ଲୋଡ଼ିଲା ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର, ୧୩।୭ (ସୁନିତ୍ ମିଶ୍ର)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ବେଳେ ବିଜୁ ମହିଳା ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ତାଙ୍କୁ ଭେଟିବା ସହ ରାଜ୍ୟରେ ଗତ ବର୍ଷେ ଭିତରେ ଭାଜପା ଶାସନରେ ନାରୀ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଥିବା ପ୍ରସଙ୍ଗରେ ଆଲୋଚନା କରିବେ। ଏଥିଲାଗି ପତ୍ର ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରାଯାଇଛି।

ଶଙ୍ଖ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବିଧାୟକ ତଥା ମୁଖ୍ୟ ସଚେତକ ପ୍ରମିଳା ମଲିକ କହିଛନ୍ତି, ବାଲେଶ୍ୱର ଏଫଏମ୍ ଅଟୋନୋମସ୍ କଲେଜର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା ରାଜ୍ୟରେ ମହିଳା, ଛାତ୍ରୀ ଅସୁରକ୍ଷିତ ହୋଇ ପଡ଼ିଥିବା ବିଷୟର ସଦ୍ୟତମ ଉଦାହରଣ । ଏହି ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ପୀଡ଼ିତା ଛାତ୍ରୀ ନ୍ୟାୟ ପାଇଁ ବିଧିବଦ୍ଧ ଭାବେ କଲେଜ କର୍ତ୍ତୃପକ୍ଷଙ୍କ ପାଖରେ ଅଭିଯୋଗ କରିବା ସହିତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହା ଛଡ଼ା ସେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ଭାବେ ଭେଟି ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏମାନଙ୍କ ଭିତରୁ କେହି ଛାତ୍ରୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲେ। ଛାତ୍ରୀ ଜଣକ ନ୍ୟାୟ ପାଇବାରେ ବିଫଳ ହେବା କାରଣରୁ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଥିଲେ। ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଏମ୍‌ସଠାରେ ଭାଜପାର କିଛି ଗୁଣ୍ଡା ଶ୍ରେଣୀୟ ଯୁବକ ବାହାରେ ଜଗି ରହିଛନ୍ତି। ପୀଡ଼ିତାଙ୍କୁ ଭେଟିବାକୁ ଯାଉଥିବା ବିଭିନ୍ନ ସଙ୍ଗଠନର ବ୍ୟକ୍ତିମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଟୁକୁନି ସାହୁ କହିଛନ୍ତି, ଇ–ମେଲ ମାଧ୍ୟମରେ ରାଷ୍ଟ୍ରପତିଙ୍କ ସହିତ ସାକ୍ଷାତ ପାଇଁ ଅନୁରୋଧ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବାକୁ ବିଜୁ ଯୁବ, ଛାତ୍ର ନେତାଙ୍କ ଉଦ୍ୟମ



ଭୁବନେଶ୍ୱର, ୧୩।୭ (ସୁନିତ୍ ମିଶ୍ର)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ବିଏବିଏଡ୍ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଛି। ଯୌନ ନିର୍ଯାତନାର ଶିକାର ଛାତ୍ରୀଜଣକ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ କଲେଜ କର୍ତ୍ତୃପକ୍ଷ ଓ ପୋଲିସର ନିଷ୍କ୍ରିୟତା ସରକାରର ଅସଲ ମୁଖା ଖୋଲି ଦେଇଛି। ଛାତ୍ରୀଙ୍କୁ ନ୍ୟାୟ ଏବଂ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସରକାର ବିରୋଧରେ ରବିବାର ଯୁବ ଓ ଛାତ୍ର ବିଜେଡିର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଉଦ୍ୟମ କରିଛନ୍ତି। ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିଜେଡି ଯୁବ ଓ ଛାତ୍ର କର୍ମୀମାନେ ନାରାବାଜି କରିଥିଲେ। ଅନ୍ୟ ଘଟଣା ଓ ମାମଲା ବେଳକୁ ଭାଜପା ସମର୍ଥିତ ଛାତ୍ର ସଙ୍ଗଠନ ଏବିଭିପି ଆନ୍ଦୋଳନ କରି ରାଜରାସ୍ତାକୁ ଆସୁଥିଲାବେଳେ ଏଫ୍‌ଏମ୍ କଲେଜରେ ଘଟିଥିବା ସଙ୍ଗିନ ଘଟଣାକୁ ନେଇ କାହିଁକି ତତ୍ପରତା ପ୍ରକାଶ କରୁନାହିଁ ବୋଲି ବିଜେଡି ପ୍ରଶ୍ନ ଉଠାଇଛି। ଭାଜପା ସରକାର ନିଜର ଦୋଷ ତ୍ରୁଟିକୁ ତରବରିଆ ଭାବେ ଚାପିଦେବାକୁ ଚେଷ୍ଟା କରୁଛି ବୋଲି ଯୁବ ଓ ଛାତ୍ର ବିଜେଡି ଅଭିଯୋଗ କରିଛି। ପୀଡ଼ିତା ଜଣକ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ତାଙ୍କ ଦୁଃଖ ଜଣାଇଥିଲେ, ଯାହାକୁ ପ୍ରତାପ ଷଡ଼ଙ୍ଗୀ ଗଣମାଧ୍ୟମରେ ସ୍ୱୀକାର ମଧ୍ୟ କରିଛନ୍ତି, ହେଲେ ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ସେ ଗ୍ରହଣ କଲେନାହିଁ। ତେବେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଯିବାବେଳେ ପୋଲିସ ସହ ବିଜୁ ଯୁବ ଓ ଛାତ୍ର ନେତାମାନଙ୍କ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ପୋଲିସ କେତେଜଣଙ୍କୁ ଉଠାଇ ନେଇ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଛି।

# ସରକାରଙ୍କୁ ବିରୋଧୀ ନେତାଙ୍କ କଡ଼ା ସମାଲୋଚନା

**ବାଲେଶ୍ୱର ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

- **ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ**
- **ସ୍ଥାନୀୟ ବିଧାୟକ ଏବଂ ଏମ୍‌ପିଙ୍କୁ ପ୍ରଥମେ ନିଲମ୍ବନ କରାଯାଉ: ଭକ୍ତ**
- **ଯଦି ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ଅବସ୍ଥା ଏଭଳି, ସାଧାରଣ ମହିଳା କ'ଣ କରିବେ: ପଓ୍ୱନ ଖେରା**

ଭୁବନେଶ୍ୱର, ୧୩।୭ (ସୁନିତ୍ ମିଶ୍ର)

ବାଲେଶ୍ୱର ଜିଲା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହେବାପରେ ନ୍ୟାୟ ନ ପାଇ ଆତ୍ମହତ୍ୟା ଉଦ୍ୟମ କରି ଏବେ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ଏବେ ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଏହି ଘଟଣାରେ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ନବୀନ କହିଛନ୍ତି, ଗୋଟିଏ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବା ଆଶ୍ଚର୍ଯ୍ୟଜନକ ଘଟଣା। ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଛାତ୍ରୀ ଜଣକ ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ। ଜଣେ ଅଧ୍ୟାପକ ତାଙ୍କୁ ଯୌନ ଶୋଷଣ କରିବାକୁ ବାଧ କରୁଥିବା କଥା ଛାତ୍ରୀ ଜଣକ କଲେଜ ଅଧକ୍ଷଙ୍କୁ ଜଣାଇବା ସହିତ ପୂର୍ବରୁ ମଧ୍ୟ ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ବଞ୍ଚିଯାଇଥିବା କଥା କହିଥିଲେ। ପୀଡ଼ିତା ଜଣକ ଭୟଭୀତ ଅବସ୍ଥାରେ ବଞ୍ଚୁଥିଲେ। ତାଙ୍କ ପ୍ରତି ହେଉଥିବା ନିର୍ଯାତନା ଘଟଣା ସେ ସାମାଜିକ ଗଣମାଧ୍ୟମ ଜରିଆରେ ଜଣାଇଥିଲେ। ଉକ୍ତ ପୋଷ୍ଟରେ ସେ ଏକାଧିକ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଟ୍ୟାଗ୍ କରିଥିଲେ। ହେଲେ କୌଣସିଠାରୁ ନ୍ୟାୟ ନ ପାଇ ସେ ନିଜ ଦେହରେ ନିଆଁ ଲଗାଇବାକୁ ବାଧ ହେଲେ। ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ହେଉଛନ୍ତି ରାଜ୍ୟପାଳ। ତେଣୁ ରାଜ୍ୟପାଳ ଏହି ଘଟଣାରେ ହସ୍ତକ୍ଷେପ କରି ପୀଡ଼ିତାଙ୍କୁ ନ୍ୟାୟ ଦିଅନ୍ତୁ ବୋଲି ସେ କହିଛନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଏମ୍‌ସ ଡାକ୍ତରଙ୍କ କହିବାନୁଯାୟୀ ପୀଡ଼ିତାଙ୍କୁ ୨ ଘଣ୍ଟା ବିଳମ୍ବରେ ଆଣିଥିଲେଜ ବହୁତ ଅସୁବିଧା ହୋଇଥାଆନ୍ତା। ୬ ମାସ ହେଲା ପୀଡ଼ିତା ନିର୍ଯାତିତ ହୋଇଛନ୍ତି। ସେ ଏତଲା ଦେବା ସହିତ ତାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ତାହା ଶେୟାର କରିଛନ୍ତି। ଏବିଭିପିର ଜଣେ ନେତ୍ରୀ ପୀଡ଼ିତାଙ୍କୁ ସ୍ଥାନୀୟ ବିଧାୟକଙ୍କ ନିକଟକୁ ନେଇଥିଲେ। ଆର୍‌ଏସ୍‌ଏସ୍‌ର ଜଣେ ପ୍ରମୁଖ ନେତା ବୋଲି ନିଜକୁ କହୁଥିବା ସ୍ଥାନୀୟ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଏହି ଅଭିଯୋଗ ପାଇବା ପରେ କ'ଣ କରିଛନ୍ତି। ପ୍ରତାପ ଷଡ଼ଙ୍ଗୀ ଏଥିରେ ମୁଖ୍ୟ ଦୋଷୀ, କାରଣ ସେ ନ୍ୟାୟ ଦେଇପାରିଲେ ନାହିଁ। ସେ କେଉଁସବୁ ପଦକ୍ଷେପ ଏହି ଘଟଣାରେ ନେଇଛନ୍ତି ତା'ର ଉତ୍ତର ରଖନ୍ତୁ। ଭାଜପା ମହିଳାଙ୍କୁ ସମ୍ମାନ ଦେବା ଜାଣିନାହିଁ। ଲୋକଙ୍କ କାମ ଯଦି ନ କରିପାରିବେ, ତେବେ ସେଠାକାର ବିଧାୟକ ଏବଂ ଏମ୍‌ପିଙ୍କୁ ଦଳରୁ ନିଲମ୍ବିତ କରାଯାଉ। ପ୍ରିନ୍ସିପାଲଙ୍କୁ ଏଯାଏ ଗିରଫ କରାଯାଇନାହିଁ। ସୋମବାରଠାରୁ କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଭକ୍ତ କହିଛନ୍ତି।

ଅନ୍ୟପଟେ କଂଗ୍ରେସର ବରିଷ୍ଠ ନେତା ପଓ୍ୱନ ଖେରା ମଧ୍ୟ ଏହି ଘଟଣାକୁ ନିନ୍ଦା କରି କହିଛନ୍ତି, ଏହା ଏକ ଜାତୀୟ ପ୍ରସଙ୍ଗ। ଜଣେ ଛାତ୍ରୀ ନ୍ୟାୟ ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କଲେ। ହେଲେ କେହି ତାଙ୍କ କଥା ଶୁଣିଲେ ନାହିଁ। ସ୍ଥାନୀୟ ତଥା ଶାସକ ଦଳର ଏମ୍‌ପି ଅଧ୍ୟାପକଙ୍କ ଇସ୍ତଫା ଦାବି କଲେ, ହେଲେ ତାଙ୍କ କଥା ମଧ୍ୟ ଶୁଣାଗଲାନି। ଡବଲ ଇଞ୍ଜିନ ସରକାର ଏକ ହାସ୍ୟାସ୍ପଦ ପାଲଟିଛି। ଭାଜପା ଶାସିତ ରାଜ୍ୟରେ ପୀଡ଼ିତା ଜଣକ ହେଉଛନ୍ତି ଏବିଭିପିର ଜଣେ କାର୍ଯ୍ୟକର୍ତ୍ତା । ଯଦି ଏବିଭିପି କାର୍ଯ୍ୟକର୍ତ୍ତା ଏହି ଅବସ୍ଥା ଭୋଗୁଛନ୍ତି, ସାଧାରଣ ମହିଳାଙ୍କ ଦଶା କ'ଣ ଥିବ ବୋଲି ସେ ପ୍ରଶ୍ନ କରିଛନ୍ତି। ମୋଦି ଭକ୍ତମାନେ ଏବେ ଜାଗ୍ରତ ହୁଅନ୍ତୁ, ବେଟି ବଚାଓ, ବେଟି ପଢାଓ କେବଳ ପ୍ରଚାରରେ ପରିଣତ ହୋଇଛି ବୋଲି ଖେରା କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ମାଈହାତୀ ମୃତ

ନାକଟିଦେଉଳ, ୧୩।୭ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ସରାପାଲି ଫରେଷ୍ଟ ବିଟ୍ ଅନ୍ତର୍ଗତ ଚିକିଲିପଡ଼ା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଆଘାତରେ ଏକ ମାଈହାତୀର ମୃତ୍ୟୁ ଘଟିଛି। ସୋଲାର ଫେନ୍‌ସିଂ ତାର ଟାଣିବାକୁ ନିର୍ଦ୍ଦେଶଥିଲେ ମଧ୍ୟ ଜଣେ ବ୍ୟକ୍ତି ମେନ ବିଦ୍ୟୁତ୍ ତାରରେ ଏହାକୁ ସଂଯୋଗ କରିଥିବାରୁ ଏହା ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ହାତୀମୃତ୍ୟୁ ଘଟଣାରେ ବନ ବିଭାଗ ଚିକିଲିପଡ଼ା ଗ୍ରାମର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ହାତୀମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଅପରାହ୍ନରେ ଭୁବନେଶ୍ୱରରୁ ଏକ ଏସ୍‌ଟିଏଫ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ ନାକଟିଦେଉଳ ବନାଞ୍ଚଳ ଚିକିଲିପଡ଼ା ଗ୍ରାମରେ ଗତ କିଛି ଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ଗ୍ରାମର ଚାଷୀମାନଙ୍କ ତଳି କିଆରିରେ ପଶି ହାତୀପଲ ବ୍ୟାପକ କ୍ଷୟକ୍ଷତି ଘଟାଇ ଆସୁଥିଲେ। ଶନିବାର ରାତିରେ ମଧ୍ୟ ଏକ ୯ ଘରିଆ ହାତୀପଲ ଗ୍ରାମକୁ ଆସିଥିବାବେଳେ ବନ ବିଭାଗ ଏବଂ ଗ୍ରାମବାସୀ ମିଳିତ ଭାବେ ସେମାନଙ୍କୁ ଘଉଡ଼ାଇଥିଲେ। ତେବେ ବିଳମ୍ବିତ ରାତି ପ୍ରାୟ ୨ଟା ୩୦ରେ ହାତୀପଲ ଧାନକ୍ଷେତରୁ ଜଙ୍ଗଲ ଆଡକୁ ପଳାଉଥିବା ବେଳେ କ୍ଷେତ ସଂଲଗ୍ନ ଏକ ଖସଡ଼ା ଜଙ୍ଗଲରେ ଧାନ କ୍ଷେତକୁ ସୁରକ୍ଷା ଦେବା ପାଇଁ ଜଣେ ଚାଷୀଙ୍କ ଦ୍ୱାରା ଟଣା ଯାଇଥିବା ସୋଲାର ଫେନ୍‌ସିଂ ତାରରେ ଲାଗି ଏକ ୬ବର୍ଷର ମାଈହାତୀର ମୃତ୍ୟୁ ଘଟିଥିବା ରେଢ଼ାଖୋଲ ଡ଼ିଏଫଓ ଡ. ଇଲାଭରସନ କେ କହିଛନ୍ତି। ଏହି ଘଟଣା ଜଣାପଡିବା ପରେ ରବିବାର ସକାଳେ ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି. ଅଶୋକ କୁମାର, ରେଢ଼ାଖୋଲ ଡିଏଫଓ ଡ. ଇଲାଭରସନ କେ, ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ବିଦ୍ୟୁତ୍ ବିଭାଗ ଅଧିକାରୀ ଓ ପ୍ରାଣୀଧନ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୋମବାର ମୃତହାତୀର ବ୍ୟବଚ୍ଛେଦ କରାଯିବ ବୋଲି ଡ଼ିଏଫଓ ଡ. ଇଲାଭରସନ କେ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟ ୧୭ରେ ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନର ଚହଟାପଦାଠାରେ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା। ଅନୁରୂପଭାବେ ନଭେମ୍ବର ୧୮ ତାରିଖରେ ଘୋଷରାମାଳ ଫରେଷ୍ଟ ସେକ୍ସନ ଅଧୀନ ବୁରୋମାଲ ଜଙ୍ଗଲରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ୩ ହାତୀଙ୍କ ମୃତ୍ୟୁ ଘଟିଥିଲା।


ମୃତ ହାତୀ

## ଦୋଷୀଙ୍କୁ ଛଡ଼ାଯିବନି: ମୁଖ୍ୟମନ୍ତ୍ରୀ

- **ଘଟଣାର ତଦନ୍ତ ଲାଗି ନାକଟିଦେଉଳ ଗଲା ଭୁବନେଶ୍ୱରର ଏକ ଟିମ୍**
- **ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟଙ୍କ ନେତୃତ୍ୱରେ ହେବ ତଦନ୍ତ**
- **ଘଟଣାସ୍ଥଳରେ ବନ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ**

ଭୁବନେଶ୍ୱର, ୧୩।୭ (ସୁନିତ୍ ମିଶ୍ର)

ସମ୍ବଲପୁର ରେଢ଼ାଖୋଲ ଫରେଷ୍ଟ ଡିଭିଜନର ନାକଟିଦେଉଳ ଅଞ୍ଚଳର ସରପାଲି ଗାଁରେ ଜଣେ ବ୍ୟକ୍ତିଙ୍କ ହୁକ ପକା ଘଟଣା ଯୋଗୁ ରବିବାର ପ୍ରତ୍ୟୁଷରେ ଗୋଟିଏ ୫ ବର୍ଷର ମାଈ ହାତୀର ମୃତ୍ୟୁ ହୋଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଉକ୍ତ ଘଟଣାରେ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି। ଏହାସହ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରାଯିବ ବୋଲି ମଧ୍ୟ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏ ଘଟଣାର ତଦନ୍ତ ପାଇଁ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ ମନୋଜ ନାୟାରଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱରରୁ ନାକଟିଦେଉଳ ଅଭିମୁଖେ ଗସ୍ତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଞ୍ଚଳର ଉଚ୍ଚ ପଦସ୍ଥ ବନ ବିଭାଗ ଅଧିକାରୀ ଓ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଘଟଣା ସ୍ଥଳକୁ ଯାଇ ଅନୁସନ୍ଧାନ କରୁଛନ୍ତି।

BIRLA INSTITUTE OF TECHNOLOGY (BIT)
Deemed to be University u/s 3 of UGC Act 1956
Mesra, Ranchi- 835215
70 Years of Academic Excellence
Platinum Jubilee Celebration

ADMISSION NOTIFICATION 2025 - (Special Round)
Since 1955

Under Graduate Programmes

Bachelor in Hotel Management (BHM)
BIT Mesra (Main Campus)

B.Pharma.
BIT Mesra (Main Campus)

B.Sc. Chemistry
BIT Mesra (Main Campus)

BBA
BIT Deoghar, BIT Jaipur, BIT Noida, BIT Patna Off campuses

BCA
BIT Mesra (Lalpur Unit), BIT Deoghar, BIT Jaipur, BIT Noida, BIT Patna Off campuses

B.Sc. (Hons.) Programs: Artificial Intelligence and Machine Learning, Mathematics & Computing
BIT Deoghar Off campus

B.Sc. Programs: Computer Science, Animation & Multimedia
BIT Noida Off campus

B.Sc. Programs: Visual Communication, Business Analytics, Artificial Intelligence & Data Science, Animation & Multimedia
BIT Jaipur Off campus

Bachelor of Commerce (Hons./Hons. with Research) Discipline-Specific Electives in Financial Analytics in collaboration with NSE Academy
BIT Noida Off campus

B.Tech. Programmes (through JEE Mains CRL)
BIT Jaipur Off campus

Post Graduate Programmes

M.Tech. Programs: Biotechnology, Civil Engineering, Electrical Engineering, Electronics and Communication Engineering, Artificial Intelligence and Machine Learning, Mechanical Engineering, Production and Industrial Engineering, Remote Sensing, Electric Vehicle Technology, Aerospace Engineering
BIT Mesra (Main Campus)

Online MBA
Online Programme

Master of Urban Planning (MUP)
BIT Mesra (Main Campus)

M.Sc. Programs: Chemistry, Biotechnology, Physics, Environmental Science and Technology
BIT Mesra (Main Campus)

M.Tech. Programs: ECE (Wireless Communication), Computer Science and Engineering
BIT Patna Off Campus

MBA
BIT Mesra (Main Campus), BIT Mesra (Lalpur Unit), BIT Noida, BIT Patna Off campuses

M.Sc. Programs: Animation Design, Artificial Intelligence & Data Science
BIT Jaipur Off campus

A pioneer in entrepreneurship promotion (STEP) and Space Eng. & Rocketry with outstanding record of academic leadership, engineering innovation.

Non-Resident Indian (NRI), Overseas Citizen of India [OCI], Foreign Nationals (FN) Candidate - UG,PG,Ph.D. (BIT Mesra – Main campus)

Attractive Scholarship | Special Financial Support for Conference & Travel Available for Meritorious Students. State-of-the-Art Research Facility for PG & Doctoral Students.

Apply Online — For Last Date of Online Application & Other Details, please visit the Admission Page at our Website: www.bitmesra.ac.in

0651-2275868 | 95080 50840 | Toll Free No: 1800-345-7057, 1800-345-7058
admissions@bitmesra.ac.in, adaac@bitmesra.ac.in, daac@bitmesra.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଏଆଇଡିଏସ୍‌ଓ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଓ ସଙ୍ଗୀତ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ଲଟ ନଂ. ୧୭୯, ଶହୀଦ ନଗର, ସମୟ: ଅପରାହ୍ନ ୪ଟା।
- ଗଙ୍ଗାଧର ମହାପାତ୍ର ଫାଉଣ୍ଡେଶନ ପକ୍ଷରୁ ଗଙ୍ଗାଧର ମହାପାତ୍ରଙ୍କ ୧୧୨ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ପରିସର, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଆଗରପଡ଼ା-ବରପଦା ରାସ୍ତା ମରାମତି ଦାବିରେ କଂଗ୍ରେସର ରାସ୍ତାରୋକୋ, ସ୍ଥାନ: ମୁଖ୍ୟ ବଜାର ଛକ, ଆଗରପଡ଼ା, ସମୟ: ସକାଳ ୮ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ପଞ୍ଚପଲ୍ଲୀ ଗ୍ରାମେଶ୍ୱର ପୀଠରେ ଜଳାଭିଷେକ, ସ୍ଥାନ: ନାରଦିଆ ପଞ୍ଚାୟତ, ଏରସମା, ସମୟ: ପ୍ରାତଃ ୫ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଡେରାବିଶ, ସମୟ: ସକାଳ ୧୦ଟା।

## ଯାଜପୁର
- ଜିଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର ରୋଡ କେଏନଡିଏ ଅଫିସ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଜିଲାପାଳଙ୍କ ଜନଶୁଣାଣୀ ଶିବିର, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବୋଲବମ ଭକ୍ତଙ୍କ ଜଳଲାଗି, ସ୍ଥାନ: ଜିଲାର ବିଭିନ୍ନ ଶୈବପୀଠ, ସମୟ: ଭୋର ୫ଟାରୁ।
- ଗାଁ କଲ୍ୟାଣ ସମିତିର ମାସିକ ବୈଠକ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ପାଇକସାହି ମହାଲକ୍ଷ୍ମୀ ପୂଜା ପଡିଆ, ମୁନିଗୁଡା, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ ଟା ।
- ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ମହାସଂଘ ତରଫରୁ ରାଲି, ସ୍ଥାନ: ମୁନିଗୁଡା ରେଳ ଷ୍ଟେଶନ ଛକଠାରୁ ବିଇଓ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା ।

## ନବରଙ୍ଗପୁର
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଚାନ୍ଦାହାଣ୍ଡି ବ୍ଲକ, ସମୟ : ପୂର୍ବାହ୍ନ ୧୦ଟା।
- ମା ପେଣ୍ଡ୍ରାଣିଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ
- ଜାତୀୟ ଅନୁସୂଚିତ ଜାତି ଓ ଜନଜାତି ହବ ନେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଅଡିଟୋରୀୟମ, ସମୟ : ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧୁଗାଁ ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ବଡ ସୁକୁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପାଲ୍ଲଲୁଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ରେଙ୍ଗା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୭ଟା ।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା ।
- ଜିଲା ପ୍ରଶାସନ ଆୟୋଜିତ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଜମନକିରା ବ୍ଲକ କାର୍ଯ୍ୟାଳୟସ୍ଥିତ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ।
- ଆସାମର କବି ଓ ସାହିତ୍ୟିକଙ୍କ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : କଚେରୀ ଛକ ସ୍ଥିତ ଅହମିୟା କବି ଲକ୍ଷ୍ମୀନାଥ ବେଜବରୁଆ ସାଧନା ପୀଠ, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁରୀ ଦିନ୍ ସକାଶେ ସମ୍ବଲପୁରୀ ଏକତା ମଞ୍ଚର ଫେଶନ ଶୋ ପ୍ରସ୍ତୁତି ବୈଠକ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା ।
- ସମ୍ବଲପୁରୀ କବିତା ପାଠୋତ୍ସବ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦ ।
- ରୋଟାରୀ କ୍ଲବ ଅଫ ସମ୍ବଲପୁର ଗ୍ରେଟରର ଅଧିଷ୍ଠାନ ସମାରୋହ, ସ୍ଥାନ : ଚାରଭାଟି ଛକ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ଦିଶା ବୈଠକ ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ।

## ରାଉରକେଲା
- ବୋଲବମ୍ ଶ୍ରାବଣ ମେଳା, ସ୍ଥାନ: ବେଦବ୍ୟାସ ଶୈବପୀଠ, ସମୟ: ଭୋର ୪ଟା ।
- ଆନ୍ତଃ ବିଦ୍ୟାଳୟ ସ୍ତରୀୟ ଚେସ୍ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪, ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୯ଟା ।
- ରାଉରକେଲା କଲେଜରେ ସାହିତ୍ୟ ଆଲୋଚନା, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା ।
- ମିଶ୍ରଣ ପର୍ବ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୩ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ସାହିତ୍ୟ ସମାରୋହ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ।
- ମାଧବ ଆଶ୍ରମରେ ଭାଗବତ ପାରାୟଣ, ସ୍ଥାନ: ଦୁର୍ଗାପୁର ହିଲ୍ ସାଇଡ, ସମୟ: ସନ୍ଧ୍ୟା ୬ଟା ।
- ରୋଟାରୀ କ୍ଲବ ଅଫ୍ ଅର୍ବାନର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧୯, ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦ ।

## ସୁନ୍ଦରଗଡ଼
ରୋଟାରୀ କ୍ଲବ ସୁନ୍ଦରଗଡପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସୁନ୍ଦରଗଡ ନୂଆପଡା ସ୍ଥିତ ଅଷ୍ଟପ୍ରହରୀ ପଡ଼ିଆ, ସମୟ: ସକାଳ ୯ ଟା ।

## ବରଗଡ଼
- ଶିବ ପୁରାଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ, ସମୟ: ସକାଳ ୯ଟା ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- ତରଭା ଧବଳେଶ୍ୱର ମନ୍ଦିରରେ ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଜଳଶାୟୀ ଓ ନାମ ସଂକୀର୍ତ୍ତନ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦ ।
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦ ।
- ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବରିଷ୍ଠ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ବୀରମହାରାଜପୁର ପ୍ରସିଦ୍ଧ ଶୈବପୀଠ ଚମ୍ପାମାଳ ଚମ୍ପେଶ୍ୱର ମହାଦେବଙ୍କଠାରେ ଜଳ ଲାଗି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ।

## ନୂଆପଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋମନା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋମନା ବ୍ଲକ କୁରୁମପୁରି ଧାନ ମଣ୍ଡି, ସମୟ: ଅପରାହ୍ନ ୩ ଟା ।
- ଶ୍ରାବଣ ପ୍ରଥମ ସୋମବାର ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପତୋରା ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ ଟା ୩୦ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ଓ ଅର୍ଥନୈତିକ ଅଭିବୃଦ୍ଧି ମନକୁ ଖୁସି ରଖିବ। ଯାତ୍ରା ପ୍ରୀତିପ୍ରଦ ରହିବା ସହ ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ କ୍ଷେତ୍ରରେ ମଧ୍ୟ ସୁନାମ ଅର୍ଜନ କରିବେ । କର୍ମକ୍ଷେତ୍ରରେ କାମ ହାସଲର ଅନୁକୂଳ ସୂଚନା ପାଇ ମନ ହାଲୁକା ହୋଇଯିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ** ବନ୍ଧୁଙ୍କ ସାହାଯ୍ୟ ଲାଭକରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ଅର୍ଥାଭାବର ସାମ୍ନା କରିବାକୁ ପଡ଼ିପାରେ। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ହେବାର ସମ୍ଭାବନା ରହିଛି। ହୋଟେଲ, ରେଷ୍ଟୁରାଣ୍ଟ, ଯାନ୍ତ୍ରିକ ଜିନିଷ, ଯାନବାହନ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି।

**ମିଥୁନ** ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଅନ୍ୟମାନଙ୍କୁ ପାଖେଇ ଆଣିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ କେତେକ ବ୍ୟତିକ୍ରମକୁ ଦେଖି ମାନସିକ ଆଘାତ ପାଇପାରନ୍ତି। ଅଫିସିଆଲି ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ କାମର ଚାପ ମାନସିକ ବ୍ୟଥାର କାରଣ ହେବ। ବନ୍ଧୁ ଅର୍ଥଲାଭର ସୁବିଧା କରାଇଲେ ମଧ୍ୟ ପାରିବାରିକ କ୍ଷେତ୍ରକୁ ବିପଦସଙ୍କୁଳ କରିପାରନ୍ତି। ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରକାଶନ, ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇବେ।

**ସିଂହ** ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଆନୁଷ୍ଠାନିକ ତଥା ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** ପ୍ରତ୍ୟେକ କାର୍ଯ୍ୟରେ ସହକର୍ମୀ ଅନ୍ତରାୟ ସୃଷ୍ଟି କରି ମନବ୍ୟଥାର କାରଣ ପାଲଟିଯିବେ। ଗଠନମୂଳକ କିମ୍ବା ସାମୂହିକ କାମରେ, ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା** ପାରିବାରିକ ସ୍ତରରେ ଅଶାନ୍ତ ମନର ବହୁବିଧ ଭାବନା ମନକୁ ଚିନ୍ତିତ କରାଇବ। ପ୍ରଶାସନିକ ସ୍ତରରେ ସମାଧାନର ସରଳ ସୂତ୍ର ବାହାର କରିବାରେ ସମର୍ଥ ହେବେ। ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଜିର ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି।

**ବିଛା** ମାନସିକ ଅସ୍ଥିରତା କାରଣରୁ ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଓଲଟା ହୋଇଯିବ। ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡା, ସାହିତ୍ୟ ଚର୍ଚ୍ଚା ତଥା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ** ଦିନଟି ପ୍ରତ୍ୟେକ ଦିଗରୁ ଲାଭଦାୟକ ମନେହେଲେ ମଧ୍ୟ ସମସ୍ୟାଜନିତ ମନ ଭାରାକ୍ରାନ୍ତ ରହିବ। କ୍ଷଣକୋପର କୁପ୍ରଭାବଜନିତ ଭଲ ସମ୍ପର୍କ କ୍ଷଣିକ ମଧ୍ୟରେ ମିଳାଇ ଯିବ। ସହଜରେ କାହାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଆକସ୍ମିକ ପାରିବାରିକ ସମସ୍ୟା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ ।

**ମକର** ବିବାଦୀୟ ପରିସ୍ଥିତିକୁ ସୁଧାରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରି କାମ ହାସଲ କରିବାକୁ ପଡ଼ିବ। ସାଧାରଣ କଥାକୁ ନେଇ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ।

**କୁମ୍ଭ** କର୍ମକ୍ଷେତ୍ରରେ ବନ୍ଧୁଙ୍କୁ ମନବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ପ୍ରିୟଜନଙ୍କ ନିକଟରୁ ସକାଳ ସମୟରେ ଖୁସି ଖବର ପାଇପାରନ୍ତି। ରାଜନୀତି, ସାମ୍ବାଦିକତା, ପ୍ରଶାସନ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ସଙ୍ଗୀତ ଚର୍ଚ୍ଚା, ବକ୍ତୃତା, ସଭାସମିତି, କ୍ରୀଡ଼ା କୌଶଳ ପ୍ରଦର୍ଶନଜନିତ ପ୍ରଶଂସିତ ହୋଇପାରନ୍ତି।

**ମୀନ** ଆକସ୍ମିକ ଦୂରଯାତ୍ରା ଓ ବ୍ୟୟବୃଦ୍ଧିଜନିତ ମନ ଭଲ ରହି ନ ପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବଢିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଖୁସି ହେବେ। ଅଭାବ ନ ଥିଲେ ମଧ୍ୟ ସମସ୍ୟା ବୃଦ୍ଧି ପାଇବା କାରଣରୁ ସାମୟିକ ମନ ଅଶାନ୍ତ ରହିବ।

ଆଜି ଜୁଲାଇ ୧୪ ତାରିଖ, ଶ୍ରାବଣ କୃଷ୍ଣପକ୍ଷର ନାଗଚତୁର୍ଥୀ ସୋମବାର। ଶ୍ରାବଣ ସୋମବାର ବ୍ରତ, ରାଶିନକ୍ଷତ୍ର- ଶତଭିଷା/କୁମ୍ଭ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୮.୪୯ ଗତେ ଘ.୧୦.୩୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୬.୫୭ ଗତେ ଘ.୦୮.୩୬ ମଧ୍ୟେ ରାହୁ କାଳ ।

# ଓସାକା ବିଶ୍ୱ ଏକ୍ସପୋରେ ମନ ଜିଣିଲା ଭାରତୀୟ ରେଳପଥର କାହାଣୀ

ଭୁବନେଶ୍ୱର, ୧୩।୭(ଅନୁରାଧା ମହାରଣା)

ଜାପାନର ଓସାକା ୟୁମେଶିମା ଦ୍ୱୀପରେ ଚାଲିଥିବା ବିଶ୍ୱ ଏକ୍ସପୋ ୨୦୨୫ରେ ଭାରତୀୟ ରେଳପଥର କାହାଣୀ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଦର୍ଶକଙ୍କ ସହ ଜାପାନୀ ଜନତାଙ୍କ ମନ ଜିଣିଛି। ଭାରତ ପ୍ୟାଭିଲିୟନରେ ବନ୍ଦେ ଭାରତ ଏକ୍ସପ୍ରେସର ପ୍ରଦର୍ଶନୀ ଜାପାନୀ ପରିବାରଙ୍କୁ ସେଲ୍ଫି ନେବାକୁ ଓ ଶିଶୁମାନଙ୍କୁ ମଡେଲ ଟ୍ରେନ ଦେଖିବାକୁ ଉତ୍ସାହିତ କରୁଛି। ଓସାକାର ଜଣେ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆକିକୋ ତାନାକା କୁହନ୍ତି, ମୁଁ ଜାଣି ନ ଥିଲି ଭାରତରେ ଏତେ ଦ୍ରୁତ ଟ୍ରେନ ଅଛି। ଏହା ଅତି ସୁନ୍ଦର। ସେ ବନ୍ଦେ ଭାରତ ମଡେଲ ସାମ୍ନାରେ ହସି ହସି 'ନମସ୍ତେ' କହି ଫଟୋ ଉଠାଇବା ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟୁଛି। ଅନ୍ୟପଟେ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ ଚେନାବ ବ୍ରିଜର ମିନିଏଚର ଦର୍ଶକଙ୍କୁ ଆକର୍ଷିତ କରୁଛି। ନାଗୋୟାର ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର କହିଛନ୍ତି, ହିମାଳୟରେ ଏହା ଏକ ଗଠନମୂଳକ ଚମତ୍କାର। ପ୍ରତିଦିନ ୨୩ ନିୟୁତ ଯାତ୍ରୀଙ୍କୁ ପରିବହନ କରୁଥିବା ଭାରତୀୟ ରେଳ ବ୍ୟବସ୍ଥା ଅଗମେଣ୍ଟେଡ ରିଅଲିଟି, ଇମରସିଭ ପ୍ରୋଜେକ୍ସନ ଓ ଭର୍ଚୁଆଲ ଟୁର୍ ମାଧ୍ୟମରେ ପର୍ବତ, ମୈଦାନ, ଜଙ୍ଗଲ ଓ ମରୁଭୂମିରେ ଯାତ୍ରାର ଅଭିଜ୍ଞତା ପ୍ରଦାନ କରୁଛି। ହିମାଳୟରେ ୩୫୯ ମିଟର ଉଚ୍ଚତାରେ ନିର୍ମିତ ଚେନାବ ବ୍ରିଜ ଓ କଶ୍ମୀରରେ ନିର୍ମିତ ପ୍ରଥମ କେବଲ ସମର୍ଥିତ ରେଳ ସେତୁ ଅଞ୍ଜି ଖଡ ବ୍ରିଜ ମଧ୍ୟ ଦର୍ଶକଙ୍କୁ ମୁଗ୍ଧ କରୁଛି। ନିର୍ମାଣ ଶ୍ରମିକମାନେ ତୁଷାରପାତ ଓ ଭୂସ୍ଖଳନର ସମ୍ମୁଖୀନ ହେବା ସତ୍ତ୍ୱେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ଭିଡିଓ ଦେଖି ଦର୍ଶକମାନେ ପ୍ରଶଂସା କରୁଛନ୍ତି। ପ୍ରଦର୍ଶନୀର ଏକ ଅଂଶ ଭାବେ ଭାରତୀୟ ରେଳ ଷ୍ଟେଶନର ପ୍ରଦର୍ଶନ କରାଯାଇଛି, ଯେଉଁଠି ହିନ୍ଦୀରେ ଘୋଷଣା କରାଯିବା, ଚା' ବିକାଳିଙ୍କ ଡାକ ଓ ଇଞ୍ଜିନର ଶବ୍ଦ ପ୍ରଦର୍ଶନୀକୁ ଜୀବନ୍ତ କରୁଛି। ଏହି ପ୍ୟାଭିଲିୟନରେ କେବଳ ଭିତ୍ତିଭୂମିର ପ୍ରଦର୍ଶନୀ ନୁହେଁ, ବରଂ ସାଂସ୍କୃତିକ ଆଦାନପ୍ରଦାନର ମଞ୍ଚ ଭାବେ ଉଭା ହୋଇଛି। ସୂଚନାଯୋଗ୍ୟ, ଅକ୍ଟୋବର ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏକ୍ସପୋର ଥିମ୍ ରହିଛି 'ଆମ ଜୀବନ ପାଇଁ ଭବିଷ୍ୟତ ସମାଜର ରୂପରେଖ-ସୁରକ୍ଷିତ ଜୀବନ, ସଶକ୍ତ ଜୀବନ ଓ ଜୀବନର ସଂଯୋଗୀକରଣ'।





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲୁଣ ଖାଇଛି,
ଗୁଣ ଗାଉଛି ।**

ପର ଅନ୍ନରେ ପୋଷି ହେଉଥିବା ବ୍ୟକ୍ତି ସାଧାରଣତଃ ଋଣୀ ହୋଇଥାନ୍ତି। ଏପରିସ୍ଥଳେ ସାହା ଭରସା ଯୋଗାଉଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞ ରହିବା ଉଚିତ ହୋଇଥାଏ। କୌଣସି ବ୍ୟକ୍ତିଙ୍କଠାରୁ କିଛି ସାହାଯ୍ୟ ସମର୍ଥନ ପାଇଲେ ତାଙ୍କର ଗୁଣ ଗାନ କରିବା ଶୋଭନୀୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଲେଖିବୁ ପଢ଼ିବୁ ମରିବୁ ଦୁଃଖେ
ଚାଷ ଚଷିବୁ ତ ଖାଇବୁ ସୁଖେ।**

ଆମ ଦେଶ ଏକ କୃଷିପ୍ରଧାନ ଦେଶ। ଆଗକାଳରେ ଲୋକେ ପାଠଶାଠ ପ୍ରତି ସେତେଟା ଆଗ୍ରହ ନ ଦେଖେଇ ଚାଷବାସ ପ୍ରତି ଅଧିକ ମନ ବଳାଉଥିଲେ। ସେଥିରେ ତାଙ୍କ ସଂସାରକୁ ସୁଖଶାନ୍ତିରେ ଚଳେଇ ନେଉଥିଲେ। ପାଠ ଅପେକ୍ଷା ଚାଷକୁ ଅଧିକ ପ୍ରାଧାନ୍ୟ ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।


ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୭୪ ହଜାର ରେଳ ବଗିରେ ଲାଗିବ ସିସି କ୍ୟାମେରା

ଭୁବନେଶ୍ୱର, ୧୩।୭(ଅନୁରାଧା ମହାରଣା)

ଟ୍ରେନ୍‌ରେ ଅନେକ ସମୟରେ ଆପରାଧିକ କାର୍ଯ୍ୟକଳାପ ସାମ୍ନାକୁ ଆସୁଛି। ଯାତ୍ରୀ ସୁରକ୍ଷାକୁ ଦୃଷ୍ଟିରେ ରଖି ୭୪ ହଜାର ରେଳ ବଗି ଓ ୧୫ ହଜାର ଲୋକୋମୋଟିଭ୍‌ରେ ସିସିଟିଭି କ୍ୟାମେରା ଲଗାଇବାକୁ ଭାରତୀୟ ରେଳପଥ ନିଷ୍ପତ୍ତି ନେଇଛି। ତେବେ ଯାତ୍ରୀଙ୍କ ଗୋପନୀୟତା ରକ୍ଷା ଲାଗି ବଗି ଦ୍ୱାର ନିକଟରେ ଥିବା ସର୍ବସାଧାରଣ ଯାତାୟାତ କ୍ଷେତ୍ରରେ ସିସିଟିଭି କ୍ୟାମେରା ଲଗାଯିବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ ଲୋକୋମୋଟିଭ ଓ ବଗିରେ ସିସି ଟିଭି କ୍ୟାମେରା ସଂଯୋଗର ଅଗ୍ରଗତି ସମୀକ୍ଷା କରିଥିଲେ। ଶନିବାର ଅନୁଷ୍ଠିତ ଏହି ବୈଠକରେ ରେଳ ବୋର୍ଡର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ରେଳ ଅଧିକାରୀମାନେ କହିଛନ୍ତି, ଉତ୍ତର ରେଳପଥର ଲୋକୋ ଇଞ୍ଜିନ ଏବଂ ବଗିରେ କ୍ୟାମେରା ଲଗାଇବାର ସଫଳ ପରୀକ୍ଷଣ କରାଯାଇଛି। ଏହାକୁ ଆଧାରକରି ପ୍ରସ୍ତାବିତ ରେଳ ବଗି ଓ ଲୋକୋମୋଟିଭରେ ସିସି କ୍ୟାମେରା ଲଗାଇବାକୁ ଅନୁମତି ଦେଇଛନ୍ତି। ପ୍ରତ୍ୟେକ ରେଳ ବଗିରେ ୪ଟି ଡୋମ ସିସି ଟିଭି କ୍ୟାମେରା ଲଗାଯିବ। ପ୍ରତ୍ୟେକ ପ୍ରବେଶ ପଥରେ ୨ଟି ଏବଂ ପ୍ରତ୍ୟେକ ଲୋକୋମୋଟିଭ୍‌ରେ ୬ଟି ସିସି ଟିଭି କ୍ୟାମେରା ଲାଗିବ। ଏଥିରେ ଲୋକୋମୋଟିଭ୍ର ଆଗ, ପଛ ଏବଂ ଉଭୟ ପାର୍ଶ୍ୱରେ ଗୋଟିଏ ଲେଖାଏଁ କ୍ୟାମେରା ରହିବ। ପ୍ରତ୍ୟେକ କ୍ୟାବରେ ଆଗ ଏବଂ ପଛ ଭାଗରେ ଗୋଟିଏ ଡୋମ ସିସି ଟିଭି କ୍ୟାମେରା ଲଗାଯିବ ଏବଂ ଡେସ୍କରେ ୨ଟି ମାଇକ୍ରୋଫୋନ ଲଗାଯିବ। ଉତ୍କୃଷ୍ଟ ମାନର ଏବଂ ଏସଟିକ୍ୟୁସି ପ୍ରମାଣିତ ସିସିଟିଭି କ୍ୟାମେରାଗୁଡ଼ିକ ଲଗାଯିବ। କେନ୍ଦ୍ର ରେଳମନ୍ତ୍ରୀ ରେଳ ଅଧିକାରୀମାନଙ୍କୁ ୧୦୦ କିଲୋମିଟରରୁ ଅଧିକ ବେଗରେ ଏବଂ କମ ଆଲୋକ ପରିସ୍ଥିତିରେ ଚାଲୁଥିବା ଟ୍ରେନ ଗୁଡ଼ିକର ଉଚ୍ଚମାନର ଫୁଟେଜ ରେକର୍ଡ ପ୍ରକ୍ରିୟା ନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ରେଳମନ୍ତ୍ରୀ ଇଣ୍ଡିଆଏଆଇ ମିଶନ ସହିତ ସହଯୋଗରେ ସିସିଟିଭି କ୍ୟାମେରା ଦ୍ୱାରା କଏଦ ହୋଇଥିବା ତଥ୍ୟ ଉପରେ ଏଆଇର ବ୍ୟବହାର ଅନୁସନ୍ଧାନ କରିବାକୁ ଅଧିକାରୀମାନଙ୍କୁ କହିଥିଲେ।






ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଆମାଜନ ଶୈଳୀରେ ...

ରହିପାରିବ। ଯଦି ସମ୍ପୃକ୍ତ ଅଧିକାରୀ ଫାଇଲଟିକୁ ସମୟ ଭିତରେ ତା'ର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟକୁ କେବଳ ଫାଇଲ ଚାଲିଯିବ ତାହା ନୁହେଁ, ସମ୍ପୃକ୍ତ ଅଧିକାରୀଙ୍କ ପର୍‌ଫର୍ମାନ୍ସରେ ଏହା 'ରେଡ୍' ଚିହ୍ନିତ ହୋଇ ରହିବ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ପର୍‌ଫର୍ମାନ୍ସ ସାର୍ଟିଫିକେଟ୍ ପ୍ରସ୍ତୁତି ତଥା ପଦୋନ୍ନତି ବେଳେ ଏସବୁ ବିଷୟକୁ ବିଚାରକୁ ନିଆଯିବ।

ତଥ୍ୟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇତିମଧ୍ୟରେ ୧୨ଟି ଜନଶୁଣାଣି କଲେଣି। ଏକାଦଶ ପାଳି ସୁଦ୍ଧା ୧୦,୮୯୪ଟି ଅଭିଯୋଗ ଆସିଥିଲା, ସେଥିମଧ୍ୟରୁ ୧୦,୧୩୨ଟି ଅଭିଯୋଗର ସମାଧାନ କରାଯାଇଛି, ଯାହା ଶତକଡ଼ା ୯୩ ପ୍ରତିଶତ। ସେହିପରି ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ଚଳିତବର୍ଷ ଆରମ୍ଭରୁ ସୋମବାର ସୁଦ୍ଧା ୪୮ ଜଣଙ୍କୁ ୫୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଏକପ୍ରକାର ଅଚଳ ହୋଇ ପଡ଼ିଥିବାବେଳେ ଏବେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ଲୋକଙ୍କ ମନରେ ଆଶା ଓ ବିଶ୍ୱାସ ଜନ୍ମାଉଥିବା ବେଳେ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ଆମାଜନ ଟ୍ରାକିଂ ନୀତି ଏହାକୁ ଅଧିକ କ୍ରିୟାଶୀଳ କରିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ଛାଡ଼ପତ୍ର ଖୁସିରେ ...

ହୋଇଥିବା ନେଇ ଓକିଲ କଲ୍ କରି ଜଣାଇବା ପରେ ସେ କ୍ଷୀରରେ ଗାଧୋଇ ସ୍ତ୍ରୀଙ୍କଠାରୁ ନିଜ ସ୍ୱାଧୀନତାକୁ ପାଳନ କରିଥିଲେ। ମାଣିକ ତାଙ୍କ ଘର ବାହାରେ ଠିଆ ହୋଇ ୪ ବାଲ୍ଟି କ୍ଷୀରରେ ଗାଧୋଇଥିଲେ। ଖୁସିରେ ଗାଧାଉଥିବା ବେଳର ଦୃଶ୍ୟକୁ ସେ ନିଜ ମୋବାଇଲ କ୍ୟାମେରାରେ ରେକର୍ଡ କରିଥିଲେ। ଭାଇରାଲ ହେଉଥିବା ଭିଡିଓରେ ଗାଧୋଉଥିବା ସହ ମାଣିକ କହୁଛନ୍ତି, 'ଆଜିଠାରୁ ମୁଁ ମୁକ୍ତ। ଦୀର୍ଘଦିନ ଧରି କରିଥିବା ଅପେକ୍ଷାର ଅନ୍ତ ହେଲା।' ଭାଇରାଲ ହେଉଥିବା ଭିଡିଓଗୁଡ଼ିକରେ ଅନେକ ୟୁଜର୍ସ ବିଭିନ୍ନ ମଜାଳିଆ କମେଣ୍ଟ ଦେଇଛନ୍ତି।

### ଅଗଷ୍ଟରୁ ଦେଶରେ ...

ବିଦା କରିବା ନିମନ୍ତେ ସାରା ଦେଶରେ ଅନ୍ତତଃ ଭୋଟର ତାଲିକାର ସଘନ ସଂଶୋଧନ ହେବ ବୋଲି ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ୨୦୨୬ରେ ଆସାମ, କେରଳ, ପଣ୍ଡିଚେରୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ ନିର୍ବାଚନ ହେବ।

## ବଜ୍ରପାତରେ ଛାତ୍ରୀ ମୃତ

**ଭଦ୍ରକ,୧୩।୭(ସନାତନ ରାଉତ)**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ କୋଡ଼ବରୁଆଁ ଗ୍ରାମରେ ରବିବାର ଅପରାହ୍ନରେ ବଜ୍ରପାତରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ପ୍ରଶାନ୍ତ ଦାସଙ୍କ ଝିଅ ମିଲିରାଣୀ(୧୮)। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧ଟା ୩୦ ବେଳେ ଭଦ୍ରକରେ ବର୍ଷା ସହ ବଜ୍ରପାତ ହୋଇଥିଲା। ମିଲିରାଣୀ ତାଙ୍କ ପରିବା ବାଡ଼ିକୁ ଯାଇ ଫେରୁଥିବା ସମୟରେ ଘର ନିକଟରେ ବଜ୍ରପାତ ହେବାରୁ ସେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଚରମ୍ପା ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ରୀ ଥିଲେ।

# ଗୋଟିଏ ବଂଶରେ ପ୍ରେମ କରିବାରୁ ବଳଦ ଦଣ୍ଡ

**କୋରାପୁଟ/ନାରାୟଣପାଟଣା,୧୩।୭**
**(ଅମିତାଭ ବେହେରା/ରାଜକିଶୋର ଜେନା)**

ମଣିଷ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରୁଥିବା ବେଳେ ଆଜି ମଧ୍ୟ କେତେକ ଗ୍ରାମକୁ ପରମ୍ପରା ନାଁରେ ଅନ୍ଧବିଶ୍ୱାସ କବଳିତ କରି ରଖିଛି। ବର୍ତ୍ତମାନ ମଧ୍ୟ ଆଦିବାସୀମାନେ ଏଭଳି କିଛି ପରମ୍ପରାକୁ ଜୀବିତ କରି ରଖିଛନ୍ତି, ଯାହା ପ୍ରଥା ପାଳନ ଆଳରେ ଅମାନବୀୟ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଛି। କୋରାପୁଟରେ ରାୟଗଡ଼ା ଘଟଣାର ପୁନରାବୃତ୍ତି। ସମ୍ପର୍କୀୟାଙ୍କୁ ପ୍ରେମ ବିବାହ କରିଥିବାରୁ ମିଳିଛି ବଳଦ ଦଣ୍ଡ। କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ବରଗି



ପ୍ରେମୀଯୁଗଳଙ୍କୁ ଗ୍ରାମବାସୀ ଗାଁ ଦାଣ୍ଡରେ ହଳ ବୁଲାଉଛନ୍ତି।

ପଞ୍ଚାୟତ ପେଦା ଇଟିକି ଗ୍ରାମରେ ଏଭଳି ଘଟଣା କିଛିଦିନ ପୂର୍ବରୁ ଘଟିଥିବା ଜଣାପଡ଼ିଛି। ରାୟଗଡ଼ା ଘଟଣା ସାମ୍ନାକୁ ଆସିବା ପରେ ଏହି ଘଟଣାର ଭିଡିଓ ଭାଇରାଲ ହେଉଛି। ଭିଡିଓରେ ଗ୍ରାମବାସୀ ଉଭୟ ପ୍ରେମୀଯୁଗଳଙ୍କୁ ଗାଁଦାଣ୍ଡରେ ଜୁଆଳି ବାନ୍ଧି ହଳ କରାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ପେଦା ଇଟିକି ଗ୍ରାମର ଯୁବତୀ(୧୮), ଯୁବକ(୨୧) ସମାନ ବଂଶର ଓ ସମ୍ପର୍କରେ ଭାଇଭଉଣୀ ହୋଇଥିବା ଜଣାପଡ଼ିଛି। ୫ ବର୍ଷ ହେବ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ବେଳେ ବାହାହୋଇ ବାହାରକୁ ପଳାଇଥିଲେ। ପରେ ସେମାନଙ୍କ ସମ୍ପର୍କୀୟମାନେ ରୀତିନୀତି ଅନୁସାରେ ବିବାହ କରାଇଦେବା ଆଳରେ ସେମାନଙ୍କୁ ଗାଁକୁ ଡକାଇଥିଲେ। ସେମାନେ ଆସିବା ପରେ ଗ୍ରାମର କେତେଜଣ ବୃଦ୍ଧ ବ୍ୟକ୍ତି ଗୋଟିଏ ବଂଶର ହୋଇଥିବାରୁ ବିବାହ ହୋଇପାରିବ ନାହିଁ ଓ ପରମ୍ପରା ଅନୁଯାୟୀ ବଳଦ ଦଣ୍ଡ ଦେବା ପରେ ସମସ୍ତ ପାପ କଟିଯିବ କହିଥିଲେ। ଏହାପରେ ଗ୍ରାମବାସୀ ସମସ୍ତଙ୍କ ଉପସ୍ଥିତିରେ ଆଦିବାସୀ ପ୍ରଥା ଅନୁସାରେ ଉଭୟଙ୍କ ବେକରେ ଜୁଆଳି ବାନ୍ଧି ଗାଁଦାଣ୍ଡରେ ହଳ କରାଇଥିଲେ। ପରେ ପ୍ରଥା ଅନୁସାରେ ସେମାନଙ୍କ ଉପରେ ନଡ଼ିଆ ପାଣି ପକାଇ ଶୁଦ୍ଧି କରାଯାଇଥିଲା। ଏହି ସମସ୍ତ ଘଟଣାକୁ ଗ୍ରାମର କେତେଜଣ ଯୁବକ ମୋବାଇଲରେ ଭିଡିଓ କରିଥିଲେ। ତେବେ ଏ ନେଇ ପୋଲିସ ପାଖରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି।

# ଟ୍ରକ୍ ଧକ୍କାରେ ଓଲଟିଲା ବସ୍

## ଜଣେ ମୃତ, ୩୫ ଆହତ



ଦୁର୍ଘଟଣାଗ୍ରସ୍ତ ବସ୍।

**ଜଳେଶ୍ୱର(ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ),୧୩।୭**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଚାଲନ୍ତି ରାଜପଥ ନିକଟରେ ଏକ ଯାତ୍ରୀବାହୀ ବସ୍ ପଛରେ ଟ୍ରକ୍ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଚିକିତ୍ସା ପାଇଁ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ୮ଟାରେ ଗୀତାଞ୍ଜଳି ନାମକ ଏକ ଘରୋଇ ବସ୍ (ଓଡି-୧୧ଡି-୬୧୫୬) ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭୋଗରାଇରୁ ଭାୟା ଜଳେଶ୍ୱର ହୋଇ ବାରିପଦା ଯାଉଥିଲା। ଜଳେଶ୍ୱର ଥାନା ଚାଲନ୍ତି ବାଇପାସ୍ ନିକଟ ନିରଞ୍ଜନ ଢାବା ନିକଟରେ ଉକ୍ତ ବସ୍ ଡାଇଭର୍ସନ୍ ପାର୍ ହେବା ବେଳେ ପଶ୍ଚିମବଙ୍ଗ ଯାଉଥିବା ଏକ ଟ୍ରକ୍(ଡବ୍ଲୁବି-୪୧ଏଚ୍-୨୨୯୧) ପଛପଟୁ ଧକ୍କା ଦେଇଥିଲା। ଫଳରେ ବସ୍‌ଟି ସେଠାରେ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ବସ୍ ମଧ୍ୟରୁ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଯିବା ବାଟରେ ରୂପ୍‌ସା ନିକଟରେ ଜଳେଶ୍ୱର ବ୍ଲକ୍ ବର୍ତ୍ତନା ପଞ୍ଚାୟତ ଖରିଦା ଗ୍ରାମର ମଳୟ ମହାନ୍ତି (୪୫)ଙ୍କ ମୃତ୍ୟୁ ଘଟିଥିଲା। ବସ୍‌କୁ ଧକ୍କା ଦେଇ ଟ୍ରକ୍‌ଟି ଚମ୍ପଟ ମାରିଥିବା ବେଳେ ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ଲୋକେ ତାହାକୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଟ୍ରକ୍ ଜବତ କରି ତଦନ୍ତ ଜାରି ରଖିଛି। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ଯାତ୍ରୀଙ୍କୁ ଜଳେଶ୍ୱର ପୌରପାଳିକା ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ଭେଟିଥିବା ଜଣାପଡ଼ିଛି।

## ମାଓବାଦୀ ଡମ୍ପ ଜବତ



ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

**ମାଲକାନଗିରି,୧୩।୭**
**(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ସୁକ୍‌ମା ଜିଲା ପୋଲିସ ମାଓବାଦୀ ଡମ୍ପ ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି। ସୁକ୍‌ମା ଏସ୍‌ପି କିରଣ ଚୌହାନଙ୍କ ସୂଚନା ଅନୁଯାୟୀ, ପୋଲିସ ଓ ସୁରକ୍ଷାକର୍ମୀ କୋଣ୍ଟା ଥାନା ଅନ୍ତର୍ଗତ ପିଲାବାୟା ଜଙ୍ଗଲରେ କୋମ୍ବିଂ ସମୟରେ ମାଟି ତଳେ ମାଓବାଦୀଙ୍କ ଡମ୍ପ ଥିବା ଜାଣିବାକୁ ପାଇଥିଲେ। ମାଟି ଖୋଳି ଦେଖିବା ବେଳେ ଏକ ପ୍ଲାଷ୍ଟିକ ଡ୍ରମ୍‌ରେ ବିସ୍ଫୋଟକ ସାମଗ୍ରୀ ଥିବା ଦେଖିବାକୁ ପାଇଥିଲେ। ବିସ୍ଫୋରକ ସାମଗ୍ରୀ ମଧ୍ୟରୁ କୋଡେକ୍ସ ତାର, ଟିଫିନ ବକ୍ସ, ତାର ଇତ୍ୟାଦି ଜବତ କରାଯାଇଥିବା ଜଣାପଡିଛି।

## ଅନଲାଇନ୍ ଟ୍ରେଡିଂ ନାଁରେ ଠକେଇ

**ଗୋପାଳପୁର,୧୩।୭**
**(ନବୀନରାଜ୍ ଆଚାରୀ)**

ଅନ୍‌ଲାଇନ୍ ଟ୍ରେଡିଂ ନାଁରେ ଜନୈକ ବ୍ୟକ୍ତିଙ୍କ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ରୁଜୁ କରିଛି। ଭାବିନାରାୟଣପୁର ଡିଫେନ୍ସ କଲୋନି ଉତ୍କଳ ନଗରରେ ରହୁଥିବା ସୀତାଂଶୁ ପଣ୍ଡା ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କୁ ଡିସେମ୍ବର ୨୦୨୩ରେ ଅନ୍‌ଲାଇନ୍ ଟ୍ରେଡିଂରେ ପୁଞ୍ଜି ନିବେଶ କଲେ ଲାଭବାନ ହେବାର ଲୋଭ ଦେଖାଇ ୫ ଲକ୍ଷ ଟଙ୍କା ମାଗିଥିଲେ। ୨୦୨୪ ଫେବୃୟାରୀରେ ସୀତାଂଶୁ ୨ ଲକ୍ଷ ୯୦ ହଜାର ଟଙ୍କା ପୂର୍ଣ୍ଣଚନ୍ଦ୍ରଙ୍କୁ ଦେଇଥିଲେ। ଟଙ୍କା ଦେବାର ପ୍ରଥମ ମାସରେ ଲାଭ ହିସାବରେ ୨୭ ହଜାର ୧୪୯ ଟଙ୍କା ସୀତାଂଶୁଙ୍କୁ ପ୍ରଦାନ କରିଥିଲେ। ଏହାର ୧୫ ଦିନ ପରେ ଅନଲାଇନରେ ଟଙ୍କା ବୁଡ଼ି ଯାଇଥିବା ପୂର୍ଣ୍ଣଚନ୍ଦ୍ର ସୀତାଂଶୁଙ୍କୁ କହିଥିଲେ। ସୀତାଂଶୁ ବାରମ୍ବାର ପୂର୍ଣ୍ଣଚନ୍ଦ୍ରଙ୍କୁ ଟଙ୍କା ମାଗିଥିଲେ ମଧ୍ୟ ସେହି ଟଙ୍କା ଫେରାଇ ନ ଥିଲେ। ଏଥିସହ ଜଣେ ଅଜଣା ବ୍ୟକ୍ତି ଫୋନରେ ବିଭିନ୍ନ ଧମକ ଚମକ ଦେଇଥିଲେ। ପରେ ସୀତାଂଶୁ ଠକେଇର ଶିକାର ହୋଇଥିବା ନେଇ ଜାଣିବାକୁ ପାଇଥିଲେ।

## ଓଡ଼ିଶାର ବିକାଶ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହ ୩୫ ମିନିଟ୍‌ର ସଫଳ ଆଲୋଚନା ହେଲା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୭(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଥିଲେ। ଏହାସହ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଦିଲ୍ଲୀ ଗସ୍ତ ସାରି ଫେରିବା ପରେ ଭୁବନେଶ୍ୱର ବିମାନବନ୍ଦରଠାରେ ସେ ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି, ଏହି ଗସ୍ତ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଉଦ୍ଦିଷ୍ଟ ଥିଲା। ଏହାପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବା ସହିତ ଓଡ଼ିଶାର ବିକାଶ ନେଇ ଦୀର୍ଘ ୩୫ ମିନିଟ୍ ଧରି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଆଲୋଚନା ଫଳପ୍ରଦ ହୋଇଥିବା ସହିତ ଆଗାମୀ ଦିନରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାର ବିକାଶ କିପରି ତ୍ୱରାନ୍ୱିତ ହେବ ସେଥି ଉପରେ ପର୍ଯ୍ୟବସିତ ଥିଲା। ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବା ସହିତ ତାଙ୍କୁ ଭିଜନ ଡକୁମେଣ୍ଟ ପୁସ୍ତକ ପ୍ରଦାନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଦଳର ସଙ୍ଗଠନ ମନ୍ତ୍ରୀ ବି. ଏଲ. ସନ୍ତୋଷଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଏହି ଗସ୍ତ ସମୟରେ ସାକ୍ଷାତ କରିଥିବା କହିଛନ୍ତି।

## ବଜ୍ରପାତରେ ଚାଷୀ ମୃତ

**କୁଜଙ୍ଗ,୧୩।୭(ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଫତେପୁର ପଞ୍ଚାୟତ ଜଳଧରପୁର ଗ୍ରାମର ଅବସରପ୍ରାପ୍ତ ରେଳବାଇ କର୍ମଚାରୀ ବିଜୟ ସାମଲ(୬୯) ଚାଷୀଙ୍କ ମୃତ୍ୟୁ ଘଟିଛି। ବିଜୟ ଓ ତାଙ୍କ ସାନ ଭାଇ କୈଳାସ ସାମଲ ରବିବାର ଗୁଆ ବେଉଷଣ କରିବାକୁ ବିଲକୁ ଯାଇଥିଲେ। ଅପରାହ୍ନ ୨ଟାବେଳେ ବର୍ଷା ସାଙ୍ଗକୁ ବଜ୍ରପାତ ହେବାରୁ ୨ ଭାଇ ସାଙ୍ଗ ହୋଇ ଘରକୁ ଫେରୁଥିଲେ। ବିଲ ମଝିରେ ଆସୁଥିବା ବେଳେ ବିଜୟଙ୍କ ଉପରେ ବଜ୍ରପାତ ହୋଇଥିଲା। କୈଳାସ ବିଜୟଙ୍କଠାରୁ ୧୫ ମିଟର ପଛରେ ଥିବାରୁ ସେ ରକ୍ଷା ପାଇଯାଇଥିଲେ। ବିଜୟଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବାବେଳେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର

**ମାଲକାନଗିରି,୧୩।୭**
**(ଦୁର୍ଯ୍ୟୋଧନ ପାତ୍ର)**



ଖବରଦାତାମାନେ ଦାବିପତ୍ର ଦେଉଛନ୍ତି।

**ୱେବ୍ ଚ୍ୟାନେଲ ଖବରଦାତାଙ୍କୁ ହତ୍ୟା ଘଟଣା**

ମାଲକାନଗିରି ଜିଲା କାଲିମେଲା ବ୍ଲକ ମୋଟୁ ଥାନା ମୁରଲିଗୁଡାର ଜଣେ ୱେବ୍ ଚ୍ୟାନେଲ ଖବରଦାତାଙ୍କ ଉପରେ ୫ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିବା ଫଳରେ ତାଙ୍କର ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ସି.ଏଚ୍.ନରେଶ। ଏହି ଘଟଣାକୁ ନେଇ ଜିଲାର ସମସ୍ତ ଖବରଦାତା ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ରବିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଘଟଣାକୁ ନେଇ ମାଲକାନଗିରି ଜିଲା ସାମ୍ବାଦିକ ସମନ୍ୱୟ କମିଟି ତରଫରୁ ୫୦ରୁ ଉର୍ଦ୍ଧ୍ୱ ଖବରଦାତା ଏସ୍‌ପି ବିନୋଦ ପାଟିଲଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫକରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାଜ୍ୟ ସରକାର ଖବରଦାତାମାନଙ୍କ ସୁରକ୍ଷା ଆଇନ ଲାଗୁ କରିବାକୁ ଦାବି କରିଛନ୍ତି। ଦୀର୍ଘ ବର୍ଷ ହେଲା ଖବରଦାତାଙ୍କ ସୁରକ୍ଷା ଆଇନ ପ୍ରଣୟନ ପାଇଁ ବିଭିନ୍ନ ସାମ୍ବାଦିକ ସଂଗଠନ ତରଫରୁ ରାଜ୍ୟ ସରକାରଙ୍କୁ ଦାବିକରି ଆସୁଥିଲେ ମଧ୍ୟ ସରକାର ଏହାକୁ ଗ୍ରହଣ କରୁ ନ ଥିବାରୁ ରାଜ୍ୟରେ ଦିନକୁ ଦିନ ଖବରଦାତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ଏବଂ ହତ୍ୟା ବୃଦ୍ଧି ପାଉଛି। ସରକାର ତୁରନ୍ତ ମୃତ ଖବରଦାତାଙ୍କ ପରିବାରକୁ ୧୦ କୋଟି ଟଙ୍କାର ଅନୁକମ୍ପାମୂଳକ ଆର୍ଥିକ ସହାୟତା ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ଦେବା ବେଳେ ଏମ୍‌ୟୁଜେ ସଭାପତି ଦେବ ପ୍ରସାଦ ଦାସ, ଉତ୍କଳ ସାମ୍ବାଦିକ ସଂଘ ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ପାତ୍ର, ଏ. ଈଶ୍ୱର ରାଓ, ଶିବପ୍ରସାଦ କୀର୍ତ୍ତନିଆ, ଅସୀମ ବିଶ୍ୱାସ, ସୀମାଞ୍ଚଳ ପାଣିଗ୍ରାହୀ, ସତ୍ୟନାରାୟଣ ଦାସ, ଦେବବ୍ରତ ସାନା, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର, ଗୋବିନ୍ଦ ମଣ୍ଡଳ, ଚକ୍ରଧର ପଟ୍ଟନାୟକ, ରତ୍ନାକର ଦାସ, ନିରନ ମଲ୍ଲ ଓ ପଞ୍ଚାନନ ଦାସଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ଖବରଦାଦା ଉପସ୍ଥିତ ଥିଲେ।

ପ୍ରକାଶ ଯେ, ମୋଟୁ ଗ୍ରାମର ୱେବ୍ ଗ୍ୟାନେଲ ଖବରଦାତା ନରେଶ ଏବଂ ତାଙ୍କ ସହିତ ଆଉ ଦୁଇଜଣ ମିଶି ଶନିବାର ସନ୍ଧ୍ୟାରେ ଖବର ସଂଗ୍ରହ ଲାଗି ମୁରଲିଗୁଡା ଗ୍ରାମକୁ ଯାଇଥିଲେ। ଏହି ସମୟରେ ଦୁଇଟି ବାଇକ୍‌ରେ ୫ ଜଣ ଦୁର୍ବୃତ୍ତ ଏମାନଙ୍କ ଉପରେ ଏକ ଖଣ୍ଡା ଦ୍ୱାରା ଅତର୍କିତ ଆକ୍ରମଣ କରିଥିଲେ। ତିନିଜଣଙ୍କ ମଧ୍ୟରୁ ଦୁଇଜଣ ଘଟଣାସ୍ଥଳରୁ ଭୟରେ ପଳାଇ ଯାଇଥିବା ବେଳେ ନରେଶଙ୍କ ହାତକୁ ଖଣ୍ଡାରେ ହାଣି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଫଳରେ ନରେଶଙ୍କ ହାତର ଦୁଇଟି ଶିର କଟି ଯାଇଥିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଘଟଣା ଜଣାପଡିବା ପରେ ସ୍ଥାନୀୟ ଲୋକେ ପହଞ୍ଚି ଏ ସମ୍ପର୍କରେ ପୋଲିସକୁ ଖବର ଦେବା ସହ ତୁରନ୍ତ ମୋଟୁ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁ ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ।

## ଯୋଡ଼ା ଲଘୁଚାପ: ଅତିପ୍ରବଳ ବର୍ଷିବ

**ଭୁବନେଶ୍ୱର,୧୩।୭**
**(ଅନୁରାଧା ମହାରଣା)**

ଉତ୍ତର ମଧ୍ୟପ୍ରଦେଶର ମଧ୍ୟ ଭାଗ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସହ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ଦୁଇଟି ପୃଥକ ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାର ୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଅତିପ୍ରବଳ ବର୍ଷା ପାଇଁ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼କୁ ଅରେଞ୍ଜ ଓ୍ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, କଟକ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ସମ୍ବଲପୁର, ମାଲକାନଗିରି, ଗଜପତି, ଗଞ୍ଜାମ ଓ ବଲାଙ୍ଗୀର ଆଦି ଜିଲାକୁ ୟେଲୋ ଓ୍ୱାର୍ନିଂ ଦିଆଯାଇଛି। ସେହିପରି ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ପୁରୀ, ଖୋର୍ଦ୍ଧା, ସୋନପୁର ଓ ବୌଦ୍ଧ ଆଦି ଜିଲାକୁ ବଜ୍ରପାତ ଭୟ ରହିଥିବାରୁ ୟେଲୋ ଓ୍ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଏପଟେ ରବିବାର ମଧ୍ୟ ସାରା ରାଜ୍ୟରେ ବର୍ଷା ହୋଇଛି। ପାରାଦୀପରେ ସର୍ବାଧିକ ୪୧.୩ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ସୋନପୁରରେ ୨୪.୪ ମିମି, ବାଲେଶ୍ୱର ଓ ଚିଲିଲାଗଡ଼ରେ ୧୫.୩ ମିମି ଲେଖାଏ, ଭଦ୍ରକରେ ୮.୦ ମିମି, ଢେଙ୍କାନାଳରେ ୭.୪ ମିମି, ମାଲକାନଗିରିରେ ୫.୬ ମିମି, କେନ୍ଦ୍ରାପଡ଼ାରେ ୩.୦ ମିମି ଓ ରାଉରକେଲାରେ ୨.୬ ମିମି ବର୍ଷା ରେକର୍ଡ ହୋଇଛି। ଏହାସହ ଟ୍ୱିନ୍‌ସିଟି ଭୁବନେଶ୍ୱର-କଟକ ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ବର୍ଷା ହୋଇଥିବା ସୂଚନା ଦିଆଯାଇଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**03 ଏବଂ 12 ବର୍ଷର ରାଜ୍ୟ ସରକାର ପ୍ରତିଭୂତିଗୁଡ଼ିକର ନିଲାମ**

ଓଡ଼ିଶା ରାଜ୍ୟ ସରକାର ନିଲାମ ମାଧ୍ୟମରେ ପ୍ରତିଭୂତିଗୁଡ଼ିକୁ ମୋଟ ₹1,500 କୋଟି (ଅଙ୍କିତ ମୂଲ୍ୟ) ରେ ବିକ୍ରି କରିବାର ପ୍ରସ୍ତାବ ଦେଇଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ କୋର୍ ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର)ରେ ବହୁବିଧ ମୂଲ୍ୟ ଫର୍ମାଟ ଅଧୀନରେ ଲାଭ ଆଧାରିତ ନିଲାମ 15 ଜୁଲାଇ 2025 (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବ। ବ୍ୟକ୍ତିଗତ ନିବେଶକମାନେ ମଧ୍ୟ ରିଟେଲ ଡାଇରେକ୍ଟ ପୋର୍ଟାଲ (https://rbiretaildirect.org.in) ମାଧ୍ୟମରେ ଅଣ-ପ୍ରତିଯୋଗୀତାମୂଳକ ଯୋଜନା ଅନୁସାରେ ବିଡ୍‌ସ ଦେଇପାରିବେ।

ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟରେ ଜୁଲାଇ 11, 2025 (ଶୁକ୍ରବାର) ର ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ।

"ଆପଣଙ୍କୁ ଟଙ୍କା ଦେବାର ପ୍ରତିଶ୍ରୁତି ଦେଉଥିବା ଇମେଲ/ଏସଏମ୍‌ଏସ/କଲ୍ ଦ୍ୱାରା ଠକାମୀର ଶିକାର ହୁଅନ୍ତୁ ନାହିଁ"

# ନିହଣ ମୁନ କଳାର ଚାତୁରି ଆପଣାପଣିଆ ବି ସୃଷ୍ଟି କରିଦେଇପାରେ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଆମେ ଗତ ସଂଖ୍ୟାରେ ପିପିଲିରୁ ଶୋଭାଯାତ୍ରା ପାଇଁ କନାର କାରୁକାର୍ଯ୍ୟ କ'ଣ କ'ଣ ଆସିଥିଲା ବର୍ଣ୍ଣନା କରିଥିଲୁ। କାରିଗରଙ୍କ ନାମ ଲେଖିଥିଲୁ। କେହି ଅଣଓଡ଼ିଆ ନ ଥିଲେ। ଏଥର ଆମେ ଦେଖିବା ରୁପା ସଜ ନିର୍ମାଣର ଐତିହ୍ୟ। 'ପଦ୍ମଝରି' ନିର୍ମାଣ ପାଇଁ ଓ ଦୁଇଟି ଠିଆ ଦର୍ପଣ ନିର୍ମାଣ ଲାଗି ରୁପା ଦିଆଯିବା ପରେ ଚାରୋଟି ରୁପାର ବଡ଼ପାତ୍ର ଏବଂ ଦୁଇଟି ଆଳତି ଦୀପ ନିମନ୍ତେ ୩୦୦ ତୋଳା ରୁପା ଯୋଗାଇ ଦିଆଯାଇଥିଲା। ତିନିଶହ ତୋଳା ରୁପାରେ ଦୁଇଟି ଠିଆ ଦର୍ପଣ, ଚାରୋଟି ବଡ଼ପାତ୍ର ଓ ଦୁଇଟି ଆଳତି ଦୀପ ପ୍ରସ୍ତୁତ ହୋଇଥିଲା।

ରୁପାର ପାତ୍ର ନିର୍ମାଣ ସମୟରେ ରୋଷଘର ନିର୍ମାଣ କାର୍ଯ୍ୟ ବିଦ୍ୟାଧର ମହାରଣାଙ୍କ ତଦାରଖରେ ଆଗେଇ ଚାଲିଥିଲା। ଶ୍ରୀପଦ୍ମକେଶର ମନ୍ଦିରର ଦକ୍ଷିଣପାର୍ଶ୍ୱରେ 'କାଦୁଅ ନାଳ'କୁ ପଥର ଆଣିବା ପାଇଁ ଗଭୀର ଓ ଭେଡ଼ା କରାଯାଇଥିଲା। ତାହାର କାରଣ ଆମେ ପୂର୍ବରୁ ଉଲ୍ଲେଖ କରିଥିଲୁ। ବର୍ତ୍ତମାନ ସମୟରେ ଅର୍ଥାତ୍ ପଥର ଆସିବା ବିଶେଷ ଭାବରେ ସମାପ୍ତ ହୋଇଯିବା ପରେ ଉକ୍ତ ନାଳ ପୋତାଯିବାକୁ ନିଷ୍ପତ୍ତି ହୋଇଥିଲା। ସେଥିପାଇଁ ଦୁଇଟି ହାତୀ ବାରଦିନ ଧରି ବାଲି ଆଣିବା ଦ୍ୱାରା ନାଳଟି ପୋତା ହୋଇଥିଲା। ମୁଖ୍ୟ ମନ୍ଦିରର ଉତ୍ତର ଦିଗରେ ବାସ୍ତୁଶାସ୍ତ୍ର ଅନୁଯାୟୀ ଏକ କୂଅ ଖୋଳାଯାଇଥିଲା। ଚବିଶ ଜଣ ପଥୁରିଆ ସେହି କାମରେ ନିଯୁକ୍ତ ହୋଇଥିଲେ। ନାଟମଣ୍ଡପର ନାକଚଣା କଳସ ନିର୍ମାଣ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇ ନ ଥିଲା । ଯେତେବେଳେ ନାକଚଣା କଳସ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁଯାଉଛି ବୋଲି ସୂତ୍ରଧରଙ୍କ ଧର୍ମପତ୍ନୀ ଶୁଣିଲେ, ସେ ନିର୍ମାଣ କାର୍ଯ୍ୟ ଦେଖିବାକୁ ଆସିଥିଲେ। ସ୍ମରଣଯୋଗ୍ୟ ଯେ, ସେତେବେଳେ ନିର୍ମାଣ କାର୍ଯ୍ୟର ମୁଖ୍ୟ ପରିଦର୍ଶକ ଏ କଥା ଜାଣିବା ପରେ ଆଦେଶ ଦେଇଥିଲେ, ତାହାଙ୍କୁ ନୀଳରଙ୍ଗର ଏକ ସିଲ୍କ ଶାଢ଼ିଦିଆଯାଉ। ଆଦେଶ ପାଳନ ହୋଇଥିଲା।


ସୂତ୍ରଧର ସଦାଶିବ ସାମନ୍ତରାୟ ମହାପାତ୍ର ନିର୍ମାଣ କାର୍ଯ୍ୟ ପାଇଁ କୋଣାର୍କ ଶିବିରରେ ବର୍ଷ ବର୍ଷ ଧରି ରହୁଥିଲେ। ପୁଅ ଧର୍ମପଦ ସାମନ୍ତରାୟ(ମହାପାତ୍ର ଉପାଧି ଦିଆଯାଇ ନ ଥିଲା ସେପର୍ଯ୍ୟନ୍ତ) ମଧ୍ୟ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହୁଥିଲେ। ବାପ-ପୁଅ ଏଣେ ବ୍ୟସ୍ତ ଥିବାବେଳେ ଧର୍ମପଦର ମାଆ ନିର୍ମାଣ କାର୍ଯ୍ୟର ଖବର ରଖୁଥିଲେ। ଉତ୍ସାହକୁ ଲକ୍ଷ୍ୟ କରିବା କଥା। ଉତ୍ସାହ ନ ଥିଲେ 'ନାକଚଣା କଳସ' ନିର୍ମାଣ ଦେଖିବାକୁ ମନ ବଳାଇ ନ ଥାନ୍ତେ। ପରିବାରର ସହଯୋଗ ଏହାକୁ ହିଁ କୁହାଯାଏ।

ପାରିବାରିକ ସହଯୋଗ ତ ଆମେ ଜାଣିଲେ। ପାରିବାରିକ 'ମୋହ' ମଧ୍ୟ ଆମେ ଜାଣିବା। ପାରିବାରିକ 'ମୋହ' ଯୋଗୁ ନିର୍ମାଣ ଖଳାର ବାତାବରଣ ମଧ୍ୟ ଉଷ୍ମ ହୋଇଥିଲା। ଦିନେ ସୂତ୍ରଧରଙ୍କୁ ବିଶି ମହାପାତ୍ରେ ତିନୋଟି ଲାବଣ୍ୟମୟୀ କନ୍ୟାମୂର୍ତ୍ତି ନିର୍ମାଣ କରିସାରି ଗଣତି ଦେଲେ। ନାରଣ ମହାପାତ୍ରେ ସେଠି ଉପସ୍ଥିତ ଥିଲେ। ସେ ବି ଦେଖିଲେ। ହଠାତ୍ କହିଲେ... ଏ କି କଥା। ତୃତୀୟ କନ୍ୟାମୂର୍ତ୍ତି ଗ୍ରହଣ କରିବା କଥା ନୁହଁ...।

ଶିବେଇ ସାନ୍ତରା ତାଙ୍କ ମୁହଁକୁ ଚିକେ ଚାହିଁଲେ। ପୁଣି ବିଶି ମହାପାତ୍ରଙ୍କ ମୁହଁକୁ...! କହିଲେ- କ'ଣ ଅସୁବିଧା କହନ୍ତୁ। ନାରଣ ମହାପାତ୍ରେ କହିଲେ- ସେ ପରା ନିଜ ପତ୍ନୀଙ୍କର ଅବିକଳ ମୂର୍ତ୍ତି କରିଛନ୍ତି। ମୁଁ କ'ଣ ତାଙ୍କୁ ଦେଖିନି? ମୂର୍ତ୍ତି ସମ୍ପୂର୍ଣ୍ଣ ମିଶିଯାଉଛି। ମନ୍ଦିରରେ କେମିତି ଲାଗିବ?

ସୂତ୍ରଧର ବହୁ ବୁଝାବୁଝି କରି ଜାଣିଲେ ନାରଣ ମହାପାତ୍ରଙ୍କ କଥାରେ କିଛି ସତ୍ୟତା ଅଛି। ଦୁଇଟି ମୂର୍ତ୍ତି ଗ୍ରହଣ କଲେ। ତୃତୀୟ ମୂର୍ତ୍ତିକୁ ବାତିଲ କରିଦେଲେ। ବିଶି ମହାପାତ୍ରେ ଠିଆ ହୋଇଥାନ୍ତି। ମୂର୍ତ୍ତି ଗଢୁ ଗଢୁ ନିଜ ଧର୍ମପତ୍ନୀଙ୍କ କଥା ମନେପଡ଼ିବାରୁ ବୋଧହୁଏ ଅଲକ୍ଷ୍ୟରେ ମୂର୍ତ୍ତିଟି ସେହିପରି ହୋଇଯାଇଛି! ଭାବିଲେ...। ଚୁପ୍ ରହିଲେ।

ଗଙ୍ଗା ମହାପାତ୍ରଙ୍କୁ ସୂତ୍ରଧର ବି ଡକେଇଥିଲେ। ମହାପାତ୍ରେ ସେଠି ଉପସ୍ଥିତ ଥାଆନ୍ତି। ସବୁ ଶୁଣିଲେ। ନିଷ୍ପତ୍ତି ବି ଜାଣିଲେ। ମନ ମାନିଲାନି। ନିଖୁଣ ମୂର୍ତ୍ତିଟିଏ ସହଜରେ ହୁଏନି, ହେଲା ଯଦି ଅପାଙ୍‌କ୍ତେୟ କରିଦେବା! ପଦ୍ମର ମୂଳଦୁଆ ଉପରେ ମୂର୍ତ୍ତି ଖୋଦେଇ ହୋଇଛି। ଠିକ୍ ଲାଗୁଛି ଯେପରି ଦେବୀ ମୂର୍ତ୍ତି ଠିଆ ହୋଇଛନ୍ତି। ମନଲୋଭା ମୂର୍ତ୍ତି। ଦେଖିଲେ ଘଡ଼ିଏ ଅଟକିଯିବ ଦର୍ଶକ। ପରିତ୍ୟାଗ କରିବା ଉଚିତ ହେଉନାହିଁ। ଏହାଙ୍କ ସ୍ୱତନ୍ତ୍ର ମୂର୍ତ୍ତି ବୋଲି ବିଚାର କରିବାରୁ ମନରେ ବିଭ୍ରାଟ ଆସୁଛି। ଦେବୀ ମୂର୍ତ୍ତି ବୋଲି ଗ୍ରହଣ କଲେ? ଏ କଥା କହି ସୂତ୍ରଧରଙ୍କ ମୁହଁକୁ ଚାହିଁଲେ। ଉଦାର ପଣରେ କଥାଟାକୁ ସୂତ୍ରଧର ଗ୍ରହଣ କଲେ। ସେ ମୂର୍ତ୍ତି ଗ୍ରହଣ ହେଲା। ବନ୍ଦାପନା ମଣ୍ଡପରେ ଶୋଭା ପାଇଥିଲା। ନିହଣ ମୁନ ବେଳେବେଳେ କଳାର ଚାତୁରିରେ ଏମିତି ସୃଷ୍ଟି କରେ... ଭ୍ରମ ସୃଷ୍ଟି ହୁଏ। ସାହିତ୍ୟରେ ବି...।



ନୂଆଦିଲ୍ଲୀସ୍ଥିତ ଜାତୀୟ ସଂଗ୍ରହାଳୟରେ ଥିବା କୋଣାର୍କର ନାରୀମୂର୍ତ୍ତି। (ଫଟୋ: ଡ. କୁମାର ଅରଜ୍ୟୋତି)

**ନିର୍ମାଣ ଖଳାରେ ପାରିବାରିକ ସହଯୋଗ ଓ 'ମୋହ' ସ୍ୱତଃ ଆସେ**




## ୨୪ ଘଣ୍ଟା ପରେ ବି ୨ ମୃତକଙ୍କ ପରିଚୟ ମିଳିନି

**ବ୍ରହ୍ମପୁର,୧୩।୭(ସୁବାସ ଚନ୍ଦ୍ର ପାଢ଼ୀ)**

ସରକାରୀ ରେଳବାଇ ପୋଲିସ (ଜିଆରପି)ଶନିବାର ଅପରାହ୍ନରେ ବ୍ରହ୍ମପୁର ରେଳଷ୍ଟେଶନ ୪ ନଂ. ପ୍ଲାଟଫର୍ମରୁ ଜଣେ ପୁରୁଷ ଓ ଜଣେ ମହିଳାଙ୍କ ମୃତଦେହ ଜବତ କରିଥିଲା। ୨୪ ଘଣ୍ଟା ପରେ ବି ମୃତକମାନଙ୍କ ପରିଚୟ ମିଳିପାରି ନ ଥିବା ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ପୋଲାଇ ସୂଚନା ଦେଇଛନ୍ତି। ମୃତକଙ୍କ ନିକଟରୁ ୨ଟି ବିଷ ପାଉଚ୍ ଜବତ ହୋଇଥିଲା। ସେମାନେ ବିଷପିଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପରିଚୟ ମିଳିବା ପରେ ସେମାନେ କେଉଁ କାରଣରୁ ବିଷ ପିଇଲେ ତାହା ସ୍ପଷ୍ଟ ହୋଇପାରିବ ବୋଲି ସେ କହିଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ ହୋଇଛି। ସେମାନଙ୍କ ଭିସେରା ସଂଗ୍ରହ କରାଯାଇଛି। ପରୀକ୍ଷା ପାଇଁ ଭିସେରା ଓ ଘଟଣାସ୍ଥଳରୁ ଜବତ ହୋଇଥିବା ପାଉଚ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଆରଏଫଏସଏଲକୁ ପଠାଯିବ ବୋଲି ସେ କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ୨ଟି ସଂରକ୍ଷଣ ଗୃହରେ ରଖାଯାଇଛି। ପରିଚୟ ଜାଣିବା ପାଇଁ ମୃତକଦ୍ୱୟଙ୍କ ଫଟୋ ସମସ୍ତ ଥାନାକୁ ପଠାଯିବ ବୋଲି ପୋଲାଇ କହିଛନ୍ତି। ପ୍ଲାଟଫର୍ମରେ ଲାଗିଥିବା ସିସିଟିଭି ଫୁଟେଜରୁ ଦେଖାଯାଇଛି ଯେ, ସମ୍ପୃକ୍ତ ପୁରୁଷ ଓ ମହିଳା ଶନିବାର ସକାଳ ୮ଟାରେ ପ୍ଲାଟଫର୍ମ ଟିକେଟ କାଟିଥିଲେ। ୪ନଂ. ପ୍ଲାଟଫର୍ମ ଯାଇଥିବା ବେଳେ ମଧ୍ୟାହ୍ନରେ ଏକ ପଲିଥିନ ଧରିଥିଲେ। ମୃତଦେହ ମିଳିଥିବା ସ୍ଥାନର ସିସିଟିଭି ଫୁଟେଜ ମିଳୁନାହିଁ। ସେମାନଙ୍କୁ ଦେଖିଥିବା କେତେଜଣ ଯାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି।

ଭିତରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି-ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। -ଶ୍ରୀମା

-ଶ୍ରାବଣ ପ୍ରଥମ ସୋମବାର
ଓ ବୋଲ୍‌ବମ୍ ଆରମ୍ଭ



# ନାଗରିକ ଅସହାୟ

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବି.ଏଡ୍. ଦ୍ୱିତୀୟ ବର୍ଷର ଛାତ୍ରୀ ୧୨ ଜୁଲାଇରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରି ପ୍ରାୟ ୯୦ ପ୍ରତିଶତ ପୋଡ଼ିଯାଇଛନ୍ତି। କଲେଜ ଶିକ୍ଷା ବିଭାଗର ମୁଖ୍ୟ ତାଙ୍କୁ ବାରମ୍ବାର ଯୌନ ତଥା ମାନସିକ ନିର୍ଯାତନା ଦେଇଆସୁଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କ କଥାରେ ରାଜି ନ ହେଲେ ଇଣ୍ଟରନାଲ୍ ଏକ୍‌ଜାମରେ ମାର୍କ କମାଇ ଦେଇ ପାସ୍ କରାଇଦେବେ ନାହିଁ ବୋଲି ଛାତ୍ରୀଙ୍କୁ ଅଧ୍ୟାପକ ଧମକ ଦେଉଥିଲେ। ଏସବୁ ବିଷୟରେ ଛାତ୍ରୀ କଲେଜ ଅଧ୍ୟକ୍ଷ ଏବଂ ପରେ ପୋଲିସ ଓ ସ୍ଥାନୀୟ ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ଅବଗତ କରାଇଥିବା କଥା ପଦାକୁ ଆସୁଛି। ଏଥିସହିତ ୧ ଜୁଲାଇ ରାତି ୧୦ଟା ୨୯ରେ ଛାତ୍ରୀ ଜଣଙ୍କ ସ୍ଥାନୀୟ ବିଧାୟକ ମାନସ ଦତ୍ତ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଲେଶ୍ୱର ଜିଲାପାଳ ଏବଂ ଜାତୀୟ ମହିଳା କମିଶନଙ୍କୁ ସାମାଜିକ ଗଣମାଧ୍ୟମ 'X' ଜରିଆରେ ସବୁକିଛି ସ୍ପଷ୍ଟ ଭାବେ ଜଣାଇଥିଲେ। ହେଲେ କେହି ତାଙ୍କୁ ସହଯୋଗ କରି ନ ଥିଲେ। ବରଂ କଲେଜ ଅଧ୍ୟକ୍ଷ ଛାତ୍ରୀଙ୍କର ସବୁ ଭୁଲ୍ ବୋଲି ଦର୍ଶାଇବା ପରେ ଅନନ୍ୟୋପାୟ ହୋଇ ସେ ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି କୁହାଯାଉଛି। ଏହି ଲେଖା ପ୍ରସ୍ତୁତ ହେଲା ବେଳକୁ ସମ୍ପୃକ୍ତା ଛାତ୍ରୀ ଭୁବନେଶ୍ୱର ଏମ୍ସରେ ଅତି ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିବା ପରେ ସରକାର ସମ୍ପୃକ୍ତ ଅଧ୍ୟାପକଙ୍କୁ ନିଲମ୍ବନ କରି ଗିରଫ କରିଥିବା ବେଳେ ଅଧ୍ୟକ୍ଷଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗଠନ କରାଯାଇଥିବା ୩ ଜଣିଆ କମିଟି ସମ୍ପୃକ୍ତ କଲେଜ ଯାଇ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ମନେହେଉଛି ଯେପରି ଏହାସବୁ ଖେଳ ସରିବା ପରେ ହ୍ୱିସିଲ ମରାଯାଉଛି।

ଜଣେ ଛାତ୍ରୀ ଆତ୍ମାହୁତି ଦେବା ଯାଏ ଚିନ୍ତା କରିବା ସୂଚାଉଛି ଯେ, ସେ କେତେ ପରିମାଣରେ ମାନସିକ ନିର୍ଯାତନା ପାଇଥିବେ। ଛାତ୍ରୀ ଓ ମହିଳାମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ଲାଗି କଲେଜଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟସ୍ଥଳୀରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିମାନ ଗଢ଼ିବା ଲାଗି ସୁପ୍ରିମକୋର୍ଟ ଏବଂ ସରକାରଙ୍କ ନିର୍ଦ୍ଦେଶ ରହିଛି। ଆତ୍ମାହୁତି ଦେଇଥିବା ଛାତ୍ରୀ ତାଙ୍କ ପ୍ରତି ନିର୍ଯାତନା ହେଉଥିବା ବିଷୟରେ ଜଣାଇବା ପରେ ଯାଇ କଲେଜରେ ସମ୍ପୃକ୍ତ କମିଟି ଗଢ଼ାଯାଇଥିବା ଆଲୋଚନା ହେଉଛି। ତାହା ସତ୍ୟ ହୋଇଥିଲେ କଲେଜ ଅଧ୍ୟକ୍ଷ ନିଜ କର୍ତ୍ତବ୍ୟ ପ୍ରତି କେତେ ଦାୟିତ୍ୱବାନ ବୁଝିହେଉଛି। ଖବର ମିଳିଛି, କମିଟି ରିପୋର୍ଟ ଦାଖଲ କରିଥିଲେ ମଧ୍ୟ ସେଥିରେ ଯୌନ ଶୋଷଣ ହୋଇଥିବା ବିଷୟ ଦର୍ଶାଯାଇ ନ ଥିଲା। ସମ୍ଭବତଃ ସେଥିରେ ଛାତ୍ରୀ ବ୍ୟତିବ୍ୟସ୍ତ ହୋଇପଡ଼ିଥିବେ।

ଏଠାରେ ଆଉ ଏକ ଦିଗକୁ ଦେଖାଯାଉ। ଶୁଣିବାକୁ ମିଳିଛି ଯେ, ସମ୍ପୃକ୍ତା ଛାତ୍ରୀ ନିଜେ ଆତ୍ମରକ୍ଷା ପ୍ରଶିକ୍ଷଣରେ ଜଣେ ତାଲିମପ୍ରାପ୍ତ ଟ୍ରେନର। ଏଥିସହିତ ଶାସକ ଦଳର ଛାତ୍ର ଶାଖା ଏବିଭିପିର ସେ ଜଣେ କର୍ମୀ। ରାଜନୈତିକ ଚିନ୍ତାଧାରା ପୋଷଣ କରୁଥିବା ଓ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବା ଜଣେ ଛାତ୍ରୀ କାହିଁକି ଏତେ ଭାଙ୍ଗିପଡ଼ିଲେ ବୁଝିବା କଷ୍ଟକର। ଏହା କହିଲା ବେଳେ ସ୍ୱୀକାର କରୁଛୁ ଯେ, ଅସମ୍ଭାଳ ଚାପ ଯୋଗୁ ଜଣେ ଆତ୍ମାହୁତି ଦେଇଥାଏ। ଯଦି ନିଜକୁ ପୋଡ଼ି ଦେବାର ସାହସ ଓ ମନୋବଳ ରହୁଛି, ତେବେ ଜୀବନକୁ ସାମ୍ନା କରିବା ପାଇଁ ସେହିଭଳି ଶକ୍ତି ରଖିବାର ଥିଲା। ଏହା ମଧ୍ୟ ସ୍ୱୀକାର କରୁଛୁ ଯେ ପଛବୁଦ୍ଧିରେ ଦେଉଥିବା ଉପଦେଶ କୌଣସି ଅର୍ଥ ରଖେ ନାହିଁ। କିନ୍ତୁ ଏ ଘଟଣା ପ୍ରମାଣ କରୁଛି ଯେ ଭାରତରେ ସରକାରୀ, ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ନାଗରିକଙ୍କୁ ସାହାଯ୍ୟ କରୁନାହିଁ।

**ସ୍ୱୀକାର କରୁଛୁ ଯେ, ଅସମ୍ଭାଳ ଚାପ ଯୋଗୁ ଜଣେ ଆତ୍ମାହୁତି ଦେଇଥାଏ। ଯଦି ନିଜକୁ ପୋଡ଼ି ଦେବାର ସାହସ ଓ ମନୋବଳ ରହୁଛି, ତେବେ ଜୀବନକୁ ସାମ୍ନା କରିବା ପାଇଁ ସେହିଭଳି ଶକ୍ତି ରଖିବାର ଥିଲା। ଏହା ମଧ୍ୟ ସ୍ୱୀକାର କରୁଛୁ ଯେ ପଛବୁଦ୍ଧିରେ ଦେଉଥିବା ଉପଦେଶ କୌଣସି ଅର୍ଥ ରଖେ ନାହିଁ। କିନ୍ତୁ ଏ ଘଟଣା ପ୍ରମାଣ କରୁଛି ଯେ ଭାରତରେ ସରକାରୀ, ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ନାଗରିକଙ୍କୁ ସାହାଯ୍ୟ କରୁନାହିଁ।**

# ମହାମହିମଙ୍କୁ ସ୍ୱାଗତମ୍



ମୋହନ ଚରଣ ମାଝୀ
(ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର)

ଆଜି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଜନ୍ମମାଟି ଓଡ଼ିଶା ଗସ୍ତରେ ଆସିବେ। ଓଡ଼ିଶା ମାଟିରେ ପାଦ ଦେବାର ଅବ୍ୟବହିତ ପୂର୍ବରୁ ଭାରତବର୍ଷର ଏହି ମହାନ୍ ବିଭୂତିଙ୍କୁ ଓଡ଼ିଶାର ଏହି ପବିତ୍ର ମାଟିକୁ ହୃଦୟର ସହ ସ୍ୱାଗତ କରୁଛି। ସାଢ଼େ ୪ କୋଟି ଓଡ଼ିଆଙ୍କ ତରଫରୁ ମୋ ବଡ଼ଭଉଣୀଙ୍କୁ ସ୍ୱାଗତ କରିବା ସମୟରେ ସାନଭାଇର ହୃଦୟ ମଧ୍ୟ ଖୁସିରେ ଭରିଯାଉଛି।

ଭାରତବର୍ଷର ୧୫ତମ ରାଷ୍ଟ୍ରପତି ଭାବରେ ଜଣେ ଓଡ଼ିଆ ଝିଅ ନିର୍ବାଚିତ ହେବା ନିଶ୍ଚିତ ଭାବରେ ଗର୍ବ ଓ ଗୌରବର ବିଷୟ। ମାତ୍ର ପୂର୍ବ ୧୪ ରାଷ୍ଟ୍ରପତିଙ୍କଠାରୁ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କର ପରିଚୟ ଟିକେ ନିଆରା ଓ ସ୍ୱତନ୍ତ୍ର। ପ୍ରଥମ ଆଦିବାସୀ ମହିଳା ଭାବରେ ଦେଶର ସର୍ବୋଚ୍ଚ ପଦବୀକୁ ଯିବା ଖାଲି ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ନ ଥିଲା। ସାରା ଦେଶର ଆଦିବାସୀ ସମାଜ, ମହିଳା, ଗରିବ ଓ ଉପେକ୍ଷିତ ବର୍ଗଙ୍କ ପାଇଁ ଥିଲା ସବୁଠାରୁ ଖୁସିର ଦିନ।

ମୋର ମନେଅଛି, ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ପରେ ସାରା ଦେଶରେ ଦେଖାଦେଇଥିଲା ଉତ୍ସବର ମାହୋଲ। ହିମାଳୟରୁ କୁମାରିକା ପର୍ଯ୍ୟନ୍ତ ଆଦିବାସୀ-ଦଳିତ-ଗରିବ ଓ ମେହନତି ମଣିଷ ରାଜରାସ୍ତାକୁ ଓହ୍ଲାଇ ଆସି ଉତ୍ସବ ପାଳନ କରିଥିଲେ। ବୋଧହୁଏ ଅତୀତରେ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ପରେ ସାରା ଦେଶରେ ଏପରି ମାହୋଲ ନା କେବେ ହୋଇଥିଲା ନା ଭବିଷ୍ୟତରେ ଏପରି କେବେ ହେବ ମୁଁ ଭାବି ପାରୁନାହିଁ।

ଦ୍ରୌପଦୀ ମୁର୍ମୁ ଖାଲି ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱ ନୁହନ୍ତି ବରଂ ତାଙ୍କ ପାରିବାରିକ ପୃଷ୍ଠଭୂମି ଏବଂ ସାମାଜିକ ଜୀବନ ସାରା ଭାରତବାସୀଙ୍କ ପାଇଁ ଏକ ଆକର୍ଷଣର ସ୍ଥିତି ତିଆରି କରିଥିଲା।

ରାଇରଙ୍ଗପୁରରୁ-ରାଇସିନା ହିଲ୍ ମାନେ ଯିଏ ସମାଜ ଓ ଆର୍ଥିକ ବ୍ୟବସ୍ଥାର ସବୁଠାରୁ ଶେଷ ପାହାଚର ମଣିଷ-ସେ ଦେଶର ସର୍ବୋଚ୍ଚ ପଦବୀକୁ ଯାଇପାରେ। ଏହା ଭାରତର ଗଣତନ୍ତ୍ରର ଶକ୍ତି। ଏକଥା ଖାଲି ଆମ ଦେଶର ସମ୍ବିଧାନର ସମାନତାର ଅଧିକାରର ପୋଥି ବାଇଗଣ ନୁହେଁ ବରଂ ଭାରତ ଭଳି ଦେଶର ଏହା ସତ୍ୟ ଓ ଅଙ୍ଗେନିଭା କଥା ହୋଇପାରେ। ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ହୋଇ ଏହା ପ୍ରମାଣିତ କରିଛନ୍ତି। ନିଶ୍ଚିତ ଭାବରେ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଚୟନରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ନିର୍ଣ୍ଣାୟକ ଭୂମିକା ଥିଲା। ମୋଦିଜୀଙ୍କ ବିଚାରର ଦୁଇଟି ପ୍ରସଙ୍ଗ, ମହାମହିମ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସମୟରେ ଉଲ୍ଲେଖ କରିବା ସମୀଚୀନ ହେବ। ମୋଦିଜୀ ପୂର୍ବୋଦୟ ପରିକଳ୍ପନାର ଜନକ। ଦେଶର ପଶ୍ଚିମ ଓ ଦକ୍ଷିଣ ଭାଗ ତୁଳନାରେ ବିକାଶର ମାପଦଣ୍ଡରେ ପଛରେ ଥିବା ପୂର୍ବଭାଗକୁ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ କରିବା ଥିଲା ତାଙ୍କର ଯୋଜନା। ଦେଶର ଗରିବ ଓ ମହିଳାମାନଙ୍କ ଦ୍ରୁତ ବିକାଶ ବିନା ବିକଶିତ ଭାରତର ପରିକଳ୍ପନା ସମ୍ଭବ ନୁହେଁ ବୋଲି ସେ ଥିଲେ ସ୍ପଷ୍ଟ। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରି ମୋଦିଜୀ ସାରା ଦେଶରେ ତାଙ୍କର ପ୍ରାଥମିକତାକୁ ସଫଳତାର ସହ ହାସଲ କରିବା ପାଇଁ ଏକ ସୁନ୍ଦର ପୃଷ୍ଠଭୂମି ତିଆରି କରିବାରେ ସଫଳ ହୋଇଥିଲେ ଏହା ନିଃସନ୍ଦେହରେ କୁହାଯାଇପାରେ।

ମୋର ମନେଅଛି ଝାଡ଼ଖଣ୍ଡର ରାଜ୍ୟପାଳ ଥିବାବେଳେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବା ଅବସରରେ ତାଙ୍କ ପିଲାଦିନର କାହାଣୀ ସାରାଦେଶବାସୀଙ୍କୁ ପ୍ରଭାବିତ କରିଥିଲା। ଛାତ୍ରାବସ୍ଥାରେ ନିଜେ ଦ୍ରୌପଦୀ ମୁର୍ମୁ ଘରେ ରୋଷେଇ ପାଇଁ ଜଙ୍ଗଲକୁ ଯାଇ ଶୁଖିଲା କାଠ ସଂଗ୍ରହ କରି ଘରକୁ ଆଣିବାର କାହାଣୀ ସାରା ଦେଶ ଶୁଣିଥିଲା। ଚୁଲି ଧୂଆଁର କଷ୍ଟ ଶ୍ରୀମତୀ ମୁର୍ମୁଙ୍କର ଅଙ୍ଗେନିଭା କାହାଣୀ।

ମୋର ସୌଭାଗ୍ୟ ୨୦୦୦ ମସିହାରେ ମୁଁ ବିଧାୟକ ଭାବରେ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇ ପବିତ୍ର ଗୃହରେ ପ୍ରବେଶ କରିଥିଲି। ଦ୍ରୌପଦୀ ମୁର୍ମୁ ସେତେବେଳେ ରାଜ୍ୟ ସରକାରରେ ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ନିଜ ବିଭାଗ କାମକୁ ନିଷ୍ଠା ଓ କଠିନ ପରିଶ୍ରମର ସହ ସଫଳ କରିବାରେ ସେ ଥିଲେ ସିଦ୍ଧହସ୍ତ। ବିଧାନସଭା ଭିତରେ ବିରୋଧୀଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ବେଳେ ସେ ସବୁବେଳେ ଶାନ୍ତ, ସରଳ ଓ ଅତ୍ୟନ୍ତ ଭଦ୍ରାମିର ସହ ଉତ୍ତର ରଖି ବିରୋଧୀଙ୍କୁ ଚୁପ୍ କରିବାର କ୍ଷମତା ରଖିଥିଲେ। ଜଣେ ଯୁବ ବିଧାୟକ ଭାବରେ ବିଶେଷକରି ସରକାରୀ ମେଣ୍ଟର ସଦସ୍ୟ ହୋଇଥିବା କାରଣରୁ କହିବାକୁ ସୁଯୋଗ ମିଳୁଥିଲା କମ୍। ମାତ୍ର ସେତେବେଳେ ଦ୍ରୌପଦୀ ମୁର୍ମୁ ଆମକୁ କିପରି ନିଜ ଅଞ୍ଚଳ ତଥା ରାଜ୍ୟର ଗରିବ-ମହିଳା, ଆଦିବାସୀ, ଦଳିତ ଓ କୃଷକ, ଯୁବକଙ୍କ ସମସ୍ୟାକୁ ଉତ୍ଥାପନ କରିବା ସେ ସମ୍ପର୍କରେ ପରାମର୍ଶ ଦେଉଥିଲେ। ଆମେ ୨୦୦୦ ମସିହାରେ ବିଧାୟକ ହେବାର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଦ୍ରୌପଦୀ ମୁର୍ମୁଙ୍କଠାରୁ ଗରିବଙ୍କ ବିକାଶ ସମ୍ପର୍କରେ ଯେଉଁ ଶିକ୍ଷା ଗ୍ରହଣ କରିଥିଲୁ ପରବର୍ତ୍ତୀ ସମୟରେ ମୋଦିଜୀ ସେହି କଥାକୁ ୪ ଜାତିର ବିକାଶ ନାଁର ବେଶ୍ ଜନପ୍ରିୟ କରିଛନ୍ତି। ଏହା ମହିଳା, ଯୁବକ, କୃଷକ, ଗରିବ କଲ୍ୟାଣ ନାଁରେ ବେଶ୍ ଜନପ୍ରିୟ ହୋଇଛି। ୨୦୧୪ ମସିହାରେ ମୋଦିଙ୍କ ବିକାଶର ନୂଆ ଦୃଷ୍ଟିକୋଣ ଦେଶବାସୀଙ୍କ ସାମ୍ନାରେ ଉପସ୍ଥାପିତ ହେବାର ଯଥେଷ୍ଟ ପୂର୍ବରୁ ଦ୍ରୌପଦୀ ମୁର୍ମୁ ଯେ ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଷ୍ଟ୍ର ନାୟକ ଥିଲେ ତା'ର ପରିଚୟ ସେ ସମୟରେ ମୋ ଭଳି ଜଣେ ଯୁବ ବିଧାୟକ ମର୍ମେ ମର୍ମେ ଅନୁଭବ କରିଥିଲା।

ଆମ ରାଜ୍ୟର ମୋଟ ଜନସାଧାରଣଙ୍କ ମଧ୍ୟରୁ ୨୨ ପ୍ରତିଶତ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର। ଆମ ରାଜ୍ୟରେ ୬୨ ପ୍ରକାରର ଜନଜାତି ବର୍ଗର ଜନସାଧାରଣ ବସବାସ କରୁଛନ୍ତି। ଓଡ଼ିଶାରେ ଆଦିବାସୀମାନଙ୍କ ନୃତ୍ୟ, ସଙ୍ଗୀତ, ହସ୍ତଶିଳ୍ପ ଓ ପାରମ୍ପରିକ ଉତ୍ସବ ଆମ ରାଜ୍ୟରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ପ୍ରକୃତି ସହ ଆଦିବାସୀଙ୍କ ସମ୍ପର୍କ। ଶାଳଗଛର ଫୁଲ ଫୁଟିଲେ ସେମାନେ ମନାନ୍ତି ଚଇତି ପର୍ବ। ପ୍ରାକୃତିକ ରଙ୍ଗରେ ଚିତ୍ରକଳା ଘରର କାନ୍ଥରେ ନୂଆ ପରିଚୟ ସୃଷ୍ଟିକରେ।

ଓଡ଼ିଆ ଆଦିବାସୀ ବର୍ଗରେ ଜନ୍ମ ନେଇଥିବା ସନ୍ଥକବି ଭୀମ ଭୋଇଙ୍କୁ ଯଦି ବିଶ୍ୱର ସବୁଠୁ ବଡ଼ ଦାର୍ଶନିକମାନଙ୍କ ମଧ୍ୟରେ ସ୍ଥାନିତ କରିବା ବୋଧହୁଏ ଭୁଲ୍ ହେବ ନାହିଁ। ସାମାଜିକ ସମରସତା, ଆଦିବାସୀଙ୍କ ସମାନତା ଏବଂ ମାନବୀୟ ସମ୍ବେଦନଶୀଳତାର ଭୀମ ଭୋଇ ମୂର୍ତ୍ତିମନ୍ତ ପ୍ରତୀକ କହିଲେ ଭୁଲ୍ ହେବ ନାହିଁ। ତାଙ୍କ ଦ୍ୱାରା ରଚିତ କାଳଜୟୀ କବିତା ''ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ''। ଏହା ଓଡ଼ିଆ ସଭ୍ୟତା, ସଂସ୍କୃତି, ତ୍ୟାଗ, ତପସ୍ୟା, ବଳିଦାନର ମଧୁର କାହାଣୀକୁ ସୁନ୍ଦର ଭାବେ ବ୍ୟାଖ୍ୟା କରୁଛି।

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସିଥିବା ସାନ୍ତାଳି ଜନଜାତି ଗୋଷ୍ଠୀର ଗୌରବମୟ ପରମ୍ପରା ରହିଛି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପରି ପ୍ରାତଃସ୍ମରଣୀୟ ବ୍ୟକ୍ତିତ୍ୱ ଅଲଚିକି ଭାଷାର ଲିପି ପ୍ରସ୍ତୁତ କରିଥିଲେ। ଏହି ଭାଷା ଦେଶର ଅଦ୍ୱିତୀୟ ଜନନାୟକ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ପାଇଥିଲା। ଅଲଚିକି ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହେବା ଅବସରରେ ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ଉତ୍ସବରେ ଦ୍ରୌପଦୀ ମୁର୍ମୁଙ୍କର ଖୁସି ଗଦଗଦ ଚେହେରା ଓ ତାଙ୍କ ହାତରେ ମିଠା ବଣ୍ଟାର ମୁହୂର୍ତ୍ତ ଆଜି ବି ମୋ ମନରେ ତାଜା ଅଛି। ସେ ତାଙ୍କର ଜନଜାତି ଗୋଷ୍ଠୀ ଓ ଭାଷା ସହ କିପରି ଓତପ୍ରୋତ ଭାବରେ ଜଡ଼ିତ ଥିଲେ ତା'ର ଝଲକ ଦେଖିବାକୁ ମିଳିଥିଲା। ୨୦୦୩ ମସିହାରେ ଅଲଚିକି ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହେବା ସମୟରେ ଶ୍ରୀମତୀ ମୁର୍ମୁ ଓଡ଼ିଶା ସରକାରରେ ମନ୍ତ୍ରୀ ଥିଲେ। ସେ ସମୟରେ ତାଙ୍କର ଆଦିବାସୀ ଗୋଷ୍ଠୀ ଓ ଭାଷା ପାଇଁ ଥିବା ଶ୍ରଦ୍ଧା ଓ ସମ୍ମାନ ଜଣେ ଆଦିବାସୀ ଭାବରେ ମୋତେ ଅନେକ ପ୍ରେରଣା ଯୋଗାଇଥିଲା।

ଓଡ଼ିଶାର ଏହି ମହାନ୍ ବିଭୂତି ତଥା ମହିଳା ଓ ଗରିବଙ୍କ ରୋଲ୍ ମଡେଲଙ୍କୁ ରାଜନୈତିକ ଅଭିସନ୍ଧି ରଖି ଅନେକବାର ଲାଞ୍ଛନା ଓ ଅପମାନ ଦେବାକୁ ମଧ୍ୟ ପଛାଉ ନାହାନ୍ତି। ଜଣେ ଗରିବ ଓ ଉପେକ୍ଷିତ ମହିଳା କିପରି ଦେଶର ସର୍ବୋଚ୍ଚ ପଦବୀକୁ ଯିବ ସାମନ୍ତବାଦୀ ରାଜନୈତିକ ବିଚାର ରଖିଥିବା ଲୋକ ଗ୍ରହଣ କରିବା କଷ୍ଟକର।

ଆଜି ଯେତେବେଳେ ମହାମହିମ ଭାବରେ ଦ୍ରୌପଦୀ ମୁର୍ମୁ ଓଡ଼ିଶାରେ ପଦାର୍ପଣ କରିବେ ଜଣେ ସାଧାରଣ ଆଦିବାସୀ ପରିବାରରୁ ଆସିଥିବା ବ୍ୟକ୍ତି ଭାବରେ ମୁଁ ବିଶେଷ ଆନନ୍ଦିତ। ଗରିବୀ, ଅଭାବ, ଅନଟନ ଭିତରେ ଜୀବନ ସଂଘର୍ଷ ଓ ତା' ଭିତରେ ପଡ଼ିଉଠି ଛିଡ଼ାହେବାର ଅନୁଭବ ମୋ ପାଖରେ ଅଛି। ରାଜ୍ୟର ଆଦିବାସୀ ଓ ଗରିବଙ୍କ ପାଇଁ ଆହୁରି ନିଷ୍ଠା ଓ ଯୋଜନାବଦ୍ଧ ଭାବରେ କାମ କରିବା ପାଇଁ ମହାମହିମ ମୋ ପାଇଁ ପ୍ରେରଣା। ମହାମହିମଙ୍କର ଓଡ଼ିଶାରେ ପଦାର୍ପଣଠାରୁ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ପୁଣି ଦିଲ୍ଲୀ ଫେରିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ମୁଁ କଡ଼ା ନିର୍ଦ୍ଦେଶ ଦେଇଛି। ମହାମହିମଙ୍କ ଏହି ଗସ୍ତ କାଳରେ ସାରା ଓଡ଼ିଶାବାସୀ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେବେ ଏବଂ ନୂଆ ପିଢ଼ି ପ୍ରେରଣା ନେବ ଏଥିରେ ସନ୍ଦେହ ନାହିଁ।

**ଜୟ ଜଗନ୍ନାଥ**

# ଶ୍ୟାମଳ ପୃଥିବୀର ସ୍ୱପ୍ନ



ଜୟଶ୍ରୀ ପଟ୍ଟନାୟକ

ପ୍ରାକୃତିକ ସମ୍ପଦରେ ଭରପୂର ଆମ ପ୍ରକୃତି। ମୃତ୍ତିକା, ଜଳ, ଉଦ୍ଭିଦ, ଜୀବଜନ୍ତୁ, ଖଣିଜ ଦ୍ରବ୍ୟ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ। ଆଦିମାନବ ଏହାର ସମ୍ପୂର୍ଣ୍ଣ ବ୍ୟବହାର ଶିକ୍ଷା କରି ନ ଥିଲା। ଶିକ୍ଷା ଓ ସଭ୍ୟତାର ଉନ୍ନତି ହେବା ସଙ୍ଗେ ସଙ୍ଗେ ମଣିଷ ନିଜ ଜୀବନକୁ ବି ସମୁଚିତ ମାର୍ଗରେ ପରିଚାଳିତ କରିପାରିଛି। ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ସହିତ ଜୀବନକୁ ସରସ, ସୁନ୍ଦର କରି ଗଢ଼ିତୋଳିଛି। ତଥାପି ତାକୁ ପ୍ରକୃତି ଉପରେ ନିର୍ଭର କରିବାକୁ ପଡୁଛି। ଜଙ୍ଗଲରୁ କାଠ ବାଉଁଶ, ବନ୍ୟଦ୍ରବ୍ୟ, ଔଷଧ, ମହୁ, ଝୁଣା, ଲାଖ ସବୁ ମିଳିଲା, ଯଦ୍ୱାରା ଜଙ୍ଗଲ ତା'ର ନିତିଦିନିଆ ଜୀବନର ସାଥୀ ହୋଇପାରିଲା। ଜଙ୍ଗଲ ତାକୁ ବଞ୍ଚେଇବା ଶିଖାଇଲା। ତା' ସୁଖଦୁଃଖର ସାଥୀ ହେଲା। ବୃକ୍ଷ ବିନା ସୃଷ୍ଟି ଅସମ୍ଭବ ଏକଥା ସେ ଜାଣିପାରିଲା। ବୃକ୍ଷ ପୃଥିବୀର ରକ୍ଷାକବଚ। ପୃଥିବୀକୁ ଶ୍ୟାମଳ ସୁନ୍ଦର ସତେଜ କରି ରଖିବାକୁ ସବୁଜ ବନାନୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ବୁଝିପାରିଲା।

ଜାତୀୟ ଜଙ୍ଗଲ ନୀତି ଅନୁସାରେ ଆମ ଦେଶରେ ଶତକଡ଼ା ୩୩.୨ ଜଙ୍ଗଲ ରହିବା କଥା ହେଲେ ଅଛି ୨୨.୭। ଆମ ରାଜ୍ୟରେ ପ୍ରାୟ ୬୧,୨୦୪. ୧୭ ବର୍ଗ କି.ମି. ଜଙ୍ଗଲ ରହିଛି। ଯାହାକି ଭୌଗୋଳିକ କ୍ଷେତ୍ରଫଳର ୩୯.୩୧ ପ୍ରତିଶତ। ଜଙ୍ଗଲ ପରିମାଣ ଦିନକୁଦିନ ହ୍ରାସ ଘଟୁଛି। ଏହି ଜଙ୍ଗଲ କ୍ଷୟକୁ ରୋକିବା ପାଇଁ ସରକାରୀ ବେସରକାରୀ ସ୍ତରରେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି। ସ୍ୱାଧୀନ ଭାରତରେ ଜଙ୍ଗଲ କ୍ଷୟ ରୋକିବା ଲାଗି ବନମହୋତ୍ସବ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜୁଲାଇ ମାସର ପ୍ରଥମ ସପ୍ତାହ ଅର୍ଥାତ୍ ଜୁଲାଇ ୧ରୁ ୮ ସାରା ଦେଶରେ ପାଳନ କରାଗଲା। ଆମେ ଜାଣିବା ଦରକାର ଯେ ଗଛ କେବଳ ଗଛ ନୁହେଁ । କାଠ, ପଟା , ଜାଳେଣି, ଛାଇ , ଔଷଧ ସହିତ ଆମେ ପାଉ ନିର୍ମଳ ପରିବେଶ, ଗଛ ଯୋଗୁ ସୁନ୍ଦର ଦିଶେ ସବୁଜ ବନାନୀ, ଗଛ ପାଇଁ ଚାଲେ ଆମର ଶ୍ୱାସ ପ୍ରଶ୍ୱାସ। ବାୟୁ ବିଶୋଧନ ନିମନ୍ତେ ବୃକ୍ଷ ରାତିରେ ଅଙ୍ଗାରକାମ୍ଳ ଗ୍ରହଣ କରି ଦିନରେ ଅମ୍ଳଜାନ ପରିତ୍ୟାଗ କରେ। ଏହା ମଣିଷ ପାଇଁ ହିତକର। ଏଣୁ ବୃକ୍ଷ ହିଁ ମଣିଷର ପ୍ରକୃତ ବନ୍ଧୁ। ବୃକ୍ଷ ବ୍ୟତିରେକେ ଜୀବନ ଅସମ୍ଭବ।

ଲୋକମାନେ ଏହି କଥା ନ ବୁଝିପାରି ରହିବାପାଇଁ, ନିଜର ଜୀବିକା ନିର୍ବାହ ପାଇଁ ଅବାଧରେ ଗଛ କାଟି ଚାଲିଛନ୍ତି। ରହିବା ପାଇଁ ସ୍ଥାନ, ରାସ୍ତା ନିର୍ମାଣ, ବଡ଼ ବଡ଼ ଆପାର୍ଟମେଣ୍ଟ, କଳକାରଖାନା, ନୂତନ ସହର ଗଠନ, ନଦୀବନ୍ଧ ଯୋଜନା, କାଠ ବ୍ୟବସାୟୀ, ଆଦିବାସୀମାନେ ପୋଡୁଚାଷ ପାଇଁ ପ୍ରତ୍ୟେକ ବର୍ଷ ଜଙ୍ଗଲ ପଦା ହୋଇଯାଉଛି ଏବଂ ତା' ସ୍ଥାନରେ ନୂତନ ଗଛ ବା ଜଙ୍ଗଲ ସୃଷ୍ଟି ହୋଇପାରୁନି। ଫଳରେ ବନକ୍ଷୟ ଯୋଗୁ, ପ୍ରକୃତି ଓ ପରିବେଶ ପ୍ରତି ଭୟଙ୍କର ବିପଦ ମାଡ଼ିଆସୁଛି। ଗ୍ଲାସିଅର ତରଳୁଛି, ସମୁଦ୍ର ପତନ ବୃଦ୍ଧି, ମରୁଡ଼ି, ବାତ୍ୟା, ବନ୍ୟା, ମହାବାତ୍ୟା, ସୁନାମୀ,



ସାମୁଦ୍ରିକ ଝଡ଼ ଏବଂ ଏବେ ଜୋର ଧରିଛି ମହାମାରୀ କରୋନା। ପରିବେଶରେ ଅମ୍ଳଜାନର ଅଭାବ ପ୍ରଭୃତି ମନୁଷ୍ୟକୃତ ବିପଦମାନ ଦେଖାଗଲାଣି। ଜଙ୍ଗଲରେ ନିଆଁ ଲାଗିବା ଫଳରେ ଅରଣ୍ୟ ଜାତୀୟ ବୃକ୍ଷଲତା, ଗୁଳ୍ମ, ଲତା, ଔଷଧୀୟ ବୃକ୍ଷ ନଷ୍ଟ ହୋଇ ପରିବେଶର ତାପମାତ୍ରା ବୃଦ୍ଧି କରାଉଛି ଫଳରେ ଅଂଶୁଘାତ ଓ ଚର୍ମଜାତୀୟ ରୋଗର ଶିକାର ହେଉଛି ମଣିଷ। କେତେବେଳେ ବୃଷ୍ଟି ଅନୁପାତ ଅଧିକ ତ କେତେବେଳେ କମ୍ ହେଉଛି ଫଳରେ କୃଷିକ୍ଷେତ୍ର ପ୍ରଭାବିତ ହେଉଛି, ଜଳାଭାବ ଲାଗିରହୁଛି। ବିଭିନ୍ନ ପ୍ରକାର ବୈଜ୍ଞାନିକ ପରୀକ୍ଷଣ ଓ ଦେଶ ଦେଶ ଭିତରେ ଯୁଦ୍ଧ ଲାଗିବା ଫଳରେ ପରିବେଶ ଦୂଷିତ ହେଉଛି। କଳକାରଖାନା, ଗାଡ଼ି ମୋଟର, ମେଡିକାଲ ବର୍ଜ୍ୟବସ୍ତୁ ଦ୍ୱାରା ମଧ୍ୟ ପରିବେଶ ଦୂଷିତ ହେବାରେ ଲାଗିଛି। ଖାଲି ବୃକ୍ଷରୋପଣ କରି ଫଟୋ ଉଠାଇ ଗଣମାଧ୍ୟମରେ କି ରାଜନୈତିକ ମହଲରେ କାମ ଶେଷ କରିଦେଲେ କିଛି ଲାଭ ହେବନାହିଁ। ଏଥିପାଇଁ ନିଜ କର୍ତ୍ତବ୍ୟକୁ ଶ୍ରଦ୍ଧାର ସହିତ ପାଳନ କରିବା ଉଚିତ। ପୋତିଥିବା ଗଛର ରକ୍ଷଣାବେକ୍ଷଣ କରିବା ଦିଗରେ ଯତ୍ନଶୀଳ ହେବା ଦରକାର। ପ୍ରତ୍ୟେକେ ନିଜର ଜନ୍ମଦିନ, ବନ୍ଧୁତା ଦିବସରେ, ବିବାହ ଦିନ ବା ବିବାହ ବାର୍ଷିକୀରେ ଗଛଟିଏ ଲଗାନ୍ତୁ। ଏ ପ୍ରକୃତି, ଏ ପୃଥିବୀ ଆମକୁ କେତେକ'ଣ ଦେଇଛି ତା'ର ପଟାନ୍ତର ନାହିଁ। ବାସ୍ ଆମେ ଗଛଟିଏ ପୋତି ଶ୍ୟାମଳ, ସୁନ୍ଦର, ସତେଜ ପୃଥିବୀଟିଏ ଗଢ଼ିବାରେ କେବଳ କର୍ତ୍ତବ୍ୟଟିଏ ସମ୍ପାଦନ କରିବା ଉଚିତ। ନଚେତ ଏ ପୃଥିବୀ ଲୋପ ପାଇଗଲେ ଦିନେ ଜୀବଜଗତ ବି ଲୋପ ପାଇଯିବ ଏହା ଭାବିବା ଏବେଠାରୁ ଦରକାର। ପରିବେଶ ସୁନ୍ଦର ରହିଲେ ସୁସ୍ଥ ରହିବେ ଆଗାମୀ ପିଢ଼ି। ଶରୀର ସୁସ୍ଥ ରହିଲେ ଦେଶର ଉନ୍ନତି କରିପାରିବାରେ ସକ୍ଷମ ହେବେ। ସମାଜ ଅଧିକ ସମୃଦ୍ଧ ହୋଇପାରିବ।

ପ୍ରକୃତି ହେଉଛି ଶୋଭାର ଗନ୍ତାଘର। ନଦୀକୂଳରେ ବୃକ୍ଷରାଜି, ସବୁଜ ତରୁଲତା ଆଚ୍ଛାଦିତ ପର୍ବତ କନ୍ଦରରୁ ବହି ଆସିଥିବା ଝରଣା, ବୃକ୍ଷଗୁଡ଼ିକର ଶୀତଳ ଛାଇ, ପରାଗସଙ୍ଗମରେ ସହାୟକ ହେଉଥିବା ପଶୁ ପକ୍ଷୀ, ପ୍ରଭାତର ଶାନ୍ତ ପରିବେଶକୁ କୋଳାହଳମୟ କରି ରଖୁଥିବା ପଶୁ ପକ୍ଷୀ, ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ମାତୃଭୂମି, କାଠ, ଜାଳେଣି, ଘରର ସୌଖୀନ ଆସବାବପତ୍ର, ଔଷଧ ଓ ନାନା ଜାତିର ଫଳ ଫୁଲରେଭରା। ଅନେକ ରମଣୀୟ ସ୍ଥାନ ଗଢ଼ିଉଠିଛି ବୃକ୍ଷରାଜିର ପରିବେଷ୍ଟନୀରେ। ଆମ ମନୋରଞ୍ଜନର ଖୋରାକ ଯୋଗାଏ ପିକ୍‌ନିକ୍ ସ୍ଥଳୀ କେବଳ ପ୍ରକୃତି ଯୋଗୁ। ଆସନ୍ତୁ ସେହି ପରିବେଶକୁ ସ୍ୱଚ୍ଛ, ନିର୍ମଳ, ପ୍ରଦୂଷଣମୁକ୍ତ କରିବା ବୃକ୍ଷଟିଏ ରୋପଣ କରି।

ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

## ଏଇ ଭାରତରେ

ବର୍ତ୍ତମାନ ଶ୍ରବଣ କୁମାରଙ୍କ ଭଳି ମାତାପିତାଙ୍କୁ ଭକ୍ତି ପ୍ରଦର୍ଶନ କଥା ଭାବିଲେ ଅସମ୍ଭବ ମନେହୁଏ। କିନ୍ତୁ ଏଭଳି ଭକ୍ତି ପ୍ରଦର୍ଶନ କରି ଉଦାହରଣ ସାଜିଛନ୍ତି ଉତ୍ତରପ୍ରଦେଶ ବୁଲନ୍ଦସହରର ସିକନ୍ଦରାବାଦ ଅଞ୍ଚଳର ଚାରି ପୁଅ ଓମକାର, ସନି, ନୀରଜ ଓ ହେମନ୍ତ। ଏମାନେ କାଉଡି ଭାରରେ ଗଙ୍ଗାଜଳ ସହିତ ଜନ୍ମଦାତ୍ରୀ ମା'ଙ୍କୁ ତୀର୍ଥ କରାଇବା ପାଇଁ ନେଉଛନ୍ତି। ଏମାନେ ଶ୍ରାବଣ ସୋମବାରରେ ହରିଦ୍ୱାରରୁ ଗଙ୍ଗାଜଳ ନେଇ ମହାଦେବଙ୍କୁ ଲାଗି କରାଇବାକୁ ଯାଉଛନ୍ତି। କାଉଡି ଭାରରେ ଗୋଟିଏ ପଟେ ଗଙ୍ଗାଜଳ ଓ ଅନ୍ୟପଟେ ମା'ଙ୍କୁ ବସାଇଛନ୍ତି। ମା' ପ୍ରତି ସେମାନଙ୍କର ଭଲପାଇବା ହିଁ ସେମାନଙ୍କୁ ଏଭଳି ଏକ ପଦକ୍ଷେପ ନେବାପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି ସେମାନେ କହିଛନ୍ତି। ମା'ର ଖୁସି ପାଇଁ ସେମାନେ ସବୁକିଛି କରିପାରିବେ ଓ ଜନ୍ମ ଜନ୍ମ ପାଇଁ ଏଇ ମା' କୋଳରେ ଜନ୍ମ ନେବାକୁ ଠାକୁରଙ୍କୁ ପ୍ରାର୍ଥନା ବି କରୁଛନ୍ତି। ସେଇ ମା'ର ଇଚ୍ଛା ଅନୁସାରେ ମନ୍ଦିରରେ ପହଞ୍ଚି ସମସ୍ତେ ଏକାଠି ହୋଇ ମହାଦେବଙ୍କ ପାଖରେ ଜଳଲାଗି କରିବେ। ଅନ୍ୟ ସମସ୍ତ କାଉଡିଆଙ୍କ ସହିତ ସେମାନଙ୍କର ଏହି ଯାତ୍ରା ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଜୁଲାଇ ୧୯୭୬

- ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ଥିବା ବକ୍‌ସାଇଟ୍ ଖଣିଗୁଡ଼ିକର ଲିଜ୍ ନେବା ପାଇଁ କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ଚନ୍ଦ୍ରଜିତ ଯାଦବ ସରକାରୀ ଉଦ୍ୟୋଗରେ ପରିଚାଳିତ ଭାରତୀୟ ଆଲୁମିନିୟମ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି।
- ଗୋଷ୍ଠୀ ନିରପେକ୍ଷ ମିଳିତ ସମ୍ବାଦ ସଂସ୍ଥା ଗଠନ ପାଇଁ ଭାରତର ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ।

## ଚିରନ୍ତନୀ

ଛୋଟ ଛୋଟ ଦିଓଟି ସେ ଛଳ ଛଳ ଆଖି
ଏ ଗଗନେ ଏ ପବନେ ଯାଇଛି ସେ ଲାଖି
ଦରୋଟି ଦୁଇଟି କଥା
ଏ ଭୁବନେ ଦିଏ ବ୍ୟଥା,
ଅତି କ୍ଷୁଦ୍ର ଦନ୍ତପୁଟେ ହାସ ରଖେ ଜାକି ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | 4 | | | |
| | 4 | | | | 1 | 8 | | 9 |
| | | | | 8 | | | | 2 |
| | | | 2 | | | | 5 | 8 |
| | | 1 | | | | | 7 | 3 |
| | | | | 4 | 3 | | | 1 |
| | 2 | | | | | | 6 | |
| | | 9 | 1 | | | | | |
| 7 | 1 | | 8 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 9 | 8 | 6 | 5 | 2 | 1 | 4 |
| 1 | 8 | 4 | 2 | 3 | 7 | 6 | 5 | 9 |
| 5 | 6 | 2 | 1 | 9 | 4 | 7 | 3 | 8 |
| 9 | 1 | 6 | 3 | 7 | 8 | 5 | 4 | 2 |
| 8 | 4 | 7 | 5 | 2 | 1 | 9 | 6 | 3 |
| 2 | 5 | 3 | 9 | 4 | 6 | 8 | 7 | 1 |
| 7 | 2 | 1 | 6 | 8 | 3 | 4 | 9 | 5 |
| 6 | 9 | 5 | 4 | 1 | 2 | 3 | 8 | 7 |
| 4 | 3 | 8 | 7 | 5 | 9 | 1 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଘଟଣକୁ ରୋକାଯାଉ

ମହାଶୟ,

କୋଟି ଓଡ଼ିଆର ପ୍ରାଣବିନ୍ଦୁ, ଅସ୍ମିତା ଓ ଅସ୍ତିତ୍ୱର ରକ୍ଷାକର୍ତ୍ତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାର୍ଷିକ ରଥୋତ୍ସବ ବିଶ୍ୱବିଦିତ। ଜଗନ୍ନାଥ ପ୍ରେମରେ ଉଦ୍‌ବୁଦ୍ଧ ଭକ୍ତମାନଙ୍କ ବିରଳ ସମାଗମ ଆଉ କେଉଁଠି ଦୃଶ୍ୟମାନ ହୁଏ ନାହିଁ। ବିଶ୍ୱବନ୍ଦିତ ଶ୍ରୀଜଗନ୍ନାଥଙ୍କ ସାନିଧ୍ୟ ଲାଭ କରିବାର ବ୍ୟାକୁଳତା ଶ୍ରଦ୍ଧାଳୁଙ୍କୁ ଏଠାକୁ ଆକର୍ଷିତ କରିଥାଏ। ଶ୍ରୀଜୀଉଙ୍କ ମାନବୀୟ ଲୀଳା ସନ୍ଦର୍ଶନରେ ଆମୋଦିତ ହୁଅନ୍ତି ଭକ୍ତିପ୍ରାଣ ଶ୍ରଦ୍ଧାଳୁ। ବିଡ଼ମ୍ବନା ଯେ, ଆଡ଼ପ ବିଜେ ସମୟରେ ଯେଉଁ ଅଘଟଣ ଘଟିଗଲା, ତାହା ପ୍ରଶାସନିକ ପରିଚାଳନା ପ୍ରତି ପ୍ରଶ୍ନ ଠିଆ କରାଇଛି। ଆଉ କେତେ ଅଘଟଣ ଘଟିଲେ ପ୍ରଶାସନ ସଚେତନ ହବ ? ସ୍ୱେଚ୍ଛାସେବୀ, ପୋଲିସ, ସୁରକ୍ଷାକର୍ମୀଙ୍କ ନିୟୋଜନ କ'ଣ ଧର୍ମକୁ ଆଖିଠାର ? ଅବ୍ୟବସ୍ଥା ପାଇଁ ଦାୟୀ ପ୍ରଶାସନିକ ଅଧିକାରୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ସମୟ ଉପସ୍ଥିତ। ସରକାର ନିଜ ତରଫରୁ ଆଡ଼ପ ବିଜେ ଅଘଟଣ ପାଇଁ କ୍ଷମା ପ୍ରାର୍ଥନା କରିବା ମାନବିକ ଭାବ ସମ୍ବେଦନାର ବଳିଷ୍ଠ ଉଦାହରଣ। ମାତ୍ର ଏତିକିରେ ସୀମିତ ନ ରହି ଘଟଣାର ପୁନରାବୃତ୍ତିକୁ ରୋକିବାକୁ ସରକାର ନିର୍ଣ୍ଣାୟକ ପଦକ୍ଷେପ ନେବା ଜରୁରୀ।

**-ଦୁଃଶାସନ ବିଶ୍ୱାଳ, କାଜିପୁର, ନିମାପଡ଼ା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## କାଉଡ଼ିଆଙ୍କ ପାଇଁ ମହାବିନାୟକ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି

ଚଣ୍ଡିଖୋଲ, ୧୩।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲାର ପ୍ରସିଦ୍ଧ ଶୈବପୀଠ ମହାବିନାୟକ ମନ୍ଦିରରେ ପ୍ରତ୍ୟେକ ବର୍ଷ ଶ୍ରାବଣ ମାସ ସୋମବାର କାଉଡ଼ିଆମାନେ ଜଳଲାଗି କରିବା ପାଇଁ ଆସିଥାନ୍ତି। ଚଳିତ ବର୍ଷ ବହୁ ସଂଖ୍ୟାରେ ଭକ୍ତ ଆସିବାକୁ ଥିବାରୁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମନ୍ଦିର ଚତୃପାର୍ଶ୍ୱକୁ ସଫେଇ କରାଯିବା ସହ ଭକ୍ତଙ୍କ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ମନ୍ଦିର ଟ୍ରଷ୍ଟିର ସଭାପତି ଧନେଶ୍ୱର ସାମଲ କହିଛନ୍ତି, କାଉଡ଼ିଆମାନେ କିଭଳି ସୁବିଧାରେ ଜଳ ଲାଗି କରିବେ ସେଥିପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି। ସେମାନଙ୍କ ବିଶ୍ରାମ ନେବା, ପାଣି ପିଇବା ପ୍ରତି ନଜର ଦିଆଯାଇଛି। ବଡ଼ଚଣା ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ବନ୍ଦୋବସ୍ତ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଦର୍ପଣ ତହସିଲଦାର ମଧ୍ୟ ଆସି ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ୧୪ ତାରିଖ ମାସର ପ୍ରଥମ ସୋମବାର ହୋଇଥିବାରୁ ଟିକେ କମ କାଉଡ଼ିଆ ଆସିପାରନ୍ତି। ଏହାପରେ ପ୍ରତ୍ୟେକ ସୋମବାର କାଉଡ଼ିଆଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଧନେଶ୍ୱର ପ୍ରକାଶ କରିଛନ୍ତି।

# ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା

### ଯାଜପୁରରେ ଅତ୍ୟାଧୁନିକ ଆଇଟି ଲାବ୍ ସ୍ଥାପନ ପ୍ରସଙ୍ଗ

ଯାଜପୁର, ୧୩।୭(ହର୍ଷବର୍ଦ୍ଧନ ବେହେରା)

ଆଇଟି ଲାବ୍ ସ୍ଥାପନ କ୍ଷେତ୍ରରେ ଯାଜପୁର ଜିଲାର କେତେକ ଡିଗ୍ରୀ କଲେଜର କର୍ତ୍ତୃପକ୍ଷ ମନମାନି କରୁଥିବା ଅଭିଯୋଗ ହୋଇଛି। କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ନ ମାନି ନିଜ ଇଚ୍ଛା ମୁତାବକ ଟେଣ୍ଡର ଆହ୍ୱାନ କରାଯାଉଥିବା ଦେଖିବାକୁ ମିଳିଛି। ଏପରିକି ଉପଜିଲାପାଳଙ୍କ ପରାମର୍ଶ ଅନୁସାରେ ଡିଷ୍ଟ୍ରିକ୍ଟ ଇ-ଗଭର୍ନାନ୍ସ ମ୍ୟାନେଜରଙ୍କ ପରାମର୍ଶ ନିଆଯାଉ ନାହିଁ।

ଧରିତ୍ରୀରେ ୪।୫।୨୦୨୫ରେ 'ଆଇଟି ଲାବ୍ ସାମଗ୍ରୀ କିଣାରେ ଟେଣ୍ଡର ଫିକ୍ସିଂ' ଶୀର୍ଷକ ଏକ ତଥ୍ୟ ସମ୍ବଳିତ ଖବର ପ୍ରକାଶ ପାଇଥିଲା। ଏହାପରେ ଯାଜପୁର ଉପଜିଲାପାଳ କଡ଼ା ଆଭିମୁଖ୍ୟ ପୋଷଣ କରିଥିଲେ। ଉପଜିଲାପାଳ ତାଙ୍କ ପତ୍ରସଂଖ୍ୟା ୮୩୯୦/୨୧।୫।୨୦୨୫ରେ ସମସ୍ତ କଲେଜର ଅଧକ୍ଷଙ୍କୁ ଅତ୍ୟାଧୁନିକ ଆଇଟି ଲାବ୍ ସ୍ଥାପନ ପାଇଁ ଯେଉଁ ସବୁ ସାମଗ୍ରୀ କ୍ରୟ କରାଯିବ ସେଥିପାଇଁ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ଅନୁସାରେ ଏବଂ ଜିଲା ଇ-ଗଭର୍ନାନ୍ସ ମ୍ୟାନେଜରଙ୍କ ପରାମର୍ଶ ନେଇ ଟେଣ୍ଡର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ଉକ୍ତ ନିର୍ଦ୍ଦେଶକୁ ଅନୁପାଳନ କରି ଇତିମଧ୍ୟରେ ଜିଲାର ପ୍ରାୟ ୨୫ଟି କଲେଜର ଅଧକ୍ଷ ଟେଣ୍ଡର ଆହ୍ୱାନ କରିବା ସହ ଆଇଟି ଲାବ୍ ସାମଗ୍ରୀ କ୍ରୟ କରି ସାରିଲେଣି। ମାତ୍ର ଆଉ କେତେକ କଲେଜର ଅଧକ୍ଷ ଏଯାଏ ଟେଣ୍ଡର ଆହ୍ୱାନ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି। ଫଳରେ ସମ୍ପୃକ୍ତ କଲେଜର ଛାତ୍ରୀଛାତ୍ରମାନେ କମ୍ପ୍ୟୁଟର ଶିକ୍ଷା ପାଇବାରୁ ବଞ୍ଚିତ ରହିଛନ୍ତି। ଅନ୍ୟପକ୍ଷେ ବରୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁରସ୍ଥିତ ଗୋପବନ୍ଧୁ ଚୌଧୁରୀ କଲେଜର ଅଧକ୍ଷ ଗତ ୮ ତାରିଖରେ ନିର୍ଦ୍ଦିଷ୍ଟ ଏକ ଖବରକାଗଜରେ ବିଜ୍ଞପ୍ତି ଦେଇ ଯେଉଁ ଟେଣ୍ଡର ଆହ୍ୱାନ କରିଛନ୍ତି, ସେଥିରେ ଉପଜିଲାପାଳଙ୍କ ଉପରୋକ୍ତ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। କମ୍ପ୍ୟୁଟର୍, ପ୍ରିଣ୍ଟର୍, ୟୁପିଏସ୍, ୱେବ କ୍ୟାମେରା ଓ ୬୫ଇଞ୍ଚର ଏଲଇଡି ଟିଭି କ୍ରୟ ସହିତ ଇଣ୍ଟରନେଟ ସଂଯୋଗ ନିମନ୍ତେ ବିଡ୍ ଆହ୍ୱାନ କରାଯାଇଥିଲେ ମଧ୍ୟ ନିୟମ ଅନୁସାରେ ବିଜ୍ଞପ୍ତିରେ ଏସବୁ ସାମଗ୍ରୀର ପୂର୍ଣ୍ଣାଙ୍ଗ ସ୍ପେସିଫିକେଶନ ଉଲ୍ଲେଖ କରାଯାଇ ନାହିଁ, ଯାହାକି ଓଜିଏଫ୍‌ଆର୍ ନିୟମର ଧାରା ୨୩କୁ ଉଲ୍ଲଂଘନ କରୁଛି। ନିର୍ଦ୍ଦିଷ୍ଟ ଯୋଗାଣକାରୀ ସଂସ୍ଥାଠାରୁ ନିମ୍ନମାନର ସାମଗ୍ରୀକୁ ଚଢ଼ା ଦରରେ କ୍ରୟ କରି ମୁନାଫା ହାସଲ କରିବାକୁ ଯୋଜନା ହେଉଥିବା ଆଶଙ୍କା ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ ଯେ ଗତ ମାର୍ଚ୍ଚ ୫ରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ପତ୍ର ସଂଖ୍ୟା-୧୨୬୫୫ ଦ୍ୱାରା ଯାଜପୁର ଜିଲାର ୪୪ଟି କଲେଜରେ ଅତ୍ୟାଧୁନିକ ଆଇଟି ଲାବ୍ ସ୍ଥାପନ ଉଦ୍ଦେଶ୍ୟରେ ବଡ଼ କଲେଜକୁ ୮.୧୧ ଲକ୍ଷ ଏବଂ କ୍ଷୁଦ୍ର କଲେଜକୁ ୪.୯୩ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ବିଭାଗ ପକ୍ଷରୁ ପ୍ରଦତ୍ତ ଚିଠି ଅନୁସାରେ ପ୍ରତ୍ୟେକ କଲେଜର କମ୍ପ୍ୟୁଟର୍, ପ୍ରିଣ୍ଟର୍, ୟୁପିଏସ୍, ୱେବ କ୍ୟାମେରା ଓ ୬୫ଇଞ୍ଚର ଏଲଇଡି ଟିଭି କ୍ରୟ ସହ ସେଠାରେ ଇଣ୍ଟରନେଟ୍ ସଂଯୋଗ ନିମନ୍ତେ ଏସବୁ ସାମଗ୍ରୀର ପୂର୍ଣ୍ଣାଙ୍ଗ ସ୍ପେସିଫିକେଶନ ଏବଂ ଟେଣ୍ଡର ପାଇଁ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରି ସମସ୍ତ କଲେଜର ଅଧକ୍ଷମାନଙ୍କୁ ଅବଗତ କରାଯାଇଥିଲା । ତେବେ ବିଗତ ସରକାର ଅମଳରେ ରାଜ୍ୟର କିଛି କଲେଜରେ ଲାବ୍ ପାଇଁ ଏହିସବୁ ସାମଗ୍ରୀ କ୍ରୟ କରିବାରେ ଆହୂତ ଟେଣ୍ଡରରେ ଅନିୟମିତତା ଅଭିଯୋଗ ଆସିଥିବା କାରଣରୁ ନୂଆ ସରକାର କ୍ରୟ ହେବାକୁ ଥିବା ସାମଗ୍ରୀର ପୂର୍ଣ୍ଣାଙ୍ଗ ସ୍ପେସିଫିକେଶନ ସହ ଟେଣ୍ଡରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଯାଇ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରି ଦିଆଯାଇଥିଲା। ମାତ୍ର ତାହାକୁ ଅନେକ କଲେଜର ଅଧକ୍ଷ ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଉପଜିଲାପାଳ ତାପସ କୁମାର ଦେହୁରିଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।



## ବାବା ବିଶ୍ୱନାଥ ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଯାଜପୁରରୋଡ୍, ୧୩।୭ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌରପରିଷଦର ୧୬ନଂ. ୱାର୍ଡ ଅନ୍ତର୍ଗତ ଉମାପଦା ହାଉସିଂବୋର୍ଡ କଲୋନୀଠାରେ ଥିବା ବାବା ବିଶ୍ୱନାଥ ମହାଦେବ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତାପ ନାୟକ ଓ ତାଙ୍କ ସ୍ତ୍ରୀ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ରଞ୍ଜିତ ପଣ୍ଡା, ଅମିତ ଦାଶ, କାଳିନ୍ଦୀ ଚରଣ ଦାଶ ଓ ବଳରାମ ଦାଶ ପ୍ରମୁଖ ଯଜ୍ଞକାର୍ଯ୍ୟ ତୁଲାଇଥିଲେ। ବୈଦିକ ମତେ ଠାକୁରଙ୍କ ନିତିକାନ୍ତି, ମନ୍ତ୍ରପାଠ, ଯଜ୍ଞ, ପୂଜାପାଠ କାର୍ଯ୍ୟ ସମାପନ ହୋଇଥିଲା। ଏହି ଅବସରରେ ନାମ ସଂକୀର୍ତ୍ତନ ଓ ଭକ୍ତି କୈବଲ୍ୟ ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ମୁଖ୍ୟ ଉପଦେଷ୍ଟା ବିନୋଦ ବିହାରୀ ବେହେରା, ସଭାପତି କୁଳମଣି ଧଳ, ସରୋଜ ବିଶ୍ୱାଳ, ସନ୍ତୋଷ କୁମାର ଧଳ, ହରିହର କରଣ, ତାରାକାନ୍ତ ପୁହାଣ, ସମୀର ପତିଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ, ଅଜୟ କୁମାର ନାୟକ, ରବୀନ୍ଦ୍ର କୁମାର ନାୟକ ଓ ୱାର୍ଡ କାଉନସିଲର ଶିବାନନ୍ଦ ନାୟକଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇ କମିଟି ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ଭକ୍ତଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।


ମନ୍ଦିର ପ୍ରତିଷ୍ଠା ପାଇଁ ପୂଜାର୍ଚ୍ଚନା କରାଯାଉଛି।

## ସୂର୍ଯ୍ୟାସ୍ତ୍ର ପକ୍ଷରୁ ରାଜକିଶୋର ପାଢ଼ୀ ସମ୍ବର୍ଦ୍ଧିତ


ସାହିତ୍ୟିକ ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧର୍ମଶାଳା, ୧୩।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳାର ମାସିକ ସାହିତ୍ୟ ପତ୍ରିକା ସୂର୍ଯ୍ୟାସ୍ତ୍ର ପକ୍ଷରୁ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀଙ୍କୁ ରବିବାର ଅପରାହ୍ଣରେ ସମ୍ବର୍ଦ୍ଧିତ କରାଯାଇଛି। ଧର୍ମଶାଳା କ୍ଲବ ସଭାଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଅଧକ୍ଷ ତଥା କବି ଗୌତମ ଜେନା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଭାସ ଆଚାର୍ଯ୍ୟ, ଅତିଥିଭାବେ କବି ବ୍ରହ୍ମାନନ୍ଦ ବିଶ୍ୱାଳ, ସାମାଜିକ କର୍ମୀ ମିନତି ସାହୁ ଓ ରବୀନ୍ଦ୍ର ବିହାରୀ ପ୍ରମୁଖ ଯୋଗଦେଇ ପାଢ଼ୀଙ୍କ ସାହିତ୍ୟ କୃତୀ ଓ ଶିକ୍ଷକତା ଜୀବନୀ ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ପାଢ଼ୀଙ୍କୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂର୍ଯ୍ୟାସ୍ତ୍ରର ସମ୍ପାଦକ ବିବେକାନନ୍ଦ ରାୟ ସୂଚନା ପ୍ରଦାନ କରିଥିବାବେଳେ ଖବରଦାତା ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

# ଯାଜପୁର ରୋଡ୍-ଧାମରା ରେଳ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପ୍ରଦାନ ଦାବି


ଖବରଦାତା ସମ୍ମିଳନୀରେ ଯାଜପୁର ସଂସ୍କୃତି ଓ ବିକାଶ ପରିଷଦର କର୍ମକର୍ତ୍ତା।

ଭୁବନେଶ୍ୱର, ୧୩।୭ (ସୌମ୍ୟରଞ୍ଜନ ରାଉତ):

ପ୍ରସ୍ତାବିତ ଯାଜପୁର କେନ୍ଦୁଝର ରୋଡ଼-ଧାମରା ନୂତନ ରେଳ ପ୍ରକଳ୍ପ(୧୦୧.୨୬ କି.ମି.)କୁ ରେଳ ବୋର୍ଡ଼ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏହାପରେ 'ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ' ଅଧୀନସ୍ଥ 'ନେଟ୍‌ୱର୍କ ପ୍ଲାନିଂ ଗ୍ରୁପ୍' ଦ୍ୱାରା ଏହାର ଯାଞ୍ଚ ସରିଛି। ମାତ୍ର ଏନ୍‌ପିଜିର ଆଭିମୁଖ୍ୟ ଏହି ପ୍ରକଳ୍ପର ଚୂଡ଼ାନ୍ତ ଅନୁମୋଦନ କ୍ଷେତ୍ରରେ ଅନ୍ତରାୟ ହୋଇ ଉଭା ହୋଇଛି। ତେଣୁ ଏହି ଘଟଣାରେ କେନ୍ଦ୍ର ସରକାର, ରେଳମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏନେଇ ଶନିବାର ବୁଦ୍ଧମନ୍ଦିରଠାରେ ଖବରଦାତା ସମ୍ମିଳନୀର ଆୟୋଜନ ହୋଇଥିଲା। ୨୦୨୪-୨୫ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଏହି ରେଳପଥ ପାଇଁ ବ୍ୟୟବରାଦ କରାଯିବ ବୋଲି ପୂର୍ବରୁ ରେଳମନ୍ତ୍ରୀ ଗଣମାଧ୍ୟମରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାବତ୍ ଏନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଯଥାଶୀଘ୍ର ତାହାକୁ ପାଳନ କରିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏହି ରେଳପଥ ନିର୍ମାଣ ହେଲେ ଯାଜପୁର ଜିଲାର ସଦର ମହକୁମା ଓ ଯାଜପୁର ସହ ରେଳ ସଂଯୋଗ ପ୍ରତିଷ୍ଠା ହୋଇପାରିବ। ଯାଜପୁରର ବିରଜାକ୍ଷେତ୍ର, ଆଖଣ୍ଡଳମଣି ଶୈବପୀଠ, ଧାମରାର ଧାମରାଇ ମନ୍ଦିର, ଯାଜପୁର ରୋଡ୍‌ର ବ୍ୟାସ ସରୋବର ଏବଂ ଭିତରକନିକାର ଅଭୟାରଣ୍ୟକୁ ନେଇ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ। ସେହିପରି ରେଳପଥ ନିର୍ମାଣ ହେଲେ ବୈତରଣୀ, ଖରସ୍ରୋତା ଓ ସାଳନ୍ଦୀ ଅବବାହିକା ଅଞ୍ଚଳରୁ ଉତ୍ପାଦିତ କୃଷିଜାତ ଦ୍ରବ୍ୟ ସମେତ ନଦୀ ତଥା ସମୁଦ୍ରର ମତ୍ସ୍ୟସମ୍ପଦ ପରିବହନ ସୁବିଧାଜନକ ହେବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପରିଷଦର ସଭାପତି ନଟବର ମହାନ୍ତି, ସମ୍ପାଦକ ନୀଳମଣି କର, ସମାଜିକ କର୍ମୀ ସନ୍ତୋଷ କୁମାର ଦାସ, ପ୍ରଶାସକ ପ୍ରଦୀପ ବିଶ୍ୱାଳ, ମହେନ୍ଦ୍ର କୁମାର ମଲ୍ଲିକ, ଶିକ୍ଷାବିତ୍ ନରେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାରେ ଯୋଗଦେଲେ ଅରଙ୍ଗାବାଦ ସରପଞ୍ଚ

### ଶନିବାର ବିଜେଡିରୁ ବହିଷ୍କୃତ ହୋଇଥିଲେ

ବରୀ, ୧୩।୭(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଭାଜପା ପକ୍ଷରୁ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅରଙ୍ଗାବାଦ ପଞ୍ଚାୟତର ସରପଞ୍ଚ ନିରୂପମା ମଲ୍ଲିକ ଭାଜପାରେ ଯୋଗ ଦେଇଛନ୍ତି। ସେ ଦଳ ବିରୋଧୀ କାର୍ଯ୍ୟ ପାଇଁ ଶନିବାର ବିଜେଡିରୁ ବହିଷ୍କୃତ ହୋଇଥିଲେ। ସେହିପରି ଅରଙ୍ଗାବାଦ ପଞ୍ଚାୟତର ଅର୍ଜୁନି ମଲ୍ଲିକ, ସର୍ବେଶ୍ୱର ମଲ୍ଲିକ, ଦେବେନ୍ଦ୍ର ମଲ୍ଲିକ, କୁନା ମଲ୍ଲିକ, ବିନୋଦ ମଲ୍ଲିକ, ବାଲିବିଲ ପଞ୍ଚାୟତର ଶରତ ମଲ୍ଲିକ, ଡାଙ୍ଗୁ ମଲ୍ଲିକ, ଗଗନ ମଲ୍ଲିକ, ଅଲିପୁର ପଞ୍ଚାୟତର କିଶୋର ସେଠୀ, ଚନ୍ଦ୍ରଶେଖର ସାମଲ ଓ ସୁବ୍ରତ ବେହେରାଙ୍କ ସମେତ ଶତାଧିକ କର୍ମୀ ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି।

ଅରଙ୍ଗାବାଦ ପଞ୍ଚାୟତର ରଜାପୁରସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଭାଜପା ନେତା ଉମେଶ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରବୀନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ଭାଜପା ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ କିଭଳି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ କ୍ଷେତ୍ରରେ ଲୋକ ପ୍ରତିନିଧି ଓ ଭାଜପାର କର୍ମକର୍ତ୍ତା ଉଦ୍ୟମ କରିବାକୁ ଉମେଶ ମତ ରଖିଥିଲେ। ଏହି ମିଶ୍ରଣ ପର୍ବରେ ଜିଲା ଭାଜପାର ଓବିସି ମୋର୍ଚ୍ଚା ଉପସଭାପତି ଆଶୁତୋଷ ପରିଡ଼ା, ରମ୍ଭା ସରପଞ୍ଚ ମାନସ ଜେନା, ସରପଞ୍ଚ ଧୀରେନ୍ଦ୍ର ନାଥ ଜେନା, ପ୍ରାକ୍ତନ ସରପଞ୍ଚ ସନ୍ତୋଷ ନାୟକ, ଆର୍ତ୍ତବନ୍ଧୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସଭ୍ୟା ସୁଧାଂଶୁବାଳା ସାମଲ, କାବେରୀ ମାଝୀ, ଅଜିତ କୁମାର ଜେନା, ନିର୍ମଳ କୁମାର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ।


ଭାଜପାରେ ଯୋଗଦେଇଥିବା ସରପଞ୍ଚଙ୍କୁ ସ୍ୱାଗତ କରାଯାଉଛି।

## ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଷଣ୍ଢର ମୃତ୍ୟୁ

କଳିଙ୍ଗନଗର, ୧୩।୭ (ଶୁଭାଶିଷ ରାଉତ):

ଦାନଗଦି ସରକାରୀ ଡାକ୍ତରଖାନା ସମ୍ମୁଖ ରାସ୍ତା କଡ଼ରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ରବିବାର ଅପରାହ୍ଣରେ ଏକ ଷଣ୍ଢର ମୃତ୍ୟୁ ହୋଇଛି। ବଜାର ଉପରେ ଥିବା ଏହି ଟ୍ରାନ୍ସଫର୍ମରଟି ଦୀର୍ଘବର୍ଷ ହେବ ବସିଥିଲେ ମଧ୍ୟ ଏହାର ଚତୁପାର୍ଶ୍ୱରେ ପାଚେରି କରାଯାଇନାହିଁ। ସନ୍ଧ୍ୟାରେ ଷଣ୍ଢଟି ଘାସ ଚରୁଥିବାବେଳେ ହଠାତ ଟ୍ରାନ୍ସଫର୍ମର ବସିଥିବା ସ୍ଥାନକୁ ଚାଲିଯାଇଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛଟପଟ ହୋଇ ମୃତ୍ୟୁବରଣ କରିଥିଲା। ଖବର ପାଇ ଦାନଗଦି ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ଷଣ୍ଢକୁ ନେଇ ନିକଟସ୍ଥ ଜଙ୍ଗଲ ମଧ୍ୟରେ ପକାଇ ଦେଇଛନ୍ତି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଷଣ୍ଢର ଜୀବନ ଗଲା ବୋଲି ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଖୋଲା ସ୍ଥାନକୁ ପାଚେରି ଘେରାଇବାକୁ ଲୋକେ ଦାବି କରିଛନ୍ତି।

## ଜିଲା ଲେଖିକା ସଂସଦ ପକ୍ଷରୁ ଚାରାରୋପଣ


ଜିଲା ଲେଖିକା ସଂସଦ କର୍ମକର୍ତ୍ତା ଚାରାରୋପଣ କରୁଛନ୍ତି।

ଯାଜପୁରରୋଡ୍, ୧୩।୭ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା ଲେଖିକା ସଂସଦ ତରଫରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ରମ୍ଭାସ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଗୁଆନ, ବଉଳ, ଆମ୍ବ, ନଡ଼ିଆ ଆଦି ଚାରା ରୋପଣ କରାଯାଇଛି। ସଂସଦ ସଭାନେତ୍ରୀ ହିରଣ୍ୟମୟୀ ମହାନ୍ତି, ସମ୍ପାଦିକା ବ୍ରଜେଶ୍ୱରୀ ସିଂ, ପ୍ରମୋଦିନୀ ଦାସ, ରାଜଶ୍ରୀ ପରିଡ଼ା, ମଞ୍ଜୁଲତା ନାୟକ, ମଧୁସ୍ମିତା ନାୟକ, ଜହ୍ନନା ପଣ୍ଡା, ଜୟଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ବନ୍ୟା ପାଣିରେ ବୁଡ଼ିରହିଛି ଧାନ ଫସଲ


ଚଣ୍ଡିଖୋଲ, ୧୩।୭ (ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଦେଇ ପ୍ରବାହିତ ବିରୂପା, ଗେଙ୍ଗୁଟି ଓ କେଲୁଅ ନଦୀରେ ଗତ ୮ ତାରିଖରେ ପ୍ରଥମ ବନ୍ୟା ଜଳ ପ୍ରବେଶ କରିଛି। ଫଳରେ ବ୍ଲକର ମଝିପଡ଼ା ପଞ୍ଚାୟତ ଅଧୀନ କିଛି ଗ୍ରାମର ଶତାଧିକ ଏକର ଧାନ ଫସଲ ବନ୍ୟା ପାଣିରେ ବୁଡ଼ିରହିଛି। ଏହା ମଧ୍ୟରେ ୬ ଦିନ ବିତି ଯାଇଥିଲେ ସୁଦ୍ଧା ନଦୀର ଜଳସ୍ତର ହ୍ରାସ ପାଉନାହିଁ। ଧାନ ଫସଲରେ ପାଣି ପଶିଥିବାରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ବିରୂପା ଓ ଗେଙ୍ଗୁଟି ମହାନଦୀର ଶାଖା ହୋଇଥିବାବେଳେ କେଲୁଅ ବ୍ରାହ୍ମଣୀର ଶାଖା ନଦୀ। ଏହି ୩ ନଦୀ ମଧ୍ୟରୁ ଗେଙ୍ଗୁଟି ଓ କେଲୁଅ ନଦୀର ମିଳନ ସାଉଡିଆ ନିକଟରେ ହୋଇଥିବାବେଳେ ଏହାର ୧ କିମି ଦୂରରେ ବିରୂପାର ମିଳନ ହୋଇଛି। ଯେଉଁଥି ପାଇଁ ଉଭୟ ନଦୀରେ ବନ୍ୟା ଆସିଲେ ତାହା ବଡ଼ଚଣା ବ୍ଲକ ଅଞ୍ଚଳକୁ ପ୍ରଭାବିତ କରୁଛି। ସେଥିପାଇଁ ମଝିପଡ଼ା, ଚଣ୍ଡିଆ, ଗୋପାଳପୁର, ବନମାଳିପୁର ଓ ତେଲିପାଳ ପାଟରେ ଥିବା ଚାଷ ଜମି ପାଣିରେ ବୁଡ଼ି ରହିଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଏଥିପ୍ରତି ନଜର ରଖାଯାଇଛି। ସ୍ଲୁଇସ ଗେଟ ଗୁଡିକ ବନ୍ଦ ରଖାଯାଇଛି। ନଦୀ ଜଳସ୍ତର ହ୍ରାସ ପାଇଲେ ସ୍ଲୁଇସ ଗେଟଗୁଡ଼ିକ ଖୋଲାଯିବ ବୋଲି ସୂଚନା ମିଳିଛି।


ଚଣ୍ଡିଆପାଟରେ ବନ୍ୟାପାଣି ପଶି ରହିଛି।

# କେନ୍ଦ୍ରାପଡ଼ାରେ ପ୍ରାଣୀଧନ, ମତ୍ସ୍ୟ ସମ୍ପଦ ମହାବିଦ୍ୟାଳୟ ଖୋଲୁ




କେନ୍ଦ୍ରାପଡ଼ା, ୧୩।୭ (ଜଗନ୍ନାଥ ଧଳ)

ଦକ୍ଷିଣ ଓଡ଼ିଶାରେ ରାଜ୍ୟ ସରକାରଙ୍କ ୩ଟି ପ୍ରାଣୀଧନ ଓ ମତ୍ସ୍ୟ ସମ୍ପଦ ମହାବିଦ୍ୟାଳୟ ଖୋଲିବା ପ୍ରସ୍ତାବ ଅଛି। ଉପଯୁକ୍ତ ଭିତ୍ତିଭୂମି ଓ ଆବଶ୍ୟକତା ଦୃଷ୍ଟିରୁ ଉପକୂଳ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲାରେ ଏହି ମହାବିଦ୍ୟାଳୟ ଖୋଲିବାକୁ ସ୍ୱର ଉଠିଛି। ଫଳରେ ଜିଲାର ଯୁବବର୍ଗଙ୍କୁ ଦକ୍ଷତା ସହିତ କର୍ମନିଯୁକ୍ତି ମିଳିବ ବୋଲି ବିଭିନ୍ନ ରାଜନୈତିକ ଦଳ ମତ ଦେଇଛନ୍ତି। ଇଣ୍ଡିଆନ କାଉନ୍‌ସିଲ ଅଫ ଏଗ୍ରିକଲଚରାଲ ରିସର୍ଚ୍ଚ (ଆଇସିଏଆର)ର ପୂର୍ବତନ ମୁଖ୍ୟ ନିର୍ଦ୍ଦେଶକ ଏସ. ଆୟାପାନଙ୍କ ପ୍ରସ୍ତାବରେ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ନିକଟରେ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରାଣୀଧନ ଓ ମତ୍ସ୍ୟ ସମ୍ପଦ ବିଷୟରେ ଯୁବବର୍ଗଙ୍କ ଉଚ୍ଚଶିକ୍ଷା ପାଇଁ ମହାବିଦ୍ୟାଳୟ ଖୋଲିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଓଡ଼ିଶାରେ ଉପଯୁକ୍ତ ଭିତ୍ତିଭୂମି ସତ୍ତ୍ୱେ ଏହି ବିଷୟରେ ଉଚ୍ଚତର ମହାବିଦ୍ୟାଳୟର ଆବଶ୍ୟକତାକୁ ପର୍ଯ୍ୟାଲୋଚନା ହୋଇଥିଲା। ରାଜ୍ୟରେ ମାତ୍ର ୩ ପ୍ରାଣୀ ସମ୍ପଦ ମହାବିଦ୍ୟାଳୟ ଥିବାବେଳେ ଗୋଟିଏ ସରକାରୀ ଓ ଅନ୍ୟ ୨ ବେସରକାରୀ ଅନୁଷ୍ଠାନରେ ମାତ୍ର ୨୬୦ ଜଣ ଶିକ୍ଷାର୍ଥୀ ପଢ଼ିବା ବ୍ୟବସ୍ଥା ରହିଛି। ସେହିପରି ମତ୍ସ୍ୟ ସମ୍ପଦ ବିଷୟରେ ଗୋଟିଏ ସରକାରୀ ଓ ଗୋଟିଏ ବେସରକାରୀ ମହାବିଦ୍ୟାଳୟରେ ମାତ୍ର ୮୮ ସିଟ୍‌କୁ ମଞ୍ଜୁରୀ ମିଳିଛି। ଏହି ମହାବିଦ୍ୟାଳୟ ଓଡ଼ିଶା ୟୁନିଭର୍ସିଟି ଅଫ ଏଗ୍ରିକଲଚର ଆଣ୍ଡ ଟେକ୍ନୋଲୋଜି (ଓୟୁଏଟି) ଅଧୀନରେ ରହିବ ବୋଲି ଆଲୋଚନା ହୋଇଛି।

### ଜିଲାରେ ପ୍ରାଣୀଧନ, ମତ୍ସ୍ୟ ସମ୍ପଦ ଅର୍ଥନୀତିର ମୂଳଦୁଆ



ଦୀର୍ଘ ଦଶନ୍ଧି ଧରି କେନ୍ଦ୍ରାପଡ଼ା ଜିଲା ସରକାରୀ ଅବହେଳାର ଶିକାର ହୋଇଛି। କୃଷି, ଶିଳ୍ପ, ପର୍ଯ୍ୟଟନ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନକାରାତ୍ମକ ପରିଚୟ ସୃଷ୍ଟି କରିଛି। ଯୁବବର୍ଗଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରି କର୍ମନିଯୁକ୍ତି ସୃଷ୍ଟିରେ ବହୁ ପଛୁଆ ଅଛି। ବିଗତ ୨୪ ବର୍ଷ ଧରି ମୌଳିକ ଆବଶ୍ୟକତା ସମ୍ପର୍କରେ କେବଳ ରାଜନୈତିକ ବୟାନବାଜି ହୋଇଛି। ନୂତନ ସରକାର ବିକଶିତ ଓଡ଼ିଶା ଗଠନର ସ୍ୱପ୍ନ ଦେଖୁଥିବାବେଳେ କେନ୍ଦ୍ରାପଡ଼ା ଜିଲା ଅଦ୍ୟାବଧି ଅତ୍ୟାବଶ୍ୟକ ଯୋଜନାରେ ସାମିଲ ହୋଇପାରିନାହିଁ। ଏହି ଜିଲାର ଅର୍ଥନୀତି କୃଷିଭିତ୍ତିକ। ପ୍ରାଣୀଧନ ଓ ମତ୍ସ୍ୟ ସମ୍ପଦ ଏହି ଅର୍ଥନୀତିର ମୂଳଦୁଆ। ରାଜ୍ୟ ସରକାର ନୂତନ ମହାବିଦ୍ୟାଳୟ କେନ୍ଦ୍ରାପଡ଼ା ଜିଲାରେ ପ୍ରତିଷ୍ଠା କରନ୍ତୁ।

- ଗଣେଶ ଚନ୍ଦ୍ର ସାମଲ, ବୁଦ୍ଧିଜୀବୀ, କେନ୍ଦ୍ରାପଡ଼ା

### କେନ୍ଦ୍ରାପଡ଼ାରେ ଏହି ଶିକ୍ଷାନୁଷ୍ଠାନ ସ୍ଥାପନ ହେଉ



ରାଜ୍ୟର ଦ୍ୱିତୀୟ ବୃହତ୍ତମ ନଦୀ ସମ୍ବଳ ଥିବା ଶିଳ୍ପଶୂନ୍ୟ କେନ୍ଦ୍ରାପଡ଼ା କୃଷିସର୍ବସ୍ୱ ଜିଲା। ଏହାବ୍ୟତୀତ ଜିଲାକୁ ସମୁଦ୍ର ସୀମା ଲାଗିଛି। ଗ୍ରାମୀଣ ଅର୍ଥନୀତି ଏହା ଉପରେ ପର୍ଯ୍ୟବସିତ। ସାମଗ୍ରିକ ଭାବେ କୃଷି ପ୍ରଶିକ୍ଷଣ, କୃଷି ଅନୁସନ୍ଧାନ, କୃଷି ଦକ୍ଷତା ବୃଦ୍ଧି ସମ୍ପର୍କରେ ଅଦ୍ୟାବଧି ଶିକ୍ଷାନୁଷ୍ଠାନ ନ ହେବା ଜିଲା ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି ଜିଲାବାସୀ ଅନୁଭବ କରିଛନ୍ତି। ସମ୍ପ୍ରତି ନୂତନ ସରକାର କୃଷି ବିକାଶ ଅଧ୍ୟୟନ ଅନୁଷ୍ଠାନ କରିବାକୁ ଯାଉଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ପଶ୍ଚିମ, ପୂର୍ବ ବିଚାର ନ କରି କେନ୍ଦ୍ରାପଡ଼ା ଜିଲାରେ ଏହି ଶିକ୍ଷାନୁଷ୍ଠାନ ସ୍ଥାପନ କରି ପୂର୍ବରୁ ହୋଇଥିବା ଅବିଚାରର ଅନ୍ତ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ।

- ଭୁବନ ମୋହନ ଜେନା, ବରିଷ୍ଠ ଭାଜପା ନେତା, କେନ୍ଦ୍ରାପଡ଼ା

### ଜିଲାର ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ପାଇଁ ଏହି ମହାବିଦ୍ୟାଳୟ ଜରୁରୀ



ଜିଲାର ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ପାଇଁ କୌଣସି ଶିକ୍ଷାନୁଷ୍ଠାନ ନାହିଁ। ଆର୍ଥିକ ଅଭିବୃଦ୍ଧି ନ ଥିବାରୁ ଦାଦନଙ୍କ ଜିଲା ଭାବେ ପରିଗଣିତ ହେଉଛି। ମେଡିକାଲ କଲେଜ, କୃଷି ବିଶ୍ୱବିଦ୍ୟାଳୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, ସାମୁଦ୍ରିକ ଗବେଷଣା କେନ୍ଦ୍ର ଆଦି ସ୍ଥାପନକୁ ଦୀର୍ଘ ଦଶନ୍ଧି ଧରି ଜିଲା କଂଗ୍ରେସ ସଂଗ୍ରାମ କରି ଆସିଛି। କଂଗ୍ରେସ ଶାସନ ସମୟରେ ଜଜାଙ୍ଗଠାରେ ପ୍ରତିଷ୍ଠିତ ଝୋଟ ଓ ଧାନ ଗବେଷଣା କେନ୍ଦ୍ର ଏବେ ମୃତପ୍ରାୟ। ରାଜ୍ୟ ଶାସନରୁ କଂଗ୍ରେସ ହଟିବା ପରେ କେନ୍ଦ୍ରାପଡ଼ା ଜିଲାର ଅଭିବୃଦ୍ଧି ନିମ୍ନକୁ ଯାଇଛି। ଯୁବବର୍ଗଙ୍କ ଉଚ୍ଚଶିକ୍ଷା ପାଇଁ ଏହି ମହାବିଦ୍ୟାଳୟ ଖୋଲିଲେ ସେମାନେ ଉପକୃତ ହେବେ।

- ଡା. ଦେବସ୍ମିତା ଶର୍ମା, ସମ୍ପାଦିକା, ଓଡ଼ିଶା କଂଗ୍ରେସ କମିଟି

### ଯୁବକ, ମହିଳା ସ୍ୱାବଲମ୍ବୀ ହେବେ



କେନ୍ଦ୍ରାପଡ଼ା ଜିଲାରେ ଉଚ୍ଚଶିକ୍ଷା ପାଇଁ ପ୍ରାଣୀଧନ ଓ ମତ୍ସ୍ୟ ସମ୍ପଦ ମହାବିଦ୍ୟାଳୟ ସ୍ଥାପନ ଏକାନ୍ତ ଆବଶ୍ୟକ। ଏହାଦ୍ୱାରା ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ସହ କର୍ମନିଯୁକ୍ତି ସୁଗମ ହେବ। ବିଜେଡି ସରକାର ଥିବାବେଳେ ଜିଲାରେ ରାସ୍ତାଘାଟକୁ ଉନ୍ନତୀକରଣ ସହ ଗ୍ରାମାଞ୍ଚଳ କୃଷି ଅର୍ଥନୀତିକୁ ସଚଳ ପାଇଁ ମହାକାଳପଡ଼ା ଓ ଡେରାବିଶରେ ଚିଙ୍ଗୁଡ଼ି ଯାଆଁଳ କେନ୍ଦ୍ର ସ୍ଥାପନ କରିଥିଲେ। ଜିଲାରେ ସାମୁଦ୍ରିକ ଓ ମଧୁର ମାଛର ରପ୍ତାନିକୁ ବୃଦ୍ଧି କରାଯାଇଥିଲା। ସେହିପରି ପ୍ରାଣୀ ସମ୍ପଦର ବିକାଶକୁ ଗୁରୁତ୍ୱ ଦିଆଯାଇଥିଲା। ନୂତନ ଭାବେ ପ୍ରତିଷ୍ଠା ହେବାକୁ ଯାଉଥିବା ମହାବିଦ୍ୟାଳୟ ଏହି ଜିଲାରେ ହେଲେ କେବଳ ଅର୍ଥନୀତି ନୁହେଁ, ଯୁବ ଓ ମହିଳା ସ୍ୱାବଲମ୍ବୀ ହୋଇପାରିବେ।

- ଧୀରେନ ସାହୁ, ସଭାପତି, ଜିଲା ବିଜେଡି, କେନ୍ଦ୍ରାପଡ଼ା

## ମହୁଲିଆ-ହରିଶପୁର କେନାଲରେ କୁମ୍ଭୀର

ରାଜନଗର, ୧୩।୭ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ମହୁଲିଆ-ହରିଶପୁର କେନାଲରେ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। କେନାଲରେ ବିରାଟକାୟ କୁମ୍ଭୀରକୁ ଦେଖି ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଏହି କେନାଲ ମହୁଲିଆରୁ ବାହାରି ମହୁଲିଆ, ମହିଁଷାସୁର, କୁରୁଣ୍ଟି ପଞ୍ଚାୟତ ଦେଇ ବ୍ରାହ୍ମଣସାହି ପଞ୍ଚାୟତ ଯାଏ ଯାଇଛି। ଏହି କେନାଲର ବାଘୁଆ ଗାଁ ନିକଟରେ ଥିବା ଚାଷ ଜମିରେ ବୀରକିଶୋର ଚରାଇ, ମହେନ୍ଦ୍ର ଚରାଇ, ହେମନ୍ତ ଜେନା, ଗୋପବନ୍ଧୁ ଜେନା, ବଂଶୀଧର ନାୟକ ଓ ବ୍ରହ୍ମାନନ୍ଦ ଦାସ ପ୍ରମୁଖ ଚାଷୀମାନେ ଧାନତଳି ରୋଉ ଥିଲେ। ଅପରାହ୍ନ ପ୍ରାୟ ସାଢେ ୨ଟାରେ କେନାଲରେ ୫ ଫୁଟରୁ ଊର୍ଦ୍ଧ୍ୱ ଲମ୍ବର କୁମ୍ଭୀର ଦେଖି ଚାଷୀ ପାଟି କରିବାରୁ ନିକଟରେ ଥିବା ଚାଷୀମାନେ ଧାଇଁ ଆସିଥିଲେ। ନାଳରେ ଅଧିକ ପରିମାଣରେ କଟକି ଦଳ ଥିବାରୁ କୁମ୍ଭୀରଟି ଲୁଚି ଯାଇଥିଲା। ଚାଷ ଜମିକୁ ନାଳ ଲାଗିଥିବାରୁ କୁମ୍ଭୀର ଭୟରେ ଚାଷୀମାନେ ଚାଷ କାର୍ଯ୍ୟ କରିବାକୁ ଭୟ କରୁଛନ୍ତି। ଏ ନେଇ ବନ ବିଭାଗ କୁମ୍ଭୀରକୁ ଉଦ୍ଧାର କରି ଅନ୍ୟତ୍ର ନେଇଯିବାକୁ ଚାଷୀମାନେ ଦାବି କରିଛନ୍ତି।

## କେନ୍ଦ୍ରାପଡ଼ା କଲେଜ ଜମିର ସୁରକ୍ଷାକୁ ଗୁରୁତ୍ୱ

### ପୁରାତନ ଛାତ୍ର ସଂସଦ କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା, ୧୩।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ରସଂସଦର ପ୍ରଥମ କାର୍ଯ୍ୟକାରିଣୀ ସଂସଦର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ରାପଡ଼ା କଲେଜର ଜମିକୁ ଜବରଦଖଲକାରୀଙ୍କ ହାତରୁ ସୁରକ୍ଷା ଦେବାକୁ ପ୍ରାଧାନ୍ୟ ପ୍ରଦାନ କରାଯାଇଛି। ଏଥିସହିତ ସଂସଦର ସଭ୍ୟ ସଂଗ୍ରହ, ମାତୃ ଶିକ୍ଷାକେନ୍ଦ୍ରର ଶୈକ୍ଷିକ ପରିବେଶ ଓ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ସଭ୍ୟ ସଂଗ୍ରହ ପାଇଁ ଡ. ତ୍ରୈଲୋକ୍ୟନାଥ ସାମଲ, ବୁଦ୍ଧିଜୀବୀ ଚିତ୍ତରଞ୍ଜନ ଦାସ, ଅଧ୍ୟାପିକା ସୀମା ମହାନ୍ତ ଓ ଅଧ୍ୟାପକ ସୁବ୍ରତ ସାମଲଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଜମି ସୁରକ୍ଷା ପାଇଁ ଡ. ପ୍ରଦୀପ୍ତ କିଶୋର ଦାଶଙ୍କ ସଂଯୋଜନାରେ ବୁଦ୍ଧିଜୀବୀ ଚିତ୍ତରଞ୍ଜନ ଦାସ ଓ ସାମାଜିକ କର୍ମୀ ପ୍ରତାପ ମହାନ୍ତିଙ୍କୁ ନେଇ ଏକ କମିଟି, ଶୈକ୍ଷିକ ପରିବେଶର ବିକାଶ ପାଇଁ ଡ. ବିଧୁଭୂଷଣ ଦାଶ, ସୁବ୍ରତ ସାମଲ, ଡ. ରଶ୍ମୀ କରଙ୍କୁ ନେଇ ଏକ କମିଟି, ଗଣ ଯୋଗାଯୋଗ ପାଇଁ ବୁଦ୍ଧିଜୀବୀ ରାଜେଶ କୁମାର ନାୟକଙ୍କ ସଂଯୋଜନାରେ ଚିତ୍ତରଞ୍ଜନଙ୍କୁ ନେଇ ଏକ କମିଟି ସହ ସଂସଦର ସଭ୍ୟମାନଙ୍କ ତଥ୍ୟ ଭିତ୍ତିକ ଡାଟାବେସ ପ୍ରସ୍ତୁତ ନିମନ୍ତେ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ମଧ୍ୟ ଏକ କମିଟି ଗଠନ କରାଯାଇଛି। ଏହି ଅବସରରେ କଲେଜରେ ନୂତନ ଭାବେ ଯୋଗ ଦେଇଥିବା ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ଡ. ପ୍ରମୋଦ କୁମାର ଦାସ ଗତ ସମ୍ମିଳନୀର ବିବରଣୀ ସହ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଶିକ୍ଷାବିତ୍ ନନ୍ଦ କିଶୋର ପରିଡା, ବିଶ୍ୱଜିତ ଦାସ, କଳ୍ପନା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କ୍ୟାନ୍‌ସର ପୀଡ଼ିତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ



ସରିତା ନାୟକ।

ରାଜକନିକା, ୧୩।୭ (ସଞ୍ଜୟ କୁମାର ଦାଶ)

କ୍ୟାନ୍‌ସରର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଏପରି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତ ଦେଓଗାଁ ଗାଁର ସରିତା ନାୟକ(୨୩)ଙ୍କ କ୍ଷେତ୍ରରେ। ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ। ହେଲେ ଏତେ ଟଙ୍କା କୁଆଡୁ ଆସିବ ସେହି ଚିନ୍ତା ପରିବାର ଲୋକଙ୍କୁ ଘାରିଛି। ଫେରି କରି ଘର ଚଳାଉଥିବା ବାପାଙ୍କ ପକ୍ଷେ ଏତେ ଟଙ୍କା ଯୋଗାଡ଼ କରିବା ବହୁତ କଷ୍ଟ। ଏପରିସ୍ଥଳେ ନିଜେ ପୀଡିତା ବଞ୍ଚିବାକୁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି।

ଦେଓଗାଁ ଗାଁର ମାନସ ନାୟକଙ୍କ ମଝିଆ ଝିଅ ସରିତା। କଳାହାଣ୍ଡି ଜିଲାରେ ଏକ ପ୍ରାଇମେରି ବିଦ୍ୟାଳୟରେ କଣ୍ଟ୍ରାକ୍ଟୁଆଲ ଶିକ୍ଷୟିତ୍ରୀ ଭାବେ ସେ କାର୍ଯ୍ୟରତ। କିଛିଦିନ ପୂର୍ବେ ସରିତା ଅସୁସ୍ଥ ଅନୁଭବ କରିବାରୁ ଡାକ୍ତରଙ୍କୁ ପରାମର୍ଶ କରିଥିଲେ। ପରୀକ୍ଷା ନିରୀକ୍ଷା ପରେ ସେ କ୍ୟାନ୍‌ସରରେ ପୀଡିତ ଥିବା ଜଣିବାକୁ ପାଇଥିଲେ। ପରିବାର ଲୋକେ ଏ କଥା ଜାଣିବା ପରେ ପାଦ ତଳୁ ମାଟି ଖସିଯାଇଥିଲା। ସେ କଟକ ବଡ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ତାଙ୍କୁ ବୋନ କ୍ୟାନ୍‌ସର ବୋଲି ଜଣାପଡିଥିଲା। ମାସେ ମଧ୍ୟରେ ଏହାର ଆବଶ୍ୟକ ଚିକିତ୍ସା ନ କଲେ ଜୀବନ ପ୍ରତି ବିପଦ ଅଛି ବୋଲି ଡାକ୍ତର କହିଥିଲେ। ହେଲେ ଚିକିତ୍ସା କରୁଥିବା ଡାକ୍ତର ଅନୁପସ୍ଥିତି ଥିବା ହେତୁ ବିଳମ୍ବ ହେବ। ଏଥିପାଇଁ କୌଣସି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇବାକୁ ମନ ବଳାଇ ଥିଲେ। ହେଲେ ଚିକିତ୍ସା ପାଇଁ ୨୦ ଲକ୍ଷ ଟଙ୍କା, ଏତେଗୁଡିଏ ଟଙ୍କା ଏକକାଳୀନ କେଉଁଠୁ ଆସିବ, ଚିକିତ୍ସା କେମିତି ହେବ ସେହି ଚିନ୍ତା ପରିବାର ଓ ବାପା ମାନସଙ୍କୁ ଘାରିଛି। ମାନସ ଫେରି ବେପାର କରି ପରିବାର ପ୍ରତିପୋଷଣ କରିଥାନ୍ତି। ସେଥିରୁ ଯାହା ଉପାର୍ଜିତ ହୁଏ କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ ହୁଏ। ସ୍ତ୍ରୀଙ୍କ ସହ ୪ ଝିଅଙ୍କୁ ନେଇ ପରିବାର। ବଡ଼ଝିଅ ବିବାହିତ, ବଡ ମଝିଆ ଝିଅ ସରିତା ହୋଇଥିବା ବେଳେ ସାନ ମଝିଆ ବିବାହିତ ଓ ସାନ ଝିଅ ଗ୍ରାଜୁଏଶନ କରି ଚାକିରି ଆଶାରେ। ଜମିବାଡି ନ ଥିବା ଏହି ପରିବାର ପାଖରେ କେବଳ ସରକାରଙ୍କ ରାଶନ ଚାଉଳ ହିଁ ଏକମାତ୍ର ଭରସା। ଅନ୍ୟପକ୍ଷରେ ସରିତା ପ୍ରାଇମେରୀ ବିଦ୍ୟାଳୟରେ କଣ୍ଟ୍ରାକ୍ଟୁଆଲ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ଯାହା ରୋଜଗାର କରିଥିଲେ ତାହା ଚିକିତ୍ସାରେ ସରିଗଲାଣି। ଏବେ ପାଖରେ ଆଉ କିଛି ନାହିଁ। ଏପରିସ୍ଥଳେ ସରିତା ଚିକିତ୍ସା ପାଇଁ ସହାୟତାର ହାତ ବଢାଇବାକୁ ସରକାର ଓ ଲୋକଙ୍କୁ ଆକୁଳ ନିବେଦନ କରିଛନ୍ତି। ଯଦି କୌଣସି ବଦାନ୍ୟ ବ୍ୟକ୍ତି ତାଙ୍କୁ ସହାୟତାର ହାତ ବଢାନ୍ତି, ତେବେ ସେ ପୁଣି ଜୀବନ ବଞ୍ଚାଇ ନୂଆ ଜୀବନ ଫେରି ପାଇପାରନ୍ତେ ବୋଲି କହିଛନ୍ତି। ସରକାରୀସ୍ତରରେ ଚିକିତ୍ସା ଯୋଗାଇ ଦେବାକୁ ଗ୍ରାମବାସୀ ଓ ଓଳାଭର ଯୁବକ ସଂଘର ସମ୍ପାଦକ ଶ୍ରୀନିବାସ ଓଝାଙ୍କ ସମେତ ସଭ୍ୟମାନେ ଅନୁରୋଧ କରିଛନ୍ତି।

## ବେଆଇନ ବାଣ କାରଖାନା: ୨ ପରିବାରଙ୍କ ଥାନାରେ ଅଭିଯୋଗ



ପଙ୍କପାଳଠାରେ ବେଆଇନ ଭାବେ ନିର୍ମାଣ ହୋଇଥିବା ବାଣ କାରଖାନା।

ମହାକାଳପଡ଼ା, ୧୩।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ମାଲିକଙ୍କୁ ପୋଲିସ ପଚରାଉଚରା କରି ଛାଡ଼ି ଦେଲା
- ୨୦୦୭ ବାଣ ପ୍ରସ୍ତୁତ ବେଳେ ବାପପୁଅଙ୍କ ହୋଇଥିଲା ମୃତ୍ୟୁ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ କେବିଦାଣ୍ଡୁଆ ପଞ୍ଚାୟତ ପଙ୍କପାଳ ଗ୍ରାମରେ ଦୀର୍ଘବର୍ଷ ଧରି ଏକ ପରିବାର ବେଆଇନ ଭାବେ ବାଣ କାରଖାନା ଚଳାଇଛନ୍ତି। ଏହି କାରଖାନାରେ ବାଣ ପ୍ରସ୍ତୁତ ସମୟରେ ୨୦୦୭ ମସିହାରେ ଅଶ୍ୱିନ ମଣ୍ଡଳ ଓ ପୁଅ ରଞ୍ଜନ ମଣ୍ଡଳ ବାଣ ବିସ୍ଫୋରଣ ମୃତ୍ୟୁ ଘଟିଥିଲା। କିଛିବର୍ଷ ବନ୍ଦ ପରେ ପୁଣି ବେଆଇନ ଭାବେ ବାଣ ପ୍ରସ୍ତୁତ ହେଉଛି। ପୂର୍ବ ସପ୍ତାହରେ ଏହି ବାଣ କାରଖାନାରେ ଅଗ୍ନିକାଣ୍ଡ ଘଟି ଗଚ୍ଛିତ ଥିବା ବାଣ ଫୁଟିବାରୁ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା ବୋଲି ପଡୋଶୀ ଲୋକ ଗୁରୁତର ଅଭିଯୋଗ କରିଛନ୍ତି। ଏ ନେଇ ୧୧ ତାରିଖରେ ପଡୋଶୀ ୨ ପରିବାର ଅନୁକୂଳ ମଣ୍ଡଳ ଓ ସବିତା ମଣ୍ଡଳ ତନ୍ତିଆପାଳ ସାମୁଦ୍ରିକ ଥାନାରେ ବାଣ କାରଖାନା ମାଲିକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ବେଆଇନ ବାଣ କାରଖାନା ଆମ ଘର ନିକଟରେ ଅବସ୍ଥିତ ଥିବାରୁ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ବାଣ କାରଖାନା ମାଲିକଙ୍କୁ ଶନିବାର ଥାନାକୁ ନେଇ ପଚରାଉଚରା କରି ଛାଡ଼ିଛି। ଏ ନେଇ ୨ ପରିବାର ଉପରେ ଜୀବନ ପ୍ରତି ବିପଦ ରହିଛି ବୋଲି ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏହି ବେଆଇନ ବାଣ କାରଖାନାରେ ବିପୁଳ ପରିମାଣରେ ବିଭିନ୍ନ ପ୍ରକାରର ବାଣ ପ୍ରସ୍ତୁତ ହେଉଥିବାରୁ କୌଣସି ମୁହୂର୍ତ୍ତରେ ବଡ଼ଧରଣର ଅଗ୍ନିକାଣ୍ଡ ଓ ବିସ୍ଫୋରଣକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି ବୁଦ୍ଧଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିକାରୀ କିଶୋର ତରାଇଙ୍କୁ ପଚାରିବାରେ ଥାନାରେ ନଂ. ୭୫/୨୫ରେ ମାମଲା ରୁଜୁ ହୋଇଛି। ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ଙ୍କୁ ପଚାରିବାରେ ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଅନ୍ୟ ଅଭିଯୋଗଗୁଡ଼ିକୁ ଗ୍ରହଣ କରାଯିବ। ଏହାପରେ ଅଭିଯୋଗକାରୀଙ୍କ ବୟାନ ରେକର୍ଡ କରାଯିବ ବୋଲି ସେ କହିଛନ୍ତି।

## ୫ଶହ ପରିବାର ପାନୀୟ ଜଳ ପାଇଁ ହନ୍ତସନ୍ତ

ପାଟକୁରା, ୧୩।୭ (ରବୀନ୍ଦ୍ର ନାଥ ବାରିକ)

- ବେଡାରୀ ପାନୀୟ ଜଳ ପ୍ରକଳ୍ପ ଅଚଳ
- ବ୍ଲକରେ ସରକାରୀ ମେକାନିକ ନାହାନ୍ତି

ଗରଦପୁର ବ୍ଲକ ଅଧୀନ ବେଡାରୀ ପାନୀୟ ଜଳ ପ୍ରକଳ୍ପ ରବିବାର ସକାଳୁ ଅଚଳ ହୋଇପଡିଛି। ଫଳରେ ଏହି ପାନୀୟ ଜଳ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ବେଡାରୀ, କୁଳଠୁଠି ଓ ସୋଲପାଟ ଗାଁର ପ୍ରାୟ ୫ ଶହ ପରିବାର ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଗରଦପୁର ବ୍ଲକରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗରେ ଜଳଯୋଗଣ ପାଇଁ ଲାଗିଥିବା ବିଦ୍ୟୁତ ମଟର ସଜାଡ଼ିବା ପାଇଁ କୌଣସି ସରକାରୀ ମେକାନିକ ନିଯୁକ୍ତି ହୋଇନାହାନ୍ତି। ଏହି ବିଭାଗ ପାଇଁ ସ୍ୱତନ୍ତ୍ର ଭାବେ ମୁଖ୍ୟଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନଙ୍କୁ ସରକାରୀ ନିଯୁକ୍ତି ଦିଆଯାଇଛି। ହେଲେ ରାଜ୍ୟ ସରକାର ବସୁଧା ଯୋଜନାରେ ପ୍ରତ୍ୟେକ ପଞ୍ଚାୟତ ଅଞ୍ଚଳରେ ପାଇପ ଯୋଗେ ପାନୀୟ ଜଳଯୋଗାଣର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏଥିପାଇଁ ବ୍ୟବହୃତ ବିଦ୍ୟୁତ ମଟର ସଜାଡ଼ିବା ପାଇଁ କୌଣସି ମେକାନିକଙ୍କୁ ସରକାର ନିଯୁକ୍ତି ଦେଇ ନ ଥିବାରୁ ଏଭଳି ଅବ୍ୟବସ୍ଥା ଦେଖାଦେଇଛି। ସାଧାରଣରେ ପ୍ରଶ୍ନ ହେଉଛି ପାନୀୟ ଜଳଯୋଗାଣରେ ଯାନ୍ତ୍ରିକ ମରାମତି ଓ ରକ୍ଷଣାବେକ୍ଷଣକୁ ବିଭିନ୍ନ ପଞ୍ଚାୟତରେ ସରପଞ୍ଚ କାହାଦ୍ୱାରା କରାଇବେ। ତୁରନ୍ତ ଅଚଳ ହୋଇପଡ଼ିଥିବା ବେଡାରୀ ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା, ସୁବାସ ଚନ୍ଦ୍ର ଖୁଣ୍ଟିଆ, ଅରକ୍ଷିତ ବେହେରା, ଧ୍ରୁବ ଚରଣ ସାହୁ, ଗୌରାଙ୍ଗ ଚରଣ ସାହୁ, ଦୟାନିଧି ମଲ୍ଲ, ପ୍ରଦୀପ ବେଉରା, ନିରଞ୍ଜନ ମହାନ୍ତି, ମନୋଜ ଦାଶ, ଅକ୍ଷୟ ବେହେରା ପ୍ରମୁଖ ଗରଦପୁର ବିଡିଓ, କେନ୍ଦ୍ରାପଡା ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ବେଡାରୀ ପଞ୍ଚାୟତ ଗରଦପୁର ବ୍ଲକରେ ଜଳକ୍ଳିଷ୍ଟ ପଞ୍ଚାୟତ ଭାବେ ଜଣାଶୁଣା। ଲୁଣାପାଣି ପଡୁଥିବାରୁ କୌଣସି ଲୋକଙ୍କ ନିଜସ୍ୱ ନଳକୂପ କିମ୍ବା କୂପ ନାହିଁ। ସେମାନେ କେବଳ ସରକାରୀ ପାନୀୟ ଜଳ ପ୍ରକଳ୍ପ ଉପରେ ନିର୍ଭର କରଥାନ୍ତି।

## ବୁଦ୍ଧ, ଶୈବ ଉପାସକ ଥିଲେ ମହାପୁରୁଷ ଧ୍ୟାନ ଦାସ

ମହାକାଳପଡ଼ା, ୧୩।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ଗ୍ରାମ ମନ୍ଦିରରୁ ବହୁ ପ୍ରାଚୀନ ଦେବଦେବୀ, ବୁଦ୍ଧ ମୂର୍ତ୍ତି ଉଦ୍ଧାର
- ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଗବେଷଣା ପାଇଁ ଦାବି



ବାରଡାଙ୍ଗ ଗାଁରେ ମହାପୁରୁଷ ଧ୍ୟାନ ଦାସ ମଠ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବାରଡାଙ୍ଗ ଗାଁର ଜୀବିତ ଧ୍ୟାନପୀଠ ଶ୍ରୀଧ୍ୟାନ ଦାସଙ୍କ ସ୍ଥଳୀ। କିମ୍ବଦନ୍ତୀ ଅନୁସାରେ ଉକ୍ତ ଗ୍ରାମର ଖଡାଳ ସମ୍ପ୍ରଦାୟର ଧନି ଦାସ ନାମକ ବାଳକ ଖୁବ୍ ଚଗଲା ଥିଲେ। ମା'ବାପାଙ୍କୁ ସମ୍ମାନ ଦେଉଥିଲେ ମଧ୍ୟ ସାଙ୍ଗ ସାଥୀଙ୍କ ସହିତ ଖେଳକୁଦରେ ବେଶି ସମୟ ବିତାଉଥିଲେ। ଦିନେ ବାପା କହିଲେ ଧନି ଆଜି ଚାଷ ଜମିରୁ ଧାନ ହଳା ଉଠିବ ବର୍ଷା ଆସିଲାଣି। ଯା, ବିଲରୁ ହଳା ଉଠାଇବୁ। ବାପା କଥା ମାନି ବିଲକୁ ଯାଇ ଜମି ଚାରି ପାଖ ବୁଲି ପଡି ଆସିଲେ। ପରେ ବାପା କହିଲେ, ବିଲକୁ ଯାଇ ହଳା ଉଠାଇ ଖଳାରେ ଗଦାମାରିବୁ। କାହିଁକି ଯାଇନୁ ବୋଲି ତାଗିଦ୍ କରିଥିଲେ। ପରେ ପୁଅ କିଛି ନ କହି ଖେଳ କୁଦ୍‌ରେ ମାତିଲେ। ବାପା ବିଗିଡ଼ି ଯାଇ ବିଲରେ ଦେଖିଲେ ଧାନ ହଳା ନାହିଁ। ପରେ ଖଳାରେ ଦେଖିଲେ ଧାନ ଗଦା ମଡାଯାଇଛି। ବାପା ଦେଖି ଚକିତ ହୋଇଗଲେ। ପୁଅର ଏଭଳି ଅନେକ ଅଲୌକିକ ରହସ୍ୟ ଦେଖି ମନ ଭିତରେ କିଛି ଧାର୍ମିକ ଭାବନା ଜାଗ୍ରତ ହୋଇଥିଲା। ପରେ ସେହି ବାଳକ ଅବସ୍ଥାରେ ଘରେ କିଛି କାହାକୁ ନ ଜଣାଇ ଗାଁ ଶେଷ ପଶ୍ଚିମ ଦିଗ ଘଞ୍ଚ ବୁଦା ନିକଟ ତେନ୍ତୁଳି ଗଛ ମୂଳେ ଧ୍ୟାନମଗ୍ନରେ ଧନି ରହିଲେ। ପରିବାର ଲୋକ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। କିଛିଦିନ ପରେ ଗାଁର ଜଣେ ଲୋକ ଧନି ତେନ୍ତୁଳି ଗଛ ମୂଳେ ବସିଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଗାଁ ଓ ପରିବାର ଲୋକ ପହଞ୍ଚି ଦେଖିବା ପରେ ଧ୍ୟାନରତ ଧନିଙ୍କ ଅର୍ଦ୍ଧାଧିକ ଶରୀରରେ ଉଈହୁଙ୍କା ଚଢ଼ି ଯାଇଛି। ଶେଷରେ ପରିବାର ଲୋକ ଫେରି ମନଦୁଃଖରେ ଜଣେ ସାଧୁଙ୍କ ପାଖକୁ ଯାଇଥିଲେ। ତୁମେ ତାଙ୍କୁ ଖୋଜିବ ନାହିଁ। ସେ ଜଣେ ମହାପୁରୁଷ ହୋଇଗଲେ। ତାଙ୍କ ଧ୍ୟାନରତ ସ୍ଥାନରେ ଏକ ଚାଳିଆ ଛପର କରିଦେବ। ଖରା, ବର୍ଷା, ଶୀତ ରକ୍ଷା ପାଇବାକୁ ଗାଁ ଲୋକ ବାରଖଣ୍ଡ କାଠରେ ଏକ ଚାଳିଆ ଛପର ଘର ନିର୍ମାଣ କରିଥିଲେ। ସେହିଦିନଠାରୁ ଏହି ଗ୍ରାମ ବାରଡାଙ୍ଗ ବୋଲି ଇତିହାସରେ ଉଲ୍ଲେଖ ରହିଛି। ପରେ ଉକ୍ତ ମଠରେ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ଆରମ୍ଭ କରିଥିଲେ। ମହାପୁରୁଷଙ୍କ ମୁଖ୍ୟ ପ୍ରସାଦ ଗଞ୍ଜେଇ ଲାଗି କରାଯାଏ। କ୍ଷୀର, କଦଳୀ ଭୋଗ ସହ ଖିରି, ଅନ୍ନ ଖେଚୁଡ଼ି ଅର୍ପଣ କରାଯାଏ। ମହାପୁରୁଷ ଧ୍ୟାନ ଦାସ ବୁଦ୍ଧ ଓ ଶୈବ ଉପାସକ ଥିଲେ।

ପରବର୍ତ୍ତୀ ସମୟରେ ଏହି ଗ୍ରାମର ୨୦୦୮ରେ ପଶ୍ଚିମେଶ୍ୱର ମହଦେବ ମନ୍ଦିର ଖନନ ବେଳେ ଗୌତମ ବୁଦ୍ଧ ମୂର୍ତ୍ତି ମିଳିବା ସହ ଗଣେଶ, କାର୍ତ୍ତିକ, ବିଭିନ୍ନ ଦେବଦେବୀ ମୂର୍ତ୍ତି, ବିଭିନ୍ନ ପ୍ରକାର କାରୁକାର୍ଯ୍ୟ ନିର୍ମିତ ପଥରଗୁଡ଼ିକ ଉଦ୍ଧାର କରାଯାଇଥିଲା। ପରେ ଉଦ୍ଧାର ହୋଇଥିବା ମୂର୍ତ୍ତିକୁ ମନ୍ଦିରରେ ସଂରକ୍ଷିତ ରଖାଯାଇଥିଲା। ବାବା ଧ୍ୟାନ ଦାସଙ୍କ ଅନ୍ୟ ଏକ ପୀଠ ବଉଳକଣିଠାରେ ରହିଛି। ଅଦ୍ୟାବଧି ବଉଳକଣି ମଠରେ ବାବା ଧ୍ୟାନ ଦାସଙ୍କ ପ୍ରତିମୂର୍ତ୍ତି ପୂଜାର୍ଚ୍ଚନା ହେଉଛି। ପ୍ରତିଦିନ ବିଳମ୍ବିତ ରାତିରେ ବାବା ଧ୍ୟାନ ଦାସ କଉଠ ପିନ୍ଧି ଏକ ଲଣ୍ଠନ ଓ ବଙ୍କୁଲି ବାଡ଼ି ଧରି ଚାଲି ଚାଲି ବଉଳକଣି ମଠକୁ ଯାଉଥିବା ବାପା ଜେଜେଙ୍କଠାରୁ ଶୁଣିବାକୁ ମିଳେ। ବାବା ଧ୍ୟାନ ଦାସ ମଠର ୪୨ ଏକର ଭୂସମ୍ପତ୍ତି ରହିଛି। ଗ୍ରାମରେ ସମ୍ପତ୍ତିକୁ କେତେଜଣ ଜବରଦଖଲ କରି ଚାଷବାସ କରୁଛନ୍ତି। ପୀଠରେ ରାଧାକୃଷ୍ଣ ମନ୍ଦିର, ଖରାଖାଇ ଠାକୁରାଣୀ, ହନୁମାନ, ଶନି ମନ୍ଦିରରେ ପର୍ବପର୍ବାଣି ପାଳନ ହୋଇଥାଏ। ଦୋଳ ଦଶମୀ, ପୂର୍ଣ୍ଣିମାରେ ଦୋଳ ମେଳଣ ଅନୁଷ୍ଠିତ ହୋଇଥାଏ। ମଠ ପରିଚାଳନା କରିବା ପାଇଁ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ପକ୍ଷରୁ ଟ୍ରଷ୍ଟ ଗଠନ କରାଯାଇଛି। ଗ୍ରାମର ମୁରବି ଲୋକ ଟ୍ରଷ୍ଟକୁ ସହଯୋଗ କରନ୍ତି। ଅପରପକ୍ଷରେ ଏହି ଗ୍ରାମର ମନ୍ଦିର ଖନନ ବେଳେ ମାଟି ତଳୁ ପୁରାତନ ଦେବଦେବୀ ଓ ବୁଦ୍ଧ ମୂର୍ତ୍ତି ଉଦ୍ଧାର କରାଯାଇ ସଂରକ୍ଷିତ ରଖାଯାଇଛି। ଉଦ୍ଧାର ହୋଇଥିବା ମୂର୍ତ୍ତିକୁ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଗବେଷଣାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ସ୍ଥାନୀୟ ମୁରବି, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଆଳି, ୧୩।୭ (ବନମାଳୀ ସେନାପତି)



ବାଇଧର ନାୟକ।

ଆଳି ବ୍ଲକ ଧୋଆଞ୍ଚଳର ବିଜେଡିର ଜଣେ ଟାଣୁଆ ସଙ୍ଗଠକ ତଥା କେତୁଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ବାଇଧର ନାୟକ(୬୬)ଙ୍କ ପରଲୋକ ଘଟିଛି। ସେ କିଛିଦିନ ହେବ ଶାରୀରିକ ଭାବେ ଅସୁସ୍ଥ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଥିବା ସମୟରେ ଶନିବାର ତାଙ୍କର ପରଲୋକ ଘଟିଛି। ମରଶରୀର ତାଙ୍କ ଜନ୍ମମାଟିକୁ ସନ୍ଧ୍ୟାରେ ଆସିବା ପରେ ରବିବାର ସକାଳେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟା କନକଲତା ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ଯୁବ ବିଜେଡି ସଭାପତି କେଦାରନାଥ ବେହେରା, ସମିତିସଭ୍ୟ ଲକ୍ଷ୍ମୀଧର ମଲ୍ଲିକ, କେତୁଆପାଳ ସରପଞ୍ଚ ଅନିମା ମଲିକ, ସମିତିସଭ୍ୟ ସସ୍ମିତା ମଲିକ, ପୂର୍ବତନ ସରପଞ୍ଚ ସୁରେଶ ଜେନା, ସରୋଜ ଜେନା, ଦେସାହି ସରପଞ୍ଚ ପ୍ରତିନିଧି ମନୋଜ ମହାନ୍ତି, ସମିତିସଭ୍ୟ ସନ୍ତୋଷ ବେହୁରିଆ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ଅଧର ସାମଲ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ପଲାଇ, ସାମାଜିକକର୍ମୀ ହିମାଂଶୁ ଧଳଙ୍କ ସମେତ ଅନ୍ୟମାନେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର ରବିବାର କରାଯାଇଛି।

# ରବିବାର ଡାକ୍ତରଙ୍କ ଛୁଟି, ଖୋଲୁନି ବହିର୍ବିଭାଗ

■ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା
■ ସ୍ୱାସ୍ଥ୍ୟସେବା ନ ପାଇ ଫେରୁଛନ୍ତି ରୋଗୀ

ନୟାଗଡ଼,୧୩।୭ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟରେ ପ୍ରତି ରବିବାର ଅସ୍ଥିଶଲ୍ୟ ବର୍ହି ବିଭାଗ,କର୍ଣ୍ଣ, ନାଶା ଓ ଗଳା ବର୍ହି ବିଭାଗ, ଚର୍ମ ଓ ଯୌନ ରୋଗ ବର୍ହି ବିଭାଗ, ଦନ୍ତ ବର୍ହିର୍ବିଭାଗ ବନ୍ଦ ରହୁଛି। ରବିବାର ଡାକ୍ତରଙ୍କ ସପ୍ତାହିକ ଛୁଟି ଦର୍ଶାଇ ବର୍ହି ବିଭାଗକୁ ବନ୍ଦ ରଖାଯାଉଛି। ଫଳରେ ରୋଗୀମାନେ ସ୍ୱାସ୍ଥ୍ୟସେବା ନ ପାଇ ନିରାଶ ହୋଇ ଫେରୁଛନ୍ତି। ହେଲେ ଏହି ସପ୍ତାହିକ ଛୁଟି ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଳୟର କୌଣସି ସ୍ଥାନରେ ଲିଖିତ ଭାବେ ଦର୍ଶାଯାଇନାହିଁ। ତେବେ ମୌଖିକ ଭାବେ ସ୍ୱାସ୍ଥ୍ୟ ସେବା ବନ୍ଦ ରହୁଥିବାରୁ ରୋଗୀମାନେ ଆସି ଫେରୁଛନ୍ତି। ଏନେଇ କମଳା ଡାକୁଆ, ସତ୍ୟଭାମା କର, ଭ୍ରମର



ବହିର୍ବିଭାଗ ରବିବାର ବନ୍ଦ ରହିଛି।

ମଲିକ ପ୍ରମୁଖ କେତେଜଣ ରୋଗୀ କହିଛନ୍ତି, ଯଦି ରବିବାର ଡାକ୍ତରଙ୍କ ପାଇଁ ଛୁଟି ବ୍ୟବସ୍ଥା ରହିଛି ତେବେ ଏହାକୁ ବଡ଼ ଅକ୍ଷରରେ ଜିଲା ମୁଖ୍ୟ


ଚପଲଷ୍ଟାଣ୍ଡ ପାଖ ମେଡିସିନ୍ ମହିଳା ଅନ୍ତଃ ବିଭାଗରେ ରୋଗୀମାନଙ୍କ ଚିକିତ୍ସା ଚାଲିଛି।

ଚିକିତ୍ସାଳୟରେ ଲେଖାଯିବା ଦରକାର। ଯଦି ଛୁଟି ନାହିଁ ତେବେ ଡାକ୍ତର ସେବା ନ ଦେବା ଠିକ୍ ନୁହେଁ। କେବଳ ମୌଖିକ ଭାବେ ରବିବାର ଛୁଟି କହି ଦେଲେ ହେବନି। ରୋଗୀ ଯେପରି ହଇରାଣ ନ ହେବେ ସେଥିପ୍ରତି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍ଓ) ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ପଦକ୍ଷେପ ନେବା ଜରୁରୀ। ରୋଗୀଙ୍କ ସମ୍ପର୍କୀୟ ଭାପୁରର ଘନଶ୍ୟାମ ସ୍ୱାଇଁ ଓ ଦଶପଲ୍ଲାର ମହେନ୍ଦ୍ର ପ୍ରଧାନ କୁହନ୍ତି, ରବିବାର ଯଦି ବର୍ହି ବିଭାଗ ବନ୍ଦ ରହିବ ତେବେ ଏନେଇ ସଚେତନତା କରାଯିବା ଦରକାର। ପୁଣି ନୋଟିସ୍ ବୋର୍ଡରେ ସ୍ଥାୟୀ ଭାବେ ଏନେଇ ସୂଚନା ଲିପିବଦ୍ଧ କରି ରଖାଯିବା ଦରକାର। ଏହି ନୋଟିସ୍ ଦେଖିବା ପରେ ରୋଗୀମାନେ ଡାକ୍ତରଖାନା ଆସିବେ ନାହିଁ। ଯଦି କୌଣସି ରୋଗୀଙ୍କ ଜରୁରୀ ଆବଶ୍ୟକ ପଡ଼େ ସେ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇପାରିବେ।

**ଚପଲ ଷ୍ଟାଣ୍ଡ ପାଖରେ ରୋଗୀ ଚିକିତ୍ସା:** ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟର ଭେଷଜ (ମେଡିସିନ୍) ମହିଳା ଅନ୍ତଃ ବିଭାଗରେ ଚପଲ ଷ୍ଟାଣ୍ଡ ପାଖରେ ରୋଗୀ ଚିକିତ୍ସିତ ହେଉଛନ୍ତି। ରୋଗୀଙ୍କୁ ସେଠାରେ ସାଲାଇନ ବି ଦିଆଯାଉଛି। ଚପଲ ଷ୍ଟାଣ୍ଡ ପାଖରୁ ରୋଗୀଙ୍କ ଦୂରତା ମାତ୍ର ୫ଫୁଟ ରହିଥିବାବେଳେ ଏଠାରେ କିପରି ରୋଗୀଙ୍କୁ ଚିକିତ୍ସା କରାଯାଉଛି, କିଏ ଏହାକୁ ଅନୁମତି ଦେଇଛନ୍ତି ସେନେଇ ପ୍ରଶ୍ନ ଉଠିଛି। ଚପଲ ଷ୍ଟାଣ୍ଡ ପାଖରେ ସଂକ୍ରମଣ ଭୟ ରହିଥିଲେ ହେଁ ଏହାକୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ ହୋଇଛି। ରବିବାର ବର୍ହି ବିଭାଗ ବନ୍ଦ ରହିବା ଓ ଚପଲ ଷ୍ଟାଣ୍ଡ ପାଖରେ ଚିକିତ୍ସା ନେଇ ସିଡିଏମ୍ଓ ସୁଶାନ୍ତ କୁମାର ଦାସଙ୍କୁ ପଚାରିବାରୁ ସେ କୁହନ୍ତି, ରବିବାର ବର୍ହି ବିଭାଗ ଖୋଲିବ କି ନାହିଁ ସେନେଇ ଅନୁଧ୍ୟାନ ପରେ ପଦକ୍ଷେପ ନେବି। ଅନ୍ୟପକ୍ଷେ ମେଡିସିନ ମହିଳା ଅନ୍ତଃ ବିଭାଗର ଚପଲ ଷ୍ଟାଣ୍ଡ ପାଖରେ କାହିଁକି ରୋଗୀ ଚିକିତ୍ସିତ ହେଉଛନ୍ତି ସେ ଘଟଣାର ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଦୁର୍ଘଟଣାରେ ଆହତ ଯୁବକ ମୃତ

ନୟାଗଡ଼,୧୩।୭ (ଲୋକନାଥ ମିଶ୍ର)

ଶରଣକୁଳ ପୁରୀ ନୂଆ ଜଗନ୍ନାଥ ସଡ଼କର ଗୋଡିପଡା ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଶନିବାର ଦୁର୍ଘଟଣାରେ ଆହତ ହୋଇଥିବା ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଜିତେନ୍ଦ୍ର କୁମାର ସାହୁ(୩୮)। ଘର ଗୋଡିପଡା ବଣିଆସାହିରେ। ଶନିବାର ଜିତେନ୍ଦ୍ର ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ଜଣେ ଯୁବକଙ୍କୁ ଧକ୍କା ଦେଇ ଗୋଡିପଡା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଛିଟିକି ପଡିଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ପ୍ରାଥମିକ ଚିକିତ୍ସା ଠିକରେ ନ ମିଳିବା ଓ ଆମ୍ବୁଲାନ୍ସ ନ ଥିବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାରେ ବିଳମ୍ବ ହୋଇଥିଲା। ବହୁ କଷ୍ଟରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ରବିବାର ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକର ଛାୟା ଖେଳି ଯାଇଛି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ନୟାଗଡ଼,୧୩।୭ (ଲୋକନାଥ ମିଶ୍ର)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥରେ ଟ୍ରକ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯୁଗଳ କିଶୋର ପରିଡା(୨୬)। ଘର ଓଡ଼ଗାଁ ଥାନା ପାଣ୍ଡେରୀପଡାରେ। ଯୁଗଳ ବିଏସ୍ଏନ୍ଏଲ୍ ଟାୱାର ପାଇଁ ଜଣେ କର୍ମଚାରୀ ଭାବେ କାମ କରନ୍ତି। ଶନିବାର ରାତିରେ ସେ ଏକ ବାଇକ୍(ନଂ.ଓଡି୦୨ ଜିଡି ୧୫୫୬)ରେ ଇଟାମାଟିକୁ ଫେରୁଥିବାବେଳେ ବିପରୀତ ଦିଗ ନୟାଗଡରୁ ଆସୁଥିବା ଗାଡ଼ି(ନଂ.ଓଡି୦୨ସି କ୍ୟୁ ୩୬୩୭) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଯୁଗଳଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ରବିବାର ହସ୍ତାନ୍ତର କରିଛି।

# କଣ୍ଟିଲୋ ଜଳଯୋଗାଣ ବ୍ୟବସ୍ଥାର ସମୀକ୍ଷା

ଖଣ୍ଡପଡ଼ା,୧୩।୭ (ଅଜୟ କୁମାର ମହାରଣା)

ରାଜ୍ୟ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଭୁବନେଶ୍ୱର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ. ସାର୍ଫରାଜ ଖାଁ, ଇଆଇସି. ଭୁବନେଶ୍ୱର ବଳରାମ ମିଶ୍ର ରବିବାର କଣ୍ଟିଲୋର ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ତାଙ୍କ ସହିତ ନୟାଗଡ଼ ଜିଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ. ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ.ଆଲୋକ ରଞ୍ଜନ ପଣ୍ଡା, ଏସ୍‌ଡିଓ ଇଂ. ସୁବାସ ଚନ୍ଦ୍ର ସ୍ୱାଇଁ ଓ ସହକାରୀ ଯନ୍ତ୍ରୀ ଇଂ.ପ୍ରଭାତୀ ମଞ୍ଜରୀ ବାରିକ ଉପସ୍ଥିତ ଥିଲେ ।

କଣ୍ଟିଲୋ ପରିଦର୍ଶନ ସମୟରେ କଣ୍ଟିଲୋରେ ଥିବା ମହାନଦୀ ପାନୀୟ ଜଳ ପ୍ରକଳ୍ପର ସାମୀକ୍ଷା କରି ଏହାର ସୁବିଧା ଅସୁବିଧା ସମ୍ପର୍କରେ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ । କଣ୍ଟିଲୋ ଗ୍ରାମବାସୀ କିପରି ନିୟମିତ ପାନୀୟ ଜଳ ପାଇ ପାରିବେ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ଥିବା ପମ୍ପ ହାଉସକୁ ଅନ୍ୟତ୍ର ସ୍ଥାନାନ୍ତର, ନୂତନ ଗୃହ ନିର୍ମାଣ, ବହୁ ଦିନ ହେଲା ଅଧାପନ୍ତରିଆ ହୋଇ ରହିଥିବା କାମକୁ ଶେଷ କରିବାକୁ ଅଧୀକ୍ଷଣ ଯନ୍ତ୍ରୀ ଇଂ ସାହୁ କହିଥିଲେ ।

ଉଲ୍ଲେଖ ଯୋଗ୍ୟ, କଣ୍ଟିଲୋରେ ୮୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଫିଲଟର ମେଶିନ ସ୍ଥାପିତ ହୋଇଥିଲା। ହେଲେ ତାହା ଲୋକଙ୍କ ସେବାରେ ଲାଗୁ ନ ଥିବାରୁ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହାର କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ଯନ୍ତ୍ରୀମାନେ ସୂଚନା ଦେଇଥିଲେ।


ବିଭାଗୀୟ ଯନ୍ତ୍ରୀମାନେ ସମୀକ୍ଷା କରି ଫେରୁଛନ୍ତି।

# ଆଦର୍ଶ ବିଦ୍ୟାଳୟ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରୀଛାତ୍ର।

ଖଣ୍ଡପଡ଼ା,୧୩।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ଅଧକ୍ଷ ବିଦ୍ୟାଧର ମହାରଣାଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ , ମୁଖ୍ୟବକ୍ତା ଭାବେ ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ଓ ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଚଳିତ ବର୍ଷ ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଆଦର୍ଶ ବିଦ୍ୟାଳୟର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୫ ଛାତ୍ରୀଛାତ୍ର ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୮ ଜଣ ଛାତ୍ରୀ ଛାତ୍ର ଓ ଜାତୀୟ ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୫ ଜଣ ଛାତ୍ରୀ ଛାତ୍ରଙ୍କୁ ବିଧାୟକ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଆଦର୍ଶ ବିଦ୍ୟାଳୟର ନବାଗତ ଛାତ୍ରୀଛାତ୍ରଙ୍କୁ ଏ ଅବସରରେ ସ୍ୱାଗତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଅତିଥିମାନଙ୍କ ଗହଣରେ ଅନୁଷ୍ଠାନ ପରିସରରେ ଚାରାରୋପଣ କରିଥିଲେ। ସେହିପରି ନିଜ ମା'ଙ୍କ ନାମରେ ସମସ୍ତେ ବାଡି ବଗିଚାରେ ଗୋଟିଏ ଲେଖାଏ ଚାରାରୋପଣ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ମନୋଜ କୁମାର ବିଶ୍ୱାଳ, ଆଶିଷ କୁମାର ବିଶୋଇ, ସ୍ନେହାଶିଷ ଗିରି, ସୌଭାଗ୍ୟ ମହାରଣା, ଅବିନାଶ ସାହୁ, ଶିକ୍ଷୟିତ୍ରୀ ସୁଶ୍ରୀ ସ୍ୱାଗତିକା କହଁର, ଅର୍ଚ୍ଚନା ସାମନ୍ତ, ନମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ରୀଙ୍କୁ ସହଯୋଗର ହାତ ବଢାଇଲେ ସାମାଜିକ କର୍ମୀ

ଖଣ୍ଡପଡ଼ା,୧୩।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ଗ୍ରାମର ସଂଯୁକ୍ତା ପରିବାରର ଆର୍ଥିକ ଅନାଟନ ଯୋଗୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିଲେ। ଏ କଥା ଜଣାପଡିବା ପରେ ସାମାଜିକ କର୍ମୀ ସୁଦୀପ୍ତ କୁମାର ସାହୁଙ୍କ ଉଦ୍ୟମରେ ତାଙ୍କ ପାଠପଢାର ବ୍ୟବସ୍ଥା କରାଯାଇଥିଲା। ସଂଯୁକ୍ତା ପାଠପଢି ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ମାତ୍ର ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଯୋଗୁ ଛାତ୍ରୀ ସଂଯୁକ୍ତା ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହେବାକୁ ଯାଉଥିବା ସଂକ୍ରାନ୍ତରେ ସୁଦୀପ୍ତଙ୍କଠାରୁ ସାମାଜିକ କର୍ମୀ ସ୍ନିଗ୍ଧା ସ୍ନେହଦର୍ଶିନୀ ଅବଗତ ହେବା ପରେ ତାଙ୍କୁ ସହଯୋଗର ହାତ ବଢାଇଛନ୍ତି। ସ୍ନିଗ୍ଧାଙ୍କ ଆର୍ଥିକ ସହଯୋଗରେ ସଂଯୁକ୍ତା ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର +୨ ପ୍ରଥମ ବର୍ଷ କଳା ଶ୍ରେଣୀରେ ନାମ ଲେଖାଇଛନ୍ତି ।

# ଅଞ୍ଜୁମନ-ଈ-ଇସ୍‌ଲାମିଆ ହଲକାର ବୈଠକ

ରଣପୁର,୧୩।୭ (ସୁକାନ୍ତ କିଶୋର ଡାକୁଆ)

ରବିବାର ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳରେ ଥିବା ମୁସିଲମ ସାହି ମସ୍‌ଜିଦ ପ୍ରାଙ୍ଗଣରେ ସିକୋ ଅଞ୍ଜୁମନ-ଈ -ଇସଲାମିଆ ହଲକାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଅଞ୍ଜୁମନ ଖୋର୍ଦ୍ଧାର ସଭାପତି ରମଜାନ ଖାଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁସଲମାନ ଭାଇମାନେ ଏକଜୁଟ୍ ହୋଇ ଆଗକୁ ବଢିବାକୁ ଆହ୍ୱାନ କରିଥିଲେ। ବୈଠକରେ ଉପସ୍ଥିତ ଅତିଥିମାନେ ଗରିବ ମୁସଲମାନଙ୍କୁ କିଭଳି ସାହାଯ୍ୟ କରାଗଲେ ସେମାନଙ୍କ ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇପାରିବ ଓ ଘରୋଇ ହିଂସାକୁ କିଭଳି ରୋକାଯାଇ ପାରିବ ସେନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅବୁବକର ସିଦ୍ଧିକ ବୈଠକର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏଥିରେ ଅନୁଷ୍ଠାନର ସଭାପତି ହାଜି ଅବଦୁଲ ରଜାକ ଖାଁ, ସାଧାରଣ ସମ୍ପାଦକ ହାଜି ନସିମଉଦ୍ଦିନ ଖାଁ, ବରିଷ୍ଠ କାର୍ଯ୍ୟକାରୀ ସଭାପତି ସୟଦ ସୌକତ୍ ଅଲିଖାଁ, ଗୋଲାମ ନବି ତରଫଦାର, ଇଂ.ସୟଦ ହବିବୁର ରହମାନ, ଅଜିତ ଖାଁ, କମାଲ ଖାଁ, ରହି ଖାଁ, ସେଖ ରଫିକ, ମିର କରିମଙ୍କ ସହ ଅଖପାଖ ଅଞ୍ଚଳର ଶତାଧିକ ମୁସଲମାନ ଯୋଗ ଦେଇଥିଲେ।


ଅଞ୍ଜୁମନ-ଈ-ଇସଲାମିଆ ହଲକାର ବୈଠକରେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କୂଅରେ ପଡ଼ି ବୃଦ୍ଧ ମୃତ

ଖଣ୍ଡପଡ଼ା,୧୩।୭ (ଅଜୟ କୁମାର ମହାରଣା)

କୂଅରେ ପଡି ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତ ପୁଆଣିଆ ଗ୍ରାମର ପୂର୍ବତନ ୱାର୍ଡ ସଭ୍ୟ କସ୍ତୁରୀ ଦାସ(୬୫)ଙ୍କ ମୃତ୍ୟୁ ଘଟିଛି । ଶନିବାର ସକାଳେ ସେ କୂଅ ନିକଟରେ ଥିବା ସଜନାଗଛରୁ ଶାଗ ତୋଳୁଥିବା ବେଳେ ଅସାବଧାନତା ବଶତଃ କୂଅକୁ ଖସି ପଡିଥିଲେ। ପରିବାର ସଦସ୍ୟ ଓ ପଡୋଶୀମାନେ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ । ହେଲେ ସଫଳ ନ ହେବାରୁ ଖଣ୍ଡପଡ଼ା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ କୂଅରୁ କସ୍ତୁରୀଙ୍କୁ ଉଦ୍ଧାର କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ଖଣ୍ଡପଡ଼ା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ନିଷ୍କାସନ ପଥ ବନ୍ଦ ଯୋଗୁ ଯାତାୟାତରେ ସମସ୍ୟା

ଖଣ୍ଡପଡ଼ା,୧୩।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମର ୩୫ ଗୌଡ ସାହି ବାସିନ୍ଦା ବହୁ ଦିନରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଗାଣ ବର୍ଷା ଯୋଗୁ ରାସ୍ତାରେ ବର୍ଷା ଜଳ ନିଷ୍କାସନ ହୋଇ ପାରୁ ନାହିଁ। ରାସ୍ତାରେ ୨ ଫୁଟ ଉଚ୍ଚତାରେ ପାଣି ଜମି ରହିଛି । ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି । ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ଜଳ ନିଷ୍କାସନ ପଥକୁ ଅବରୋଧ କରି ସ୍ଥାୟୀ ବାସଗୃହ ନିର୍ମାଣ କରି ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ପ୍ରଶାସନିକ ଅଧିକାରୀ ଅବଗତ ଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଆଗକୁ ବଡ଼ ବର୍ଷା ଆସୁଥିବା ବେଳେ ଏବେ ଠାରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବାକୁ ସାଧାରଣରେ ଗୁରୁତ୍ୱାରୋପ କରାଯାଇଛି। ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଶ୍ରୀଅରବିନ୍ଦ ଦ୍ୱିତୀୟ ବାର୍ଷିକ ପାଠଚକ୍ର



ପାଠଚକ୍ରରେ ମଞ୍ଚାସୀନ ଅତିଥି।

ଓଡ଼ଗାଁ,୧୩।୭ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକସ୍ତରୀୟ ଶ୍ରୀଅରବିନ୍ଦ ଦ୍ୱିତୀୟ ବାର୍ଷିକ ପାଠଚକ୍ର ସ୍ଥାନୀୟ ରଘୁନାଥ ଆଥଲେଟିକ ଆସୋସିଏଶନ ହଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପାଠ ଚକ୍ର ଆବାହକ ସୁନୀଲ କୁମାର ପୃଷ୍ଟି, ଅନ୍ୟତମ ଅତିଥି ରୁପେ ଜିଲା ମହିଳା ପାଠଚକ୍ର ସଙ୍ଗଠିକା ପୁଷ୍ପାଞ୍ଜଳି ସାହୁ,ସଙ୍ଗଠକ ଅଧିକାରୀ ମହାନ୍ତି, ବ୍ଲକ୍ ଆବାହକ ସୁକାନ୍ତ ଚୈଧୁରୀ, ରାଜକିଶୋର ନାୟକ, ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ପାଠ ଚକ୍ର ହେଉଛି ଚିନ୍ତା ଚେତନାର ଯଜ୍ଞଶାଳା।କେବଳ ବ୍ଲକ, ଜିଲା କିମ୍ବା ରାଜ୍ୟ ନୁହେଁ, ପ୍ରତି ପଞ୍ଚାୟତରେ ଏପରିକି ପ୍ରତି ଗାଁରେ ହେବ ପାଠ ଚକ୍ର। ପ୍ରତ୍ୟେକ ଗାଁ ହେବ ଆମଘର। ପ୍ରତ୍ୟେକ ଆମ ପରିବାରର ହେବେ ବୋଲି ମତବ୍ୟକ୍ତ କରିଥିଲେ। ବହୁ ବର୍ଷ ବ୍ୟବଧାନରେ ନୂତନ କରି ପାଠ ଚକ୍ର ଗଠନ ହୋଇଥିବା ଓଡ଼ଗାଁ, ଗିରିଡିପଲ୍ଲି, କୁରାଳ, ରଙ୍ଗଣିପାଟଣା, ରାବରା, ପଞ୍ଚରିଡା ଏବଂ କୋରପିଠା ପଞ୍ଚାୟତର ଆବହକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଆଗାମୀ ଦିନରେ ଓଡ଼ଗାଁ ବ୍ଲକର ପ୍ରତି ପଞ୍ଚାୟତରେ ଆବାହକ ମନୋନୀତ କରାଯାଇ ନିୟମିତ ପାଠଚକ୍ର କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନୀଳମାଧବ ମନ୍ଦିରରେ ଆଲୋକ, ପାନୀୟଜଳ ବ୍ୟବସ୍ଥା ଅଚଳ

ଖଣ୍ଡପଡ଼ା,୧୩।୭(ଅଜୟ କୁମାର ମହାରଣା)

ରାଜ୍ୟରେ ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ ଆନ୍ଦୋଳନ ପ୍ରତ୍ୟାହାର ପରେ ଶୁକ୍ରବାର ରାତିରୁ କଣ୍ଟିଲୋ ନୀଳମାଧବଙ୍କ ପୀଠରେ ବୋଲବମ୍ ଭକ୍ତଙ୍କ ଭିଡ଼ ବଢ଼ିଛି। କିନ୍ତୁ ନୀଳମାଧବଙ୍କ ମନ୍ଦିରରେ ବିଦ୍ୟୁତ୍ ବ୍ୟବସ୍ଥା ନ ଥିବାରୁ ମହାପ୍ରଭୁ, ଦେବାଦେବୀଙ୍କ ମନ୍ଦିର ରାତିରେ ଅନ୍ଧକାର ରହିଥିଲା। ଏପରି କି ପାନୀୟ ଜଳ ପାଇଁ ଶ୍ରଦ୍ଧାଳୁମାନେ ଡହଳ ବିକଳ ହୋଇଥିଲେ। ମନ୍ଦିର ପରିସରରେ ଭକ୍ତମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ନୟାଗଡ଼ ରୋଟାରୀ କ୍ଲବ୍ ପକ୍ଷରୁ ପ୍ରଦାନ କରାଯାଇଥିବା ଆକୁଆଗାର୍ଡ କାର୍ଯ୍ୟକ୍ଷମ ହୋଇନାହିଁ । ସେଥିପାଇଁ ପାନୀୟ ଜଳ ପାଇଁ ଶ୍ରଦ୍ଧାଳୁମାନଙ୍କୁ ଦୋକାନରେ ମିଳୁଥିବା ବୋତଲ ପାଣି ଉପରେ ନିର୍ଭର କରିବାକୁ ପଡୁଛି । ଅପରପକ୍ଷେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମନ୍ଦିର ପରିସରରେ ନିର୍ମାଣ ହୋଇଥିବା ୨୦ ହଜାର ଲିଟର ବିଶିଷ୍ଟ ଟାଙ୍କିରେ ପାଣି ଟୋପାଏ ନାହିଁ। ସମ୍ପ୍ରତି ପ୍ରବଳ ଗରମ ଅନୁଭୂତ ହେଉଥିବାରୁ ଶ୍ରଦ୍ଧାଳୁମାନେ ମନ୍ଦିରରେ ଆଶ୍ରୟ ନେଉଥିଲେ ମଧ୍ୟ ସେଠାରେ ଅନ୍ୟ କୌଣସି ସୁବିଧା ଉପଲବ୍ଧ ନାହିଁ ବୋଲି ଅଭିଯୋଗ ହୋଇଛି।

## ଦହଗଞ୍ଜ ହେଉଛନ୍ତି ବୋଲବମ୍ ଭକ୍ତ

ଅନ୍ୟପକ୍ଷେ ବୋଲବମ ଭକ୍ତଙ୍କ ପାଇଁ ନଦୀକୂଳରେ କୌଣସି ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପୀଠକୁ ପ୍ରତିଦିନ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଛନ୍ତି । ଏବେ ଶ୍ରାବଣ ମାସ ଯୋଗୁ ଶନିବାରରୁ ସୋମବାର ପର୍ଯ୍ୟନ୍ତ ବହୁ ବୋଲବମ ଭକ୍ତଙ୍କ ସମାଗମ ହେଉଛି। ଏପରି ପରିସ୍ଥିତିରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିବାକୁ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ଏବଂ ଷ୍ଟାଫମାନେ ସହଯୋଗ କରିଥିଲେ ମଧ ପର୍ଯ୍ୟାପ୍ତ ଫୋର୍ସ ନ ଥିବାରୁ ଅନେକ ସମସ୍ୟା ସାମ୍ନାକୁ ଆସୁଛି । ରବିବାର ମହାନଦୀରୁ ପାଣି ଉଠାଇବା ପାଇଁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆଙ୍କ ସମାଗମ ହୋଇଥିଲା। ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶା କରାଯାଉଛି। ମାତ୍ର ଏ ଦିଗରେ ପ୍ରଶାସନିକ ଅଧିକାରୀମାନଙ୍କ କୌଣସି ଆନ୍ତରିକତା ନ ଥିବା ଅଭିଯୋଗ ହୋଇଛି। ନଦୀକୂଳରେ ଦମକଳ ବାହିନୀ, ଓଡ୍ରାଫ ଟିମ୍ ରହିବାର ଆବଶ୍ୟକତା ରହିଛି । ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉପରୋକ୍ତ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି । ଅପରପକ୍ଷେ ବୋଲବମ ଭକ୍ତଙ୍କ ନିମନ୍ତେ ନଦୀକୂଳରେ ୩ଟି ବ୍ୟାରିକେଡ଼ ନିର୍ମାଣ କରିବାକୁ ବିଧାୟକ ସ୍ୱାଇଁ ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି । ଆସନ୍ତା ବୁଧବାର, ଗୁରୁବାର ପୂର୍ବରୁ ବ୍ୟାରିକେଡ଼ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।


ମହାନଦୀ କୂଳରେ କାଉଡ଼ିଆଙ୍କ ଭିଡ଼ ଜମିଛି।

**ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ**

# ଠିକାସଂସ୍ଥା ନେବାକୁ ଅରାଜି

- ଉଦ୍‌ଘାଟନର ୫ ମାସ ପରେ ବି ଅଚଳ
- ତ୍ରୁଟିପୂର୍ଣ୍ଣ, ନିମ୍ନମାନର ନିର୍ମାଣ

**ଯାଜପୁର,୧୩।୭(ହର୍ଷବର୍ଦ୍ଧନ ବେହେରା)**

ପର୍ଯ୍ୟଟକଙ୍କ ଆମୋଦ ପ୍ରମୋଦ ପାଇଁ ରାଜ୍ୟ ସରକାର ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବର ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍)ରୁ ପ୍ରାୟ ୭୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ବ୍ୟାସ ସରୋବରର ପୁନରୁଦ୍ଧାର ସମେତ ଜଙ୍ଗଲ ସୃଷ୍ଟି, ମହାଭାରତ ଯୁଗର ହସ୍ତିନାପୁର, କୌରବ ଓ ପାଣ୍ଡବ, ଫୁଲ ବଗିଚା ଇତ୍ୟାଦି କାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ ଭିତରେ ପୁରାତନ ରାଘୁଜୀ ଗୋସାଇଁଙ୍କ ମନ୍ଦିରର ସାମାନ୍ୟ ଉନ୍ନତୀକରଣ ହୋଇଛି। ଏହି ପ୍ରକଳ୍ପକୁ ଗତ ଫେବୃଆରୀ ୮ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିସାରିଛନ୍ତି। ତେବେ ତ୍ରୁଟିପୂର୍ଣ୍ଣ ଓ ନିମ୍ନମାନର ନିର୍ମାଣ ଏବଂ ପୂର୍ବ ଯୋଜନା ଅନୁସାରେ ସମସ୍ତ କାର୍ଯ୍ୟ ହୋଇ ନ ଥିବାରୁ କୌଣସି ଠିକାସଂସ୍ଥା ଏହି ପ୍ରକଳ୍ପକୁ ଚଳାଇବାକୁ ଇଚ୍ଛା ପ୍ରକାଶ କରୁ ନ ଥିବା ସୂଚନା ମିଳିଛି। କଳିଙ୍ଗନଗର ଉନ୍ନୟନ ପରିଷଦ(କେଏନ୍‌ଡିଏ) ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଟେଣ୍ଡର ଆହ୍ୱାନ କରାଯାଇଥିବାବେଳେ ସେଥିରେ କେହି ଆଗ୍ରହ ପ୍ରକାଶ କରି ନ ଥିଲେ। ଏବେ ପୁଣି ଉକ୍ତ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ସୂଚନା ମିଳିଛି। ପୂର୍ବରୁ ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ୍ କର୍ତ୍ତୃପକ୍ଷ ଉକ୍ତ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରି ଠିକାରେ ନେବାକୁ ମନା କରି ଦେଇଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ପ୍ରକଳ୍ପ ଉଦ୍‌ଘାଟନ ହେବାର ପ୍ରାୟ ୫ ମାସ ଅତିକ୍ରାନ୍ତ ହୋଇଥିବାରୁ ବିଭିନ୍ନ ସ୍ଥାନରେ ଅନାବନା ଘାସ ଉଠିବା ସହ କେତେକ ସ୍ଥାନରେ ଟାଇଲ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ଅପରାହ୍ନରେ ବେସରକାରୀ ଭାବେ ୨୦ ଟଙ୍କା ଲେଖାଏ ଆଦାୟ କରାଯାଉଥିଲେ ହେଁ ବୋଟିଂ ସୁବିଧା, ଲାଇଟ୍ ଇତ୍ୟାଦି ନ ଥିବାରୁ ପର୍ଯ୍ୟଟକଙ୍କ ବୁଲିବାର ଆଗ୍ରହ ହ୍ରାସ ପାଉଥିବାର ଚର୍ଚ୍ଚା ହେଉଛି।



ବ୍ୟାସ ସରୋବର ପ୍ରକଳ୍ପ।

ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବ୍ୟାସ ସରୋବରର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୨୦୨୧ରେ ଆରମ୍ଭ ହୋଇଥିଲା। ଦିଲ୍ଲୀର କ୍ରିଷ୍ଣା ବିଲ୍‌ଡର ଏହାର ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ରହିଥିଲା। ତେବେ ଏନ୍‌ଜିଟି ମାମଲା ଯୋଗୁ ପ୍ରକଳ୍ପର ପାଥୱେ, କମ୍ୟୁନିଟି ସେଣ୍ଟର, ରାସ୍ତା, ପ୍ରକଳ୍ପର ପଶ୍ଚିମକୁ ପାଚେରି ନିର୍ମାଣ ଇତ୍ୟାଦି ଅଧାପନ୍ତରିଆ ରହିଥିଲା। ୨୭।୯।୨୦୨୩ରୁ ଏନ୍‌ଜିଟି କଟକଣା ଉଠିଯିବା ପରେ ପାଚେରି ନିର୍ମାଣ ହୋଇଥିଲେ ହେଁ ପାଥୱେ କାର୍ଯ୍ୟ ଅନାବନା ଗଛରେ ଭର୍ତ୍ତି ହୋଇ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏହାସହ ପୋଖରୀ, ଜଙ୍ଗଲ ସୃଷ୍ଟି, ମହାଭାରତ ଯୁଗର ହସ୍ତିନାପୁର, କୌରବ ଓ ପାଣ୍ଡବ, ମାଛ ଆଖି, ଫୁଲ ବଗିଚା, ଭୀଷ୍ମ ଶରଶଯ୍ୟା, ବିଶ୍ୱରୂପ ଇତ୍ୟାଦି କାର୍ଯ୍ୟ ନୈରାଶ୍ୟଜନକ ହୋଇଛି। ବିଶେଷକରି ଜଙ୍ଗଲ ସୃଷ୍ଟି ନାମରେ ୧୦ କୋଟି ୫୦ ଲକ୍ଷ ୭୭ ହଜାର ୮୨୧ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ସବୁଜିମା ଏଯାଏ ହୋଇ ପାରିନାହିଁ। କୌଣସି ସ୍ଥାନରେ ଫୁଲ ବଗିଚା ଦେଖିବାକୁ ମିଳୁନାହିଁ। ଏହାବାଦ ସିଭିଲ୍ କାର୍ଯ୍ୟ ପାଇଁ ୩୮.୬୪ କୋଟି, ବିଦ୍ୟୁତୀକରଣ ପାଇଁ ୭.୦୩ କୋଟି, ବୋଟିଂ, ଶିଶୁ ଉଦ୍ୟାନ, ଫ୍ଲୋଟିଂ ଫାଉଣ୍ଟେନ ଇତ୍ୟାଦି ବାବଦକୁ ୬୯.୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ପାଣି ସିଞ୍ଚନ ବ୍ୟବସ୍ଥା ଠିକ୍ ଭାବେ ନିର୍ମାଣ ହୋଇ ନ ଥିବାରୁ ଅଧିକାଂଶ ଖରାଦିନେ ମରି ଯାଇଛି ଏବଂ ଆଉ କିଛି ଠିକ ଭାବେ ବଢ଼ିପାରିନାହିଁ। ରାସ୍ତା ନିର୍ମାଣ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ପିଡବ୍ଲ୍ୟୁଡି ରାସ୍ତାଠାରୁ ବ୍ୟାସ ସରୋବର ଫାଟକ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ପିଚୁ ରାସ୍ତା କାର୍ଯ୍ୟରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇନାହିଁ। ଫଳରେ ବିଭିନ୍ନ ସ୍ଥାନରେ ପିଚୁ ଉଠି ଗେଟି ଓ ମୋରମ ଦେଖିବାକୁ ମିଳିଛି। ଆସନ୍ତା ୩ ରୁ ୪ ମାସ ମଧ୍ୟରେ ରାସ୍ତ ଅବସ୍ଥା ବିପର୍ଯ୍ୟସ୍ତ ହୋଇପାରେ ବୋଲି ଅନୁମାନ କରାଯାଉଛି।

# ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡର ରାଷ୍ଟ୍ରୀୟ ଦୁଗ୍ଧ ଅଭିଲେଖନ କାର୍ଯ୍ୟକ୍ରମ ଅନୁଧ୍ୟାନ

**ଯାଜପୁର ସଦର,୧୩।୭ (ସମର ବିଜୟ ଶରଣ):**

ଯାଜପୁର ଜିଲାର ବିଞ୍ଝାରପୁରୀ ଗୋ-ପ୍ରଜାତିର ରାଷ୍ଟ୍ରୀୟ ଦୁଗ୍ଧ ଅଭିଲେଖନ କାର୍ଯ୍ୟକ୍ରମକୁ ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡର ବରିଷ୍ଠ ପରିଚାଳକ ଡା. ପରାଗ ପାଣ୍ଡେ (ପ୍ରାଣୀ ପ୍ରଜନନ) ଓ ଡା. ଅର୍ଚ୍ଚନ ଭଟ୍ଟ (ଓଏସ) ଅନୁଧ୍ୟାନ କରିଛନ୍ତି। ଉକ୍ତ ଅଧିକାରୀ ଦ୍ୱୟ ୧୦ରୁ ୧୨ ତାରିଖ ତିନି ଦିନ ଧରି ଯାଜପୁର ଜିଲା ପ୍ରାଣୀ ସମ୍ପଦ ବିଭାଗର ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସାଳୟଧିକାରୀ ଡା. ସୁବ୍ରତ କୁମାର ମହାପାତ୍ରଙ୍କ ସହିତ ଆଲୋଚନା କରିଛନ୍ତି। ପରେ ପ୍ରକଳ୍ପ ଅଧିକାରୀ ଡା. ନିମାଇଁ ଚରଣ ପଟ୍ଟନାୟକ, ରସୁଲପୁର ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ ତଥା ବିଞ୍ଝାରପୁରୀ ଗୋ-ପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତିର ବୈଷୟିକ ପରାମର୍ଶଦାତା ଡା. ଜ୍ୟୋତି ରଂଜନ ମହାନ୍ତି, ସମିତିର ସଂପାଦକ ସୁକାନ୍ତ କୁମାର ବିଶ୍ୱାଳ, ସୁପର ଭାଇଜର ଦୁର୍ଯ୍ୟୋଧନ ମିଶ୍ର, ନରେନ୍ଦ୍ର କୁମାର ସାହୁ ଏବଂ ଦୁଗ୍ଧ ଅଭିଲେଖକମାନଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି। ଏହାପରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା ଜିଲାର ବିଭିନ୍ନ ଅଞ୍ଚଳକୁ ଯାଇ ଚାଷୀଙ୍କ ସହିତ ଆଲୋଚନା କରିବା ସହିତ ରେକର୍ଡିଂ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଛନ୍ତି। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ଓଡ଼ିଶା ପ୍ରାଣୀ ସମ୍ପଦ ବିକାଶ ସମିତିର ଉପନିର୍ଦ୍ଦେଶକ ଡା. ସୌମେନ୍ଦ୍ର କୁମାର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ଗୋକୁଳ ମିଶନ କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱର ପ୍ରାଣୀ ସମ୍ପଦ ବିକାଶ ସମିତି ଦ୍ୱାରା ଏହା କାର୍ଯ୍ୟକାରୀ ହେଉଛି।

# ମହୁଲିଆ-ହରିଶପୁର କେନାଲରେ କୁମ୍ଭୀର

**ରାଜନଗର, ୧୩।୭ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ମହୁଲିଆ-ହରିଶପୁର କେନାଲରେ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। କେନାଲରେ ବିରାଟକାୟ କୁମ୍ଭୀରକୁ ଦେଖି ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଏହି କେନାଲ ମହୁଲିଆରୁ ବାହାରି ମହୁଲିଆ, ମହିଁଷାସୁର, କୁରୁଣ୍ଟି ପଞ୍ଚାୟତ ଦେଇ ବ୍ରାହ୍ମଣସାହି ପଞ୍ଚାୟତ ଯାଏ ଯାଇଛି। ଏହି କେନାଲର ବାଘୁଆ ଗାଁ ନିକଟରେ ଥିବା ଚାଷ ଜମିରେ ବୀରକିଶୋର ଚରାଇ, ମହେନ୍ଦ୍ର ଚରାଇ, ହେମନ୍ତ ଜେନା, ଗୋପବନ୍ଧୁ ଜେନା, ବଂଶୀଧର ନାୟକ ଓ ବ୍ରହ୍ମାନନ୍ଦ ଦାସ ପ୍ରମୁଖ ଚାଷୀମାନେ ଧାନତଳି ରୋଉ ଥିଲେ। ଅପରାହ୍ନ ପ୍ରାୟ ସାଢେ ୨ଟାରେ କେନାଲରେ ୫ ଫୁଟରୁ ଊର୍ଦ୍ଧ୍ୱ ଲମ୍ବର କୁମ୍ଭୀର ଦେଖି ଚାଷୀ ପାଟି କରିବାରୁ ନିକଟରେ ଥିବା ଚାଷୀମାନେ ଧାଇଁ ଆସିଥିଲେ। ନାଳରେ ଅଧିକ ପରିମାଣରେ କଟକି ଦଳ ଥିବାରୁ କୁମ୍ଭୀରଟି ଲୁଚି ଯାଇଥିଲା। ଚାଷ ଜମିକୁ ନାଳ ଲାଗିଥିବାରୁ କୁମ୍ଭୀର ଭୟରେ ଚାଷୀମାନେ ଚାଷ କାର୍ଯ୍ୟ କରିବାକୁ ଭୟ କରୁଛନ୍ତି। ଏ ନେଇ ବନ ବିଭାଗ କୁମ୍ଭୀରକୁ ଉଦ୍ଧାର କରି ଅନ୍ୟତ୍ର ନେଇଯିବାକୁ ଚାଷୀମାନେ ଦାବି କରିଛନ୍ତି।

# ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ ଘଟଣାରେ ଆଉ ଜଣେ ଗିରଫ

**ରସୁଲପୁର,୧୩।୭(ରଞ୍ଜିତ ରାଉତ):**

କୁଆଖିଆ ଥାନା ଟିକରପଡ଼ା ପଞ୍ଚାୟତ କୁଜିବର ଗ୍ରାମରେ ପୂର୍ବ ରାଜନୈତିକ ଶତ୍ରୁତାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ରବିବାର ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସୁଧାଂଶୁ ରାଉତ(୨୫) ।

ବୁଧବାର ରାତିରେ ଏହି ଘଟଣା ଘଟିଥିଲା। ଏ ନେଇ ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ନଂ.୨୬୪/୨୫ ଓ ୨୬୫/୨୫ରେ ୨ଟି ମାମଲା ରୁଜୁ କରିବା ସହ ଉଭୟ ପକ୍ଷରୁ ଗୁରୁବାର ଜଣେ ଲେଖାଏ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନଂ.୨୬୫ କେସ୍ ଆଧାରରେ ସୁଧାଂଶୁଙ୍କୁ ଗିରଫ କରାଯାଇଛି। ଉକ୍ତ ଅଭିଯୁକ୍ତଙ୍କୁ ମିଶାଇ ଗିରଫ ସଂଖ୍ୟା ୩ରେ ପହଞ୍ଚିଛି।

୫ଦିନ ତଳେ ଉପୁଜିଥିବା ଗଣ୍ଡଗୋଳକୁ ନେଇ ବାସନ୍ତି ବେହୁରାୟ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଥାନାରେ ନଂ.୨୬୪/୨୫ରେ ମାମଲା ରୁଜୁ କରାଯାଇଥିଲା । ଏହି ଅଭିଯୋଗ ଆଧାରରେ ଅଭିଯୁକ୍ତ ରସାନନ୍ଦ ବେହୁରା ଗିରଫ ହୋଇଥିଲେ। ସେହିପରି ରସାନନ୍ଦ ବେହୁରାଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୨୬୫/୨୫ରେ ଆଉ ଏକ ମାମଲା ରୁଜୁ କରିଥିଲା। ଉକ୍ତ ଅଭିଯୋଗ ଆଧାରରେ ଅଭିଯୋଗକାରିଣୀଙ୍କ ପୁଅ ଚନ୍ଦ୍ରଶେଖର ବେହୁରାୟଙ୍କୁ ପୋଲିସ ଗିରଫ କରିଥିଲା।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା।

**ଯାଜପୁର ଟାଉନ ୧୩।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ସାଙ୍ଗଠନିକ ଜିଲା ପକ୍ଷରୁ ରବିବାର ଯାଜପୁର ପୌରପରିଷଦ ଅନ୍ତର୍ଗତ କୋଦଣ୍ଡପୁର ଦେବେଶ୍ୱର କଲଚରାଲ ଏକାଡେମୀ ପରିସରରେ ସାଙ୍ଗଠନିକ ଆଲୋଚନା ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଙ୍ଘ ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ଜିଲାସ୍ତରୀୟ କାର୍ଯ୍ୟକ୍ରମର ହିସାବ, ସଂଘର ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ବିଷଦ ଆଲୋଚନା କରାଯାଇଥିଲା। ସର୍ବସମ୍ମତିକ୍ରମେ ଯାଜପୁର ବ୍ଲକ ସଂଯୋଜକ ଭାବେ ବିଦ୍ୟାଧର ବେହେରାଙ୍କୁ ମନୋନୀତ କରାଯାଇଥିଲା। ପରେ ସଂଘ ପକ୍ଷରୁ ବିଭିନ୍ନ ପ୍ରକାରର ଫଳ ଏବଂ ଫୁଲ ଚାରା ରୋପଣ କରାଯାଇ ପରିବେଶ ସନ୍ତୁଳନତା ଦିଗରେ ସମାଜକୁ ବାର୍ତ୍ତା ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଉପ ସଭାପତି ପବିତ୍ର ରଞ୍ଜନ ମହାନ୍ତି, ପ୍ରଦୀପ ଜେନା, ଜିଲା ସମ୍ପାଦକ ଶୁଭାଶିଷ ରାଉତ, ଜିଲା କୋଷାଧ୍ୟକ୍ଷ ସଞ୍ଜୟ କର, ଯାଜପୁର ମ୍ୟୁନିସିପାଲିଟି ସଂଯୋଜକ ଦିବ୍ୟକାନ୍ତ କର, ବ୍ୟାସନଗର ସଂଯୋଜକ ଯଜ୍ଞଦତ୍ତ ତ୍ରିପାଠୀ, ଅବିନାଶ ସ୍ୱାଇଁ, ଅଜୟ ବେହେରା, ଭରତ ନାୟକ, ସୁରେଶ କର, ପ୍ରକାଶ ସାହୁ, ଦର୍ଶନୀ ବେହେରା, ଅଶୋକ ଦାସ ଓ ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

**ଧର୍ମଶାଳା,୧୩।୭(ବଟକୃଷ୍ଣ ପରିଡ଼ା):**

ବଜ୍ରପାତରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ବଳଭଦ୍ରପୁର ଗାଁର ଜଣେ ଚାଷୀଙ୍କ ରବିବାର ମଧ୍ୟାହ୍ନରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ଭାଗିରଥି ନାୟକ (୫୫)। ଭାଗିରଥି ବିଲରେ କାମ କରୁଥିବାବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜେନାପୁର ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ମାମଲା ନଂ.୨୧/୨୫ ରୁଜୁ ହୋଇଥିବା ଥାନା ଅଧିକାରୀ ନିରୂପମା ଜେନା ସୂଚନା ଦେଇଛନ୍ତି।

# ମାରଣାସ୍ତ୍ର ଦେଖାଇ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

**ରାହାମା, ୧୩।୭(ଶ୍ରୀକାନ୍ତ ଦାସ)**

ମାରଣାସ୍ତ୍ର ଦେଖାଇ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାଚେନ ଲୁଟି ନେଇଛନ୍ତି। ତିର୍ତ୍ତୋଲ ଥାନା ଅନ୍ତର୍ଗତ ରାହାମା ବଡବଜାରସ୍ଥିତ ରୁନୁ ଜୁଏଲେରୀ ନିକଟରେ ଶନିବାର ରାତିରେ ଏହି ଘଟଣା ଘଟିଛି। ମହିଳା ଜଣକ ହେଲେ ପଙ୍କପାଳ ପଞ୍ଚାୟତ ବାନିକୁନ୍ଦ ଗ୍ରାମର ଭାଗ୍ୟବତୀ ରାଉତ।

ପ୍ରକାଶ ଯେ, ଭାଗ୍ୟବତୀ ତାଙ୍କ ବନ୍ଧୁଙ୍କ ଘରକୁ ଏକୋଇଶିଆ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରୁନୁ ଜୁଏଲେରୀରୁ ଏକ ସୁନା ଲକେଟ କିଣିବାକୁ ଯାଇଥିଲେ। ଜିନିଷ କିଣି ସାରି ତାଙ୍କ ସହିତ ଆସିଥିବା ଅନ୍ୟ ମହିଳାଙ୍କ ନିକଟକୁ ଯାଉଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ଏକ କଳା ରଙ୍ଗର ପଲ୍‌ସର ବାଇକ୍‌ରେ ଆସି ମାରଣାସ୍ତ୍ର ଦେଖାଇ ଭାଗ୍ୟବତୀ ବେକରେ ପିନ୍ଧି ଥିବା ୧୫ ଗ୍ରାମ୍‌ର ସୁନାଚେନକୁ ଛିଡ଼ାଇ ନେଇ ଚାଲିଯାଇଥିଲେ। ଭାଗ୍ୟବତୀ ପାଟି କରିବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଭୟଭୀତ କରି ଫେରାର ହୋଇଯାଇଥିଲେ। ଖବରପାଇ ତିର୍ତ୍ତୋଲ ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ଆଉ ଶୁଭୁନାହିଁ କେନ୍ଦରା ଗୀତ



ଜଣେ ବ୍ୟକ୍ତି ଗାଁ ଦାଣ୍ଡରେ କେନ୍ଦରା ବଜାଉଛନ୍ତି।

**ଯାଜପୁର ଟାଉନ,୧୩।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ପ୍ରାଚୀନ କାଳରେ ବାଦ୍ୟ ଯନ୍ତ୍ର ବଜାଇ ଗୀତ ବୋଲା ଯାଉଥିଲା। କେନ୍ଦରା ବଜାଇ କିଛି ଲୋକ ଭିକ୍ଷା ବୃତ୍ତି କରୁଥିଲେ। ଏପରିକି କେନ୍ଦରା ଗୀତ ବଜାଇ ସେମାନେ ଲୋକଙ୍କ ମନମୁଗ୍ଧ କରୁଥିଲେ। ଏହି କେନ୍ଦରା ବଜାଇ ଟିକା ଗୋବିନ୍ଦ ଚନ୍ଦ୍ର ଗୀତ ଗାଇ କେନ୍ଦରାବାଲା ଯେତେବେଳେ ଗାଁ ମୁଣ୍ଡରେ ପ୍ରବେଶ କରୁଥିଲେ ଘରଦ୍ୱାର ମୁହଁରେ ଛିଡ଼ା ହୋଇ ହୋଇଥିବା ମହିଳାଙ୍କ ଆଖିରୁ ଲୁହ ଆପେ ଆପେ ବାହାରି ଆସୁଥିଲା। କିନ୍ତୁ ଏବେ ଆଉ ସେ ସ୍ୱର ଶୁଭିବାକୁ ମିଳୁନାହିଁ। ଏହି ବାଦ୍ୟଯନ୍ତ୍ର ବିଲୋପ ଆଡ଼କୁ ମୁହାଁଇଥିବା ବେଳେ ବଂଶାନୁକ୍ରମେ ଏହି ବାଦ୍ୟକୁ ଜୀବିତ କରି ରଖିଛନ୍ତି ଦଶରଥପୁର ବ୍ଲକ ବିରଜାପୁର ଗ୍ରାମର ପଦ୍ମନାଭ ଦାସ। ତାଙ୍କ ପିତା ମଧ୍ୟ କେନ୍ଦରା ବଜାଉଥିଲେ। ଏବେ ପଦ୍ମନାଭ ସେହି ପରମ୍ପରାକୁ ବଜାଇ ରଖିଛନ୍ତି। ଅନ୍ୟପକ୍ଷରେ ଏବେ ଲୋକ କଳା ଯୋଗୁ ପୁରୁଣା ପରମ୍ପରାକୁ ବଜାୟ ରଖିବାର ପ୍ରୟାସ ଆରମ୍ଭ ହୋଇଛି। କେନ୍ଦରା, ନାଉଧୁଡୁକି, ଏକ୍‌ତାରା, ଖଞ୍ଜଣି ସମେତ ବିଭିନ୍ନ ପ୍ରାଚୀନ ବାଦ୍ୟଯନ୍ତ୍ର କଳାକାରଙ୍କ ଦ୍ୱାରା ସାଇତି ରଖିବାର ସମୟ ଆସିଥିବାବେଳେ ପରମ୍ପରା ଅନୁଯାୟୀ ଏହି ବାଦ୍ୟଯନ୍ତ୍ରର ସ୍ୱର ପୁର୍ନବାର ଲୋକଙ୍କ ମନକୁ ମୋହିବ ବୋଲି କୁହାଯାଉଛି।

## ୨ ଗାଡ଼ି ଅଟକ

**ଔପଦା,୧୩।୭(ଧରିତ୍ରୀ ପଣ୍ଡା)**

ଔପଦା ପୋଲିସ ରାତ୍ରି ପାଟ୍ରୋଲିଂ ସମୟରେ ମୁଖ୍ୟ ରାସ୍ତାର ପୃଥକ୍ ସ୍ଥାନରୁ ଦୁଇଟି ଗାଡ଼ିକୁ ଧରି ଥାନାରେ ଅଟକ ରଖିଛି। ଧରା ଯାଇଥିବା ଦୁଇଟି ଗାଡ଼ି ମଧ୍ୟରୁ ଗୋଟିଏ ଟାଟା ସୋମ, ହୋଇଥିବା ବେଳେ ଅନ୍ୟଟି ପିକଅପ୍ ଭ୍ୟାନ ବୋଲି ପୋଲିସ କହିଛି। ଗାଡ଼ି ଦୁଇଟି ବିଳମ୍ବିତ ରାତିରେ କୌଣସି ଜିନିଷ ଚୋରା ଚାଲାଣ କରୁଥିବା ପୋଲିସ ସନ୍ଦେହ କରି ଅଟକ ରଖିଛି।

# ସହଯୋଗର ହାତ ବଢ଼ାଇଲା ଜିଲା ସ୍ୱାସ୍ଥ୍ୟ ବିଭାଗ

**ସହଦେବ, ଝିଅଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ ପ୍ରସଙ୍ଗ**

- ସ୍ଥିତି ଅନୁଧ୍ୟାନ କଲେ ବିଧାୟକ ଓ ଡାକ୍ତର
- ଜିଲା ମୁଖ୍ୟ ଚିକିତ୍ସାଳୟରେ ରିଙ୍କିଙ୍କ ମାଗଣା ଚିକିତ୍ସା ହେବ
- ସହଦେବଙ୍କୁ ଭିନ୍ନକ୍ଷମ ଭତ୍ତା ପାଇଁ ପ୍ରତିଶ୍ରୁତି

**ଜଗତ୍‌ସିଂହପୁର, ୧୩।୭ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ବ୍ଲକ ବଳରାମପୁର ପଞ୍ଚାୟତ ଅନ୍ତର୍ଗତ ବାଇଜଙ୍ଗା ଗ୍ରାମର ସହଦେବ ଦାସ ଆଣ୍ଠୁଗଣ୍ଠି ରୋଗରେ ଆକ୍ରାନ୍ତ ହୋଇ କାମଧନ୍ଦା କରିପାରୁ ନାହାନ୍ତି। କେବଳ ଏତିକି ନୁହେଁ ତାଙ୍କ ଝିଅ ରିଙ୍କି ମଧ୍ୟ ପାଖାପାଖି ୬ ମାସ ହେବ ଅଜଣା ରୋଗରେ ପୀଡିତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ସହଦେବ ଅକର୍ମଣ୍ୟ ହୋଇଯିବା ପରେ ଅର୍ଥାଭାବ ଦେଖାଦେଇଛି। ଫଳରେ ପରିବାର ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛି। ରବିବାର ଏ ସମ୍ପର୍କରେ ଧରିତ୍ରୀ ସମେତ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ପରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ବରିଷ୍ଠ ଡାକ୍ତର ସରୋଜ କୁମାର ଜେନା ପ୍ରମୁଖ ପୀଡିତଙ୍କ ଘରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ଆଗେଇ ଆସିଛି। ଏ ସମ୍ପର୍କରେ ଡ. ଜେନା କହିଛନ୍ତି ସୋମବାର ରିଙ୍କିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇ ମାଗଣା ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଉଛି। ଏଥିସହ ଆଉ କ'ଣ ସରକାରୀ ସହାୟତା ମିଳିପାରିବ ସେବାବଦରେ ଚିନ୍ତା କରାଯାଉଛି। ସେହିପରି ସହଦେବଙ୍କୁ ମଧ୍ୟ ଭିନ୍ନକ୍ଷମ ଭତ୍ତା ଦେବା ପାଇଁ ମେଡିକାଲ ବୋର୍ଡରେ ହାଜର ହେବାକୁ ପରାମର୍ଶ ଦିଆଯାଇଛି। ସେ ସୋମବାର ବୋର୍ଡରେ ପହଞ୍ଚିଲେ ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଡ. ଜେନା କହିଛନ୍ତି। ଅନ୍ୟପଟେ ବିଧାୟକ ଦାସ ମଧ୍ୟ ଏହି ପରିବାରର ଦୁର୍ଦ୍ଦିନରେ ଯଥା ସମ୍ଭବ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ବିଧାୟକ ଦାସ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ସହଦେବଙ୍କୁ ପ୍ରଦାନ କରିଛନ୍ତି।



ବିଧାୟକ ଅମରେନ୍ଦ୍ର ଦାସ ଓ ଡାକ୍ତର ସରୋଜ ଜେନା ସହଦେବଙ୍କ ଘରେ ପହଞ୍ଚିଛନ୍ତି।

ପ୍ରକାଶଥାଉ କି, ସହଦେବଙ୍କ ପରିବାର କହିଲେ ସ୍ତ୍ରୀ ସାବିତ୍ରୀ, ୨୪ ବର୍ଷର ଝିଅ ରିଙ୍କି, ପୁଅ ସୌମ୍ୟ ରଞ୍ଜନ ଓ ଦିପ୍ୟରଞ୍ଜନଙ୍କୁ ନେଇ ଗଠିତ। ମୂଲପାତି ଲାଗି ସହଦେବ ଯାହା ରୋଜଗାର କରନ୍ତି ସେଥିରେ ପରିବାର କଷ୍ଟେମଷ୍ଟେ ଚଳି ଯାଉଥିଲା। ହଠାତ୍ ଆଣ୍ଠୁଗଣ୍ଠି ରୋଗରେ ପୀଡିତ ହୋଇ ସେ ଏକପ୍ରକାର ଅକର୍ମଣ୍ୟ ହୋଇ ପଡିଥିଲେ। ଅନ୍ୟପଟେ ଝିଅ ପାଖାପାଖି ୬ ମାସ ହେବ ଅଜଣା ରୋଗରେ ପୀଡିତ ହେବାରୁ ଶରୀରର ବିଭିନ୍ନ ସ୍ଥାନରେ ଘା ହୋଇଯାଉଛି। ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଏହି ଦୁହିଁଙ୍କ ସେବାଶୁଶ୍ରୂଷା ଓ ପରିବାର ସଦସ୍ୟମାନଙ୍କ ପେଟକୁ ଦାନା ଯୋଗାଡ କରିବା ସାବିତ୍ରୀଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡିଛି। ତଥାପି ଭଗବାନଙ୍କ ଉପରେ ଭରସା ରଖି ହାତ ଟେକି ଦେଇଛନ୍ତି। ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ଏହି ପରିବାରକୁ ସହାୟତାର ହାତ ବଢାଇବାକୁ ଅନୁରୋଧ କରାଯାଇଛି।

# ପଟ୍ଟାମୁଣ୍ଡାଇରେ ବୃଦ୍ଧି ପାଉଛି ଅସାମାଜିକ କାର୍ଯ୍ୟ, ପୋଲିସ ନିଷ୍କ୍ରିୟ

## ମଝି ରାସ୍ତାରେ ଚାଲିଛି ବେଆଇନ ଗାଡ଼ି ପାର୍କିଂ

ପଟ୍ଟାମୁଣ୍ଡାଇ,୧୩।୭(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ କିଛିମାସ ହେବ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଛନ୍ତି। ଏଠାରେ ଦିନକୁଦିନ ବେଆଇନ ନିଶା କାରବାର, ଚୋରି, ଡକାୟତି, ବ୍ୟାପକ ଲଘୁ ଖଣିଜ ଲୁଟ, ଗୋଷ୍ଠୀ ସଂଘର୍ଷ, ଅସାମାଜିକ ଗୋଷ୍ଠୀଙ୍କ ଆତଙ୍କରାଜ, ବିଭିନ୍ନ ନକଲି ସାମଗ୍ରୀ ପ୍ରଚଳନ, ସ୍ପିଡ୍ ବାଇକଧାରୀଙ୍କ ଉତ୍ପାତ, ଦାଦାବଟି ଆଦି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ଘଟୁଥିଲେ ମଧ୍ୟ ପୋଲିସ ସମ୍ପୂର୍ଣ୍ଣ ହାତ ବାନ୍ଧି ବସିଛି। ସହର ରାସ୍ତାରେ ବେଆଇନ ଗାଡ଼ି ପାର୍କିଂ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ସହରର ଗଳିକନ୍ଦିରେ ବ୍ରାଉନସୁଗାର ବ୍ୟବସାୟୀ ରାଜ କରୁଥିବାବେଳେ ଲୋକେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହି ପରିସ୍ଥିତିରେ ପୋଲିସର ନୀରବ ଓ ନିଷ୍କ୍ରିୟତା ଜନସାଧାରଣଙ୍କୁ ଅଧିକ ଚିନ୍ତିତ ଓ ଭୟଭୀତ କରୁଛି।

ପଟ୍ଟାମୁଣ୍ଡାଇରେ ବଢୁଥିବା ଆପରାଧିକ କାର୍ଯ୍ୟକଳାପକୁ ନେଇ ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ପ୍ରଦୀପ ଦାଶ ଜିଲା ପୋଲିସର ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ପଟ୍ଟାମୁଣ୍ଡାଇ ଶାନ୍ତିପ୍ରିୟ ସ୍ୱାଭିମାନ ଅଞ୍ଚଳ ଥିଲା। ଏଠାରେ ୨ଟି ଥାନା, ଗୋଟିଏ ଫାଣ୍ଡି ଅଛି। ପୂର୍ବରୁ ଏଠାରେ ସେପରି କୌଣସି ପ୍ରକାର ଅଶାନ୍ତି ଦେଖାଯାଉ ନ ଥିଲା। ମାତ୍ର ଏବେ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରେ ଥିବା ବିଭିନ୍ନ ବାଲି ଘାଟରୁ ଚଳିତବର୍ଷ ପ୍ରତ୍ୟେକ ଦିନ ବାଲି ଚୋରା ଚାଲାଣ ହେଉଥିଲା। ପୋଲିସ ପ୍ରଶାସନ ଆଦୌ ଦୃଷ୍ଟି ଦେଉ ନ ଥିବାରୁ ବାଲିଘାଟକୁ ନେଇ ଗୋଷ୍ଠୀ ସଂଘର୍ଷ ଭଳି ଘଟଣା ଘଟିଥିଲା। ଯାହାକୁ ନେଇ କେତେଜଣ ଯୁବକ ସହରରେ ଖଣ୍ଡା ଧରି ଆତଙ୍କ ସୃଷ୍ଟି କରିଥିବାବେଳେ ଅପରଗୋଷ୍ଠୀ ମଧ୍ୟ ଅନୁରୂପ ଭାବେ ଧମକ ଦେଇଥିବା ନେଇ ଥାନାରେ ମାମଲା ଚାଲିଛି। ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସହରରେ ଚୋରାମଦ, ଗଞ୍ଜେଇ, ବ୍ରାଉନସୁଗାର କାରବାର ବଢ଼ିବଢ଼ି ଚାଲିଛି। ଯୁବଗୋଷ୍ଠୀ ଏହି ନିଶାର ପଥିକ ହୋଇ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଘଟାଉଛନ୍ତି। ଚଳିତମାସ ଅବକାରୀ ବିଭାଗ ପୋଖରିଆପଡ଼ା, କଷଣଅଣ୍ଡାରୁ ୩ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିବା ସହ ୧୪ ଲକ୍ଷ ଟଙ୍କାର ଧଳା ଜହର ଜବତ କରିଛି। ହେଲେ ପୋଲିସ ଚୋରା କାରବାରର ସୁରାକ ପାଉ ନାହିଁ। ଅନ୍ୟପକ୍ଷରେ ଏଠାକାର ବ୍ୟବସାୟୀଙ୍କୁ ଦାଦାବଟି ମଗା ଯାଉଥିବା ବେଳେ ପୋଲିସ ସମ୍ପୂର୍ଣ୍ଣ ହାତବାନ୍ଧି ବସିଛି। ଗତ ସପ୍ତାହରେ ଜଣେ ବ୍ୟବସାୟୀଙ୍କ ପାଖରୁ ଦାଦାବଟି ଆଦାୟକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଧରି ସ୍ଥାନୀୟ ଲୋକେ ନିପ୍ଠୁକ ମାଡ଼ ମାରିଥିଲେ। ପୋଲିସ ତାକୁ ଉଦ୍ଧାର କରି ମେଡିକାଲରେ ଚିକିତ୍ସିତ କରିଥିଲା। ମାତ୍ର ଅଭିଯୋଗ ନ ହେବାରୁ ମାମଲା ରଫାଦଫା କରାଯାଇଥିଲା। ଏହି ଦାଦାବଟିରେ ସମ୍ପୃକ୍ତ ଅପରାଧୀ ଜଣକ ପଡୋଶୀ ଜିଲା ଜେଲରେ ରହି ନେଟଓ୍ୱର୍କ ଚଳାଉଥିବା କେତେଜଣ ବ୍ୟବସାୟ ନିଜ ନାମ ଗୋପନ ରଖି କହିଛନ୍ତି। ଯଦି ଉପରୋକ୍ତ ଦାଦାବଟି ଉପରେ ତଦନ୍ତ ହୋଇଥାନ୍ତା ତାହା ହେଲେ ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ମୁଖା ଖୋଲିବା ସହ ଜେଲ ଭିତରୁ ବ୍ୟକ୍ତିଗତ ମୋବାଇଲରୁ କିପରି ଫୋନ ଆସିପାରୁଛି ତାହାର ଗୁମର ପଦାକୁ ଆସିପାରିଥାନ୍ତା। ହେଲେ ତାହା କରାଗଲା ନାହିଁ। ସହରରେ ଯୁବଗୋଷ୍ଠୀଙ୍କ ଦ୍ୱାରା ହାଇ ସ୍ପିଡ ବାଇକ୍ ଚାଳନା କରାଯାଉଛି। ଘରୁ ରାସ୍ତାକୁ ବରିଷ୍ଠ ନାଗରିକ ଓ ମହିଳାମାନେ ବାହାରିଲେ ସେମାନଙ୍କୁ ସୁରକ୍ଷା ଚିନ୍ତା ଘାରୁଛି। ଏଥିସହ ରାସ୍ତାରେ ଯିଏ ଯେଉଁଠି ଚାହୁଁଛି ସେଠି ଗାଡିକୁ ପାର୍କିଂ କରି ପଳାଉଛି। ମୁଖ୍ୟରାସ୍ତାର ଅଧା ପର୍ଯ୍ୟନ୍ତ ଗାଡି ପାର୍କିଂ କରୁଥିବା ଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସବ ଇନ୍ସପେକ୍ଟର ଶଶିକାନ୍ତ ନାୟକଙ୍କୁ ପଚାରିବାରେ ରାତ୍ରି ପାଟ୍ରୋଲିଂ ଜାରି ରହିଛି। ରାସ୍ତାରେ ଗାଡ଼ି ପାର୍କିଂ ଓ ଯୁବକଙ୍କ ସ୍ପଡ ବାଇକ୍ ଚାଳାଇବା ଉପରେ ଚେକିଂ ଜାରି ରହିଥିବା ଜରିମାନା କରାଯାଉଛି ବୋଲି ସେ କହିଛନ୍ତି।


ରାସ୍ତା ଉପରେ ଗାଡ଼ି ପାର୍କିଂ ଯୋଗୁ ଯାତାୟାତରେ ବାଧା ଉପୁଜିଛି।

# ମାରଣାସ୍ତ୍ର ଦେଖାଇ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ରାହାମା, ୧୩।୭(ଶ୍ରୀକାନ୍ତ ଦାସ)

ମାରଣାସ୍ତ୍ର ଦେଖାଇ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାଚେନ ଲୁଟି ନେଇଛନ୍ତି। ତିର୍ତ୍ତୋଲ ଥାନା ଅନ୍ତର୍ଗତ ରାହାମା ବଡବଜାରସ୍ଥିତ ରୁନୁ ଜୁଏଲେରୀ ନିକଟରେ ଶନିବାର ରାତିରେ ଏହି ଘଟଣା ଘଟିଛି। ମହିଳା ଜଣକ ହେଲେ ପଙ୍କପାଳ ପଞ୍ଚାୟତ ବାନିକୁନ୍ଦ ଗ୍ରାମର ଭାଗ୍ୟବତୀ ରାଉତ।

ପ୍ରକାଶ ଯେ, ଭାଗ୍ୟବତୀ ତାଙ୍କ ବନ୍ଧୁଙ୍କ ଘରକୁ ଏକୋଇଶିଆ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରୁନୁ ଜୁଏଲେରୀରୁ ଏକ ସୁନା ଲକେଟ କିଣିବାକୁ ଯାଇଥିଲେ। ଜିନିଷ କିଣି ସାରି ତାଙ୍କ ସହିତ ଆସିଥିବା ଅନ୍ୟ ମହିଳାଙ୍କ ନିକଟକୁ ଯାଉଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ଏକ କଳା ରଙ୍ଗର ପଲ୍‌ସର ବାଇକ୍‌ରେ ଆସି ମାରଣାସ୍ତ୍ର ଦେଖାଇ ଭାଗ୍ୟବତୀ ବେକରେ ପିନ୍ଧି ଥିବା ୧୫ ଗ୍ରାମ୍‌ର ସୁନାଚେନକୁ ଛିଡ଼ାଇ ନେଇ ଚାଲିଯାଇଥିଲେ। ଭାଗ୍ୟବତୀ ପାଟି କରିବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଭୟଭୀତ କରି ଫେରାର ହୋଇଯାଇଥିଲେ। ଖବରପାଇ ତିର୍ତ୍ତୋଲ ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ମଧ୍ୟସ୍ଥତା ମାଧ୍ୟମରେ ମକଦ୍ଦମା ସମାଧାନ ହେବ

ଜଗତ୍‌ସିଂହପୁର, ୧୩।୭
(ପ୍ରମୋଦ କୁମାର ନାୟକ)

ଜାତୀୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ 'ରାଷ୍ଟ୍ର ପାଇଁ ମଧ୍ୟସ୍ଥତା' ଶୀର୍ଷକ ୯୦ ଦିନିଆ ମଧ୍ୟସ୍ଥତା ଅଭିଯାନ ଆରମ୍ଭ ହୋଇଛି। ଏନେଇ ଜଗତ୍‌ସିଂହପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଭିଯାନ ଅନୁଯାୟୀ ଜିଲା ଓ ତାଲୁକସ୍ତରୀୟ ବିଭିନ୍ନ ଅଦାଲତରେ ଥିବା ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ ମାମଲା, ବାଣିଜ୍ୟିକ ବିବାଦ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ, ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ଦିୱାନୀ ମକଦ୍ଦମାଗୁଡ଼ିକ ଜୁଲାଇ ୩୧ ତାରିଖ ଭିତରେ ଚିହ୍ନଟ କରାଯିବ। ଏହାପରେ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ ପାଇଁ ଜିଲା ମଧ୍ୟସ୍ଥତା କେନ୍ଦ୍ରକୁ ପଠାଯିବ। ଜିଲା ମଧ୍ୟସ୍ଥତା କେନ୍ଦ୍ର ତରଫରୁ ତାଲିମପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀ ଓ ଅଭିଜ୍ଞ ଆଇନଜୀବୀମାନଙ୍କୁ ନିୟୋଜିତ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ମାମଲାଗୁଡ଼ିକର ସମାଧାନ ହେବ। ଏ ସଂକ୍ରାନ୍ତରେ ପୂର୍ଣ୍ଣ ବିବରଣୀ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଜିଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ ଲାଗି କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

# ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଷଣ୍ଢର ମୃତ୍ୟୁ

କଳିଙ୍ଗନଗର,୧୩।୭
(ଶୁଭାଶିଷ ରାଉତ):

ଦାନଗଦି ସରକାରୀ ଡାକ୍ତରଖାନା ସମ୍ମୁଖ ରାସ୍ତା କଡ଼ରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ରବିବାର ଅପରାହ୍ନରେ ଏକ ଷଣ୍ଢର ମୃତ୍ୟୁ ହୋଇଛି। ବଜାର ଉପରେ ଥିବା ଏହି ଟ୍ରାନ୍ସଫର୍ମରଟି ଦୀର୍ଘବର୍ଷ ହେବ ବସିଥିଲେ ମଧ୍ୟ ଏହାର ଚତୁଃପାର୍ଶ୍ୱରେ ପାଚେରି କରାଯାଇନାହିଁ। ସନ୍ଧ୍ୟାରେ ଷଣ୍ଢଟି ଘାସ ଚରୁଥିବାବେଳେ ହଠାତ ଟ୍ରାନ୍ସଫର୍ମର ବସିଥିବା ସ୍ଥାନକୁ ଚାଲିଯାଇଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛଟପଟ ହୋଇ ମୃତ୍ୟୁବରଣ କରିଥିଲା। ଖବର ପାଇ ଦାନଗଦି ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ଷଣ୍ଢକୁ ନେଇ ନିକଟସ୍ଥ ଜଙ୍ଗଲ ମଧ୍ୟରେ ପକାଇ ଦେଇଛନ୍ତି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଷଣ୍ଢର ଜୀବନ ଗଲା ବୋଲି ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଖୋଲା ସ୍ଥାନକୁ ପାଚେରି ଘେରାଇବାକୁ ଲୋକେ ଦାବି କରିଛନ୍ତି।


ପାରାଦୀପ ଅଠରବାଙ୍କୀଠାରେ ନିର୍ମିତ ଦ୍ୱିତୀୟ ଓଭରବ୍ରିଜ୍ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

# ବଜାରରୁ ଗୋଚର ଉଚ୍ଛେଦ ନ କରିବାକୁ ବିଧାୟକଙ୍କୁ ଅନୁରୋଧ

ନାଉଗାଁ, ୧୩।୭(ସୁଧା ବେହୁରା)

ନାଉଗାଁ ତହସିଲ ଅନ୍ତର୍ଗତ ସ୍ଥାନୀୟ ବଜାରରୁ ଜବରଦଖଲ ବର୍ଷାଦିନରେ ଉଚ୍ଛେଦ ନ କରିବାକୁ ଦୋକାନୀମାନେ ରବିବାର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଭେଟି ଅନୁରୋଧ କରିଛନ୍ତି। ଦୋକାନୀ ସୁକାନ୍ତ କୁମାର ସାହୁ, ଧୀରେନ ସ୍ୱାଇଁ, ଗଦାଧର ମହାନ୍ତି, ସୀମାଦ୍ରି ପରିଜା, ବିଜୟ ବେହେରା, ସୁକାନ୍ତ କୁମର ସାହୁ ପ୍ରମୁଖ ୩୦୦ରୁ ଊର୍ଦ୍ଧ୍ୱ ଦୋକାନୀ ଏହି ଅନୁରୋଧ କରିଥିବା ଜଣାଯାଇଛି।

ସୂଚନା ମୁତାବକ, ତହସିଲ ପକ୍ଷରୁ ପତ୍ର ସଂଖ୍ୟା ୧୮୧୩/୨୦୨୫ ଜୁଲାଇ ୭ରେ ବଜାର ଉଚ୍ଛେଦ ପାଇଁ ନୋଟିସ କରାଯାଇଥିଲା। ନୋଟିସ ଅନୁଯାୟୀ ୨୦୨୫ ଜୁଲାଇ ୩୧ରେ ଜବରଦଖଲ ଉଚ୍ଛେଦରେ ସହଯୋଗ କରିବାକୁ ଦୋକାନୀମାନଙ୍କୁ କୁହାଯାଇଥିଲା। ଦୋକାନୀମାନଙ୍କ କହିବା ମୁତାବକ, ବର୍ତ୍ତମାନ ବର୍ଷାଦିନ ଜାରି ରହିଥିବାରୁ ଦୋକାନ ଭାଙ୍ଗି ଗଲେ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେବେ। ଉକ୍ତ ବଜାରରେ ଦୋକାନ କରି ସେମାନେ ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ତେଣୁ ୪ ମାସ ପରେ ବଜାର ଉଚ୍ଛେଦ କରିବାକୁ ସେମାନେ ବିଧାୟକ ଦାସଙ୍କୁ ଅନୁରୋଧ କରିଥିଲେ। ଦୋକାନୀମାନଙ୍କ ଅନୁରୋଧକ୍ରମେ ପ୍ରଥମେ ସେମାନଙ୍କ ପାଇଁ ସ୍ଥାୟୀ ଗୃହ ନିର୍ମାଣ କରାଯିବା ପରେ ଦୋକାନୀମାନଙ୍କୁ ଥଇଥାନ ପରେ ବଜାର ଉଚ୍ଛେଦ କରାଯିବ ବୋଲି ବିଧାୟକ ଦାସ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ପ୍ରତିଶ୍ରୁତି ପରେ ଦୋକାନୀମାନେ ଆଶ୍ୱସ୍ତି ଲାଭ କରିଛନ୍ତି।

# ପ୍ଲାଷ୍ଟିକମୁକ୍ତ ସମାଜ ଗଢ଼ିତୋଳିବାକୁ ଆହ୍ୱାନ

## ବନ ମହୋତ୍ସବ, ବିଦ୍ୟୁତ୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ରଘୁନାଥପୁର,୧୩। ୭
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ପାଟେଣିଗାଁ ବର୍ଡ଼ିସ୍ଥିତ ହରେକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିବେଶ ସୁରକ୍ଷା ନିମନ୍ତେ ବନ ମହୋତ୍ସବ, ପ୍ଲାଷ୍ଟିକମୁକ୍ତ ସମାଜ ଓ ବିଦ୍ୟୁତ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମନଜିନି ସାହୁ, ସମିତିସଭ୍ୟ କମଳାକାନ୍ତ ପରିଡ଼ା, ଜିଲାପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ,ସାମାଜିକ କର୍ମୀ ନୀହାର ରଞ୍ଜନ ସାହୁ, ପର୍ଶୁରାମ ଓଝା, ପୁରୁଷୋତ୍ତମ ଦାସ, ରାଜେନ୍ଦ୍ର ସାହୁ, ରାଧୁ ସେଠୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବସନ୍ତ କୁମାର ମହାନ୍ତି ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବେହେରା ନିଜ ଅଭିଭାଷଣରେ ବହୁଳ ମାତ୍ରାରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ କିପରି ଆମ ପାଇଁ ବିପଦ ସାବ୍ୟସ୍ତ ହୋଇଛି ସେ ବିଷୟରେ ଆଲୋଚନା କରିଥିଲେ। ଏଥିସହ ପ୍ଲାଷ୍ଟିକ ମୁକ୍ତ ସମାଜ ଗଢିତୋଳିବା ପାଇଁ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଘୋଷଣା କରିଥିଲେ। ସେହିପରି ସରପଞ୍ଚ ସାହୁ ଅସନ୍ତୁଳିତ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରି ଆସ ସଭିଏ ଗଛ ଲଗାଇବା ବୋଲି କହିଥିଲେ। ବୃକ୍ଷ ହିଁ ମାନବ ସମାଜର ପରମ ମିତ୍ର ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥି ବୃନ୍ଦ ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ ସମ୍ପର୍କରେ ବକ୍ତବ୍ୟ ରଖି ମୁକ୍ତବାୟୁ ପାଇବା ନିମନ୍ତେ ଅଧିକରୁ ଅଧିକ ଚାରା ରୋପଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପିଲାମାନଙ୍କୁ ବିଦ୍ୟୁତ ବ୍ୟବହାର ଓ ଏହାର ସୁପରିଚାଳନା ପାଇଁ ସଚେତନତା କରାଯାଇଥିଲା। ଶିକ୍ଷୟିତ୍ରୀ ମିତାଲି ସଂଘମିତ୍ରା ଅତିଥି ପରିଚୟ, ଲିସମା ଚୌଧୁରୀ ସଭା ସଞ୍ଚାଳନ ଓ ସସ୍ମିତା ଭୋଇ ଧନ୍ୟବାଦ ଦେଇଥିଲେ। ପରେ ପ୍ରଧାନ ଶିକ୍ଷକ ବେହେରା ଓ ଇକୋ କ୍ଲବ ଶିକ୍ଷକ ଦିଲୀପ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ନିକଟସ୍ଥ ଶାଳମୁଖୀ ଓ ଅରଙ୍ଗ ମହାଦେବ ମନ୍ଦିର ପରିସରରେ ପ୍ଲାଷ୍ଟିକ ମୁକ୍ତ ସମାଜ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏଥିସହ ପରିବେଶ ସଫେଇ ଓ ଚାରା ରୋପଣ କରିଥିଲେ। ଶିକ୍ଷକ ଆସେସ କାର୍ଜୀ, ଅବିନାଶ ମହାପାତ୍ର, ସଞ୍ଜୟ ସ୍ୱାଇଁ, ସ୍ମିତାରାଣୀ କୁଣ୍ଡୁ, ଗାୟତ୍ରୀ ରାଉତ, କର୍ମଚାରୀ ପରୀକ୍ଷିତ ପଣ୍ଡା ଓ ଶତ୍ରୁଘ୍ନ ସେଠୀ ଏଥିରେ ସହଯୋଗ କରିଥିଲେ।



ଅରଙ୍ଗ ମହାଦେବ ମନ୍ଦିର ପରିସରରେ ପ୍ଲାଷ୍ଟିକ ମୁକ୍ତ ସମାଜ ସମ୍ପର୍କରେ ସଚେତନତା କରାଯିବା ସହ ଚାରା ରୋପଣ କରାଯାଉଛି।

# ବନ୍ୟା ପାଣିରେ ବୁଡ଼ିରହିଛି ଧାନ ଫସଲ

ଚଣ୍ଡିଖୋଲ,୧୩।୭
(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଦେଇ ପ୍ରବାହିତ ବିରୂପା, ଗେଙ୍ଗୁଟି ଓ କେଲୁଅ ନଦୀରେ ଗତ ୮ ତାରିଖରେ ପ୍ରଥମ ବନ୍ୟା ଜଳ ପ୍ରବେଶ କରିଛି। ଫଳରେ ବ୍ଲକର ମଝିପଡ଼ା ପଞ୍ଚାୟତ ଅଧୀନ କିଛି ଗ୍ରାମର ଶତାଧିକ ଏକର ଧାନ ଫସଲ ବନ୍ୟା ପାଣିରେ ବୁଡ଼ିରହିଛି। ଏହା ମଧ୍ୟରେ ୬ ଦିନ ବିତି ଯାଇଥିଲେ ସୁଦ୍ଧା ନଦୀର ଜଳସ୍ତର ହ୍ରାସ ପାଉନାହିଁ। ଧାନ ଫସଲରେ ପାଣି ପଶିଥିବାରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ବିରୂପା ଓ ଗେଙ୍ଗୁଟି ମହାନଦୀର ଶାଖା ହୋଇଥିବାବେଳେ କେଲୁଅ ବ୍ରାହ୍ମଣୀର ଶାଖା ନଦୀ। ଏହି ୩ ନଦୀ ମଧ୍ୟରୁ ଗେଙ୍ଗୁଟି ଓ କେଲୁଅ ନଦୀର ମିଳନ ସାଉଡିଆ ନିକଟରେ ହୋଇଥିବାବେଳେ ଏହାର ୧ କିମି ଦୂରରେ ବିରୂପାର ମିଳନ ହୋଇଛି। ଯେଉଁଥି ପାଇଁ ଉଭୟ ନଦୀରେ ବନ୍ୟା ଆସିଲେ ତାହା ବଡ଼ଚଣା ବ୍ଲକ ଅଞ୍ଚଳକୁ ପ୍ରଭାବିତ କରୁଛି। ସେଥିପାଇଁ ମଝିପଡ଼ା, ଚଣ୍ଡିଆ, ଗୋପାଳପୁର, ବନମାଳିପୁର ଓ ତେଲିପାଳ ପାଟରେ ଥିବା ଚାଷ ଜମି ପାଣିରେ ବୁଡ଼ି ରହିଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଏଥିପ୍ରତି ନଜର ରଖାଯାଇଛି। ସ୍ଲୁଇସ ଗେଟ ଗୁଡିକ ବନ୍ଦ ରଖାଯାଇଛି। ନଦୀ ଜଳସ୍ତର ହ୍ରାସ ପାଇଲେ ସ୍ଲୁଇସ ଗେଟଗୁଡ଼ିକ ଖୋଲାଯିବ ବୋଲି ସୂଚନା ମିଳିଛି।


ଚଣ୍ଡିଆପାଟରେ ବନ୍ୟାପାଣି ପଶି ରହିଛି।

# ମହାବିନାୟକ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି

ଚଣ୍ଡିଖୋଲ,୧୩।୭(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲାର ପ୍ରସିଦ୍ଧ ଶୈବପୀଠ ମହାବିନାୟକ ମନ୍ଦିରରେ ପ୍ରତ୍ୟେକ ବର୍ଷ ଶ୍ରାବଣ ମାସ ସୋମବାର କାଉଡ଼ିଆମାନେ ଜଳଲାଗି କରିବା ପାଇଁ ଆସିଥାନ୍ତି। ଚଳିତ ବର୍ଷ ବହୁ ସଂଖ୍ୟାରେ ଭକ୍ତ ଆସିବାକୁ ଥିବାରୁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମନ୍ଦିର ଚତୁଃପାର୍ଶ୍ୱକୁ ସଫେଇ କରାଯିବା ସହ ଭକ୍ତଙ୍କ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ମନ୍ଦିର ଟ୍ରଷ୍ଟିର ସଭାପତି ଧନେଶ୍ୱର ସାମଲ କହିଛନ୍ତି, କାଉଡ଼ିଆମାନେ କିଭଳି ସୁବିଧାରେ ଜଳ ଲାଗି କରିବେ ସେଥିପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି। ସେମାନଙ୍କ ବିଶ୍ରାମ ନେବା, ପାଣି ପିଇବା ପ୍ରତି ନଜର ଦିଆଯାଇଛି। ବଡ଼ଚଣା ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ବନ୍ଦୋବସ୍ତ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଦର୍ପଣ ତହସିଲଦାର ମଧ୍ୟ ଆସି ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ୧୪ ତାରିଖ ମାସର ପ୍ରଥମ ସୋମବାର ହୋଇଥିବାରୁ ଟିକେ କମ କାଉଡ଼ିଆ ଆସିପାରନ୍ତି। ଏହାପରେ ପ୍ରତ୍ୟେକ ସୋମବାର କାଉଡ଼ିଆଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଧନେଶ୍ୱର ପ୍ରକାଶ କରିଛନ୍ତି।

# ସହଯୋଗର ହାତ ବଢ଼ାଇଲା ଜିଲା ସ୍ୱାସ୍ଥ୍ୟ ବିଭାଗ

## ସହଦେବ, ଝିଅଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ ପ୍ରସଙ୍ଗ

- ସ୍ଥିତି ଅନୁଧ୍ୟାନ କଲେ ବିଧାୟକ ଓ ଡାକ୍ତର
- ଜିଲା ମୁଖ୍ୟ ଚିକିତ୍ସାଳୟରେ ରିଙ୍କିଙ୍କ ମାଗଣା ଚିକିତ୍ସା ହେବ
- ସହଦେବଙ୍କୁ ଭିନ୍ନକ୍ଷମ ଭତ୍ତା ପାଇଁ ସହଯୋଗ ପ୍ରତିଶ୍ରୁତି

ଜଗତ୍‌ସିଂହପୁର, ୧୩।୭
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକ ବଳରାମପୁର ପଞ୍ଚାୟତ ଅନ୍ତର୍ଗତ ବାଇଜଙ୍ଗା ଗ୍ରାମର ସହଦେବ ଦାସ ଆଣ୍ଠୁଗଣ୍ଠି ରୋଗରେ ଆକ୍ରାନ୍ତ ହୋଇ କାମଧନ୍ଦା କରିପାରୁ ନାହାନ୍ତି। କେବଳ ଏତିକି ନୁହେଁ ତାଙ୍କ ଝିଅ ରିଙ୍କି ମଧ୍ୟ ପାଖାପାଖି ୬ ମାସ ହେବ ଅଜଣା ରୋଗରେ ପୀଡିତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ସହଦେବ ଅକର୍ମଣ୍ୟ ହୋଇଯିବା ପରେ ଅର୍ଥାଭାବ ଦେଖାଦେଇଛି। ଫଳରେ ପରିବାର ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛି। ରବିବାର ଏ ସମ୍ପର୍କରେ ଧରିତ୍ରୀ ସମେତ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ପରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ବରିଷ୍ଠ ଡାକ୍ତର ସରୋଜ କୁମାର ଜେନା ପ୍ରମୁଖ ପୀଡିତଙ୍କ ଘରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ଆଗେଇ ଆସିଛି। ଏ ସମ୍ପର୍କରେ ଡ. ଜେନା କହିଛନ୍ତି ସୋମବାର ରିଙ୍କିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇ ମାଗଣା ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଉଛି। ଏଥିସହ ଆଉ କ'ଣ ସରକାରୀ ସହାୟତା ମିଳିପାରିବ ସେବାବଦରେ ଚିନ୍ତା କରାଯାଉଛି। ସେହିପରି ସହଦେବଙ୍କୁ ମଧ୍ୟ ଭିନ୍ନକ୍ଷମ ଭତ୍ତା ଦେବା ପାଇଁ ମେଡିକାଲ ବୋର୍ଡରେ ହାଜର ହେବାକୁ ପରାମର୍ଶ ଦିଆଯାଇଛି। ସେ ସୋମବାର ବୋର୍ଡରେ ପହଞ୍ଚିଲେ ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଡ. ଜେନା କହିଛନ୍ତି। ଅନ୍ୟପଟେ ବିଧାୟକ ଦାସ ମଧ୍ୟ ଏହି ପରିବାରର ଦୁର୍ଦ୍ଦିନରେ ଯଥା ସମ୍ଭବ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ବିଧାୟକ ଦାସ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ସହଦେବଙ୍କୁ ପ୍ରଦାନ କରିଛନ୍ତି।

ପ୍ରକାଶଥାଉ କି, ସହଦେବଙ୍କ ପରିବାର କହିଲେ ସ୍ତ୍ରୀ ସାବିତ୍ରୀ, ୨୪ ବର୍ଷର ଝିଅ ରିଙ୍କି, ପୁଅ ସୌମ୍ୟ ରଞ୍ଜନ ଓ ଦିପ୍ୟରଞ୍ଜନଙ୍କୁ ନେଇ ଗଠିତ। ମୂଲପାତି ଲାଗି ସହଦେବ ଯାହା ରୋଜଗାର କରନ୍ତି ସେଥିରେ ପରିବାର କଷ୍ଟେମଷ୍ଟେ ଚଳି ଯାଉଥିଲା। ହଠାତ୍ ଆଣ୍ଠୁଗଣ୍ଠି ରୋଗରେ ପୀଡିତ ହୋଇ ସେ ଏକପ୍ରକାର ଅକର୍ମଣ୍ୟ ହୋଇ ପଡିଥିଲେ। ଅନ୍ୟପଟେ ଝିଅ ପାଖାପାଖି ୬ ମାସ ହେବ ଅଜଣା ରୋଗରେ ପୀଡିତ ହେବାରୁ ଶରୀରର ବିଭିନ୍ନ ସ୍ଥାନରେ ଘା ହୋଇଯାଉଛି। ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଏହି ଦୁହିଁଙ୍କ ସେବାଶୁଶ୍ରୂଷା ଓ ପରିବାର ସଦସ୍ୟମାନଙ୍କ ପେଟକୁ ଦାନା ଯୋଗାଡ କରିବା ସାବିତ୍ରୀଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡିଛି। ତଥାପି ଭଗବାନଙ୍କ ଉପରେ ଭରସା ରଖି ହାତ ଟେକି ଦେଇଛନ୍ତି। ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ଏହି ପରିବାରକୁ ସହାୟତାର ହାତ ବଢାଇବାକୁ ଅନୁରୋଧ କରାଯାଇଛି।


ବିଧାୟକ ଅମରେନ୍ଦ୍ର ଦାସ ଓ ବରିଷ୍ଠ ଡାକ୍ତର ସରୋଜ କୁମାର ଜେନା ପ୍ରମୁଖ ସହଦେବ ଦାସଙ୍କ ଘରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ସଂକ୍ଷେପରେ

### ଅଟୋକୁ ୩୨ ହଜାର ଟଙ୍କା ଜରିମାନା



ଛତ୍ରପୁର,୧୩।୭(ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲାରେ ସଡକ ଦୁର୍ଘଟଣା ରୋକିବା ପାଇଁ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ କଡାକଡି ଯାଞ୍ଚ କରାଯାଉଛି। ରବିବାର ଜାତୀୟ ରାଜପଥରେ ରଙ୍ଗ ରୁଟରେ ଆସୁଥିବା ଏକ ଅଟୋ ପରିବହନ ବିଭାଗ ଯାଞ୍ଚ ବେଳେ ଧରାପଡିଥିଲା। ଚମାଖଣ୍ଡି ଥାନା ଅଧିନ ମାଣ୍ଡିଆପଲ୍ଲୀ ଛକ ଜାତୀୟ ରାଜପଥରେ ଅଟୋଟି ୨ ଜଣ ଯାତ୍ରୀଙ୍କୁ ଧରି ଆସୁଥିବା ବେଳେ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିଲା। ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ବେଳେ ତାହର ପରିମିଟ ନ ଥିବା ସହ, ଇନ୍ସୁରାନ୍ସ, ପଲ୍ୟୁଶନ ଓ ଫିଟନେସ ନ ଥିବା ଜଣାପଡିଥିଲା । ତେଣୁ ଉକ୍ତ ଅଟୋକୁ ୩୨ ହଜାର ଟଙ୍କା ଜରିମନା ପକାଯିବା ସହ ଇ.ଚାଲାଣ କଟାଯାଇଥିବା ଗଞ୍ଜାମ ଏମଭିଆଇରବିନ୍ଦ୍ର ନାଥ ଜେନା ସୂଚନା ଦେଇଛନ୍ତି ।

### ସାପ କାମୁଡ଼ାରେ ବୃଦ୍ଧା ଗୁରୁତର

ବାଲିଗୁଡ଼ା,୧୩।୭(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଥାନା ଅନ୍ତର୍ଗତ ବାଟାଗୁଡ଼ାରେ ଏକ ଅଭାବନୀୟ ଘଟଣା ଘଟିଛି। ବାଟାଗୁଡ଼ା ଗ୍ରାମର ବୃଦ୍ଧା ରଶ୍ମିତା ସାହୁ ନିଜ ଘର ଲିପିବା ପାଇଁ ଘର ନିକଟରେ ଥିବା ଏକ ହୁଙ୍କାରୁ ମାଟି ସଂଗ୍ରହ କରିବା ବେଳେ ନାଗ ସାପ ତାଙ୍କ ହାତକୁ ଦଂଶିଥିଲା। ଫଳରେ ବୃଦ୍ଧା ଜଣକ ଅଚେତ ହୋଇପଡ଼ିଥିଲେ। କେହି ସମ୍ପର୍କୀୟ ନ ଥିବାରୁ ପଡ଼ୋଶୀ ବାହାନ ବେହେରା ସଙ୍ଗେସଙ୍ଗେ ତାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,୧୩।୭(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ତାକରଡ଼ା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ରାଜେନ୍ଦ୍ର ଜେନାଙ୍କ ଅନ୍ୟତ୍ର ବଦଳି ହୋଇଥିବା ଅବସରରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ମହାରଣାଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଶିକ୍ଷକ ଦେବହରି ଚୌଧୁରୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଶିକ୍ଷକ ରାଜେନ୍ଦ୍ରଙ୍କ କାର୍ଯ୍ୟ ଦକ୍ଷତା, ଛାତ୍ର ବତ୍ସଳତା, ନିଷ୍ଠାପରତା ଆଦି ଗୁଣଗାନ କରିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ଉପଢୌକନ ପ୍ରଦାନ ପୂର୍ବକ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୧୩।୭(ପବନ ପାଣିଗ୍ରାହୀ)

ବିଭିନ୍ନ ଅପରାଧିକ ମାମଲାରେ ଜଡ଼ିତ ଥିବା ଜଣେ ଫେରାର ଅଭିଯୁକ୍ତଙ୍କୁ ରବିବାର ଜୟପୁର ସଦର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରଣ୍ଡାପାଲି ବିଷୋୟୀପୁଟ ଅଞ୍ଚଳର ମହାଦେବ କନ୍ଧପାନ(୩୯)। ଅଭିଯୁକ୍ତ ମହାଦେବ ୨୦୨୦ରୁ ଫେରାର ଥିଲେ।

# ଜୀବିକା ହରାଇଲେଣି ୫୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ

## ଲାଗିଛି ପେଟପାଟଣା ଚିନ୍ତା

ସୋରଡା,୧୩।୭(ରଜନୀ ମହାପାତ୍ର)

୧୮୯୫ରେ ସୋରଡା ଓ ଏହାର ଆଖପାଖ ଅଞ୍ଚଳରେ ପାନୀୟ ଜଳ ଅଭାବ ଦୂର କରିବା, ଲୋକଙ୍କୁ ଜୀବିକା ପ୍ରଦାନ କରିବା ଏବଂ ମତ୍ସ୍ୟଜୀବୀଙ୍କୁ ରୋଜଗାର ଦେବା ପାଇଁ ବ୍ରିଟିଶ ସରକାର ସୋରଡାରେ ଏକ ଜଳଭଣ୍ଡାର ନିର୍ମାଣ କରିଥିଲେ। ପ୍ରଥମେ ୮୦୦ ହେକ୍ଟର ଜମିରେ ଏହି ଜଳଭଣ୍ଡାର ନିର୍ମାଣ ହୋଇଥିଲା। ୫୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପ୍ରତିଦିନ ଏଠାରୁ ମାଛ ଧରି ପରିବାର ପ୍ରତିପୋଷଣ କରନ୍ତି, କିନ୍ତୁ ଏବେ ଆଉ ମାଛ ଆଦାୟ ନାହିଁ। ରୋଜଗାର ହରାଇ ସମସ୍ତେ ଏବେ ଚିନ୍ତାରେ। ଏଠାରେ ଥିବା ମତ୍ସ୍ୟ ସୋସାଇଟିରେ ୧ ଲକ୍ଷ ୩୬ ହଜାର ଟଙ୍କା ଜମା କଲେ ୯୬ ହଜାର ଟଙ୍କାର ମାଛ ଯାଆଁଳ ମିଳୁଛି। ଏବେ ପୁଣି ଘାଇରେ ସୋସାଇଟି ମାଛ ଛାଡିବା ପାଇଁ ରେଜିଷ୍ଟ୍ରେଶନ କରିବାକୁ ପଡୁଛି। ଯେଉଁଥିରେ ଚଳିତବର୍ଷ ୩୬ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସୋସାଇଟି କହିଛି। ଅନ୍ୟପଟେ ୮୦୦ ହେକ୍ଟର ବିଶିଷ୍ଟ ଜଳଭଣ୍ଡାର ପାଇଁ ମାତ୍ର ୯୬ ହଜାର ଟଙ୍କାର ଯାଆଁଳ ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ। ମତ୍ସ୍ୟଜୀବୀଙ୍କ ପାଇଁ କୌଣସି ତାଲିମ ବ୍ୟବସ୍ଥା ହେଉନି। ଉନ୍ନତ କିସମର ମାଛ ଉତ୍ପାଦନ ପ୍ରଣାଳୀ ଗ୍ରହଣ କରାଯାଉନି। ଠିକ ସମୟରେ ଆବଶ୍ୟକ ମାଛ ଉତ୍ପାଦନ ହେଉଛି କି ନାହିଁ ତାହା ତଦାରଖ କରିବା ପାଇଁ ମଧ୍ୟ ଏକ ଟିମ ରହିଛି, କିନ୍ତୁ କାମ ଶୂନ। ଏତେ ବଡ ଜଳଭଣ୍ଡାର ଥିବା ସତ୍ତ୍ୱେ ଏଠାକାର ଅଧିବାସୀ ବର୍ତ୍ତମାନ ଆନ୍ଧ୍ରା ମାଛ ଉପରେ ନିର୍ଭରଶୀଳ। ମତ୍ସ୍ୟଜୀବୀଙ୍କ ଜୀବନ ଧାରଣ ପ୍ରଣାଳୀର ଉନ୍ନତି ହେଉନାହିଁ କି ଏଠାକାର ମାଛ ଉତ୍ପାଦନ ମଧ୍ୟ ବଢୁନି।

ସୋରଡା ଜଳଭଣ୍ଡାରରୁ ମିଳୁଥିବା ମାଛର ଚାହିଦା ସବୁଠାରୁ ଅଧିକ । ହେଲେ ଚାହିଦା ମେଣ୍ଟିପାରୁନି। ମତ୍ସ୍ୟଜୀବୀମାନେ ସେମାନଙ୍କ ବୃତ୍ତିରୁ ମୁହଁ ଫେରାଇ ଦାଦନ ଖଟିବାରେ ଲାଗିଲେଣି। ଆଉ କିଏ ବ୍ୟବସାୟରେ ଲାଗିଲେଣି। ସରକାରଙ୍କ ତରଫରୁ ମତ୍ସ୍ୟଜୀବୀଙ୍କ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏଠାରେ ସଚେତନତା ଅଭାବ ଓ କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବ ଯୋଗୁ ଏଠାକାର ମତ୍ସ୍ୟଜୀବୀଙ୍କ ଉନ୍ନତି ହେଉନି କି ମାଛ ଉତ୍ପାଦନ ମଧ୍ୟ ନାହିଁ। କେବଳ ଡଙ୍ଗା କିଣିବା ପାଇଁ ୧୨ ହଜାର ଟଙ୍କା ସବସିଡି ପ୍ରଦାନ କରାଯାଉଥିବା ଏଠାକାର ମତ୍ସ୍ୟଜୀବୀମାନେ କହିଛନ୍ତି। କର୍ମଶାଳା ମାଧ୍ୟମରେ ବର୍ଷତମାମ ଏହି ଜଳଭଣ୍ଡାର ଉପରେ ରିସର୍ଚ୍ଚ କରିବା ସହ ମତ୍ସ୍ୟଜୀବୀଙ୍କୁ ଉନ୍ନତ ପ୍ରଣାଳୀରେ ମାଛ ଉତ୍ପାଦନ ପାଇଁ ତାଲିମ ପ୍ରଦାନ କରାଗଲେ କିଛି ପରିମାଣରେ ଉତ୍ପାଦନ ବୃଦ୍ଧି ହୁଅନ୍ତା ବୋଲି ମତ୍ସ୍ୟଜୀବୀ ଦାମ ବେହେରା କହିଛନ୍ତି। ସେହିଭଳି ବୁଲୁ ବେହେରା କହିଛନ୍ତି ପରିବାର ଚଳେଇବା କଷ୍ଟ ହେଲାଣି, ସରକାର ଶୀଘ୍ର ଏଠାରେ ମାଛ ଉତ୍ପାଦନ ପାଇଁ ବ୍ୟବସ୍ଥା କରନ୍ତୁ। ମତ୍ସ୍ୟଜୀବୀ ପାଣ୍ଡା ବେହେରା କହିଛନ୍ତି ଆଉ ମାଛ ମିଳୁନି, ମଜୁରି ଖଟିବା ପାଇଁ ଯିବା ଛଡା ଆଉ କିଛି ବିକଳ୍ପ ନାହିଁ। ଏଠାକାର ମାଛର ଚାହିଦା ଅଧିକ ଥିଲା କିନ୍ତୁ ଜଳସେଚନ ବିଭାଗ ଏଠାରେ ପାଣି ରଖିପାରୁନି ଏଠାରେ ଆମ ମାଛ ବିକିବା ପରିବର୍ତ୍ତେ ବାହାରୁ ମାଛ ଆଣି ବିକୁଛନ୍ତି। ସରକାର ମତ୍ସ୍ୟଜୀବିଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନାର ସଠିକ ରୂପାୟନ କରିଲେ ଏବଂ ଏଠାରେ ଅଧିକରୁ ଅଧିକ ଦେଶୀ ମାଛ ଉତ୍ପାଦନ କରିବା ପାଇଁ ପ୍ରକ୍ରିୟା ଗ୍ରହଣ କରିଲେ ଅବସ୍ଥା ସୁଧୁରିବ ବୋଲି ମତ୍ସ୍ୟଜୀବୀ ସୋସାଇଟି ସମ୍ପାଦକ ତାରା ପ୍ରସାଦ ପାଢୀ କହିଛନ୍ତି।

# ଯୁବକ ସଂଘ ବୈଠକ ଗୃହ ନିର୍ମାଣ ଦାବି

ଖଣ୍ଡପଡ଼ା,୧୩।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳରେ ଦୀର୍ଘ ବର୍ଷ ଧରି ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡ଼ିତ ଖଣ୍ଡପଡ଼ା ଯୁବକ ସଂଘର ଏକ ନୂତନ ବୈଠକ ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ଜାଗା ଓ ଅନୁଦାନ ରାଶି ଯୋଗାଇ ଦେବା ନିମନ୍ତେ ଅନୁଷ୍ଠାନର ସଦସ୍ୟମାନେ ଦାବି କରି ଆସୁଛନ୍ତି। ବୈଠକ ଗୃହଟିଏ ନ ଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସଂଘର ସଦସ୍ୟମାନେ ଏଣେତେଣେ ବସି ଆଲୋଚନା କରୁଛନ୍ତି। ଏ ଦିଗରେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଦୃଷ୍ଟି ଦେଇ ବୈଠକ ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ସରକାରୀ ଜାଗା ଯୋଗାଇ ଦେବାକୁ ସଂଘର ସଦସ୍ୟମାନେ ନିବେଦନ କରିବା ସହ ଏ ସମ୍ପର୍କିତ ଏକ ଦାବିପତ୍ର ଖଣ୍ଡପଡ଼ା ବିଧାୟକଙ୍କୁ ପ୍ରଦାନ କରିଛନ୍ତି। ସଂଘର ସମ୍ପାଦକ ମହେନ୍ଦ୍ର କୁମାର ବାରିକ ଓ ସୁଶାନ୍ତ କୁମାର ମହାରଣା କହିଛନ୍ତି, ଖଣ୍ଡପଡ଼ା ଅଞ୍ଚଳବାସୀଙ୍କ ସ୍ୱାଭିମାନ ଓ ସ୍ୱାର୍ଥ ପାଇଁ ସର୍ବଦା ସଂଗ୍ରାମ ଜାରି ରଖିଥିବା ଯୁବକ ସଂଘ ଦାବି ପ୍ରତି ପ୍ରଶାସନ ଦୃଷ୍ଟି ଦେବା ଉଚିତ୍।

# ଗଜପତି ଜିଲ୍ଲା ଓଷ୍ଟା ସଂଗଠନର କାର୍ଯ୍ୟକାରିଣୀ ବୈଠକ




ଚାନ୍ଦିପୁଟ,୧୩।୭(କେ ପ୍ରମୋଦ କୁମାର ଦୋରା)

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଚାନ୍ଦିପୁଟ ଲାଲବାହାଦୁର ଶାସ୍ତ୍ରୀ ବିଦ୍ୟାଳୟରେ ଗଜପତି ଜିଲା ଓଷ୍ଟା ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପି. ମେନକା ରାଓଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସମ୍ପାଦକ ରଞ୍ଜନ ଦାସ, ସମ୍ମାନିତ ଅତିଥି ଅଶୋକ ମହାପାତ୍ର, ବିପ୍ର ଚରଣ ଚୌଧୁରୀ, ରାଜ୍ୟ ଉପସଭାନେତ୍ରୀ ରାଜଲକ୍ଷ୍ମୀ ବେହେରା, ରାଜ୍ୟ ଇସି ସଦସ୍ୟ ଲୋକନାଥ ନାହାକ, ଜିଲା ସହ ସମ୍ପାଦକ ସୁଶାନ୍ତ ଚୌଧୁରୀ ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକର ସମ୍ପାଦକ, ସଭାପତି ଓ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ବିବରଣୀ ପାଠ କରି ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ଅତିଥି ଦାସ ଏହାର ସମାଧାନର ପନ୍ଥା ଓ ରାଜ୍ୟ ସ୍ତରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟ କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ଗଜପତି ଜିଲାକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆର୍ଥିକ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୫–ଟି ବିଦ୍ୟାଳୟଗୁଡିକର ରକ୍ଷଣାବେକ୍ଷଣ ସମସ୍ୟା, ୧୯୪ ବିଦ୍ୟାଳୟଗୁଡିକର ସମସ୍ୟା, ପେନସନ ସମସ୍ୟା, ବୋର୍ଡର ପଞ୍ଜୀକରଣ ସମସ୍ୟା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଓ ଅଗଷ୍ଟ ୧୬ ତାରିଖ ଦାବି ଦିବସକୁ ଜିଲାର ବିଭିନ୍ନ ବ୍ଲକରେ ଆନ୍ଦୋଳନକୁ ତୀବ୍ର କରିବା ସହ ଭୁବନେଶ୍ୱରରେ ହେଉଥିବା ଆନ୍ଦୋଳନରେ ବହୁ ସଂଖ୍ୟାରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆର.ଉଦୟଗିରି ବ୍ଲକର ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଅବସର ଗ୍ରହଣ କରିବା ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶୁଣୁନି ପ୍ରଶାସନ, କାଠପୋଲ ନିର୍ମାଣ କଲେ ଗ୍ରାମବାସୀ



କାଠ ପୋଲ ତିଆରି କରୁଛନ୍ତି ଗ୍ରାମବାସୀ।

ଫୁଲବାଣୀ,୧୩।୭ (ରାକେଶ କୁମାର ରାଉତ)

ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତର ତଳ ଡାଙ୍ଗାଣାମା ନିକଟରେ ଥିବା କୁରେଣ୍ଡି ନାଳର କାଠପୋଲ ଗତ ଲଗାଣ ବର୍ଷାରେ ଧୋଇଯାଇଛି। ଫଳରେ ଯାତାୟତ ପାଇଁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ପୁଣି ତଳଡ଼ାଙ୍ଗାଣାମା, ଉପର ଡାଙ୍ଗାଣାମା, ଶାଗଜଲା, ପାନପଦର, କଟଡିସିରା, ବାଗନୁରୀ, ଟୁକୁପଦର, ପିଲିପଦର, ବାଡଜୁର, ବୁଗେରମାସ୍କା, ଲାକାର୍ସିପି ଭଳି ୧୧ରୁ ଊର୍ଦ୍ଧ୍ୱ ଗ୍ରାମର ଶତାଧିକ ଜନସାଧାରଣ ଚାନ୍ଦା ଓ ଶ୍ରମଦାନ କରି କାଠପୋଲ ନିର୍ମାଣ କରିଛନ୍ତି।

ସୂଚନାଯୋଗ୍ୟ, ଏଠାରେ ୨ଟି ୱାର୍ଡରେ ୨ଶହରୁ ଊର୍ଦ୍ଧ୍ୱଘର ରହିଥିବା ବେଳେ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ରହିଛି। ସମସ୍ତେ ଯାତାୟତ ପାଇଁ ଏହି କାଠପୋଲ ଉପରେ ନିର୍ଭର କରି ଆସୁଛନ୍ତି। ତେଣୁ ପ୍ରତ୍ୟେକ ବର୍ଷ କାଠପୋଲ ଧୋଇଗଲେ ପୁଣି ଥରେ ଚାନ୍ଦା କରି ପୋଲ ନିର୍ମାଣ କରୁଥିବା ଗ୍ରାମବାସୀ କହିଛନ୍ତି। ଦୀର୍ଘ ବର୍ଷରୁ ଏଠାରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରିନାହିଁ। ତେଣୁ ତୁରନ୍ତ ପୋଲ ନିର୍ମାଣ କରିବାକୁ ଜଳନ୍ଧର ମଲିକ, କିନ ମଲିକ, ରାମ ମଲିକ, କୃଷ୍ଣ କହଁର, ନାରଦ ଭୋଇଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଗ୍ରାମ୍ୟ ନିର୍ମାଣ ବିଭାଗୀୟ ଯନ୍ତ୍ରୀ ସୁଶୀଳ ମହାନ୍ତିଙ୍କୁ ପଚାରିବାରୁ କହିଛନ୍ତି ପୋଲ ନିର୍ମାଣ ପାଇଁ ଅନୁଦାନ ଆସିଛି ଏବଂ ଟେଣ୍ଡର ପରେ କାର୍ଯ୍ୟ ଆରମ୍ଭ କରାଯିବ।

# ଶରତ ମିଶ୍ରଙ୍କ ସ୍ମୃତି ସଭା

ହିଞ୍ଜିଳିକାଟୁ,୧୩।୭(ଦ୍ୱିତୀକୃଷ୍ଣ ପଣ୍ଡା)

ଭାଜପାର ଦିବଂଗତ ନେତା ଶରତ ମିଶ୍ରଙ୍କ ୨୦ତମ ଶ୍ରାଦ୍ଧ ଦିବସ ରବିବାର ହିଞ୍ଜିଳିକାଟୁ ବୃନ୍ଦାବନ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶରତ ମିଶ୍ର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପାର ବହୁ ନେତୃବୃନ୍ଦଙ୍କ ସହ ମନ୍ତ୍ରୀ, ଏମ୍‌ପି, ବିଧାୟକ ଯୋଗ ଦେଇଥିଲେ। ପୂର୍ବରୁ କମିଟି ପକ୍ଷରୁ ଏକ ଗଣ ଦୌଡ଼ ସହ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କମିଟି ସଭାପତି ନିର୍ମଳ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତି ସଭାରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୋକୁଳାନନ୍ଦ ମଲିକ, ଏମ୍‌ପି ଅନିତା ଶୁଭଦର୍ଶିନୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସହ ରାଜ୍ୟ ଭାଜପା ନେତା ସୁଦୀପ୍ତ କୁମାର ରାୟ, ବ୍ରହ୍ମପୁର ଜିଲା ସଭାପତି ସରୋଜ କୁମାର ସାବତ, ଆସିକା ଜିଲା ସଭାପତି ବିଜୟ ଚନ୍ଦ୍ର ସ୍ୱାଇଁ, ନୀଳମାଧବ ପାତ୍ର, ଶିଶିର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶରତ ମିଶ୍ରଙ୍କ ସାଙ୍ଗଠନିକ ଦକ୍ଷତା, ପରୋପକାର, ସମାଜସେବା ତାଙ୍କୁ ସବୁ ବେଳେ ସ୍ମରଣୀୟ କରିବ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହିଞ୍ଜିଳିକାଟୁ ଭାଜପାର ବହୁ ସଦସ୍ୟ ଓ କମିଟି ସଦସ୍ୟ ସହଯୋଗ କରିଥିଲେ।

# ଉପକାରାଗାର ପ୍ରସଙ୍ଗକୁ ନେଇ ଆନ୍ଦୋଳନ କରିବ କଂଗ୍ରେସ

ଖଣ୍ଡପଡ଼ା,୧୩।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଉପକାରାଗାରକୁ ନୟାଗଡ଼ କାରାଗାର ସହିତ ମିଶ୍ରଣ ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ରାଜନୈତିକ ଓ ସାମାଜିକ ସଙ୍ଗଠନ ବିରୋଧ କରିଛନ୍ତି। ଏ ପରିପ୍ରେକ୍ଷୀରେ ଭାରତୀୟ ବିକାଶ ପରିଷଦ ଖଣ୍ଡପଡ଼ା ଶାଖା, ଯୁବକ ସଂଘ, ଓକିଲ ସଂଘ, ସାମ୍ବାଦିକ ସଂଘ ଓ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ, ଧାରଣା, ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବା ବେଳେ ଖଣ୍ଡପଡ଼ା ବ୍ଲକ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବରିଷ୍ଠ କଂଗ୍ରେସ ନେତ୍ରୀ ବୈଜୟନ୍ତୀମାଳା ମହାନ୍ତି ସୂଚନା ଦେଇଛନ୍ତି। ଖୁବଶୀଘ୍ର କଂଗ୍ରେସ ପକ୍ଷରୁ ଉପକାରାଗାର ସ୍ଥାନାନ୍ତର ପ୍ରସଙ୍ଗକୁ କେନ୍ଦ୍ର କରି ଖଣ୍ଡପଡ଼ାରେ ଏକ ଶୋଭାଯାତ୍ରାର ଆୟୋଜନ ସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ। ବ୍ରିଟିଶ ଅମଳରୁ ପ୍ରତିଷ୍ଠିତ ଏହି ଉପକାରାଗାରକୁ ବନ୍ଦ କରିଦେବା ପାଇଁ ସରକାର ଯେଉଁ ଚକ୍ରାନ୍ତ ଚଳାଇଛନ୍ତି ତାହାକୁ କେବେ ବରଦାସ୍ତ କରାଯିବ ନାହିଁ ବୋଲି କଂଗ୍ରେସ ନେତ୍ରୀ ମହାନ୍ତି କହିଛନ୍ତି।

# ତଦନ୍ତ ପାଇଁ ଏସ୍‌ପିଙ୍କୁ କହିଲେ ମନ୍ତ୍ରୀ

## ପ୍ରତିଭା ଆବାସିକ ବିଦ୍ୟାଳୟ ଛାତ୍ର ମୃତ୍ୟୁ ଘଟଣା

ଛତ୍ରପୁର,୧୩।୭(ସନ୍ତୋଷ ପାଢ଼ୀ)

ଛତ୍ରପୁର ତାମ୍ପରା ନିକଟ ପ୍ରତିଭା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଶୁଭମ ସ୍ୱାଇଁଙ୍କ ମୃତଦେହ ରେଳଧାରଣାରୁ ଜବତ ଘଟଣାକୁ ୧୮ ଦିନ ବିତିଥିଲେ ମଧ୍ୟ ମୃତ୍ୟୁ ରହସ୍ୟ ଜଣାପଡିନାହିଁ। ଅପରପକ୍ଷରେ ଏହି ଘଟଣା ଜାତୀୟ ସ୍ତରରେ ପହଞ୍ଚିଲାଣି। ଭାରତୀୟ ଜାତୀୟ ଯୁବ କଂଗ୍ରେସ ଏହି ଘଟଣାକୁ ନିନ୍ଦା କରିଛି । ଓଡିଶା ଶିକ୍ଷା ବିଭାଗ, ଗଞ୍ଜାମ ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ତଦନ୍ତ କରୁ ନ ଥିବା ଶୁଭମଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ସନ୍ଦେହଜନକ ମୃତ୍ୟୁ ଘଟଣାର ସ୍ୱତନ୍ତ୍ର ଓ ନିରପେକ୍ଷ ତଦନ୍ତ ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକେ ଅନୁରୋଧ କରିବା ପରେ ସେ ଏ ନେଇ ଗଞ୍ଜାମ ଏସପିଙ୍କୁ ଅବଗତ କରାଇଥିବା ଜଣାଯାଇଛି। ସେହିପରି ଏହି ଘଟଣାର ତଦନ୍ତ ପାଇଁ ଗଞ୍ଜାମ ଏସ୍‌ପିଙ୍କୁ ଅତିରିକ୍ତ ଜିଲ୍ଲାପାଳ ଜଣାଇଛନ୍ତି। ବ୍ରହ୍ମପୁରସ୍ଥିତ ଯୁକ୍ତ ୨ କାଉନସିଲ ଆଞ୍ଚଳିକ କାର୍ଯ୍ୟାଳୟ ଅତିରିକ୍ତ ନିର୍ଦ୍ଦେଶକ ରମେଶ ସେଠୀଙ୍କୁ ଭେଟି ଶୁଭମ ମୃତ୍ୟୁ ବାବଦରେ ପରିବାରବର୍ଗ ଆଲୋଚନା କରିବା ସହ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି। ପୂର୍ବରୁ ଗଞ୍ଜାମ ଏସପି ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିବା ସହ ଜିଲ୍ଲାପାଳଙ୍କ ସହ ଭିଡିଓ କଲ କରି ଏ ସମ୍ପର୍କରେ ନିରପେକ୍ଷ ତଦନ୍ତ ପାଇଁ ପରିବାରବର୍ଗ ଅନୁରୋଧ କରିଥିଲେ। ଘଟଣାର ତଦନ୍ତ ନିମନ୍ତେ ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପରିବାର ପକ୍ଷରୁ ପତ୍ର ପ୍ରେରଣ କରାଯାଇଛି।

# ଭାଜପାରେ ମିଶିଲେ ଶତାଧିକ ବ୍ୟକ୍ତି

ଆସିକା,୧୩।୭
(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଆସିକା ବ୍ଲକ ଅନ୍ତର୍ଗତ ଗହଙ୍ଗୁ ଗ୍ରାମର ଶତାଧିକ ବ୍ୟକ୍ତି ଶନିବାର ଭାଜପାରେ ଯୋଗଦେଇଛନ୍ତି। ଆସିକା ଭାଜପା କାର୍ଯ୍ୟାଳୟରେ ବିଧାୟକ ସରୋଜ କୁମାର ପାଢୀଙ୍କ ସହ ସାକ୍ଷାତ କରି ସେମାନେ ଦଳରେ ମିଶିଥିଲେ । ବିଧାୟକ ପାଢୀଙ୍କ ନେତୃତ୍ୱ ଓ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଜନାଭିମୁଖୀ ନିତୀରେ ଆସ୍ଥା ପ୍ରକଟ କରି ସେମାନେ ଭାଜପାରେ ଯୋଗଦେଇଥିବା କହିଛନ୍ତି।



ବିଧାୟକଙ୍କ ସହ ନବାଗତ କର୍ମୀ।

# ଜଗନ୍ନାଥ ମନ୍ଦିର ନିର୍ମାଣ ନେଇ ଆଲୋଚନା

ଗଞ୍ଜାମ,୧୩।୭(ବିଦ୍ୟାଧର ସାହୁ)

ଗଞ୍ଜାମ ବଡ଼ ବଜାରଠାରେ ଅବସ୍ଥିତ ବହୁ ପୁରାତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ମନ୍ଥର ନେଇ ସହରବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ସହରବାସୀଙ୍କ ପକ୍ଷରୁ ରବିବାର ଓଡ଼ିଆ ଡମଣାସାହି ସ୍ଥିତ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ କୃଷ୍ଣ ବେହେରା ସଭାପତିତ୍ୱ କରିଥିଲେ। ପୂର୍ବତନ ଗୋପାଳପୁର ପୋର୍ଟ ନିର୍ଦ୍ଦେଶକ ମନମୋହନ ମହାରଣା, ଆଇନଜୀବୀ ଦିଲ୍ଲୀପ ପଟ୍ଟନାୟକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ଭିକାରି ବେହେରା, ଯୁଧିଷ୍ଠିର ମହାନ୍ତି, ଡ଼ି.କେ ରାଓ, ସୁଦାମ ଚରଣ ଜେନା, ପୂର୍ଣ୍ଣ ପାଣିଗ୍ରାହୀ, ସୁଧୀର ପାଢ଼ୀ, ଉମାକାନ୍ତ ବେହେରା, ପ୍ରଣବ ପ୍ରଧାନ, ପ୍ରଭାତ ସାହୁ, ସିମାଞ୍ଚଳ ଦାସ, ବଟକୃଷ୍ଣ ରାଉଳ, କୃଷ୍ଣ ଚନ୍ଦ୍ର ଦାସ, ପ୍ରଭାତ ବିଶ୍ୱାଳ, ନିରଞ୍ଜନ ପରିଡ଼ା, ପପି ମହାକୁଡ, ମନୋଜ ପ୍ରଧାନ, ଭୀମାରାଓ ରେଡି, ବିଜୟ ସାହୁ, ଗୋବିନ୍ଦ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ମନ୍ଦିର ଭଙ୍ଗା ଯାଇଥିଲେ ମଧ୍ୟ କେଉଁ କାରଣରୁ ନିର୍ମାଣରେ ବିଳମ୍ବ ହେଉଛି ତାହା ଆଲୋଚନା ହୋଇଥିଲା। ଏଥିପାଇଁ ଉପସ୍ଥିତ ୫ ଜଣ ବରିଷ୍ଠ ବ୍ୟକ୍ତି ପୂର୍ବ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସହ କଥାବାର୍ତ୍ତା କରି ନିର୍ମାଣ କାର୍ଯ୍ୟ ଆଗକୁ ବଢାଇବା ଲାଗି ନିଷ୍ପତ୍ତି ନିଆଯାଇଛି।



ଆଲୋଚନାରେ ଉପସ୍ଥିତ ବ୍ୟକ୍ତିବିଶେଷ।

# ବିଇଓଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ଶିକ୍ଷକ, ବିନା ଡ୍ରେସ୍ କୋଡରେ ଆସୁଛନ୍ତି ବିଦ୍ୟାଳୟ

- ବହୁ ସମସ୍ୟାରେ ଚାଲିଛି କିର୍ତ୍ତିଙ୍ଗ, ରାକେଶପଙ୍କା ବିଦ୍ୟାଳୟ
- ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟରେ ରୋଷେଇ ହେଉଛି ମଧ୍ୟାହ୍ନ ଭୋଜନ

ମୋହନା,୧୩।୭(ମନ୍ମଥ ମିଶ୍ର)

ସରକାର ଶିକ୍ଷାର ବିକାଶ ପାଇଁ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର ସେହି ଅନୁଯାୟୀ ଶିକ୍ଷକ ମାନେ କାମ କରୁ ନ ଥିବା ଗଜପତି ଜିଲା ମୋହନା ବ୍ଲକରେ କେତେକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଗତ ଗୁରୁବାର ଜିଲା ଶିକ୍ଷା ଅଧିକାରୀ ମାୟାଧର ସାହୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ପରିବେଶ ସ୍ୱଚ୍ଛତା ରଖିବା ସହ ଶିକ୍ଷକମାନେ ଡ୍ରେସକୋର୍ଡ ପିନ୍ଧି ବିଦ୍ୟାଳୟକୁ ଯେପରି ଆସିବେ ଦେଖିବାକୁ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ନରେନ୍ଦ୍ର ବେହରାଙ୍କୁ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ଯିବାର ଗୋଟିଏ ଦିନ ପରେ ମୋହନା ବ୍ଲକ ପିଣ୍ଡିକି କ୍ଲଷ୍ଟରର କିର୍ତ୍ତିଙ୍ଗ, ରାକେଶପଙ୍କା ବିଦ୍ୟାଳୟରେ କେତେ ଜଣ ଶିକ୍ଷକ ବିନା ଡ୍ରେସ କୋର୍ଡରେ ବିଦ୍ୟାଳୟ ଆସିଥିଲେ । କିର୍ତ୍ତିଙ୍ଗ ବିଦ୍ୟାଳୟର ଶିକ୍ଷକ ମହେନ୍ଦ୍ର ନାୟକ, ସୁକାନ୍ତ ନାୟକ ବିଦ୍ୟାଳୟ ଆସିବା ସମୟର ଅଧଘଣ୍ଟା ପରେ ଆସିଥିଲେ। ଏହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ଏଠାରେ ଶିକ୍ଷା ବ୍ୟବସ୍ଥା ପାଇଁ ଗୋଟିଏ ଶ୍ରେଣୀ ଗୃହ ରହିଛି। ମଧ୍ୟାହ୍ନ ଭୋଜନ ଖାଇବା ସ୍ଥାନରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଛି। ୭୩ ଛାତ୍ରୀଛାତ୍ର ଥିବା ଏହି ବିଦ୍ୟାଳୟରେ ଶିକ୍ଷକ ରହିଛନ୍ତି ୫ ଜଣ। ଶ୍ରେଣୀଗୃହ ସମସ୍ୟା ଦୂର କରିବା ଲାଗି ବିଦ୍ୟାଳୟରେ ଏକ ନୂତନ କୋଠା ନିର୍ମାଣ ହୋଇଛି ଅଥଚ ଏଯାଏ ବିଦ୍ୟାଳୟକୁ ହସ୍ତାନ୍ତର ହୋଇନି । ମଧ୍ୟାହ୍ନ ଭୋଜନ ରୋଷେଇ କରିବାକୁ ରୋଷେଇ ଘର ନ ଥିବାରୁ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ହେଉଛି। ବାରମ୍ବାର ବ୍ଲକ କାର୍ଯ୍ୟାଳୟ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଧାନ ଶିକ୍ଷକ ଜଣାଇ କିଛି ସୁଫଳ ମିଳିନାହିଁ। ସେହିପରି ରାକେଶପଙ୍କା ବିଦ୍ୟାଳୟର ଶିକ୍ଷକ ରାଜେଶ ରଇତ ବିନା ଡ୍ରେସ କୋର୍ଡରେ ବିଦ୍ୟାଳୟକୁ ଆସିଥିଲେ । ଡ୍ରେସ କୋଡ଼ କଥା ପଚାରିବାରୁ ସେ କହିଲେ. ଡ୍ରେସ କୋର୍ଡ କିଛି ଲାଗୁ ହୋଇନି କି ଆମକୁ ମିଳିନାହିଁ। ଆମେ ଏମିତି ଆସୁଛୁ ସବୁ ଦିନ । ରାକେଶପଙ୍କା ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ଶ୍ରେଣୀ ଗୃହ ଅଭାବରୁ ଭଙ୍ଗାରୁଜା ଗୃହରେ ବିପଦସଙ୍କୁଳ ଅବସ୍ଥାରେ ପିଲାଙ୍କ ପାଠପଢା ଚାଲିଛି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



ବିନା ଡ୍ରେସ୍ କୋଡରେ ବିଦ୍ୟାଳୟ ଆସିଥିବା ଜଣେ ଶିକ୍ଷକ।

# ବାସୋପଯୋଗୀ ପ୍ଲଟ୍ ଦେବା ନାଁରେ ଠକେଇ

## ୨୦୦ ଜଣଙ୍କ ୫ କୋଟି ଚଳୁ, ସାଧବୀ କନ୍‌ଷ୍ଟ୍ରକଶନ ମାଲିକ ଗିରଫ

ବ୍ରହ୍ମପୁର,୧୩।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଜମି ଜାଲିଆତି ଘଟଣା ବଢ଼ିବାରେ ଲାଗିଛି। ବିଭିନ୍ନ ଉପାୟରେ ଚଞ୍ଚକତା କରି ନିରୀହ ଲୋକଙ୍କଠୁ ବହୁ କୋଟି ଟଙ୍କା ଠକେଇ ହୋଇଥିବା ଗୋଷାଣି ନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଉକ୍ତ ଥାନା ଅଞ୍ଚଳର ସାଧବୀ କନ୍‌ଷ୍ଟ୍ରକଶନ୍ ମାଲିକ ଚେତନ ଚୌଧୁରୀ(୪୩)ଙ୍କୁ ବାନ୍ଧିଛି। ଚେତନ ହେଉଛନ୍ତି ବ୍ରହ୍ମପୁର ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ପୂର୍ବତନ ସଭାପତି ସ୍ୱର୍ଗତ ଅଲେଖ ଚୌଧୁରୀଙ୍କ ପୁଅ। ପୋଲିସ ତାଙ୍କ ଅଫିସରୁ ବାସୋପଯୋଗୀ ଲେଆଉଟ ପ୍ଲାନ୍, ଦୈନିକ ଟଙ୍କା ସଂଗ୍ରହ କରାଯାଉଥିବା ରସିଦ୍ ଆଦି ଜବତ କରିଛି। ମାମଲା ନଂ.୨୨୬/୨୫ରେ ଚେତନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ତାଙ୍କ ବିରୋଧରେ ବଡ଼ବଜାର ଥାନାରେ ମଧ୍ୟ ଆପରାଧିକ ମାମଲା ହୋଇଥିବା ଏସ୍‌ପି କହିଛନ୍ତି।


ଗିରଫ ଅଭିଯୁକ୍ତ ଚେତନ ଚୌଧୁରୀ।

ଗୋଷାଣି ନୂଆଗାଁ ପାଣିଗ୍ରାହୀ ସାହିର ମୂଳବାସିନ୍ଦା ଚେତନ ରାଜାରାଣୀ ଆପାର୍ଟମେଣ୍ଟ ଏ ବ୍ଲକର ୫୧୩ରେ ରୁହନ୍ତି। ସେ ଗୋଷାଣି ନୂଆଗାଁରେ ସାଧବୀ କନ୍‌ଷ୍ଟ୍ରକସନ ଆଣ୍ଡ ଲଜିଷ୍ଟିକସ ନାମକ ଏକ ସଂସ୍ଥା କରିଛନ୍ତି। ଇଚ୍ଛୁକ ଲୋକମାନଙ୍କୁ ସୁଲଭ ମୂଲ୍ୟରେ ବାସଉପଯୋଗୀ ପ୍ଲଟ ଦେବା ନାଁରେ ୨୦୧୯ ଅଗଷ୍ଟରେ ଏକ ସ୍କିମ କରିଥିଲେ। ଏଥିପାଇଁ ସେ ଜଣେ ଏଜେଣ୍ଟ ନିଯୁକ୍ତ କରିଥିଲେ। ଜଣେ ଲୋକ ଉକ୍ତ ସ୍କିମରେ ମାସିକ ଟଙ୍କା ଜମା କଲେ ଦୁଇବର୍ଷ ପରେ ଅର୍ଥାତ ୨୦୨୧ ସେପ୍ଟେମ୍ବର ସୁଦ୍ଧା ତାଙ୍କୁ ସଂସ୍ଥା ତରଫରୁ ବାସୋପଯୋଗୀ ପ୍ଲଟ୍ ଯୋଗାଇ ଦିଆଯିବ ବୋଲି ମାଲିକ ଉଲ୍ଲେଖ କରିଥିଲେ। ଏହି ଲୋଭ ଦେଖାଇ ଏଜେଣ୍ଟମାନେ ୨ ବର୍ଷରେ ୨୦୦ ଜମାକାରୀଙ୍କ ନିକଟରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରି ସଂସ୍ଥାର ଆକାଉଣ୍ଟରେ ଜମା କରିଥିଲେ। ନିର୍ଦ୍ଧାରିତ ସମୟ ପରେ ଜମାକାରୀମାନେ ସଂସ୍ଥାର ମାଲିକଙ୍କୁ ଭେଟି ସେମାନଙ୍କ ପ୍ଲଟ୍ ଦେବାକୁ କହିଥିଲେ। ଏ ବାବଦରେ ମାଲିକ ଚେତନ କୌଣସି ଜମାକାରୀଙ୍କ ଟଙ୍କା ପାଇ ନ ଥିବା ସେମାନଙ୍କୁ କହିଥିଲେ। ପରେ ଜମାକାରୀମାନେ ସଂସ୍ଥାର କାର୍ଯ୍ୟାଳୟକୁ ଯାଇ ସେମାନେ ଜମା କରିଥିବା ଟଙ୍କା ବାବଦକୁ ପାଇଥିବା ରସିଦ୍‌ଗୁଡିକ ଚେତନଙ୍କୁ ଦେଖାଇଥିଲେ। ହେଲେ ଉକ୍ତ ରସିଦ୍‌ଗୁଡିକ ଜାଲ୍ ବୋଲି ଚେତନ କହିବା ସହ ସେମାନଙ୍କୁ ଜାଣି ନ ଥିବା କହି ଘଉଡ଼ାଇ ଦେଇଥିଲେ। ସଂସ୍ଥାର ଜଣେ ଏଜେଣ୍ଟ ଲାଞ୍ଜିପଲି କାଳିଞ୍ଜି ସାହିର ଏ. ସନ୍ତୋଷ କୁମାର ପାତ୍ର ଏ ନେଇ ଶନିବାର ଗୋଷଣି ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ଚେତନଙ୍କୁ ଗିରଫ କରିଛି।

# ବାଲୁଗାଁ ଷ୍ଟେଶନରୁ ଚୋରି ଶିଶୁକନ୍ୟା ଖଲ୍ଲିକୋଟରୁ ଉଦ୍ଧାର

## ଖଲ୍ଲିକୋଟ ଥାନାରୁ ଝିଅକୁ ନେଲେ ମା’

ଖଲ୍ଲିକୋଟ,୧୩।୭(ପ୍ରଶାନ୍ତ କୁମାର ମିଶ୍ର)

ଖୋର୍ଦ୍ଧା ଜିଲା ବାଲୁଗାଁ ରେଳ ଷ୍ଟେଶନରୁ ଶନିବାର ସକାଳେ ଏକ ୨ ବର୍ଷର ଶିଶୁକନ୍ୟା ଚୋରି ହେବାର ୨୪ ଘଣ୍ଟା ମଧ୍ୟରେ ଖଲ୍ଲିକୋଟରୁ ଉଦ୍ଧାର ହୋଇଛି। ପୋଲିସର ତ୍ୱରିତ ପଦକ୍ଷେପ ଯୋଗୁ ଏହା ସମ୍ଭବ ହୋଇଥିବାବେଳେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇଯାଇଛନ୍ତି। ରବିବାର ସନ୍ଧ୍ୟାରେ ଶିଶୁକନ୍ୟାଟି ତାଙ୍କ ମା’ଙ୍କ କୋଳକୁ ଫେରିଛି।

ଖବରରୁ ଜଣାପଡିଛି, ବାଲୁଗାଁ ଉମା ମହେଶ୍ୱର ମନ୍ଦିର ନିକଟରେ ରହୁଥିବା ସଙ୍ଗୀତା ପାରିମାଣିକ ନିଜ ଶିଶୁକନ୍ୟାକୁ ବାଲୁଗାଁ ରେଳ ଷ୍ଟେଶନର ୧ ନଂ. ପ୍ଲାଟଫର୍ମରେ ବସାଇ ଦେଇ କାମ କରିବାକୁ ଯାଇଥିଲେ। କାମରୁ ଫେରି ଦେଖିବା ବେଳକୁ ଝିଅ ସେଠାରେ ନ ଥିଲା। ବହୁ ଖୋଜାଖୋଜି ପରେ ଝିଅର କୌଣସି ସନ୍ଧାନ ନ ମିଳିବାରୁ ସେ ରେଲୱେ ଥାନାରେ ଅଭିଯୋଗ କରିଥିଲେ। ତେବେ ଶିଶୁକନ୍ୟାକୁ ଚୋରି କରି ନେଇଥିବା ବ୍ୟକ୍ତି ଜଣକ ଶିଶୁଟି କାନ୍ଦିବାରୁ ତାଙ୍କୁ ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଗୁରାପଲ୍ଲୀ ଟୋଲ ଗେଟ୍‌ଠାରେ ଛାଡ଼ି ଚାଲିଯାଇଥିଲେ। ଶିଶୁକନ୍ୟାଟି ଟୋଲ୍ ଗେଟ୍‌ଠାରେ ଏକୁଟିଆ ବୁଲୁଥିବା ଦେଖି ନିକଟରେ ଥିବା ଏକ ଚା’ ଦୋକାନୀ ତାଙ୍କୁ ଆଣି ପାଖରେ ରଖିଥିଲେ। ସେ ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଖଲ୍ଲିକୋଟ ପୋଲିସ ସକାଳ ୮ଟାରେ ଟୋଲ ଗେଟ୍‌ଠାରେ ପହଞ୍ଚି ଶିଶୁ କନ୍ୟାକୁ ଉଦ୍ଧାର କରି ଥାନାକୁ ନେଇଥିଲା। ତେବେ ଶିଶୁଟି ନିଜ ପରିଚୟ କହି ନ ପାରିବାରୁ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ସବୁ ଥାନାକୁ ପିଲାଟିର ଫଟୋ ପଠାଇବା ସହ ଚାଇଲ୍ଡ ହେଲ୍‌ପଲାଇନକୁ ଖବର ଦେଇଥିଲେ। ଖଲ୍ଲିକୋଟ ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀଙ୍କ ନିର୍ଦ୍ଦେଶରେ ଅଙ୍ଗନୱାଡି ସୁପରଭାଇଜର ଭାଗ୍ୟଲତା ସେନାପତି, ସୁନୀତା କୁମାରୀ ସାବତଙ୍କ ସମେତ ଦୁଇଜଣ କର୍ମଚାରୀ ଥାନାରେ ପହଞ୍ଚି ଶିଶୁକନ୍ୟାକୁ ଚାଇଲ୍ଡ ହେଲ୍‌ପ ଲାଇନକୁ ହସ୍ତାନ୍ତର କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ସମୟରେ ରେଲୱେ ଥାନାରୁ ଝିଅର ଫଟୋ ଦେଖି ଶିଶୁକନ୍ୟାର ମା’ ଖଲ୍ଲିକୋଟ ଥାନାକୁ ଯାଇଥିଲେ। ସଙ୍ଗୀତାଙ୍କୁ ଦେଖି ପିଲାଟି ତାଙ୍କ ପାଖକୁ ଦୌଡ଼ି ପଳାଇଥିଲା। ସେଠାରୁ ଝିଅକୁ ଧରି ସଙ୍ଗୀତା ବାଲୁଗାଁ ଅଭିମୁଖେ ଫେରିଥିଲେ।

# ବାଂଲାଦେଶରେ କଂକ୍ରିଟ ସ୍ଲାବ୍‌ରେ ପିଟି ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା

## ମୃତଦେହ ଉପରେ ନାଚିଲେ ଆକ୍ରମଣକାରୀ

ଢାକା, ୧୩।୭

ବାଂଲାଦେଶର ହିନ୍ଦୁଙ୍କ ଉପରକୁ ଆକ୍ରମଣ ଘଟଣା ଥମିବାର ନାଁ ନେଉନାହିଁ। ଢାକାରେ ଶନିବାର ସ୍ଥାନୀୟ ହିନ୍ଦୁ ବ୍ୟବସାୟୀ ଲାଲଚନ୍ଦ ସୋହାଗଙ୍କୁ ନିର୍ମମ ଭାବେ କଂକ୍ରିଟ ସ୍ଲାବ୍‌ରେ ପିଟି ପିଟି ହତ୍ୟା କରାଯାଇଛି। ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ବାଂଲାଦେଶର ଅନ୍ତରୀଣ ସରକାରରେ ସଂଖ୍ୟାଲଘୁଙ୍କ ସୁରକ୍ଷାକୁ ନେଇ ଏହି ଘଟଣା ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁରୁଣା ଢାକାର ମିଟ୍‌ଫୋର୍ଡ ହସ୍ପିଟାଲ ସମ୍ମୁଖରେ ଜବରଦସ୍ତ ଚାନ୍ଦା ଆଦାୟ କରୁଥିବା କେତେଜଣ ଲୋକ ଲାଲଚନ୍ଦଙ୍କୁ ଘେରି ଯାଇଥିଲେ ଏବଂ କଂକ୍ରିଟ ସ୍ଲାବ୍‌ରେ ତାଙ୍କୁ ନିର୍ମମ ଭାବେ ପିଟି ହତ୍ୟା କରିଥିଲେ। ଏହାପରେ ଆକ୍ରମଣକାରୀ ଲାଲଚନ୍ଦଙ୍କ ମୃତଦେହ ଉପରେ ନାଚିଥିଲେ। ଘଟଣାକୁ ବିରୋଧ କରି ଶନିବାର ସନ୍ଧ୍ୟାରେ ଢାକାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ର ପ୍ରତିବାଦ କରିଥିଲେ। ରବିବାର ଏହି ମାମଲାରେ ଢାକା ପୋଲିସ ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ନିକଟରୁ ବେଆଇନ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

# ୩ ଯୁବତୀ, ୩ ଯୁବକଙ୍କ ସହ କିଙ୍ଗପିନ୍ ମହିଳା ଅଟକ

## ଜୟନଗରରେ ସେକ୍ସ ର୍‍ୟାକେଟ ଠାବ


ରାଜକନିକା,୧୩। ୭(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଜୟନଗର ନଦୀକୂଳରେ ଥିବା ଏକ ଘରୁ ପୋଲିସ ରବିବାର ସେକ୍ସ ର୍‍ୟାକେଟ ଠାବ କରିଛି। ଜୟନଗର ଘାଟ ନିକଟରେ ସେକ୍ସ କାରବାର ଚାଲିଥିବା ନେଇ କୌଣସି ସୂତ୍ରରୁ ପୋଲିସ ଖବର ପାଇଥିଲା। ପୋଲିସ ଜୟନଗର ନଦୀକୂଳରେ ଥିବା ଜଣେ ମହିଳାଙ୍କ ଘରେ ଅତର୍କିତ ଚଢ଼ାଉ କରିଥିଲା। ସେଠାରେ ଅସଜ୍ଞାତ ଅବସ୍ଥାରେ ୩ ଯୁବତୀ ଓ ୩ ଯୁବକଙ୍କ ସମେତ କିଙ୍ଗପିନ୍ କୁହାଯାଉଥିବା ଜଣେ ମହିଳାଙ୍କୁ କାବୁ କରିଥିଲା। ନୂଆଗାଁର ଆଦିତ୍ୟ ବାରିକ (୨୦), ଚେରଣ୍ଟପଡ଼ା ଗାଁର ଆଦିତ୍ୟ ମାଝି (୨୧) ଓ ଚାନ୍ଦବାଲି ଥାନା ଅନ୍ତର୍ଗତ ବିଶ୍ରମପୁର ଗାଁର ଅଜୟ କୁମାର ନାୟକ(୩୦)ଙ୍କ ସମେତ ସମ୍ପୃକ୍ତ ମହିଳାଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୩୭୦/୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି, ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସଞ୍ଜୟ କୁମାର ମଲ୍ଲିକ କହିଛନ୍ତି।

# କଫ୍‌ସିରପ୍ ସହ ୩ କାର ଜବତ, ୫ ଅଟକ

ଯୋଡ଼ା,୧୩।୭ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ହିନ୍ଦୀ ହାଇସ୍କୁଲ ନିକଟସ୍ଥ ଏକ ଗ୍ୟାରେଜରେ ଥିବା ୩ଟି କାରରୁ ବିପୁଳ ପରିମାଣର ବେଆଇନ କଫ୍‌ସିରପ୍‌କୁ ପୋଲିସ ଜବତ କରିଛି। ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ଗ୍ୟାରେଜ୍‌ରେ ଚଢ଼ାଉ କରିଥିଲା। ଗ୍ୟାରେଜ ମଧ୍ୟରେ ଥିବା ଗୋଟିଏ ସ୍କର୍ପିଓ ଓ ଦୁଇଟି ବୋଲେରୋରୁ ପ୍ରାୟ ୧୦ ପେଟିରୁ ଊର୍ଦ୍ଧ୍ୱ କଫ୍‌ସିରପ ଜବତ କରିଥିଲା। ବେଆଇନ ସିରପ କାରବାରରେ ସମ୍ପୃକ୍ତ ୫ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରହିଛି। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା ଉପସ୍ଥିତ ଥିଲେ। ତଦନ୍ତ ଚାଲିଛି ପରେ ଏ ନେଇ ଅଧିକ ସୂଚନା ଦିଆଯିବ ବୋଲି ଯୋଡ଼ା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ କହିଛନ୍ତି।


କାରରୁ ଜବତ ହୋଇଥିବା କଫ୍‌ସିରପ୍।

## Business

# ରିହାତି ମୂଲ୍ୟରେ ପ୍ରିମିୟମ ଫାବ୍ରିକ୍ସ

ଭୁବନେଶ୍ୱର,୧୩।୭

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡିଆରେ ରାଜସ୍ଥାନ କଟନ ଫାବ ନିକଟରେ ଆରମ୍ଭ ହୋଇଯାଇଛି। ଏହି ପ୍ରଦର୍ଶନୀ ୨୦୨୫ ଅଗଷ୍ଟ ୩୧ ପର୍ଯ୍ୟନ୍ତ ପ୍ରାରମ୍ଭିକ ଭାବେ ଜାରି ରହିବ ବୋଲି ମେଳାର ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏହି ମେଳାରେ ସର୍ବଭାରତୀୟସ୍ତରର ଗାର୍ମେଣ୍ଟସ/କପଡା ଓ ପୋଷାକ ବ୍ୟବସାୟୀମାନେ ଅଂଶଗ୍ରହଣ ସହ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ସହିତ ବିକ୍ରୟ କରିଥାନ୍ତି। ସେହିଭଳି ଏହି ମେଳାରେ ଆକର୍ଷଣୀୟ ଓ ପ୍ରିମିୟମ ବର୍ଗର ଫାବ୍ରିକ୍ସ ରିହାତି ମୂଲ୍ୟରେ ଗ୍ରାହକଙ୍କୁ ଯୋଗାଇ ଦିଆଯାଇଥାଏ। ପ୍ରତି କ୍ରୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏପରିକି କାରବାରରେ ସମସ୍ତ ବ୍ୟାଙ୍କର ଡେବିଟ ଓ କ୍ରେଡିଟ କାର୍ଡର ବ୍ୟବହାର ସହ ଗ୍ରହଣ କରାଯାଉଛି।

ସେହିପରି ଏହି ମେଳାରେ ୨୦ ଟି ରାଜ୍ୟର ପ୍ରମୁଖ ପୋଷାକ ବ୍ରାଣ୍ଡ ସମ୍ବଲପୁରୀଠାରୁ ଇକତ ଏବଂ ଜାମଦାନୀଠାରୁ ଆରମ୍ଭ କରି ବନାରସୀ ପର୍ଯ୍ୟନ୍ତ ପ୍ରିମିୟମ ବର୍ଗର ପୋଷାକ ଉଭୟ ବିକ୍ରୟ ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ ରହିଛି। ଏହି ମେଳାରେ ଓଡିଶା ସମେତ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ନାଟକ, ତେଲଙ୍ଗାନା, ଆସାମ ଓ ପୁଡୁଚେରୀ ଭଳି ବଜାରର ପ୍ରିମିୟମ ପୋଷାକ ଓ ପ୍ରମୁଖ ବ୍ୟବସାୟୀମାନେ ସାମିଲ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜସ୍ଥାନ କଟନ ଫାବରେ ମୋଟ ୨୦୦ ଟି ଷ୍ଟଲ ପଡିଥିଲାବେଳେ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ସାମଗ୍ରୀ ପାଇଁ ସ୍ୱତନ୍ତ୍ର ଷ୍ଟଲ କରାଯାଇଛି। ଏହି ମେଳା ଦିବା ୧୧ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହିଥିଲାବେଳେ ମେଳା ପରିସରରେ ମାଗଣା ପାର୍କିଂର ସୁବିଧା ରହିଛି।



# ଇନ୍‌ଫିନିକ୍ସର ନୂତନ ଉତ୍ପାଦ

ଭୁବନେଶ୍ୱର,୧୩।୭

ଇନ୍‌ଫିନିକ୍ସର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ‘ଇନ୍‌ଫିନିକ୍ସ ହଟ୍ ୬୦ ୫ଜି+’ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ହଟ୍ ୬୦ ୫ଜି+ ରେ ଏକ ୫୨୦୦ଏମ୍‌ଏଏଚ୍ ହାଇ-କାପାସିଟି ବ୍ୟାଟେରି ରହିଛି। ଏହା ଗୋଟିଏ ସିଙ୍ଗଲ ଚାର୍ଜରେ ଗେମିଂ, ଷ୍ଟ୍ରିମିଂ, ୱର୍କ କଲ୍ ଓ ସୋସିଆଲ ଆପ୍‌ଗୁଡ଼ିକ ସହ ସଂଘର୍ଷ କରୁଥିବା ଉପଭୋକ୍ତାଙ୍କ ପାଇଁ ଅପ୍ଟିମାଇଜ ହୋଇଥାଏ। ସେହିଭଳି ଏହା ବକ୍ସରେ ଏକ ୧୮ୱାଟ ଚାର୍ଜର ସହ ଆସିଥାଏ। ଏଥିରେ ଏକ ୫୦ଏମପି ଏଆଇ କ୍ୟାମେରା ସେଟଅପ ରହିଛି। ଏହା ସୁପର ନାଇଟ, ଏଆଇଜିସି ପୋର୍ଟ୍ରେଟ ମୋଡ, ସ୍କାଏ ସପ, ସ୍ଲୋ ମୋଶନ ଓ ବିୟୁଟି ପୋର୍ଟ୍ରେଟ ଭଳି ୧୦ରୁ ଅଧିକ ଏଆଇ-ପରିଚାଳିତ ମୋଡ୍‌ଗୁଡିକ ସହ ଉନ୍ନତ ହୋଇଛି। ସେହିଭଳି ଏହି ସ୍ମାର୍ଟଫୋନ ଫ୍ଲିପ୍‌କାର୍ଟ ଓ ରିଟେଲ ଷ୍ଟୋରରେ ୩ଟି କଲର ଯଥା ସ୍ୟାଡୋ ବ୍ଲୁ, ତୁନ୍ଦ୍ରା ଗ୍ରୀନ ଓ ସ୍ଲିକ ବ୍ଲାକରେ ଉପଲବ୍ଧ।

# ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ


ଅତିଥିମାନେ ଏସ୍‌ବିଆଇର ନୂତନ ଶାଖାକୁ ଉଦ୍‌ଘାଟନ କରୁଛନ୍ତି।

କୋରୁକୋଣ୍ଡା,୧୩।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଦୁର୍ଗମ ଅଞ୍ଚଳ ନାକାମାମୁଡି ପଞ୍ଚାୟତରେ ରବିବାର ଷ୍ଟେଟ ବ୍ୟାଙ୍କ ସେବା ଆରମ୍ଭ ହୋଇଛି। ଓର୍କେଲ ଷ୍ଟେଟ୍ ବ୍ୟାଙ୍କ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ ମୁଦୁଲିଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା ସହ ନଡ଼ିଆ ଭାଙ୍ଗିବା ପରେ କୋରୁକୋଣ୍ଡା ବ୍ଲକ ଏମ୍‌ପି ପ୍ରତିନିଧି ଅକ୍ଷୟ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଗୃହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାଜପା ବାଲିମେଳା ଏନ୍‌ଏସି ନଗର ସଭାପତି ସୀମାଞ୍ଚଳ ପ୍ରଧାନ, କାଉନ୍‌ସିଲର ମନୋଜ ଦେବ ପାଙ୍ଗି,ସମିତି ସଭ୍ୟା ଲକ୍ଷ୍ମୀ ଖିଲ,ନାଏବ ସରପଞ୍ଚ ବାସନ୍ତୀ ଖିଲ, ପୂର୍ବତନ ସରପଞ୍ଚ ବିଶ୍ୱନାଥ ହନ୍ତାଲଙ୍କ ସମେତ ନାକାମାମୁଡି ପଞ୍ଚାୟତର ଅର୍ଜୁନ ଗୋଲରୀ, ଶୁକ୍ରା ମାଟାମଙ୍କ ସମେତ ପଞ୍ଚାୟତର ଶତାଧିକ ଲୋକ ଉପସ୍ଥିତ ଥିଲେ। ପଞ୍ଚାୟତ ଲୋକଙ୍କ କହିବାନୁଯାୟୀ, ଦୁର୍ଗମ ତଥା ପାହାଡିଆ ଅଞ୍ଚଳରେ ଏହି ପଞ୍ଚାୟତ ଥିବାବେଳେ ଏଠାରେ ୧୯ ୱାର୍ଡକୁ ନେଇ ୫୩ ଛୋଟ ବଡ଼ ଗ୍ରାମ ରହିଛି। ଏହି ପଞ୍ଚାୟତରେ ୮ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଏଠାରେ ବ୍ୟାଙ୍କ ସେବା ନ ଥିବାରୁ ପଞ୍ଚାୟତବାସୀ ଦୀର୍ଘବର୍ଷ ଧରି ବାଲିମେଳା ଓର୍କେଲ ଷ୍ଟେଟବ୍ୟାଙ୍କ ଶାଖା ସମେତ କୋରୁକୋଣ୍ଡା ଓ ମାଲକାନଗିରିରେ ଥିବା ବିଭିନ୍ନ ବ୍ୟାଙ୍କ ଉପରେ ନିର୍ଭର କରି ଆସୁଥିଲେ।

# ‘ସବ୍‌ସେ ପେହେଲେ ଜୀବନ ବୀମା’

ଭୁବନେଶ୍ୱର,୧୩।୭

ବୀମା ସଚେତନତା କମିଟି (ଆଇଏସି)ର ବହୁ ପ୍ରତୀକ୍ଷିତ ଅଭିଯାନ ‘ସବ୍‌ସେ ପେହେଲେ ଜୀବନ ବୀମା’ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏପରିକି ଆଇଏସିର ଏହି ପଦକ୍ଷେପ ପ୍ରତ୍ୟେକ ଭାରତୀୟଙ୍କୁ ନୂଆ ଉତ୍ସାହ ସହ ଜୀବନ ବୀମାକୁ ସେମାନଙ୍କ ଆର୍ଥିକ ଯାତ୍ରାରେ ମୂଳଦୁଆ କରିବା ପାଇଁ ପ୍ରେରଣା ଯୋଗାଇବ। ବର୍ତ୍ତମାନ ସମୟରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନ ବୀମା ସୁରକ୍ଷା ବ୍ୟବଧାନ ସହିତ ସଂଘର୍ଷ ଜାରି ରଖିଛି। ୨୦୨୩ ଡିସେମ୍ବରରେ ଏନ୍‌ଆଇଏ ଦ୍ୱାରା ହୋଇଥିବା ଅଧ୍ୟୟନ ଅନୁସାରେ ଏହି ସୁବିଧା ୨୦୧୯ରେ ୮୩% ରୁ ବଢି ୨୦୨୩ରେ ୮୭%କୁ ବୃଦ୍ଧି ପାଇଛି। ଏପରିକି ୧୮ରୁ ୩୫ ବର୍ଷ ବୟସ୍କଙ୍କ ମଧ୍ୟରେ ଏହି ପାର୍ଥକ୍ୟ ଅଧିକ ସ୍ପଷ୍ଟ ଓ ୯୦% ଅତିକ୍ରମ କରିଛି। ଏହି ପ୍ରବେଶର ଚ୍ୟାଲେଞ୍ଜକୁ ମୁକାବିଲା କରିବା ଲାଗି ଭାରତର ସମସ୍ତ ଜୀବନ ବୀମାକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ବୀମା ସଚେତନତା କମିଟି ତା’ର ଜାତୀୟ ଅଭିଯାନର ପରବର୍ତ୍ତୀ ପର୍ଯ୍ୟାୟ ସବ୍‌ସେ ପେହେଲେ ଜୀବନ ବୀମା ଆରମ୍ଭ କରିଛି। ସେହିଭଳି ଗ୍ରାହକମାନଙ୍କୁ ସଚେତନ କରିବା ଲାଗି ଏହି ପଦକ୍ଷେପ ଓ ପ୍ରବେଶ ବୃଦ୍ଧି କରିବା ପାଇଁ ଉକ୍ତ ଅଭିଯାନ ଏକ ବର୍ଷ ବ୍ୟାପୀ ସ୍ୱତନ୍ତ୍ର ଯୋଜନା ଭାବେ କାର୍ଯ୍ୟକାରୀ କରାଯାଉଛି। ଏ ସମ୍ପର୍କରେ ବୀମା ସଚେତନତା କମିଟିର ସଦସ୍ୟ କହିଛନ୍ତି, ସବ୍‌ସେ ପେହେଲେ ଜୀବନ ବୀମା କେବଳ ଏକ ସ୍ଲୋଗାନ ନୁହେଁ, ଏହା ଆର୍ଥିକ ଯୋଜନାକୁ ଆମେ କିପରି ଆକର୍ଷିତ କରୁ ତାହା ପୁନଃ ବିଚାର ପାଇଁ ଏକ ସ୍ପଷ୍ଟ ଆହ୍ୱାନ। ଯେପରି ପ୍ରତ୍ୟେକ ଗଠନକୁ ଏକ ଦୃଢ ଭିତ୍ତିଭୂମି ଆବଶ୍ୟକ ରହିଛି। ସେହିପରି ଆମେ ନିଜର ଆର୍ଥିକ ଯୋଜନାଗୁଡ଼ିକୁ ଜୀବନବୀମାର ମୂଳଦୁଆରେ ରଖିବା ଉଚିତ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏହାର ମୂଳରେ ରହିଥିବା ଆଭିମୁଖ୍ୟ ଓ ଏହି ଅଭିଯାନର ମୌଳିକ ସୁରକ୍ଷାକୁ ଅଣଦେଖା କରି ସଞ୍ଚୟ ଓ ନିବେଶକୁ ପ୍ରାଥମିକତା ଦେବାର ସାଧାରଣ ଅଭ୍ୟାସକୁ ଚ୍ୟାଲେଞ୍ଜ କରିଛି।

# ଆଜି ସରିବ ସ୍ୱତନ୍ତ୍ର ଡିସ୍‌କାଉଣ୍ଟ ସେଲ୍



ଭୁବନେଶ୍ୱର,୧୩।୭ (ଅଭୟ ଦାଶ)

ପ୍ରତି ଥର ଭଳି ଚଳିତ ଥର ମଧ୍ୟ ଭୁବନେଶ୍ୱରର ୱେଲ୍‌କମ ହୋଟେଲ (ଆଇଟିସି ୱେଲ୍‌କମ)ରେ ଆୟୋଜିତ ୩ ଦିନିଆ ସ୍ୱତନ୍ତ୍ର ଡିସକାଉଣ୍ଟ ସେଲ (ସବୁଠାରୁ ବଡ ଡିସ୍‌କାଉଣ୍ଟ ସେଲ) ସୋମବାର ଶେଷ ହେଉଛି। ଉଲ୍ଲେଖଯୋଗ୍ୟ, ଦେଶର ଅଗ୍ରଣୀ ବ୍ରାଣ୍ଡେଡ୍ ଗାର୍ମେଣ୍ଟ୍ସ କମ୍ପାନୀ ପକ୍ଷରୁ ଏକ ୩ ଦିନିଆ ସ୍ୱତନ୍ତ୍ର ଡିସ୍‌କାଉଣ୍ଟ ସେଲ୍ ଭୁବନେଶ୍ୱରର ଆଇଟିସି ୱେଲକମରେ ଶନିବାରଠାରୁ ଆରମ୍ଭ ହୋଇଥିଲା। ଏପରିକି ୨୦୨୫ ଜୁଲାଇ ୧୨ରୁ ୧୪ ପର୍ଯ୍ୟନ୍ତ ଆୟୋଜିତ ଏହି ସ୍ୱତନ୍ତ୍ର ଡିସକାଉଣ୍ଟ ସେଲ୍‌ରେ ଗ୍ରାହକ ଆକର୍ଷଣୀୟ ୮୦% ପର୍ଯ୍ୟନ୍ତ ରିହାତି ସହିତ ପ୍ରମୁଖ ଅନ୍ତର୍ଜାତୀୟ ବ୍ରାଣ୍ଡର ପୋଷାକ ଏବଂ ଜୋତା କ୍ରୟ କରିପାରିବେ। ସେହିଭଳି ଏହି ସେଲରେ ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ପ୍ରମୁଖ ବ୍ରାଣ୍ଡଗୁଡ଼ିକ ୩୦୦ ଟଙ୍କାରୁ ୧୬୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଯେଉଁମାନେ ଅବିଶ୍ୱସନୀୟ ମୂଲ୍ୟରେ ବ୍ରାଣ୍ଡେଡ୍ ପୋଷାକ କିଣିବାକୁ ଚାହାଁନ୍ତି ସେମାନଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ବିକ୍ରୟ ସକାଳ ୧୦ ରୁ ରାତି ୧୦ଟା ପର୍ଯ୍ୟନ୍ତ ଜାରି ରହିବ। ବିକ୍ରୟ ସମୟରେ ମାଗଣା ପ୍ରବେଶ ଏବଂ ପାର୍କିଂର ସୁବିଧା ରହିଛି। ଏପରିକି କାରବାର ସମୟରେ ସମସ୍ତ କାର୍ଡ ଏବଂ ଡିଜିଟାଲ୍ ପେମେଣ୍ଟ ଗ୍ରହଣ କରାଯାଇଛି। ବର୍ତ୍ତମାନ ୨୦୨୪ର ଫ୍ରେସ୍ ବକ୍ସ ପ୍ୟାକ୍ କଲେକ୍ସନ ମାତ୍ର ୭୨ ଘଣ୍ଟା ପାଇଁ ୮୦% ପର୍ଯ୍ୟନ୍ତ ରିହାତି ସହିତ ଭୁବନେଶ୍ୱରକୁ ବିକ୍ରୟ ପାଇଁ ଅଣାଯାଇଛି।

# କ୍ରୟ ଉପରେ ଆକର୍ଷଣୀୟ ରିହାତି

ଭୁବନେଶ୍ୱର,୧୩।୭

ପ୍ରଥମ ଥର ପାଇଁ ପ୍ରାଇମ୍ ଡେ ସେଲ୍ ଉପରେ ଏକ ୩ ଦିନିଆ ସପିଂ ସେଲିବ୍ରେସନ୍ କରାଯାଉଛି। ଏପରିକି ଏହି ସମୟ ମଧ୍ୟରେ ପ୍ଲାଟଫର୍ମର ବ୍ୟବସାୟିକ ଗ୍ରାହକମାନେ ଲାପଟପ୍, ଟାବଲେଟ୍, ହେଡଫୋନ୍, ଏସି, କୁଲର, ଫ୍ୟାନ୍, ଅଫିସ୍ ଫର୍ଣ୍ଣିଚର, ରୋଷେଇ ଘରଉପକରଣ ଏବଂ ଶିଳ୍ପ ଯୋଗାଣ ସମେତ ବିଭିନ୍ନ ଉତ୍ପାଦ ଉପରେ ଗ୍ରାହକମାନେ ଆକର୍ଷଣୀୟ ରିହାତି (ଡିଲ୍) ପାଇପାରିବେ। ସେହିଭଳି ଗ୍ରାହକମାନେ ବିଭିନ୍ନ ବର୍ଗ ଉପରେ ସ୍ୱତନ୍ତ୍ର ରିହାତି ସୁବିଧା ସହ ବୃହତ କାରବାର ଉପରେ ୨୦% ପର୍ଯ୍ୟନ୍ତ ଅତିରିକ୍ତ ରିହାତି ମଧ୍ୟ କ୍ରୟ ସମୟରେ ଅନଲକ୍ କରିପାରିବେ ଏବଂ ସେମାନଙ୍କର ପ୍ରି-ପେଡ୍ ଅର୍ଡରଗୁଡ଼ିକ ଉପରେ ଯୋଗ୍ୟ ବର୍ଗଗୁଡ଼ିକ ଉପରେ ୯,୯୯୯ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ଉପଭୋଗ କରିପାରିବେ। ସେହିପରି ଏହି ପ୍ରାଇମ୍ ଡେ ସେଲ ଉପରେ ଏହି ଅବିଶ୍ୱସନୀୟ ଡିଲ୍ ହାତଛଡ଼ା ନକରି ଗ୍ରାହକମାନେ ବଲ୍କ ଅର୍ଡର ପାଇଁ ଟାବଲେଟ୍ ଏବଂ ଲାପଟପ୍ ଉପରେ ୬୫% ପର୍ଯ୍ୟନ୍ତ, ସ୍ପିକର ଏବଂ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଉପରେ ୮୦% ପର୍ଯ୍ୟନ୍ତ ରିହାତି, ଶିଳ୍ପ ଯୋଗାଣ ଉପରେ ୬୦% ପର୍ଯ୍ୟନ୍ତ ରିହାତି ଏବଂ ବହୁ-ୟୁନିଟ୍ କ୍ରୟ ଉପରେ ୮୦% ପର୍ଯ୍ୟନ୍ତ ରିହାତି ରହିଛି। ଏହି ଅଫର ୨୦୨୫ ଜୁଲାଇ ୧୪ରେ ଶେଷ ହେଉଛି।

# Classified Everyday

0674-2580101, 9692975378



## REAL ESTATE SALE

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76288

Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668. D-76287


ଗୃହୋପଯୋଗି Single ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ 2100sqft. area ବିକ୍ରିହେବ। 6370469894. D-76292

3 BHK ready to move flat for sale at Sundarpada. Price-60 Lakhs. Contact-7606024182. D-1273

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ 5K.M 1500sqft. କିଣି ଘର କରନ୍ତୁ। 7978947520 D-76283

Duplex sale near AIIMS Hospital Bhubaneswar, apartment Sum Hospital. 9777433701. D-76285




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740. D-75391




Newly open Jyoti SPA positively health benefits (expert therapist). 8458067955. D-76927

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ମୁଁ ଦିଲ୍ଲିପ କୁମାର ସିଂହ (୪୨ ବର୍ଷ), ପିତା- ରଣଜିତ୍ ସିଂହ, ସା/ପୋ- ବାଲିଗାଁ, ଥାନା- ଚାନ୍ଦବାଲି, ଜି- ଭଦ୍ରକ ଏକ ପଞ୍ଜୀକୃତ ସେଲ୍‌ଡିଡ୍ (ନଂ.- ୪୬୩, ତା୧୯।୦୩।୧୯୯୦) ଜରିଆରେ ଖାତା ନଂ.- ୪୬୩, ପ୍ଲଟ୍ ନଂ.- ୪୧୬୮, ୦.୫୧ଡି. ଏକ ଜମି କିଣିଥିଲି। ଗତ ତା୦୭।୦୭।୨୦୨୫ରିଖ ଚାନ୍ଦବାଲି ତହସିଲ କାର୍ଯ୍ୟାଳୟରୁ ଘରକୁ ଫେରୁଥିବା ବେଳେ ଉକ୍ତ ଦଲିଲଟି କେଉଁଠି ହଜିଯାଇଛି। ବାରମ୍ବାର ଖୋଜିବା ପରେ ମଧ୍ୟ ଏହା ମିଳିନାହିଁ। ଧ-୧୨୮୨

## AFFIDAVIT

Sudhakar Nayak, S/o- Krushna Nayak, permanent of Pachhipala, P.O.- Rahadamalla, P.S.- Puri Sadar, Puri- 752013 do hereby declare by this affidavit No.- 3866, dt.10.7.25. That my minor son Sumit Nayak will be known as Sambit Nayak for all my future purposes. D-1285

I, Manjulata Sahu, W/o- Abhimanyu Sahoo and Mother of Ashutosh Sahoo, resident of At- Maulimanagar, P.O.- Ekatali, Dist.- Jharsuguda, PIN-768202, Odisha do hereby declare by this affidavit No.-19, dt. 11.07.25. That now onwards I shall be known as Manjulata Sahu not "Manjulata Sahoo" for all future purposes. D-1283

I, Mallika Baa, aged about 44 years, W/o- Deepak Ranjan Baa, resident of Vill/P.O.- Subdega, P.S.-Talsara, Dist.-Sundargarh, Odisha do hereby solemnly affirm and declare as under, I have a Aadhaar Card vide No.- 450604586682 in which my Name has been wrongly mentioned as Mallika Dungdung. That Mallika Baa and Mallika Dungdung denotes to one and same person i.e. my self.
Mallika Baa D-1284

By virtue of an affidavit sworn before the Notary Public, Attabira, I Rinu Majhi, W/o- Gupteswar Majhi, Village- Gartiapali, P.O.- Godbhaga, P.S.- Attabira, Dist.- Bargarh declared that before my marriage I was known as Susri Barpanda, D/o- Samir Barpanda which has been mentioned in my RPLI Policy No.- ROR-SB-EA-96487. That Rinu Majhi and Susri Barpanda is the one and same lady for all purposes. D-1286

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue an affidavit sworn before Executive Magistrate, Nayagarh, dtd. 07.07.2025, I, Guduli Pradhan of Village/ P.O.- Pangali, P.S.- Daringibadi, Dist.- Kandhamal, PIN-762104 declare that I have changed my name from Gudali Pradhan to Guduli Pradhan. Henceforth, I shall be known as Guduli Pradhan. D-1287

By virtue of an affidavit sworn before Executive Magistrate, Nayagarh, I, Rajendra Majhi, Son of Ketera Majhi, At-Sikabadi, P.O.- Gadapur, P.S.- Bamunigaon, Dist.- Kandhamal, PIN-762021 declare that I have changed my sons name from Nithniyel Majhi to Nathaniel Majhi. Henceforth, he shall be known as Nathaniel Majhi for all purposes. D-1288

By virtue of an affidavit sworn before Executive Magistrate, Daspalla, dated-09.07.25, I, Subash Chandra Pradhan, Village- Khandapada, P.O.- Satapatna, P.S.- Daspalla, Dist.- Nayagarh, PIN- 752091, Odisha declared that I have changed my name from Subash Pradhan to Subash Chandra Pradhan. Henceforth, I shall be known as Subash Chandra Pradhan for all purposes.
Subash Chandra Pradhan D-1279

I, Ashish Kumar Patro, S/o- Late Bhaskar Patro, Kotakotta resident Plot- 958/2448, Prakruti Vihar, Delta Square, Bhubaneswar- 751003. declare by this affidavit No.- 22722 (79AA 069097), dt. 11.7.25. That now onwards I shall be known as K ASISH KUMAR PATRO for all future purposes. D-1289

## ନିରୁଦ୍ଦିଷ୍ଟ



ସୁଷମା ପୃଷ୍ଟି
ବୟସ-୫୦
ଠିକଣା: ଗ୍ରାମ-କାଇମାଟିଆ ପାଟଣା, ଜିଲ୍ଲା-ଖୋର୍ଦ୍ଧା, ଥାନା: ଇନ୍‌ଫୋଭ୍ୟାଲି ସେ ଗତ ତା.୧୨.୦୭.୨୦୨୫ରିଖ ଦିନ ୧ଟା ସମୟରୁ ଘରୁ କେଉଁ ଆଡ଼େ ଚାଲିଯାଇଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କ ବିଷୟରେ ସୂଚନା ପାଆନ୍ତି ତାହେଲେ ଦୟାକରି ନିମ୍ନୋକ୍ତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ ।
8328985636
9337897939
ଧ-୧୨୯୧

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନଂ. ୩, ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଧୀନେ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୪ର୍ଥ ମହଲା, ଭୁବନେଶ୍ୱର ସଚିବାଳୟ ମାର୍ଗ, ୟୁନିଟ୍-୫, ଭୁବନେଶ୍ୱର
ଏସ୍.ଆର୍.ପି. ନଂ.- ୧୬୬୯/୨୦୧୫

୧) ଶ୍ରୀମତୀ ଉର୍ମିଳା ପଣ୍ଡା, ....ବାଦିନୀ

ବନାମ

ବନ୍ଦୋବସ୍ତ ଅଧିକାରୀ, ଭୁବନେଶ୍ୱର ଏବଂ ଅନ୍ୟମାନେ
.....ପ୍ରତିବାଦୀ

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନଂ ୩, ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଧୀନେ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୪ର୍ଥ ମହଲା, ଭୁବନେଶ୍ୱର ସଚିବାଳୟ ମାର୍ଗ, ୟୁନିଟ୍-୫, ଭୁବନେଶ୍ୱର
ଏସ୍.ଆର୍.ପି. ନଂ. ୧୭୭୯/୨୦୧୫

୨) ଶ୍ରୀମତୀ ଗୁଣବତୀ ଜେନା ....ବାଦିନୀ

ବନାମ

ବନ୍ଦୋବସ୍ତ ଅଧିକାରୀ, ଭୁବନେଶ୍ୱର ଏବଂ ଅନ୍ୟମାନେ ....ପ୍ରତିବାଦୀ

ଇସ୍ତାହାର ମାଧ୍ୟମରେ ସୂଚନା ଆଦେଶ-୫ ଏବଂ ନିୟମ ନଂ. ୨୦, ଅଧିନିୟମ- ୧-କ ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଉପରଲିଖିତ ମକଦ୍ଦମା ୧ ନଂ. ରୁ ନ୯୯ମ୍ବର ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀ ତଥା ତାଙ୍କ ମନୋନୀତ ପ୍ରାର୍ଥୀ କିମ୍ବା ଆଇନମତେ ତାଙ୍କ ତରଫରୁ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଦୈନିକ ଖବରକାଗଜରେ ବିଜ୍ଞାପନ ମାଧ୍ୟମରେ ସୂଚନା ପ୍ରଦାନ କରାଯାଉଅଛି କି ଉପରଲିଖିତ ମାନ୍ୟବର ଅଦାଲତରେ ଆସନ୍ତା ତା୦୫।୦୮।୨୦୨୫ରିଖ ଦିବା ୨ଘ.୩୦ମି.ରେ ଉପସ୍ଥିତ ହୋଇ ସେମାନଙ୍କ ତରଫରୁ ଉକ୍ତ ମାମଲାଗୁଡ଼ିକୁ ପରିଚାଳନା କରିବା ପାଇଁ ବିହିତ ଆଦେଶ ଅଟେ।

ପ୍ରତିବାଦୀମାନେ

୧. ଯୋଗୀ ହରିଚନ୍ଦନ, ପିତା- ବିଭବର ହରିଚନ୍ଦନ, ୨. ନାଗା ହରିଚନ୍ଦନ, ୩. ଝରି ହରିଚନ୍ଦନ, ଉଭୟଙ୍କ ପିତା- ୰ନାଥ ହରିଚନ୍ଦନ, ୪. ହୁସ୍ମନ୍ତ ହରିଚନ୍ଦନ, ପିତା- ୰ଗୋଲେଖ ବିହାରୀ ହରିଚନ୍ଦନ, ୫. ବିଭୂତି ଭୂଷଣ ହରିଚନ୍ଦନ, ୬. ଶଶିଭୂଷଣ ହରିଚନ୍ଦନ, ଉଭୟଙ୍କ ପିତା- ୰ବ୍ରଜ ବିହାରୀ ହରିଚନ୍ଦନ, ୭. ରବୀନ୍ଦ୍ର ନାଥ ହରିଚନ୍ଦନ, ପିତା- ୰ମହେନ୍ଦ୍ର ହରିଚନ୍ଦନ, ୮. ମାନସ ରଞ୍ଜନ ହରିଚନ୍ଦନ, ପିତା- ୰ଭାସ୍କର ହରିଚନ୍ଦନ, ୯. ଦେବରାଜ ହରିଚନ୍ଦନ, ୧୦. ବିଷ୍ଣୁ ହରିଚନ୍ଦନ, ୧୧. ନବ ହରିଚନ୍ଦନ, ୧୨. ରାଜା ହରିଚନ୍ଦନ। କ୍ରମିକ ନ. ୧୦ାରୁ ୧୩ମ୍ବରଙ୍କର ପିତା- ୰ଅଧିକାରୀ ହରିଚନ୍ଦନ, ୧୩. ହାଡ଼ିବନ୍ଧୁ ହରିଚନ୍ଦନ, ପିତା- ଧନୀ ହରିଚନ୍ଦନ, ୧୪. ପଠାଣି ହରିଚନ୍ଦନ, ୧୫. ସାହାବାଣୀ ହରିଚନ୍ଦନ, ଉଭୟଙ୍କର ପିତା- ଅଇଁଠୁ ହରିଚନ୍ଦନ, ୧୬. ରତ୍ନାକର ବଳିଆରସିଂ, ପିତା- ଦିନବନ୍ଧୁ ବଳିଆରସିଂ, ୧୭. ନୀଳମଣି ହରିଚନ୍ଦନ, ସ୍ୱାମୀ- ୰ବିଶି ହରିଚନ୍ଦନ

ସମସ୍ତଙ୍କର ସା/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା,

୧୮. ପ୍ରଶାନ୍ତ କୁମାର ରାଉତ, ପିତା- ଶ୍ୟାମ ସୁନ୍ଦର ଅରତ, ସା/ପୋ- ସୁଜନପୁର, ଥାନା/ଜିଲ୍ଲା-ଯାଜପୁର, ୧୯. ଶ୍ରୀଧର ସାହୁ, ପିତା- ଚୈତନ୍ୟ ସାହୁ, ସା- ନୀଳାଦ୍ରି ବିହାର, ପୋଷ୍ଟ/ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧା, ୨୦. ଚୌଧୁରୀ ଶ୍ରୀକାନ୍ତ ମିଶ୍ର, ପିତା- ତ୍ରୈଲୋକ୍ୟ ନାଥ ମିଶ୍ର, ସା- ଜେଲ୍ ରୋଡ୍, ଦରଘା ବଜାର, ଜିଲ୍ଲା- କଟକ, ୨୧. ବିଶ୍ୱନାଥ ରାଉତ, ପିତା- ଜୟରାମ ରାଉତ, ସା- ପ୍ରତାପନଗର, ଥାନା- କଟକ ସଦର, ଜିଲ୍ଲା- କଟକ, ୨୨. ଜୀବନ କୁମାର ପାଢ଼ୀ, ପିତା- ମହେନ୍ଦ୍ର ଚନ୍ଦ୍ର ପାଢ଼ୀ, ସା- ପ୍ରତାପନଗର, ଥାନା- କଟକ ସଦର, ଜିଲ୍ଲା- କଟକ, ୨୩. ଏସ୍. ସୌଭାଗ୍ୟମୟୀ, ପିତା- ସୁରେନ୍ଦ୍ର କୁମାର ସେଠୀ, ସା- ବାଳିଆପାଳ, ଥାନା- ମହାକାଳପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା, ୨୪. ପ୍ରତାପ ଚନ୍ଦ୍ର ଦାସ, ପିତା- ସୁରେନ୍ଦ୍ର ଦାସ, ସା- ଶ୍ରୀବିହାର କଲୋନୀ, ରାଜବାଟୀ, ତୁଳସୀପୁର, ଜିଲ୍ଲା- କଟକ, ୨୫. ଭଗବାନ ପ୍ରଧାନ, ପିତା- ପରଶୁ ପ୍ରଧାନ, ସା-ଗୁଣ୍ଡିଚାବାଡ଼ି, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୨୬. ରମେଶ ଚନ୍ଦ୍ର ପଲାଇ, ପିତା- ଲକ୍ଷ୍ମୀଧର ପଲାଇ, ସା- ନୂଆଗାଁ, ଥାନା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁର, ୨୭. ମୀନାକ୍ଷୀ ରାଣୀ ପ୍ରଧାନ, ସ୍ୱାମୀ- କୃଷ୍ଣଚନ୍ଦ୍ର ପ୍ରଧାନ, ସା- ସୁନାକେରା, ଥାନା- ବାଣପୁର, ଜିଲ୍ଲା-ଖୋର୍ଦ୍ଧା, ୨୮. ନିରଞ୍ଜନ ସାହୁ, ପିତା- ଗୋବିନ୍ଦ ଚନ୍ଦ୍ର ସାହୁ, ସା/ପୋଷ୍ଟ- ଫକିରପଡ଼ା, ଥାନା/ଜିଲ୍ଲା- କଟକ, ୨୯. ରେଣୁବାଳା ମହାପାତ୍ର, ସ୍ୱାମୀ- ପ୍ରଫୁଲ୍ଲ ମହାପାତ୍ର, ସା- ଅରେଇବଣା, ଥାନା/ ଜିଲ୍ଲା- ଜଗତ୍‌ସିଂହପୁର, ୩୦. ବସନ୍ତ କୁମାର ଦାସ, ପିତା- ଉପେନ୍ଦ୍ର କୁମାର ଦାସ, ସା- ମୁସାଦିଆ, ପୋ/ଥାନା- ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ା, ୩୧. ବିଜୟ କୁମାର ବେହେରା, ପିତା- କୃଷ୍ଣ ଚରଣ ବେହେରା, ସା-ନାଳପଦା, ଥାନା- ମହାକାଳପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା, ୩୨. ପରେଶ ନାଥ ମହାପାତ୍ର, ପିତା- ବଳରାମ ମହାପାତ୍ର, ସା- ତେନ୍ତୋଇ, ଥାନା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ା, ୩୩. ଗୋଲେଖ ବିହାରୀ ଦାସ, ପିତା- ଭାଗୀରଥି ଦାସ, ସା/ପୋ- ନନ୍ଦପୁର, ଥାନା- ତିଗିରିଆ, ଜିଲ୍ଲା- କଟକ, ୩୪. ଯାଦବ ଚନ୍ଦ୍ର ସାହୁ, ପିତା- ଅନ୍ତର୍ଯ୍ୟାମୀ ସାହୁ, ସା- ଟିଙ୍କବିର୍, ପୋ/ଥାନା- ରିଆମାଲ, ଜିଲ୍ଲା- ଦେଓଗଡ଼ା, ୩୫. ମନୋଜ କୁମାର ଛୁଆଲସିଂ, ପିତା- ଯୁଧିଷ୍ଠିର ଛୁଆଲସିଂ, ସା- ସାନନୂଆଗାଁ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୩୬. ଅନୁଶୟା ସେଠୀ, ସ୍ୱାମୀ- ରଣଜିତ୍ ସେଠୀ, ସା- ବଡ଼ହାଟ, ପୋ- ତିଗିରିଆ, ଜିଲ୍ଲା- ଖୋର୍ଦ୍ଧା, ୩୭. ଆମତୁଲ କାୟମ, ସ୍ୱାମୀ- ଅବଦୁଲ ଓସିମ, ସା- କେଦାରବସ୍ତି, ଥାନା- ତିଗିରିଆ, ଜିଲ୍ଲା- କଟକ, ୩୮. ଦେବାଶିଷ୍ ବାରିକ, ପିତା- ଜୟକୃଷ୍ଣ ବାରିକ, ସା- ସୂର୍ଯ୍ୟପୁର, ଥାନା- ଧାମନଗର, ଜିଲ୍ଲା- ଭଦ୍ରକ, ୩୯. ନିରାକାର ସାମଲ, ପିତା- ବୈଦ୍ୟନାଥ ସାମଲ, ସା- ନୂଆଶାସନ, ଥାନା-ମଙ୍ଗଳପୁର, ଜିଲ୍ଲା- ଯାଜପୁର, ୪୦. ନୃସିଂହ ଚରଣ ଦାସ, ପିତା- ରାଜକିଶୋର ଦାସ, ୪୧. ରାଜକିଶୋର ଦାଶ, ପିତା- ଅଗାଧୁ ଦାଶ, ଉଭୟଙ୍କର ସା- ତରଡ଼ପଡ଼ା, ଥାନା- ନିମାପଡ଼ା, ଜିଲ୍ଲା- ପୁରୀ। ୪୨. ପଦ୍ମିନୀ ପାତ୍ର, ସ୍ୱାମୀ- ଲକ୍ଷ୍ମୀଧର ପାତ୍ର, ସା- ପରୀକ୍ଷିତ, ଥାନା- ଧର୍ମଶାଳା, ଜିଲ୍ଲା- ଯାଜପୁର, ୪୩. ପ୍ରମିଳା ମଲ୍ଲିକ, ସ୍ୱାମୀ- ଧୁଶାସନ ମଲ୍ଲିକ, ସା- ଓଉପଡ଼ା, ଥାନା- ପଟ୍ଟାମୁଣ୍ଡାଇ, ଜିଲ୍ଲା-କେନ୍ଦ୍ରାପଡ଼ା, ୪୪. ପ୍ରୀତଦର୍ଶୀ ପଟ୍ଟନାୟକ, ୪୫. ପ୍ରିୟଦର୍ଶୀ ପଟ୍ଟନାୟକ, ଉଭୟଙ୍କର ପିତା- ଶିଶିର ଚନ୍ଦ୍ର ପଟ୍ଟନାୟକ, ସା/ପୋ/ଥାନା- ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜ, ୪୬. ବସନ୍ତ ମହାନ୍ତି, ପିତା- ଗୋପବନ୍ଧୁ ମହାନ୍ତି, ସା/ପୋ- ପୁହାଳ, ଜିଲ୍ଲା- କଟକ, ୪୭. ମନୋରମା ମହାନ୍ତି, ସ୍ୱାମୀ- କୀର୍ତ୍ତନ ସାହୁ, ସା- ଖନ୍ତାପଡ଼ା, ଥାନା- ନରସିଂହପୁର, ଜିଲ୍ଲା-କଟକ, ୪୮. ଜୟନ୍ତ କୁମାର ପାଣ୍ଡେ, ପିତା- ଦଇତାରି ପ୍ରସାଦ ପାଣ୍ଡେ, ସା- ବାଲିପଡ଼ା, ଥାନା- ଆଳି, ଜିଲ୍ଲା- ପୁରୀ, ୪୯. ବିପିନ ବିହାରୀ ମହାନ୍ତି, ପିତା- ଆର୍ତ୍ତବନ୍ଧୁ ମହାନ୍ତି, ସା- ଡଗରାସାହି, ପୋ/ଥାନା- ନିମାପଡ଼ା, ଜିଲ୍ଲା- ଖୋର୍ଦ୍ଧା, ୫୦. ବିଭୂତି ଭୂଷଣ ସାହୁ, ପିତା- ଜହନ ସାହୁ, ସା/ପୋ-ଗୋପିକାନ୍ତପୁର, ଥାନା- କାକଟପୁର, ଜିଲ୍ଲା-ପୁରୀ, ୫୧. ବୀରେନ୍ଦ୍ର ଚନ୍ଦ୍ର ଦାସ ପଟ୍ଟନାୟକ, ପିତା- ରାମଚନ୍ଦ୍ର ପଟ୍ଟନାୟକ, ସା/ପୋ- ଯମୁନା, ଥାନା- ବାଟିସାହି, ଜିଲ୍ଲା-ମୟୂରଭଞ୍ଜ, ହାଲ୍ ପ୍ଲଟ୍ ନଂ.- ୯, ସାଇସ୍ ରୋଡ୍, ଆପାର୍ଟମେଣ୍ଟ, ଶୈଳଶ୍ରୀ ବିହାର, ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧା, ୫୨. ବୁଲି ସାହୁ, ସ୍ୱାମୀ- ନିରଞ୍ଜନ ସାହୁ, ସା-ଫକିରପଡ଼ା, ଥାନା- କଟକ ସଦର, ଜିଲ୍ଲା- କଟକ, ୫୩. ଅବିନାଶ ସାମଲ, ପିତା-ରବୀନ୍ଦ ସାମଲ, ସା-ଗଣେଶ୍ୱରପୁର, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା, ୫୪. ରବୀନ୍ଦ୍ର ନାଥ ଜେନା, ପିତା- ଅଗଣି ଚରଣ ଜେନା, ସା/ପୋ- ତାଳଧନଡ଼ା, ଥାନା-ବାଲିପଡ଼ା, ଜିଲ୍ଲା-ବାଲେଶ୍ୱର, ୫୫. ସୁଶାନ୍ତ କୁମାର ଜେନା, ପିତା- ସୁରେନ୍ଦ୍ର ଜେନା, ସା-ଯଇପୁର ପାଟଣା, ଥାନା- ଲିଙ୍ଗରାଜ, ଭୁବନେଶ୍ୱର-୨, ଜିଲ୍ଲା- ଖୋର୍ଦ୍ଧା, ୫୬. ପ୍ରଜ୍ଞା ପରିମିତା ପଣ୍ଡା, ସ୍ୱାମୀ- କଳ୍ପଜିତ ପଣ୍ଡା, ସା/ପୋ- ଶେରଗଡ଼, ଥାନା- ଖନ୍ତାପଡ଼ା, ଜିଲ୍ଲା- ବାଲେଶ୍ୱର, ୫୭. ରାଜଶ୍ରୀ ସାହୁ, ପିତା- ଚକ୍ରଧର ସାହୁ, ସା- ଆମ୍ବତଳ, ଥାନା/ଜିଲ୍ଲା- ଢେଙ୍କାନାଳ, ୫୮. ଶରତ ମହାନ୍ତି, ସ୍ୱାମୀ- ଦିଗମ୍ବର ମହାନ୍ତି, ସା/ପୋ- ମାଲିଂଚା, ଥାନା/ଜିଲ୍ଲା- ଜଗତ୍‌ସିଂହପୁର, ୫୯. ଶ୍ରୀମତୀ ଅରୁନ୍ଧତୀ ସାମଲ, ସ୍ୱାମୀ- ରଘୁନାଥ ସାମଲ, ସା- ଗହମନରସିଂହପୁର, ପୋଷ୍ଟ/ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ପୋ- ଫୁଲନଖରା, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ୬୦. ସୁଜିତ୍ କୁମାର ବଳ, ୬୧. ସୁବ୍ରତ କୁମାର ବଳ, ଉଭୟଙ୍କର ପିତା- ସୁଦାମ ଚରଣ ବଳ, ସା-ବଡ଼ସାହି, ଜିଲ୍ଲା- ମୟୂରଭଞ୍ଜ, ହାଲ୍ ପ୍ଲଟ୍ ନଂ.- ୩୨୨, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୬୨. ରମେଶ ଚନ୍ଦ୍ର ଦାଶ, ପିତା- ଯୁଧିଷ୍ଠିର ଦାଶ, ସା- ମହିପୁର, ନୂଆଗାଁ, ଜିଲ୍ଲା-ନୟାଗଡ଼, ୬୩. ସୂର୍ଯ୍ୟନାରାୟଣ ଦାଶ, ପିତା- ଗୌରୀଶଙ୍କର ଦାଶ, ସା- ୧୪/୫, ୟୁନିଟ୍-୮, ଡେଲଟା କଲୋନୀ, ଭୁବନେଶ୍ୱର, ୬୪. ସ୍ମୃତି ସମ୍ପର୍କ ଶତପଥୀ, ପିତା- ସୁବାସ ଚନ୍ଦ୍ର ଶତପ, ସୌମ୍ୟା ସୁଲଗ୍ନା ଶତପଥୀ, ପିତା- ସୁବାସ ଚନ୍ଦ୍ର ଶତପଥୀ, ଉଭୟଙ୍କର ସା/ପୋ/ଥାନା- ଗୋବିନ୍ଦପୁର, ଜିଲ୍ଲା- ଢେଙ୍କାନାଳ, ୬୫. ମଧୁସ୍ମିତା ବେହେରା, ସ୍ୱାମୀ- ମଙ୍ଗରାଜ ବେହେରା, ସା- ମୁରୀସିଂହ, ପୋ/ଥାନା- ବାଲିସି, ଜିଲ୍ଲା- ଢେଙ୍କାନାଳ, ୬୬. ମନୋରମା ବାରିକ, ସ୍ୱାମୀ- ଦୁର୍ଯ୍ୟୋଧନ ବାରିକ, ସା- ମକୁନ୍ଦପୁର, ଥାନା-ବ୍ରହ୍ମଗିରି, ଜିଲ୍ଲା- ପୁରୀ, ୬୭. ମମତା ପଟ୍ଟନାୟକ, ସ୍ୱାମୀ- ନିମାଇ ଚରଣ ମଲ୍ଲ, ସା- ବଡ଼ପାଳ, ବ୍ଲକ- କୁଜଙ୍ଗ, ଜିଲ୍ଲା-ଜଗତ୍‌ସିଂହପୁର, ୬୮. ପ୍ରମିଳା ବେହେରା, ସ୍ୱାମୀ- ଦେବେନ୍ଦ୍ରନାଥ ବେହେରା, ସା- ଆଇତଲଙ୍ଗ, ପୋ/ଥାନା- ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧା, ୬୯. ପ୍ରଭାତନଳିନୀ ପଟ୍ଟନାୟକ, ସ୍ୱାମୀ- ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସା/ପୋ- ଭଞ୍ଜନଗର, ଥାନା/ଜିଲ୍ଲା-ଗଞ୍ଜାମ, ୭୦. ପ୍ରତିମା ସାହୁ, ସ୍ୱାମୀ- ପ୍ରାଣବନ୍ଧୁ ସାହୁ, ସା- କୁଆଲେ, ବ୍ଲକ୍- ପରଜଙ୍ଗ, ଜିଲ୍ଲା- ଢେଙ୍କାନାଳ, ୭୧. ନିରୁପମା ମହାନ୍ତି, ସ୍ୱାମୀ- ଅନିଲ କୁମାର ମହାନ୍ତି, ସା- ଭରଗୋଳ, ଥାନା- ତ୍ରିତୋଳ, ଜିଲ୍ଲା- ଜଗତ୍‌ସିଂହପୁର, ୭୨. ପୁଷ୍ପରେଣୁ ଛୁଆଲସିଂ, ସ୍ୱାମୀ- ଜଗଦାନନ୍ଦ ମଲ୍ଲିକ, ସା/ପୋ- ଛଦେଶ, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୭୩. ପୁଷ୍ପଶ୍ରୀ ପଟ୍ଟନାୟକ, ପିତା- ଶରତ କୁମାର ପଟ୍ଟନାୟକ, ସା/ପୋ/ଥାନା- ଆଠଗଡ଼, ଜିଲ୍ଲା- କଟକ, ୭୪. ନଳିନୀ ନାୟକ, ପିତା- କୁଳମଣି ନାୟକ, ସା/ପୋ-ପାଳସାହି, ଥାନା- ଧୁଷୁରୀ, ଜିଲ୍ଲା- ଭଦ୍ରକ, ୭୫, ନବଘନ ଶତପଥୀ, ପିତା- ଅରକ୍ଷିତ ଶତପଥୀ, ସା- ତୁରିନ୍ତିରା, ଥାନା- ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧା, ୭୬. ବବିନା ମହାନ୍ତି, ପିତା- ଗଦାଧର ମହାନ୍ତି, ସା/ପୋ-ସୁବଳପୁର, ଥାନା/ଜିଲ୍ଲା- ପୁରୀ, ୭୭. ଦେବାଶିଷ ସାହୁ, ପିତା- ବାଇଧର ସାହୁ, ସା/ପୋ- ମାହାଙ୍ଗା, ଥାନା-ନିଆଳି, ଜିଲ୍ଲା- କଟକ, ୭୮. କରୁଣାକର ବିଶ୍ୱାଳ, ପିତା- ମହେଶ୍ୱର ବିଶ୍ୱାଳ, ସା/ପୋ- ରଘୁନାଥପୁର, ଥାନା/ଜିଲ୍ଲା- ଜଗତ୍‌ସିଂହପୁର, ୭୯. ଜ୍ୟୋସ୍ନାରାଣୀ ସାହୁ, ପିତା- ପ୍ରହ୍ଲାଦ ସାହୁ, ସା-ଗଣ୍ଡିପାଟଣା, ଥାନା-ଗନ୍ଦିଆ, ଜିଲ୍ଲା- ଢେଙ୍କାନାଳ, ୮୦. ସମନ ଖାଁ, ପିତା- ଯୋଗୀ ଖାଁ, ସା/ପୋଷ୍ଟ- ଝାରପଡ଼ା, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ହାଲ୍ ଠିକଣା- ପ୍ଲଟ୍ ନଂ. ଇ.ଡବ୍ଲ୍ୟୁ. ଏସ୍-୨୫/୯, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା,

୮୧. ମିନତୀ ମହାରଣା, ସ୍ୱାମୀ- ତ୍ରିନାଥ ମହାରଣା, ସା/ପୋ-ଭଞ୍ଜନଗର, ଜିଲ୍ଲା-ଗଞ୍ଜାମ, ୮୨. ବିଷ୍ଣୁପ୍ରିୟା ମହାରଣା, ସ୍ୱାମୀ- ସନ୍ତୋଷ କୁମାର ସାହୁ, ସା- ଗନ୍ଧିଆ, ଜିଲ୍ଲା- ଢେଙ୍କାନାଳ, ୮୩. ନବପ୍ରଭାତ ଟ୍ରଷ୍ଟ, ଭୁବନେଶ୍ୱର ସେକ୍ରେଟେରୀ ସରୋଜ କୁମାର ସାହୁ, ପିତା- କୃଷ୍ଣ ମୋହନ ସାହୁ, ସା- ପ୍ଲଟ୍ ନଂ.- ୧୮୮୧, (୩୫୪), ଚନ୍ଦ୍ରଶେଖରପୁର, ଜିଲ୍ଲା- ଖୋର୍ଦ୍ଧା, ୮୪. ପ୍ରେଟୋଲିୟମ ପମ୍ପ, ଭୁବନେଶ୍ୱର ମ୍ୟାନେଜିଙ୍ଗ ଟ୍ରଷ୍ଟ ଶ୍ରୀ ନଳିନୀ ମୁଦୁଲି, ପିତା- ବିଚିତ୍ରାନନ୍ଦ ମୁଦୁଲି, ସା- ପ୍ଲଟ୍ ନଂ.- ୬୭, ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୮୫. ଅଲେଖ ପରିଡ଼ା, ପିତା- ଶଙ୍କୁ ଚରଣ ପରିଡ଼ା, ସା- ଲେଙ୍ଗୁଡ଼ିପଡ଼ା, ଥାନା/ ଜିଲ୍ଲା- ନୟାଗଡ଼, ୮୬. ଶ୍ୟାମସୁନ୍ଦର ପଟ୍ଟନାୟକ, ପିତା- କାହ୍ନୁ ଚରଣ ପଟ୍ଟନାୟକ, ସା/ପୋଷ୍ଟ- ସଦେଇପୁର, ଜିଲ୍ଲା- ଜଗତ୍‌ସିଂହପୁର, ୮୭. ସଂଗ୍ରାମ କିଶୋର ସାହୁ, ପିତା- ଜୟରାମ ସାହୁ, ସା- କଲ୍ୟାଣପୁର, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୮୮. ବିଶ୍ୱନାଥ ପଟ୍ଟନାୟକ, ପିତା- ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସା/ପୋ/ଥାନା- ଭଞ୍ଜନଗର, ଜିଲ୍ଲା-ଗଞ୍ଜାମ, ୮୯. ରାଜକିଶୋର ପଣ୍ଡା, ପିତା- ମୁରଲୀଧର ପଣ୍ଡା, ସା-ଦରଡ଼ା, ଥାନା- ଆଠଗଡ଼, ଜିଲ୍ଲା- କଟକ, ୯୦. ବାସନ୍ତିଲତା ସ୍ୱାଇଁ, ସ୍ୱାମୀ- ଅକ୍ରୁର ସ୍ୱାଇଁ, ସା- ଏଣ୍ଡରାପାଳ, ଥାନା- ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ୯୧. ବିଦ୍ୟୁଲତା ପ୍ରଧାନ, ସ୍ୱାମୀ- ଅକ୍ରୁର ପ୍ରଧାନ, ସା- ଏଣ୍ଡରାପାଳ, ଥାନା- ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ୯୨. ସୁରେଶ କୁମାର ପ୍ରଧାନ, ପିତା- ସନାତନ ପ୍ରଧାନ, ସା- ବିନ୍ଧାନିମା, ଥାନା- ତିଗିରିଆ, ଜିଲ୍ଲା- କଟକ, ୯୩. ବାଳକୃଷ୍ଣ ହରିଚନ୍ଦନ, ପିତା- କୃପାସିନ୍ଧୁ ହରିଚନ୍ଦନ, ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୯୪. ବେଣୁଧର ହରିଚନ୍ଦନ, ପିତା- ଗୋପୀନାଥ ହରିଚନ୍ଦନ, ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୯୫. ସର୍ବେଶ୍ୱର ହରିଚନ୍ଦନ, ପିତା- ବାଉରିବନ୍ଧୁ ହରିଚନ୍ଦନ, ସା/ପୋ-ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୯୬. ମେନକା ସିଂ, ସ୍ୱାମୀ- କୃପାସିନ୍ଧୁ ଚାନ୍ଦ, ସା/ପୋ- ଲକ୍ଷ୍ମୀନାରାୟଣପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ୯୭. ରିତାଞ୍ଜଳି ପଣ୍ଡା, ସ୍ୱାମୀ- ରଙ୍କନିଧି ପଣ୍ଡା, ସା- କୁଲଦା, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୯୮. ଦମୟନ୍ତି ପଣ୍ଡା, ପିତା- ସୁରେନ୍ଦ୍ର ପଣ୍ଡା, ସା-କେଉଁଝର କଲୋନୀ, ତୁଳସୀପୁର, ପୋ/ଥାନା- ତୁଳସୀପୁର, ଜିଲ୍ଲା- କଟକ, ୯୯. ଶୁଭଲକ୍ଷ୍ମୀ କର, ସ୍ୱାମୀ- ମନୋଜକାନ୍ତ କର, ସା- ଇପିଙ୍ଗ୍, ପୋଷ୍ଟ- ପାରିକୁଦ, ଥାନା- କୃଷ୍ଣ ପ୍ରସାଦ, ଜିଲ୍ଲା- ପୁରୀ। ଉପରଲିଖିତ ପ୍ରତିବାଦୀ କ୍ରମିକ ନଂ ୧ ରୁ ୯୯ଙ୍କ ବିରୁଦ୍ଧରେ ଉପରଲିଖିତ ବାଦିନୀ ମାନ୍ୟବର ଅଦାଲତରେ ଓଡ଼ିଶା ଭୂବନ୍ଦୋବସ୍ତ ଆଇନ-୧୯୫୮ ମୁତାବକ ଧାରା ୧୫(ଖ)ରେ ଏକ ରିଭିଜନ ମକଦ୍ଦମା କରିଅଛନ୍ତି।

୧) ଏସ୍.ଆର୍.ପି. ନଂ. ୧୬୬୯/୨୦୧୫ (ଶ୍ରୀମତୀ ଉର୍ମିଳା ପଣ୍ଡା)

ତଫସିଲ ବୃତ୍ତି

ମୌଜା- ପଥରଗାଡ଼ିଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଖାତା- ୧୫୫୭, ପ୍ଲଟ୍ ନଂ.- ୨୮୯୧, ଏରିଆ- ଏ୦.୦୯୦ଡି. ଏହାର ସାବକ ଖାତା ନଂ.- ୧୦୫, ପ୍ଲଟ୍ ନଂ.- ୫୮୯, ଏରିଆ- ଏ୫.୮୯୦ଡି. ସ୍ୱଧରୁ ଏ୦.୧୩୯ଡିସିମିଲି ।

୨) ଏସ୍.ଆର୍.ପି. ନଂ.- ୧୭୭୯/୨୦୧୫ ( ଶ୍ରୀମତୀ ଗୁଣବତୀ ଜେନା)

ତଫସିଲ ବୃତ୍ତି

ମୌଜା- ପଥରଗାଡ଼ିଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଖାତା- ୧୫୫୭, ପ୍ଲଟ୍ ନଂ.- ୨୮୯୨, ଏରିଆ- ଏ୦.୧୦୦ଡି. ଏହାର ସାବକ ଖାତା ନଂ.- ୧୦୫, ପ୍ଲଟ ନଂ.- ୫୮୯, ଏରିଆ- ଏ୫.୮୯୦ଡି. ସ୍ୱଧରୁ ଏ୦.୧୩୯ଡିସିମିଲି।

ବାଦିନୀ ୧ ନଂ ରୁ ୯୯ଙ୍କ ବିରୁଦ୍ଧରେ ଉପରଲିଖିତ ମାମଲା ଦାଏର କରିଥିଲେ। କିନ୍ତୁ ଉପରଲିଖିତ ଦିଆଯାଇଥିବା ଠିକଣା ମତେ ମାନ୍ୟବର ଅଦାଲତ ସେମାନଙ୍କୁ ନୋଟିସ ପ୍ରେରଣ ହୋଇଥିଲା। କିନ୍ତୁ ସେମାନଙ୍କର ସମସ୍ତ ନୋଟିସ ଜାରି ନ ହୋଇ ଫେରିଆସିଥିଲା। ଏଣୁ ଅଦ୍ୟ ବିଜ୍ଞାପନ ମାଧ୍ୟମରେ ଉପରଲିଖିତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଉପରଲିଖିତ ମକଦ୍ଦମାଟି ଆସନ୍ତା ତା୦୫।୦୮।୨୦୨୫ ଦିବା ୨.୩୦ ଘଟିକା ସମୟେ ମାନ୍ୟବର ଅଦାଲତଙ୍କ ଆଦେଶ କ୍ରମେ ଶୁଣାଣି ହେବ। ଏଣୁ ଉପରଲିଖିତ ପ୍ରତିବାଦୀମାନେ ବା ସେମାନଙ୍କ ତରଫରୁ ସେମାନଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ ବା ଆଇନମତେ ପରିଚାଳନା କରୁଥିବା ବ୍ୟକ୍ତି ମାନ୍ୟବର ଅଦାଲତରେ ଧାର୍ଯ୍ୟ ତାରିଖ ଦିନ ସେମାନଙ୍କ ତରଫରୁ ପରିଚାଳନା କରିବେ। ଯଦି ଉକ୍ତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନେ ବା ସେମାନଙ୍କ ତରଫରୁ ସେମାନଙ୍କର ଉତ୍ତରାଧିକାରୀ ବା ସେମାନଙ୍କର ମନୋନୀତ ବ୍ୟକ୍ତି ଅନୁପସ୍ଥିତ ରୁହନ୍ତି, ତେବେ ଉକ୍ତ ମାମଲାକୁ ଆଇନମତେ ବିଚାର କରାଯିବ। ଏଣୁ ଦୈନିକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ସେମାନଙ୍କୁ ସୂଚନା/ନୋଟିସ୍ ପ୍ରଦାନ କରାଗଲା।

ଭୁବନେଶ୍ୱର:
ତାରିଖ- ୧୧।୦୭।୨୦୨୫


ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନଂ.୩ଙ୍କ ଆଦେଶ ମତେ
ସ୍ୱା.- କୋର୍ଟ ଅଫିସର
ଧ-୧୨୬୪

# ବେଆଇନ ଖାଦାନ: ଅନିଶ୍ଚିତତାରେ ତୈଳ ଭଣ୍ଡାର ପ୍ରକଳ୍ପ

ଯାଜପୁର,୧୩।୭
(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ କଳାପଥର ପାହାଡ଼ ପାଦଦେଶରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ପାଇଁ ସ୍ଥାନ ଚୟନ କରାଯାଇଛି। ଓଡ଼ିଶାରେ ସରକାର ପରିବର୍ତ୍ତନ ହେବା ପରେ ଏହି ପ୍ରକଳ୍ପକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ୨୮।୧।୨୦୨୫ରେ ରାଜ୍ୟ ସରକାର ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍(ଆଇଏସ୍‌ପିଆର୍‌ଏଲ୍) ମଧ୍ୟରେ ଚୁକ୍ତି ହୋଇଥିଲା। କିନ୍ତୁ ଇତିମଧ୍ୟରେ ପ୍ରାୟ ୬ ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ଡଙ୍କାରୀ ପାହାଡ଼ରେ ଥିବା ୧୩ଟି କଳାପଥର ଖାଦାନରୁ ବେଆଇନ ଉତ୍ତୋଳନ ଚାଲିଥିବାରୁ ଆଇଏସ୍‌ପିଆର୍‌ଏଲ୍ ପକ୍ଷରୁ କୌଣସି ଅଗ୍ରଗତି ହୋଇପାରିନାହିଁ। ଏଥିପାଇଁ ଆଇଏସ୍‌ପିଆର୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହାପରେ ଯାଜପୁର ଜିଲାପାଳ ତାଙ୍କ ପତ୍ରସଂଖ୍ୟା ୫୭୬୮/୧୬।୪।୨୦୨୫ରେ ତୁରନ୍ତ କଳାପଥର ଖାଦାନଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ (ଡିଡିଏମ୍) ଜୟପ୍ରକାଶ ନାୟକ ଏବଂ ଧର୍ମଶାଳା ତହସିଲଦାର ସମୀର ଦାସଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ କଳାପଥର ଖାଦାନରୁ ମାସିକ ବିପୁଳ କୋଟି ଟଙ୍କା ଆଦାୟ ହେଉଥିବାରୁ ଜିଲାପାଳଙ୍କ ଉକ୍ତ ନିର୍ଦ୍ଦେଶ ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ଅଭିଯୋଗ ହେଉଛି। କଳାପଥରର ସୁରକ୍ଷା ବଳୟ ଥିବାରୁ ସରକାର ଏଠାରେ ତୈଳ ଭଣ୍ଡାର ପ୍ରତିଷ୍ଠା ପାଇଁ ସ୍ଥାନ ଚୟନ କରିଛନ୍ତି। କିନ୍ତୁ କେତେଜଣ କଳାପଥର ବ୍ୟବସାୟୀଙ୍କ ଓ୍ୱାଗନ ବ୍ଲାଷ୍ଟିଂରେ ଭୂତଳ ଜଳ ଉପରକୁ ଉଠି ଆସିଲେ ଭବିଷ୍ୟତରେ ତୈଳ ଭଣ୍ଡାର ପ୍ରତିଷ୍ଠା ଅସମ୍ଭବ ହୋଇଯିବ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି।

## ବାଉନ୍‌ସରଙ୍କ କବ୍‌ଜାରେ ଡଙ୍କାରୀ ପାହାଡ଼



ଡଙ୍କାରୀ ପାହାଡ଼ ପାଦଦେଶରେ ଥିବା ୪୦୦ ଏକର ଜମିରେ ୪.୦୦ ମିଲିୟନ ମେଟ୍ରିକ ଟନ୍ (ଏମ୍‌ଏମ୍‌ଟି) କ୍ଷମତା ବିଶିଷ୍ଟ ଏହି ତୈଳ ଭଣ୍ଡାର ପାଇଁ ୮,୭୪୩ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଦେଶର ବିଶାଖାପଟଣା, ମାଙ୍ଗାଲୋର ଓ ପୁଦୁର ପରେ ଓଡିଶାରେ ଏହି ୪ର୍ଥ ସର୍ବବୃହତ ତୈଳ ସଂରକ୍ଷଣ ଭଣ୍ଡାରକୁ ସ୍ଥାନୀୟ ମହଲରେ ସ୍ୱାଗତ କରାଯାଇଛି। କିନ୍ତୁ ପ୍ରସ୍ତାବିତ ଡଙ୍କାରୀ ପାହାଡରେ ଏବେ ବି ଠିକାସଂସ୍ଥା ଏସ୍‌ଟି ମିନେରାଲ୍ସ ଦ୍ୱାରା ବିଏସକ୍ୟୁ-୨, ପି.ଜେ. ମିନେରାଲ୍ସ ଦ୍ୱାରା ବିଏସ୍‌କ୍ୟୁ-୧୭ ଓ ଲକ୍ଷ୍ମୀ ଏକ୍ସପର୍ଟ ଦ୍ୱାରା ବିଏସକ୍ୟୁ-୫ ଖାଦାନ ସହ ଅନ୍ୟ ୧୩ଟି ବେଆଇନ କଳାପଥର ଖାଦାନ ଚାଲିଛି। ଲଘୁ ଖଣି ବିଭାଗରେ ଏବେ ପ୍ରାୟ ୭ ଜଣ ମାଇନିଂ ଅଫିସର କାର୍ଯ୍ୟରତ ରହିଛନ୍ତି। ହେଲେ କୌଣସି ମାଇନିଂ ଅଫିସର ଏହି ବେଆଇନ ଖାଦାନଗୁଡିକୁ ଦିନେ ବି ଚଢାଉ କରୁନାହାନ୍ତି। ଏହି ବେଆଇନ କାରବାରକୁ ବାଉନ୍‌ସରମାନେ ସୁରକ୍ଷା ଦେଉଥିବା ସୂଚନା ମିଳିଛି। ଏହି ୧୩ କଳାପଥର ଖାଦାନ ୧୧୩ ଏକର ଜମିରେ ରହିଛି। ବେଆଇନ କଳାପଥର ଖାଦାନଗୁଡ଼ିକରୁ ମାସିକ ପ୍ରାୟ ୨୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆଦାୟ କରୁଥିବାରୁ ଖଣି ବିଭାଗର କେତେଜଣ ଅଧିକାରୀ ଦେଶର ସ୍ୱାର୍ଥକୁ ପ୍ରତାରଣା କରୁଥିବା ଅଭିଯୋଗ ହେଉଛି। ଡଙ୍କାରୀ କଳାପଥର ଟଙ୍କାରେ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ମ୍ୟାନେଜ ହେଉଥିବା ସାଧାରଣରେ ଆଲୋଚନା ଜୋର ଧରିଛି । ଶୁକ୍ରବାର ଏଥିପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିବା ସୂଚନା ମିଳିଛି। ବୈଠକରେ ସମୁଦାୟ ୪୦୦ ଏକର ଜମିରୁ ୨୮୭ ଏକର ତୁରନ୍ତ ହସ୍ତାନ୍ତର କରାଯିବ ଏବଂ କଳାପଥର ଖାଦାନ ରହିଥିବା ଅବଶିଷ୍ଟ ୧୧୩ ଏକର ଜମି ପ୍ରାୟ ୨ ମାସ ପରେ ହସ୍ତାନ୍ତର କରାଯିବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ତେବେ ୧୧୩ ଏକର କଳାପଥର ଖାଦାନ ଜମିକୁ କାହିଁକି ୨ ମାସ ପରେ ହସ୍ତାନ୍ତର କରାଯିବ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ୨ ମାସ ଜୋରସୋରରେ କଳାପଥର ବେଆଇନ ଭାବେ ଉତ୍ତୋଳନ କରାଗଲେ ପ୍ରସ୍ତାବିତ ତୈଳ ଭଣ୍ଡାରର ସୁରକ୍ଷା ବଳୟ ଭାବେ ଗ୍ରହଣ କରାଯାଉଥିବା କଳାପଥର ଚଟାଣ ନିଶ୍ଚିତ ଭାବେ ନଷ୍ଟ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଡିଡିଏମ୍ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ତୈଳ ଭଣ୍ଡାର ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।


## LEGAL NOTICE

ମାନ୍ୟବର ଆଡିସନାଲ୍ କମିଶନର, ରାଜଶ୍ରୀ ମହାନ୍ତି (ଆଇ.ଏ.ଏସ୍) ଆଡିସନାଲ ଡିଭିଜନ କୋର୍ଟ ନଂ.- ୩ଙ୍କ ଅଦାଲତ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୯୦୫/୧୮, ୯୦୬/୧୮, ୯୦୭/୧୮

୧) ଶ୍ରୀ ଆଲୋକ କୁମାର ସ୍ୱାଇଁ, ୨) ଶ୍ରୀ ପ୍ରାଚି ରଞ୍ଜନ ସ୍ୱାଇଁ, ୩) ଶ୍ରୀ କ୍ଷୀରୋଦ କୁମାର ମହାନ୍ତି .....ବାଦୀମାନେ

ବନାମ

ବସନ୍ତ କୁମାର ସ୍ୱାଇଁ ଏବଂ ଅନ୍ୟମାନେ .....ପ୍ରତିବାଦୀ

ପ୍ରାପ୍ତେଷୁ,
୨. କ) ଶ୍ରୀ ଚଗଲା ପାଲଟାସିଂ, ପିତା: ମୃତ ସୋମନାଥ ପାଲଟାସିଂ, ଖ) ସସ୍ମିତା ପାଲଟାସିଂ, ପିତା: ମୃତ ସୋମନାଥ ପାଲଟାସିଂ, ଗ) ରସ୍ମିତା ପାଲଟାସିଂ, ପିତା: ମୃତ ସୋମନାଥ ପାଲଟାସିଂ ସମସ୍ତଙ୍କର ଠିକଣା: ସା/ପୋ: ଦାରୁଠେଙ୍ଗ, ଥା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା

ନୋଟିସ

ସିପିସି ଅର୍ଡର ନଂ. ୫, ରୁଲ୍-୨୦ ମୁତାବକ ବାଦୀମାନଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଡିଭିଜନ କୋର୍ଟ ନଂ. ୩, ଭୁବନେଶ୍ୱର ଅଦାଲତରେ ବାଦୀମାନେ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମାମାନ ଦାୟର କରିଅଛନ୍ତି। ବାଦୀମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.-୨ କ,ଖ, ଓ ଗଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୨ କ,ଖ, ଓ ଗଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ ୩, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ତା ୩୧।୦୭।୨୦୨୫ରିଖ ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି
ଜିଲ୍ଲା: ଖୋର୍ଦ୍ଧା, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ମୌଜା: ପଥରଗାଡ଼ିଆ, ସାବକ ଖାତା ନଂ.- ୩୧୯, ସାବକ ପ୍ଲଟ୍ ନଂ.- ୬୪୨, ମୋଟ୍ ଏରିଆ: ଏ୦.୬୫୫ଡିସିମିଲ ସ୍ୱଧରୁ କ୍ରୟ ବୃତ୍ତି ଏରିଆ ଏ୦.୨୧୮ଡିସିମିଲ, ଏହାର ହାଲ୍ ଖାତା ନଂ.- ୨୦୨, ହାଲ୍ ପ୍ଲଟ୍ ନଂ.- ୨୯୮୪, ଏରିଆ: ଏ୦.୧୦୦ ଡିସିମିଲ ଓ ହାଲ୍ ପ୍ଲଟ୍ ନଂ.- ୨୯୮୧, ଏରିଆ: ଏ୦.୧୪୫ ଡିସିମିଲ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.- ୨ କ,ଖ ଓ ଗ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣମାନଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା./- ଆଡିସନାଲ ରିଭିଜନ, କୋର୍ଟ ନଂ.-୩, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଫିସ୍
ଧ-୧୨୮୦

I.R. No.- 972,
date- 10.06.25

ନୋଟିସ

ମାନ୍ୟବର ଅତିରିକ୍ତ କମିଶନର (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, IAS, ଅତିରିକ୍ତ ଅଦାଲତ ନଂ.-୨ଙ୍କ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ
କେସ୍ ନଂ.-O.S.S Case No.-442/2024

(୧) ଚମ୍ପା ମହାପାତ୍ର, ସ୍ୱାମୀ- ୰ତ୍ରିନାଥ ମହାପାତ୍ର ଓ (୨) ନିରୁପମା ମହାପାତ୍ର, ପିତା- ୰ତ୍ରିନାଥ ମହାପାତ୍ର
(O.S.S Case No.- 442/2024 ର ....ବାଦୀମାନେ

ବନାମ

୩. କଣ୍ଠ ନାୟକ, ପିତା- ୰ଉଦୟନାଥ ନାୟକ, ୪. ଲୋକନାଥ ନାୟକ, ପିତା- ୰ଗିରିଧାରୀ ନାୟକ, ୬. କାର୍ତ୍ତିକ ନାୟକ, ପିତା- ୰ମଧୁ ନାୟକ ଏ ସମସ୍ତଙ୍କର ଗ୍ରାମ- ଓଗାଳପଡ଼ା, ପୋଷ୍ଟ-ଝାଁଳା, ଥାନା- ଇନ୍‌ଫୋଭ୍ୟାଲି, ଜିଲ୍ଲା-ଖୋର୍ଦ୍ଧା, ୫. ଶଙ୍କର ପଣ୍ଡା, ପି- ୰ଗଦାଧର ପଣ୍ଡା, ଗ୍ରାମ- ଗୋପାଳପୁର, ପୋଷ୍ଟ- ଝାଁଳା, ଥାନା- ଇନ୍‌ଫୋଭ୍ୟାଲି, ଜିଲ୍ଲା-ଖୋର୍ଦ୍ଧା ....ପ୍ରତିବାଦୀମାନେ

ନୋଟିସ ଅର୍ଡର-୫, ରୁଲ୍- ୨୦ ମୁତାବକ

ଏତଦ୍ୱାରା ଉକ୍ତ ସମସ୍ତ ପ୍ରତିବାଦୀମାନଙ୍କର ମୃତ୍ୟୁ ହୋଇଥିବାରୁ ଏମାନଙ୍କ ପାଖକୁ ରେଜିଷ୍ଟ୍ରି ଡାକ ଯୋଗେ ପଠାଯାଇଥିବା ନୋଟିସ ଫେରସ୍ତ ଆସିଥିବାରୁ ଓ ସେମାନଙ୍କର ଉତ୍ତରାଧିକାରୀମାନଙ୍କର ନାମ ଓ ସଠିକ ଠିକଣା ଜଣା ନ ଥିବାରୁ ସମ୍ବାଦପତ୍ର ଦ୍ୱାରା ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ-୨ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, କାର୍ଯ୍ୟାଳୟରେ ଆସନ୍ତା ତା୨୨।୦୭।୨୦୨୫ରିଖ ଦିବା ଘ.୧୧:୧୫ ମିନିଟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିଜମାର ବିବରଣୀ
ମୌଜା- ଓଗାଳପଡ଼ା, ତହସିଲ- ଜଟଣୀ (୪୮), ଜିଲ୍ଲା-ଖୋର୍ଦ୍ଧା
ସାବକ: ଖାତା ନଂ.- ୧୯, ପ୍ଲଟ୍ ନଂ.- ୬୨୭ (ପୂରା ପ୍ଲଟ୍), ରକବା- ଏ୦.୨୫୦ଡି., ସ୍ୱତ୍ୱ- ସ୍ଥିତିବାନ୍ (ଘରବାରି)
ହାଲ୍: ଖାତା ନଂ.- ୩୬, ପ୍ଲଟ୍ ନଂ.- ୨୧୦୧, ରକବା- ଏ୦.୨୧୦ଡି., (ଏ୦.୨୫୦ଡି. କୁ ବୃଦ୍ଧି କରାଯିବ), ସ୍ୱତ୍ୱ: ସ୍ଥିତିବାନ୍ (ଘରବାରି)

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ ଆୟୁକ୍ତ, ରିଭିଜନ ଅଦାଲତ ନଂ.-୨, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./-କୋଟ୍ ଅଧିକାରୀ
ଧ-୧୨୯୦


# ବନ୍ୟା ପାଣି ଘେରରେ ନଗଡ଼ ଗାଁର ୩ଶହ ପରିବାର



ରାଜନଗରରେ ବନ୍ୟା ପାଣି ଘେରରେ ପରିବାର ।

ରାଜନଗର, ୧୩।୭
( ଭାସ୍କର ରାଉତରାୟ)

ଲଗାଣ ବର୍ଷା ପରେ ରାଜନଗରରେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ରବିବାର ବନ୍ୟା ପାଣି ଜନବସତିରେ ପଶିବା ପରେ ଓସ୍ତିଆ ପଞ୍ଚାୟତ ନଗଡ ଗାଁର ୩ ଶହ ପରିବାର ପାଣି ଘେରରେ ରହିଛନ୍ତି। ଶୁକ୍ରବାର ରାତିରୁ ରାଜନଗର ଅଞ୍ଚଳରେ ବନ୍ୟା ପାଣି ବଢ଼ିବାରେ ଲାଗିଛି। ରେଙ୍ଗାଲିରୁ ବନ୍ୟାଜଳ ଛାଡ଼ିବା ପରେ ବ୍ରାହ୍ମଣୀ ଫୁଲିବାରେ ଲାଗିଛି। ବଡ଼ଧରଣର ବନ୍ୟା ଆସି ନ ଥିଲେ ମଧ୍ୟ ଏହି ବନ୍ୟାଜଳ ଯୋଗୁ ଧାନତଳି ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଓସ୍ତିଆ ପଞ୍ଚାୟତର ନଗଡ ଗାଁ ରାସ୍ତା ଉପରେ ୪ ଫୁଟର ପାଣି ଚାଲୁଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭଙ୍ଗୁଥିବାରୁ ବିପନ୍ନ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି। ଏହି ପଞ୍ଚାୟତ ବାଲିକଣା ଗାଁର ସହଦେବ ଜେନା, ବୈକୁଣ୍ଠ ଜେନାଙ୍କ ଘର ବନ୍ୟା ପାଣି ଘେରରେ ରହିଛି। ଗାଁର ହନୁମାନ ମନ୍ଦିର ପାଣି ଘେରରେ ଥିବାବେଳେ ଫୀରିକିଦାଣ୍ଡିସ୍ଥିତ କଣସରା ବିଦ୍ୟାଶ୍ରମ ଚାରିପାଖରେ ବନ୍ୟା ପାଣି ମାଡିଯାଇଛି। ବଳଭଦ୍ରପୁର-ରାଜପୁର ରାସ୍ତାରେ ଜୁଆର ସମୟରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଅଛି। ଉପର ଓସ୍ତିଆ ରାସ୍ତା ଉପରେ ୩ ଫୁଟର ବନ୍ୟା ଜଳ ପ୍ରଭାବିତ ହେଉଛି। ଫଳରେ ସୌଦାଗର ନାୟକ, ଅନାଦି ବଳ, ରବୀନ୍ଦ୍ର ମଇ, କପିଳାସ ବଳ, ମହେଶ୍ୱର ବଳ ପ୍ରଭୃତି ୭ରୁ ଅଧିକ ପରିବାର ସହ ଶ୍ରୀଧର ମହାନ୍ତିଙ୍କ ଦୋକାନ ମଧ୍ୟ ବନ୍ୟା ବନ୍ୟା ପାଣି ଘେରରେ ରହିଛି। ଗାଁର ବଟବାବା ମନ୍ଦିର ସମ୍ମୁଖରେ ବନ୍ୟା ପାଣି ଜମି ରହିଛି। ସେହିପରି ବେଲପାଳ ଗାଁ ଦାଣ୍ଡରେ ବନ୍ୟା ପାଣି ଚାଲୁଥିବାବେଳେ ବେଲପାଳ ପଞ୍ଚାୟତ କାର୍ଯ୍ୟାଳୟ ବି ପାଣି ଘରରେ ରହିଛ। ଚଳିତବର୍ଷ ରଜ ପରଠାରୁ ଲଘୁ ଚାପଜନିତ ଲଗାଣ ବର୍ଷା ତଳି ଘେରା ପ୍ରସ୍ତୁତ କରିବାରେ ବାଧକ ସାଜିଛି। ବ୍ରାହ୍ମଣୀରେ ପ୍ରବାହିତ ବନ୍ୟାଜଳ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଫୀରିକିଦାଣ୍ଡି, ଗୋବିନ୍ଦପୁର, ସନ୍ଥପଡ଼ା, ଟାଙ୍ଗଣତୈଳା, ବନ୍ଧପଡ଼ା, ଓସ୍ତିଆ ପଞ୍ଚାୟତର ନଗଡ଼, ନଳଦିଆ, କଟକଣା, ବନ୍ଧପାଟଣା, ଓସ୍ତିଆ, ବେଲପାଳ ପଞ୍ଚାୟତ, ରାଜପୁର ପଞ୍ଚାୟତର ରାଜପୁର, ବାଲିଚନ୍ଦ୍ରପୁର, ଚନ୍ଦନପୁର, ବଳଭଦ୍ରପ୍ରସାଦ, କେରଡ଼ାଗଡ଼ ପଞ୍ଚାୟତ, ବାଲିସାହିପାଟଣା ପଞ୍ଚାୟତର ବହୁ ଏକର ଜମିର ତଳିଘେରା ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।


ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




@ ଉମେଶ



@ ନିରଞ୍ଜନ



@ ସନ୍ତୋଷ



@ ମୋନାଲିସା



@ ସୂର୍ଯ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple,
ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ,
Cuttack Road, BBSR
9861146916
8917362388
VSS Nagar, BBSR
9861917646


# କୈଫିୟତ ତଲବ କଲେ ଜିଲାପାଳ

## ଛାତ୍ରଙ୍କୁ ଶିଶୁ ଶ୍ରମିକ ଦର୍ଶାଇ ସାମାଜିକ ସଂଗଠନ ଉଠାଇ ନେବା ପ୍ରସଙ୍ଗ

ରସୁଲପୁର,୧୩।୭(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଧୀନ ମଧୁବନ ଅଞ୍ଚଳର ଏକ ଜୋତା ଦୋକାନରୁ ଜଣେ ଆଦର୍ଶ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରଙ୍କୁ ଶିଶୁ ଶ୍ରମିକ ଦର୍ଶାଇ ରୁଚିକା ସାମାଜିକ ସଂଗଠନ(ଏନ୍‌ଜିଓ) ଉଠାଇ ନେଇଥିବା ଘଟଣାରେ ଜିଲାପାଳ କୈଫିୟତ ତଲବ କରିଛନ୍ତି। ଜିଲାପାଳଙ୍କ ପକ୍ଷରୁ ରୁଚିକାକୁ ଗତ ୧୦ ତାରିଖରେ କୈଫିୟତ ତଲବ କରାଯାଇଛି। ସଂଗଠନ ୭ଦିନ ମଧ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଭାବରେ କାରଣ ଦର୍ଶାଇବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ଜୁନ ୩ ପୂର୍ବାହ୍ନ ୧୦ଟା୩୦ରେ ରୁଚିକା ସଂଗଠନ ସଦସ୍ୟମାନେ ମଧୁବନ ଅଞ୍ଚଳର ଚନ୍ଦନ ବଜାରରେ ଥିବା ଉଦୟନାଥ ବେହେରାଙ୍କ ଜୋତା ଦୋକାନରେ ପହଞ୍ଚିଥିଲେ। ବିଦ୍ୟାଳୟ ଛୁଟିଥିବାରୁ ଉଦୟଙ୍କ ପୁଅ ଆସି ଦୋକାନରେ ବସିଥିଲେ। ହେଲେ ସଂଗଠନ ସଦସ୍ୟ ଶିଶୁ ଶ୍ରମିକଙ୍କୁ କାହିଁକି ଦୋକାନରେ କାମ କରାଉଛ ବୋଲି କହି ତାଙ୍କୁ ସାଙ୍ଗରେ ନେଇ ଯିବାକୁ କହିଥିଲେ। ଉଦୟନାଥ ଏହାକୁ ବାରଣ କରିବା ସହ ସେ ପିଲା ଦୋକାନରେ କାମ କରୁନାହିଁ, ସେ ତାଙ୍କ ପୁଅ ବୋଲି ସଂଗଠନ ସଦସ୍ୟମାନଙ୍କୁ କହିଥିଲେ। ହେଲେ ସେମାନେ ଉଦୟଙ୍କ କଥାକୁ ଗୁରୁତ୍ୱ ନ ଦେଇ କୁଆଖିଆ ଥାନାକୁ ନେଇଯାଇଥିଲେ। ପରିବାର ଲୋକେ ଛାତ୍ରଙ୍କ ଆଧାରକାର୍ଡ ଓ ଅନ୍ୟ ସମସ୍ତ କାଗଜାତ୍‌କୁ ନେଇ ଥାନାରେ ପହଞ୍ଚିଥିଲେ। ଥାନାରେ ତାଙ୍କ କଥାକୁ କେହି ଗୁରୁତ୍ୱ ଦେଇ ନ ଥିଲେ। ଥାନା ପକ୍ଷରୁ ଉଦ୍ଧାର ନାବାଳକଙ୍କୁ ଯାଜପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ପଠାଇ ଦିଆଯାଇଥିଲା। ପରିବାର ଲୋକେ ଉକ୍ତ ସ୍ଥାନକୁ ଯାଇଥିଲେ। ସେଠାରେ ସେମାନେ ସମସ୍ତ କାଗଜାତ୍ ଗ୍ରହଣ କରିବା ପରେ ପିଲାକୁ ୨ଦିନ ପରେ ଛଡ଼ାଯିବ ବୋଲି କହିଥିଲେ। ମାତ୍ର ପିଲାଟି ୨ଦିନ ବାହାରେ ରହିଲେ ମାନସିକ ଭାବରେ ଭାଙ୍ଗିପଡ଼ିବ ବୋଲି ପରିବାର ଲୋକେ ଯେତେ ଗୁହାରି କଲେ ସୁଧା ସେମାନଙ୍କ କଥାକୁ କେହି ଶୁଣି ନ ଥିଲେ। ଏହି ଘଟଣାରେ ଯାଜପୁର ଅତିରିକ୍ତ ଜିଲାପାଳ ହସ୍ତକ୍ଷେପ କରିବା ପରେ ନାବାଳକଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ ଘଟଣା ସମ୍ପର୍କରେ ଜୁନ୍ ୬ରେ ସାମାଜିକ କର୍ମୀ ମଣ୍ଟୁ ଦାସ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଶିଶୁ ଶ୍ରମିକ ଉଦ୍ଧାର ପାଇଁ ରହିଥିବା ନିୟମକୁ ସଂଗଠନ ଅନୁପାଳନ କରି ନ ଥିବା ସେ ଅଭିଯୋଗରେ ଦର୍ଶାଇବା ସହ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏନେଇ ସମ୍ପୃକ୍ତ ସାମାଜିକ ସଂଗଠନର ପ୍ରତିକ୍ରିୟା ମିଳି ପାରିନାହିଁ।

# ନୀଳମାଧବଙ୍କ ସକାଳ ଧୂପନୀତିରେ ବିଳମ୍ବ

ଖଣ୍ଡପଡ଼ା,୧୩।୭ (ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ତଥା ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ସକାଳ ନୀତିରେ ରବିବାର ବିଳମ୍ବ ଘଟିଛି। ସକାଳ ଧୂପ ଅପରାହ୍ନ ୨. ୪୫ରେ ସମ୍ପନ୍ନ ହୋଇଥିଲା। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ରବିବାର କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବା ବେଳେ ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥିଲା। ଯାତ୍ରୀମାନଙ୍କ ଭିଡକୁ ନିୟନ୍ତ୍ରଣ କରିବା ସୀମିତ ଦେବୋତ୍ତର କର୍ମଚାରୀ ତଥା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ମନ୍ଦିର ପରିଚାଳନାରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଅପରପକ୍ଷେ ବିଭାଗୀୟ କର୍ମଚାରୀ ଓ ସେବାୟତଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଅଭାବରୁ ବିଭିନ୍ନ ସମୟରେ ନୀତିକାନ୍ତିରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ତେବେ ଆଜି ଠାକୁରଙ୍କ ବଲ୍ଲଭ ନୀତି ଠିକ ସମୟରେ ସମ୍ପାଦିତ ହୋଇଥିବା ବେଳେ ସକାଳ ଧୂପ ନୀତି ପୂର୍ବାହ୍ନ ପ୍ରାୟ ୧୦ଟା ଠାରୁ ସାଢ଼େ ୧୦ ଟା ମଧ୍ୟରେ ହୋଇଥାଏ। ମାତ୍ର ଏହି



ନୀତିରେ ବ୍ୟତିକ୍ରମ ଦେଖାଦେଇଥିଲା। ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ ବିସ୍ତୃତ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରେ ସେ ଏ ସମ୍ପର୍କରେ ଅବଗତ ନ ଥିବା ସୂଚନା ଦେଇଥିଲେ। ଦେବୋତ୍ତର ବିଭାଗ ସୁପରଭାଇଜର ବାଇଧର ରାଉତ କହିଛନ୍ତି, ରବିବାର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଅସମ୍ଭବ ଭିଡ ହୋଇଥିଲା। ସେମାନଙ୍କୁ ଠାକୁର ଦର୍ଶନ କରିବାରେ ନିୟନ୍ତ୍ରଣ ନ ଥିବାରୁ ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୨. ୪୫ରେ ସକାଳ ଧୂପ ସମ୍ପନ୍ନ ହୋଇଥିଲା।

## ଅନ୍‌ଲାଇନ୍‌ରେ ଠକେଇ

ଗୋପାଳପୁର,୧୩।୭ (ନବୀନରାଜ୍ ଆଚାରୀ)

ଅନ୍‌ଲାଇନ୍ ଟ୍ରେଡିଂ ନାଁରେ ଜଣୈକ ବ୍ୟକ୍ତିଙ୍କ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଡିଫେନ୍ସ କଲୋନି ଉତ୍କଳ ନଗରରେ ରହୁଥିବା ସୀତାଂଶୁ ପଣ୍ଡା ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କୁ ଅନ୍‌ଲାଇନ୍ ଟ୍ରେଡିଂରେ ପୁଞ୍ଜି ନିବେଶ କଲେ ବହୁତ ଲାଭବାନ ହେବାର ଲୋଭ ଦେଖାଇ ୫ ଲକ୍ଷ ଟଙ୍କା ମାଗିଥିଲେ। ଏହାପରେ ନିବେଶକାରୀ ଠକେଇର ଶିକାର ହୋଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଉମେଶ



@ ନିରଞ୍ଜନ



@ ସନ୍ତୋଷ



@ ମୋନାଲିସା



@ ସୂର୍ଯ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲଡୁବାବା ମନ୍ଦିରରେ ଜଳଲାଗି ପାଇଁ ଭିଡ଼



ଲଡୁବାବା ମନ୍ଦିର ସମ୍ମୁଖରେ କାଉଡ଼ିଆଙ୍କ ଭିଡ଼।

ଶରଣକୁଳ,୧୩।୭ (ଦୀପକ କର)

ଶରଣକୁଳର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ ମନ୍ଦିରରେ ଜଳଲାଗି ପାଇଁ କାଉଡ଼ିଆଙ୍କ ଭିଡ଼ ଜମିଛି। ଶନିବାରଠାରୁ ବହୁ ସଂଖ୍ୟାରେ କାଉଡ଼ିଆ ମାନସିକପୂର୍ଣ୍ଣ ପାଇଁ କଣ୍ଟିଲୋ ମହାନଦୀରୁ ପାଣି ଉଠାଇ ଶରଣକୁଳରେ ପହଞ୍ଚିଛନ୍ତି। କାଉଡ଼ିଆଙ୍କ ସୁବିଧା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଯାତ୍ରା ପଡ଼ିଆରେ ସ୍ୱତନ୍ତ୍ର ବାରିକେଡ୍ ନିର୍ମାଣ କରାଯାଇ ପାଣି ଭାର ରଖିବାର ବ୍ୟବସ୍ଥା କରାଯାଇଛି। ମନ୍ଦିର ଖୋଲିବା ପରେ ପ୍ରଥମେ ମହିଳାମାନଙ୍କୁ ପାଣି ଢାଳିବାର ସୁଯୋଗ ଦିଆଯିବ ପରେ ପୁରୁଷ ଭକ୍ତମାନେ ଧାଡ଼ିରେ ଆସି ପାଣି ଢାଳିବେ ବୋଲି ମନ୍ଦିର ପକ୍ଷରୁ କୁହାଯାଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ କାଉଡ଼ିଆଙ୍କ ପାଇଁ ଭୋଜନ ଓ ପାନୀୟଜଳର ବ୍ୟବସ୍ଥା କରାଯାଇଛି। ଜଳଲାଗି ପାଇଁ ମନ୍ଦିର ପକ୍ଷରୁ ବାରିକେଡ୍ ବ୍ୟବସ୍ଥା କରାଯାଇଛି। ସୋମବାର ୫ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳ ଲାଗି କରିବେ ବୋଲି ଆକଳନ କରାଯାଉଛି। ସମସ୍ତ କାଉଡ଼ିଆ ଯେପରି ସୁବିଧାରେ ଜଳଲାଗି କରିବେ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶ୍ରାବଣର ପ୍ରତି ସୋମବାର କାଉଡିଆଙ୍କ ଲାଗି ରହିବା ଓ ଠାକୁରଙ୍କ ଦର୍ଶନରେ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ ବୋଲି ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ସୂଚନା ଦେଇଛନ୍ତି।

# ଦୁତୀକେଶ୍ୱର ପୀଠରେ ପହଞ୍ଚିଲେ କାଉଡ଼ିଆ

ଓଡ଼ଗାଁ,୧୩।୭ (ଆଦର୍ଶ କୁମାର ପଟ୍ଟନାୟକ)

ଶ୍ରାବଣର ପ୍ରଥମ ସୋମବାର ଭୋଲେ ବାବାଙ୍କ ନିକଟରେ ଜଳଲାଗି କରିବା ନିମନ୍ତେ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ବାବା ଦୁତୀକେଶ୍ୱରଙ୍କ ପୀଠରେ କାଉଡ଼ିଆଙ୍କ ଭିଡ ଜମିଛି। ରବିବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ଦେଢ଼ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ପୀଠରେ ପହଞ୍ଚିଛନ୍ତି । ମଧ୍ୟ ରାତିସୁଦ୍ଧା ବହୁ ସଂଖ୍ୟାରେ କାଉଡ଼ିଆ ପହଞ୍ଚିବେ। ଭିଡ଼କୁ ଦେଖି ମନ୍ଦିର ପ୍ରଶାସନ ତରଫରୁ କାଉଡ଼ିଆଙ୍କ ରାତି ଯାପନ ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି। ବିଭିନ୍ନ ସ୍ଥାନରୁ ଆସି କେତେକ ବଦାନ୍ୟ ମାନସିକଧାରୀ କାଉଡ଼ିଆଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତିରେ ଲାଗିପଡିଛନ୍ତି। ଦିନକୁ ଦିନ ପୁରୁଷଙ୍କ ସହିତ ମହିଳା କାଉଡ଼ିଆଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ଅଭୟ ବେହେରା ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ମହିଳା ପୋଲିସ ମୃତୟନ ସହିତ



କାଉଡ଼ିଆମାନେ ଦୁତୀକେଶ୍ୱର ପୀଠରେ ବିଶ୍ରାମ ନେଇଛନ୍ତି।

ସାମଗ୍ରୀକ ଭାବେ ଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ପାଇଁ ମହିଳା ଏଏସଆଇ ଟିଟୁବାଳା ବେହେରା ଏବଂ ମନୋରଞ୍ଜନ ଦେହୁରୀ ସହ ଅନ୍ୟ ପୋଲିସ ଅଫିସରଙ୍କୁ ନିୟୋଜିତ କରାଯାଇଛି। ଅନ୍ୟପକ୍ଷେ କାଉଡିଆମାନଙ୍କ ନିମନ୍ତେ ଆବଶ୍ୟକ ଶୌଚାଳୟ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି । ଏଥିପାଇଁ ମନ୍ଦିର ପରିବେଶ ପ୍ରଦୂଷିତ ହେବା ସମ୍ଭାବନା ଥିବାରୁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

# ବିଶ୍ୱବିଜିତା ରାଜ୍ୟରେ ପ୍ରଥମ

### ସାହିତ୍ୟ ଏକାଡେମୀ ବକ୍ତୃତା ପ୍ରତିଯୋଗିତା

ନୟାଗଡ଼,୧୩।୭ (ଲୋକନାଥ ମିଶ୍ର)

ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ନୟାଗଡ଼ର ବିଶ୍ୱ ବିଜିତା ମହାନ୍ତି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଜିଲା ଓ ସ୍କୁଲ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଏନେଇ ରବିବାର ଭୁବନେଶ୍ୱରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ବକ୍ତୃତା



ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସହକାରୀ ସଚିବ ଫଳାଫଳ ଘୋଷଣା କରିଥିଲେ। ସାହିତ୍ୟର ପ୍ରଚାର ଓ ପ୍ରସାରରେ ଆଜିର ଛାତ୍ର ସମାଜର ସାଙ୍ଗଠନିକ ଦାୟିତ୍ୱ ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । ରାଜ୍ୟର ବିଭିନ୍ନ ଜିଲାର ପ୍ରତିଯୋଗୀଙ୍କୁ ପଛରେ ପକାଇ ବିଶ୍ୱ ବିଜିତା ବିଜେତା ହୋଇଛନ୍ତି। ବିଶ୍ୱ ବିଜିତା ନୟାଗଡ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ୭ମ ଶ୍ରେଣୀ ଛାତ୍ରୀ। ବିଶ୍ୱବିଜିତା ପୂର୍ବରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉତ୍କଳ ଜ୍ୟୋତି ସମ୍ମାନ ଓ ବିଜ୍ଞାନମେଳାରେ ପ୍ରଥମ ସ୍ଥାନ ଅକ୍ତିଆର କରି ନୟାଗଡ଼ ପାଇଁ ଗୌରବ ଆଣିଥିଲେ।

# କୁକୁଡ଼ା ମଡ଼କ ପରେ ବାର୍ଡଫ୍ଲୁ ଭୟ

ନୟାଗଡ଼,୧୩।୭ (ଲୋକନାଥ ମିଶ୍ର)

■ ମାଂସ ଓ ଅଣ୍ଡା ଖାଇବାକୁ ଡରିଲେଣି ଲୋକେ
■ କୁକୁଡ଼ା ମାଂସ କିଲୋ ୬୦ରୁ ୮୦ ଟଙ୍କାରେ ବିକ୍ରି

ନୟାଗଡ଼ ଜିଲା ରଣପୁର ବ୍ଲକର ଜଗନ୍ନାଥପ୍ରସାଦ(ପୋଡାସାହି),ପାମ୍ପଡା, ଗୋପାଳପୁର ଓ ପଟିଆ, ନୟାଗଡ଼ ବ୍ଲକର ଶଙ୍ଖେଇ ପରି ଗାଁରେ କୁକୁଡା ମଡ଼କ ପରେ ବାର୍ଡଫ୍ଲୁର ଭୟ ଘାରିଲାଣି। ବାର୍ଡଫ୍ଲୁର ଆଶଙ୍କାରେ ରୋଗୀ କୁକୁଡା ମାଂସ ଓ ଅଣ୍ଡା ଖାଇବାକୁ ଡରିଲେଣି। ଯଦିଓ ସରକାରୀ ଭାବେ ବାର୍ଡଫ୍ଲୁ ଘୋଷଣା ହୋଇନି ତେବେ ବାର୍ଡଫ୍ଲୁର ଲକ୍ଷଣ ମୁତାବକ କୁକୁଡା ମରି ଚାଲିଥିବାରୁ ଭୟ ଘାରିବା ସ୍ୱାଭାବିକ। ସେପଟେ ପୂର୍ବରୁ କୁକୁଡ଼ା ମାଂସ କିଲୋ ୧୬୦ ଟଙ୍କାରେ ବିକ୍ରି ହେଉଥିବାବେଳେ କୁକୁଡ଼ା ମଡକ ପରେ ୬୦ ଓ ୮୦ରେ ବିକ୍ରି ହେଉଛି। ଜଣେ କୁକୁଡ଼ା ଚାଷୀଙ୍କ ସୂଚନା ଅନୁଯାୟୀ, କେତେଜଣ ଚାଷୀଙ୍କ କୁକୁଡ଼ା ଲଗାତାର ମରିବା ପରେ ଆମ କୁକୁଡା ମରିଯିବାର ଭୟ ରହିଛି। କୁକୁଡ଼ାଙ୍କୁ ରୋଗ ପୂର୍ବରୁ ବିକ୍ରି କରି କିଛିଟା କ୍ଷତି ଭରିବାକୁ ଉଦ୍ୟମ କରୁଛୁ। ରଣପୁରର ମାଧବ ପରିଡା କୁହନ୍ତି, ବାର୍ଡଫ୍ଲୁ କଣ, ଏହି ରୋଗରେ ଆକ୍ରାନ୍ତ ହେଲେ କାହିଁକି କୁକୁଡା ଓ ତାର ଅଣ୍ଡା ଖିଆଯାଏ ନାହିଁ ସେନେଇ ଗାଁ ଗହଳ ଓ ସହରର ଲୋକମାନେ ସଚେତନତା ନୁହନ୍ତି। ବାର୍ଡଫ୍ଲୁର ପ୍ରଚାର ପରେ ଅନେକ ଲୋକ କୁକୁଡା ମାଂସ ଓ ଅଣ୍ଡା ପ୍ରତି ମୁହଁ



ମୋଡି ଦେଇଥିବାବେଳେ ଆଉ କିଛି ଲୋକ ଶସ୍ତାର ଲାଭ ଉଠାଇବାକୁ ଉଦ୍ୟମ କରୁଛନ୍ତି। କୁକୁଡାଙ୍କୁ ବାର୍ଡଫ୍ଲୁ ହୋଇଛି କି ନାହିଁ ସେନେଇ ସରକାରୀ ରିପୋର୍ଟ ଆସିବା ବେଳକୁ କୁକୁଡ଼ା ଚାଷୀ ଶସ୍ତାରେ କୁକଡ଼ା ବିକ୍ରି କରି ସାରିଥିବେ ବୋଲି ସେ କହିଛନ୍ତି। ଖଡିଆ ପଞ୍ଚାୟତ ଜଗନ୍ନାଥପ୍ରସାଦ (ପୋଡାସାହି)ର କୁକୁଡା ଚାଷୀ ସୂର୍ଯ୍ୟମଣି ମାର୍ଥା କୁହନ୍ତି, ଗତ ୩ ଦିନ ମଧ୍ୟରେ ଆମ ଫାର୍ମର ୫ ହଜାର ୭୦୦ କୁକୁଡା ମରି ସାରିଲେଣି । ଏହାପରେ ଟେନସନ ବଢ଼ିଲା। ମଲା ଓ ଜୀବନ୍ତ କୁକୁଡା ସବୁ ପୋତି ଦେଇଛି ବୋଲି କହିଛନ୍ତି। କୁକୁଡା ମଡକ ପରେ ଆମର ବହୁତ କ୍ଷତି ହୋଇଛି। ସରକାରୀ କ୍ଷତିପୂରଣ ନ ମିଳିଲେ ବଞ୍ଚିବା କଷ୍ଟକର ହୋଇ ପଡିବ ବୋଲି ସେ କହିଛନ୍ତି।

## LEGAL NOTICE

ମାନ୍ୟବର ଆଡିସନାଲ୍ କମିଶନର, ରାଜଶ୍ରୀ ମହାନ୍ତି (ଆଇ.ଏ.ଏସ୍) ଆଡିସନାଲ ଡିଭିଜନ କୋର୍ଟ ନଂ.– ୩ଙ୍କ ଅଦାଲତ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.– ୯୦୫/୧୮, ୯୦୬/୧୮, ୯୦୭/୧୮

୧) ଶ୍ରୀ ଆଲୋକ କୁମାର ସ୍ୱାଇଁ, ୨) ଶ୍ରୀ ପ୍ରାଚି ରଞ୍ଜନ ସ୍ୱାଇଁ, ୩) ଶ୍ରୀ କ୍ଷୀରୋଦ କୁମାର ମହାନ୍ତି
.....ବାଦୀମାନେ

ବନାମ

ବସନ୍ତ କୁମାର ସ୍ୱାଇଁ ଏବଂ ଅନ୍ୟମାନେ
.....ପ୍ରତିବାଦୀ

ପ୍ରାପ୍ତେଷୁ,
୨. କ) ଶ୍ରୀ ଚଗଲା ପାଲଟାସିଂ, ପିତା: ମୃତ ସୋମନାଥ ପାଲଟାସିଂ, ଖ) ସସ୍ମିତା ପାଲଟାସିଂ, ପିତା: ମୃତ ସୋମନାଥ ପାଲଟାସିଂ, ଗ) ରସ୍ମିତା ପାଲଟାସିଂ, ପିତା: ମୃତ ସୋମନାଥ ପାଲଟାସିଂ ସମସ୍ତଙ୍କର ଠିକଣା: ସା/ପୋ: ଦାରୁଠେଙ୍ଗ, ଥା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା

ନୋଟିସ

ସିପିସି ଅର୍ଡର ନଂ. ୫, ରୁଲ୍–୨୦ ମୁତାବକ ବାଦୀମାନଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା–୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଡିଭିଜନ କୋର୍ଟ ନଂ. ୩, ଭୁବନେଶ୍ୱର ଅଦାଲତରେ ବାଦୀମାନେ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମାମାନ ଦାୟର କରିଅଛନ୍ତି। ବାଦୀମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.–୨ କ,ଖ, ଓ ଗଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୨ କ,ଖ, ଓ ଗଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ ୩, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ତା ୩୧।୦୭।୨୦୨୫ରିଖ ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା: ଖୋର୍ଦ୍ଧା, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ମୌଜା: ପଥରଗାଡ଼ିଆ, ସାବକ ଖାତା ନଂ.– ୩୧୯, ସାବକ ପ୍ଲଟ୍ ନଂ.– ୬୪୨, ମୋଟ୍ ଏରିଆ: ଏ୦.୬୫୫ଡିସିମିଲ ସ୍ୱଧରୁ କ୍ରୟ ବୃତ୍ତି ଏରିଆ ଏ୦.୨୧୮ଡିସିମିଲ, ଏହାର ହାଲ୍ ଖାତା ନଂ.– ୨୦୨, ହାଲ୍ ପ୍ଲଟ୍ ନଂ.– ୨୯୮୪, ଏରିଆ: ଏ୦.୧୦୦ ଡିସିମିଲ ଓ ହାଲ୍ ପ୍ଲଟ୍ ନଂ.– ୨୯୮୧, ଏରିଆ: ଏ୦.୧୪୫ ଡିସିମିଲ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.– ୨ କ,ଖ ଓ ଗ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣମାନଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା./– ଆଡିସନାଲ ରିଭିଜନ, କୋର୍ଟ ନଂ.–୩, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./– କୋର୍ଟ ଅଫିସ୍
ଧ–୧୨୮୦

I.R. No.- 972, date- 10.06.25

ନୋଟିସ

ମାନ୍ୟବର ଅତିରିକ୍ତ କମିଶନର (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, IAS, ଅତିରିକ୍ତ ଅଦାଲତ ନଂ.–୨ଙ୍କ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ
କେସ୍ ନଂ.–O.S.S Case No.-442/2024

(୧) ଚମ୍ପା ମହାପାତ୍ର, ସ୍ୱାମୀ–୰ତ୍ରିନାଥ ମହାପାତ୍ର ଓ (୨) ନିରୁପମା ମହାପାତ୍ର, ପିତା–୰ତ୍ରିନାଥ ମହାପାତ୍ର (O.S.S Case No.-442/2024 ର
....ବାଦୀମାନେ

ବନାମ

୩. କଣ୍ଠ ନାୟକ, ପିତା–୰ଉଦୟନାଥ ନାୟକ, ୪. ଲୋକନାଥ ନାୟକ, ପିତା–୰ଗିରିଧାରୀ ନାୟକ, ୬. କାର୍ତ୍ତିକ ନାୟକ, ପିତା– ୰ମଧୁ ନାୟକ ଏ ସମସ୍ତଙ୍କର ଗ୍ରାମ– ଓଗାଳପଡ଼ା, ପୋଷ୍ଟ–ଯାଁଳା, ଥାନା–ଇନ୍‌ଫୋଭ୍ୟାଲି, ଜିଲ୍ଲା–ଖୋର୍ଦ୍ଧା, ୫. ଶଙ୍କର ପଣ୍ଡା, ପି– ୰ଗଦାଧର ପଣ୍ଡା, ଗ୍ରାମ– ଗୋପାଳପୁର, ପୋଷ୍ଟ– ଯାଁଳା, ଥାନା– ଇନ୍‌ଫୋଭ୍ୟାଲି, ଜିଲ୍ଲା–ଖୋର୍ଦ୍ଧା
....ପ୍ରତିବାଦୀମାନେ

ନୋଟିସ ଅର୍ଡର–୫, ରୁଲ୍– ୨୦ ମୁତାବକ

ଏତଦ୍ୱାରା ଉକ୍ତ ସମସ୍ତ ପ୍ରତିବାଦୀମାନଙ୍କର ମୃତ୍ୟୁ ହୋଇଥିବାରୁ ଏମାନଙ୍କ ପାଖକୁ ରେଜିଷ୍ଟ୍ରି ଡାକ ଯୋଗେ ପଠାଯାଇଥିବା ନୋଟିସ ଫେରସ୍ତ ଆସିଥିବାରୁ ଓ ସେମାନଙ୍କର ଉତ୍ତରାଧିକାରୀମାନଙ୍କର ନାମ ଓ ସଠିକ ଠିକଣା ଜଣା ନ ଥିବାରୁ ସମ୍ବାଦପତ୍ର ଦ୍ୱାରା ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ–୨ ଇଜିଲାସ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, କାର୍ଯ୍ୟାଳୟରେ ଆସନ୍ତା ତା୨୨।୦୭।୨୦୨୫ରିଖ ଦିବା ଘ.୧୧:୧୫ ମିନିଟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିଜମାର ବିବରଣୀ
ମୌଜା– ଓଗାଳପଡ଼ା, ତହସିଲ– ଜଟଣୀ (୪୮), ଜିଲ୍ଲା–ଖୋର୍ଦ୍ଧା
ସାବକ: ଖାତା ନଂ.– ୧୯, ପ୍ଲଟ୍ ନଂ.– ୬୨୭ (ପୂରା ପ୍ଲଟ୍), ରକବା– ଏ୦.୨୫୦ଡି., ସ୍ୱତ୍ୱ– ସ୍ଥିତିବାନ୍ (ଘରବାରି)
ହାଲ୍: ଖାତା ନଂ.– ୩୬, ପ୍ଲଟ୍ ନଂ.– ୨୧୦୧, ରକବା– ଏ୦.୨୧୦ଡି., (ଏ୦.୨୫୦ଡି. କୁ ବୃଦ୍ଧି କରାଯିବ), ସ୍ୱତ୍ୱ: ସ୍ଥିତିବାନ୍ (ଘରବାରି)

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ ଆୟୁକ୍ତ, ରିଭିଜନ ଅଦାଲତ ନଂ.–୨, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./–କୋଟ୍ ଅଧିକାରୀ
ଧ–୧୨୯୦

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ମହାରାଷ୍ଟ୍ରରେ ତୀବ୍ର ହେଉଛି ଭାଷା ବିବାଦ

## 'ହିନ୍ଦୀ ବୋଲୁଙ୍ଗା' କହିବାରୁ ଅଟୋ ଡ୍ରାଇଭରଙ୍କୁ ମାଡ଼

ପାଲଘର, ୧୩।୭

ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି) ଏବଂ ରାଜ୍ ଠାକ୍‌ରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) କର୍ମୀମାନେ ରାଜ୍ୟର ପାଲଘର ଜିଲାରେ ଜଣେ ଆପ୍ରବାସୀ ଅଟୋରିକ୍ସା ଡ୍ରାଇଭରଙ୍କୁ ସର୍ବସମ୍ମୁଖରେ ମାଡ଼ ମାରିଛନ୍ତି। ଏହି ଘଟଣା ରାଜ୍ୟରେ ଭାଷା ପ୍ରସଙ୍ଗକୁ ନେଇ ଚାଲିଥିବା ବିବାଦକୁ ଅଧିକ ତୀବ୍ର କରିଛି। ତେବେ ଏନେଇ କୌଣସି ଆନୁଷ୍ଠାନିକ ଅଭିଯୋଗ ହୋଇ ନ ଥିବାରୁ ପୋଲିସ ମାମଲା ରୁଜୁ କରିନାହିଁ।

ମରାଠୀ ଭାଷାକୁ ନେଇ ଅଟୋ ଡ୍ରାଇଭର ଉତ୍ତରପ୍ରଦେଶର ଭବେଶ ପଡୋଲିଆଙ୍କ ସହ ୨ ରାଜନୈତିକ ଦଳର କର୍ମୀଙ୍କ ଭିରାର ଷ୍ଟେଶନରେ ହୋଇଥିବା ମୁହାଁମୁହିଁ ଘଟଣା ହୋଇଥିଲା। ମରାଠୀ କାହିଁକି କହୁନାହଁ ସୋସିଆଲ ମିଡିଆରେ ଭାଇରାଲ ବୋଲି ପ୍ରଶ୍ନ ହେବାରୁ ମୈ ହିନ୍ଦୀ ବୋଲୁଙ୍ଗା (ମୁଁ ହିନ୍ଦୀ କହିବି) ବୋଲି ଭବେଶ ବାରମ୍ବାର କହୁଥିବା ଉକ୍ତ ଭିଡିଓରୁ ଦେଖିବାକୁ ମିଳିଛି। ତାଙ୍କ କହିବା ଅନୁଯାୟୀ, ସର୍ବସାଧାରଣରେ ମରାଠୀ ବ୍ୟବହାର କରିବାରେ ତାଙ୍କ ବିଫଳତାକୁ ନେଇ ପ୍ରଶ୍ନ କରାଯାଇଥିଲା। ସେ ହିନ୍ଦୀ ଏବଂ ଭୋଜପୁରୀ କହିବାକୁ ପସନ୍ଦ କରନ୍ତି ବୋଲି କହିଥିଲେ। ଏହାକୁ ନେଇ ଶନିବାର ଶିବସେନା (ୟୁବିଟି) ଏବଂ ଏମ୍‌ଏନ୍‌ଏସ୍ ସମର୍ଥକମାନେ ଭିରାର ରେଲଷ୍ଟେଶନ ନିକଟରେ ଅଟୋ ଡ୍ରାଇଭରଙ୍କ ସହ ମୁହାଁମୁହିଁ ହୋଇଥିଲେ। ସେମାନେ ଭବେଶଙ୍କୁ ମାଡ଼ ମାରୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ସେ ମରାଠୀ ଭାଷା ଓ ସଂସ୍କୃତିକୁ ଅପମାନ କରିବା ସହ ଜଣେ ବ୍ୟକ୍ତି ଓ ତାଙ୍କ ଭଉଣୀଙ୍କୁ ଦୁର୍ବ୍ୟବହାର କରିଥିଲେ। ସେଥିପାଇଁ ତାଙ୍କୁ ସର୍ବସାଧାରଣରେ କ୍ଷମା ମାଗିବାକୁ ବାଧ କରାଯାଇଥିଲା। ଭବେଶଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯାଇଛି। ଯେକେହି ମରାଠୀ ଭାଷା ଓ ରାଜ୍ୟକୁ ଅପମାନିତ କଲେ, ସେମାନଙ୍କୁ ପ୍ରକୃତ ଶିବସେନା ଢଙ୍ଗରେ ଜବାବ ଦିଆଯିବ ବୋଲି ଆକ୍ରମଣକାରୀମାନେ କହିଛନ୍ତି।



ଅଟୋ ଡ୍ରାଇଭର ଭବେଶ ପଡୋଲିଆଙ୍କୁ ଶିବସେନା (ୟୁବିଟି) ଏବଂ ଏମ୍‌ଏନ୍‌ଏସ୍ କର୍ମୀ ମାଡ଼ ମାରୁଛନ୍ତି।

## ସଂକ୍ଷେପରେ

### ତ୍ରିପୁରା ଛାତ୍ରୀ ଦିଲ୍ଲୀରୁ ସପ୍ତାହେ ହେଲା ନିଖୋଜ



ସ୍ନେହା ଦେବନାଥ

ନୂଆଦିଲ୍ଲୀ, ୧୩।୭

ଦିଲ୍ଲୀ ୟୁନିଭର୍ସିଟିରେ ପଢୁଥିବା ତ୍ରିପୁରାର ସ୍ନେହା ଦେବନାଥ(୧୯) ସପ୍ତାହେ ହେଲା ନିଖୋଜ ଅଛନ୍ତି। ଦିଲ୍ଲୀ ପୋଲିସ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ଜୋର୍‌ଦାର ତଲାସି ଅଭିଯାନ ଚଳାଇଥିଲେ ମଧ୍ୟ ଖୋଜଖବର ମିଳୁ ନ ଥିବାରୁ ତାଙ୍କ ନିଖୋଜ ରହସ୍ୟ ଘେରରେ ରହିଛି। ତେବେ ବିଫଳତା ଓ ଚାପ କାରଣରୁ ସ୍ନେହା ସିଗ୍ନେଚର ବ୍ରିଜ୍‌ରୁ ଡେଇଁ ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ବୋଲି ତାଙ୍କ ପ୍ରକୋଷ୍ଠରୁ ମିଳିଥିବା ଏକ ହାତଲେଖା ଚିଠିରୁ ଜଣାପଡ଼ିଛି। ଘଟଣା ପଛରେ ହିଂସା ଅପରାଧ ଜଡ଼ିତ ଥାଇପାରେ ବୋଲି ସ୍ନେହାଙ୍କ ପରିବାର ଅଭିଯୋଗ କରିବା ସହ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛି। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଆତ୍ମାରାମ ସନାତନ ଧର୍ମ କଲେଜରେ ପଢୁଥିଲେ। ଗତ ୭ ତାରିଖରେ ସେ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲେ।

### ବିହାର ଭୋଟର ତାଲିକାରେ ନେପାଳୀ, ବାଂଲାଦେଶୀ

ନୂଆଦିଲ୍ଲୀ, ୧୩।୭

ବିହାରରେ ଭୋଟର ତାଲିକା ସଂଶୋଧନ ପାଇଁ ଘରକୁ ଘର ଯାଞ୍ଚ ଚାଲିଥିବାବେଳେ ନିର୍ବାଚନ କମିଶନ(ଇସି)ଙ୍କ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ବହୁସଂଖ୍ୟାରେ ବାଂଲାଦେଶୀ, ନେପାଳୀ ଏବଂ ମ୍ୟାନ୍‌ମାର ଲୋକଙ୍କୁ ଚିହ୍ନଟ କରିଛନ୍ତି। ଏନେଇ ଇସିଙ୍କ ପକ୍ଷରୁ ରବିବାର ସୂଚନା ଦିଆଯିବା ସହ ଚୂଡ଼ାନ୍ତ ଭୋଟର ତାଲିକାରେ ଏହି ବେଆଇନ ଆପ୍ରବାସୀମାନଙ୍କ ନାଁ ରହିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ସେପ୍ଟେମ୍ବର ୩୦ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବାକୁ ଯାଉଛି। ଯେଉଁମାନେ ବେଆଇନ ଭାବେ ଭୋଟର ତାଲିକାରେ ରହିଛନ୍ତି, ସେମାନଙ୍କ ନାଗରିକତ୍ୱ ନିର୍ଣ୍ଣୟ ପ୍ରକ୍ରିୟା ଅଗଷ୍ଟ ୧ରୁ ଆରମ୍ଭ ହେବ। ତଳସ୍ତରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଘରକୁ ଘର ଯାଇ ଯାଞ୍ଚ କରୁଥିବା ବୁଥ୍‌ସ୍ତରୀୟ ଅଫିସରମାନେ ବହୁସଂଖ୍ୟାରେ ସନ୍ଦିଗ୍ଧ ବିଦେଶୀ ନାଗରିକଙ୍କ ସଂସ୍ପର୍ଶରେ ଆସିଛନ୍ତି। ଭୋଟର ତାଲିକାରୁ ଅଯୋଗ୍ୟ ଆପ୍ରବାସୀଙ୍କୁ ବାଦ୍ ଦେବା ପାଇଁ ନିର୍ବାଚନ କମିଶନ ଏହି ପ୍ରକ୍ରିୟାକୁ ସାରା ଦେଶରେ କାର୍ଯ୍ୟକାରୀ କରିବା ଆଶା କରାଯାଉଛି।

## ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଗୁଳିକରି ହତ୍ୟା

ପାଟନା, ୧୩।୭(ପି.ଟି.)

ବିହାର ପାଟନା ଜିଲାର ପିପ୍ରାସ୍ଥିତ ଶେଖପୁରା ଗ୍ରାମରେ ଶନିବାର ରାତିରେ ସ୍ୱାସ୍ଥ୍ୟ ଅଧିକାରୀ ସୁରେନ୍ଦ୍ର କୁମାର(୫୦)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ସୁରେନ୍ଦ୍ର କ୍ଷେତରେ କାମ କରୁଥିବା ସମୟରେ କେତେଜଣ ଦୁର୍ବୃତ୍ତ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଗୁଳି ଶବ୍ଦ ଶୁଣି ଗ୍ରାମବାସୀ ଦୌଡ଼ିଆସି ସୁରେନ୍ଦ୍ରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୁରେନ୍ଦ୍ରଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ଏବଂ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି। ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି।

## ଭାରତର ମୋଷ୍ଟୱାଣ୍ଟେଡ୍ ସମେତ ୮ ଖଲିସ୍ତାନୀଙ୍କୁ ଗିରଫ କଲା ଏଫ୍‌ବିଆଇ

ୱାଶିଂଟନ, ୧୩।୭

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା ପଞ୍ଜାବ ଗ୍ୟାଙ୍ଗଷ୍ଟର ପବିତର ସିଂ ବାଟଲା ଏବଂ ଅନ୍ୟ ୭ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଏକ ଅପହରଣ ଓ ହତ୍ୟା ମାମଲାରେ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ଶୁକ୍ରବାର ଗିରଫ କରିଛି। ବେଆଇନ ଘୋଷିତ ଆତଙ୍କବାଦୀ ସଂଗଠନ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ (ବିକେଆଇ) ସହ ବାଟଲା ସମ୍ପୃକ୍ତ । ଗିରଫ ଅନ୍ୟ ଖଲିସ୍ତାନୀ ଆତଙ୍କବାଦୀ ହେଲେ ଦିଲ୍‌ପ୍ରୀତ ସିଂ, ଅମ୍ରିତପାଲ ସିଂ, ଅର୍ଶପ୍ରୀତ୍ ସି, ମନପ୍ରୀତ୍ ରାନ୍ଧୱା, ସରବଜିତ୍ ସିଂ, ଗୁର୍‌ତାଜ ସିଂ ଏବଂ ବିଶାଲ।



## ଡିଜେଲ ନେଉଥିବା ଟ୍ରେନ୍‌ରେ ନିଆଁ

ଚେନ୍ନାଇ, ୧୩।୭(ପି.ଟି.)

### ୧୮ ୱାଗନ ଜଳିଗଲା
### ରେଳସେବା ବାଧାପ୍ରାପ୍ତ

ତାମିଲନାଡୁ ତିରୁଭଲ୍ଲୁରଠାରେ ରବିବାର ଡିଜେଲ ନେଉଥିବା ଏକ ମାଲ୍‌ବାହୀ ଟ୍ରେନ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଫଳରେ ଚେନ୍ନାଇ-ଅରାକ୍କୋନମ୍ ରୁଟ୍‌ରେ ଟ୍ରେନ୍ ସେବା ବାଧାପ୍ରାପ୍ତ ହୋଇଛି। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ଷ୍ଟେଶନରେ ଅଟକି ରହିଥିବା ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ରାଜ୍ୟ ପରିବହନ ନିଗମ ପକ୍ଷରୁ ସ୍ୱତନ୍ତ୍ର ବସ୍ ଚଳାଚଳ କରାଯାଉଛି। ସକାଳ ୫ଟା ୩୦ ମିନିଟ୍ ସମୟରେ ଗୁଡ୍ସ ଟ୍ରେନ୍ ତିରୁଭଲ୍ଲୁର ଷ୍ଟେଶନ ଛାଡୁଥିବାବେଳେ ଡିଜେଲ ଥିବା ତୃତୀୟ ୱାଗନରେ ନିଆଁଲାଗି ଏହା ପଛରେ ଥିବା ଅନ୍ୟ ୱାଗନଗୁଡ଼ିକୁ ବ୍ୟାପିଯାଇଥିଲା। ୧୮ଟି ୱାଗନ ସମ୍ପୂର୍ଣ୍ଣ ଜଳିଯାଇଛି। ବହୁ ଉଚ୍ଚ ଯାଏ ଧୂଆଁ ଉଠୁଥିବା ଦେଖାଯାଇଛି। ନିଆଁ ଦେଖି ଲୋକୋ ପାଇଲଟ୍ ତୁରନ୍ତ ଜରୁରୀ ବ୍ରେକ୍ ଚାପିବା ସହ ତିରୁଭଲ୍ଲୁର ଷ୍ଟେଶନମାଷ୍ଟର ସୁରକ୍ଷା ପଦକ୍ଷେପ ସ୍ୱରୂପ ଓଭରହେଡ୍ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦେଇଥିଲେ। ଟ୍ରେନ୍‌ଟି ଚେନ୍ନାଇ ହାର୍ବରରୁ ୱାଲାଜା ରୋଡ୍ ସାଇଡିଂକୁ ଯାଉଥିଲା।

## ଅକ୍ଟୋବର ସୁଦ୍ଧା ପ୍ରଥମ ଡେଙ୍ଗୁ ଟିକାର ୩ୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷଣ ପାଇଁ ପଞ୍ଜୀକରଣ

ନୂଆଦିଲ୍ଲୀ, ୧୩।୭




ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ଜଣେ ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ, ପାନାସିଆ ବାୟୋଟେକ୍ ଦ୍ୱାରା ବିକଶିତ ଦେଶର ପ୍ରଥମ ସ୍ୱଦେଶୀ ଡେଙ୍ଗୁ ଟିକା 'ଡେଙ୍ଗିଅଲ'ର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷଣରେ ପ୍ରାୟ ୧୦,୫୦୦ ଅଂଶଗ୍ରହଣକାରୀଙ୍କ ପଞ୍ଜୀକରଣ ଆସନ୍ତା ଅକ୍ଟୋବର ସୁଦ୍ଧା ଭାରତର ୨୦ଟି କେନ୍ଦ୍ରରେ ସମାପ୍ତ ହେବ। ବର୍ତ୍ତମାନ ସୁଦ୍ଧା ପୁଣେ, ଚେନ୍ନାଇ, କୋଲକାତା, ଭୁବନେଶ୍ୱର ଏବଂ ଦିଲ୍ଲୀର ବିଭିନ୍ନ କେନ୍ଦ୍ରରେ ୮ ହଜାର ଅଂଶଗ୍ରହଣକାରୀଙ୍କୁ ଆଇସିଏମ୍‌ଆର୍ ଏବଂ ପାନାସିଆ ବାୟୋଟେକ୍‌ଦ୍ୱାରା ପ୍ରାୟୋଜିତ ଏହି ପରୀକ୍ଷଣ ଅଧୀନରେ ଟିକା ଦିଆଯାଇଛି। ପୁଣେସ୍ଥିତ ଆଇସିଏମ୍‌ଆର୍-ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟ୍ରାନ୍ସଲେଶିଓନାଲ ଭାଇରୋଲୋଜି ଆଣ୍ଡ ଏଡ୍ସ ରିସର୍ଚ୍ଚ, ଚେନ୍ନାଇସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏପିଡେମିଓଲୋଜି (ଏନ୍‌ଆଇଇ) ଏବଂ ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି ଦ୍ୱାରା ସମ୍ପ୍ରତି ଏହି ପରୀକ୍ଷଣ ପରିଚାଳିତ ହେଉଛି। ପ୍ରାରମ୍ଭିକ ପରୀକ୍ଷଣରେ କୌଣସି ସୁରକ୍ଷା ସମସ୍ୟା ସାମ୍ନାକୁ ଆସିନାହିଁ ବୋଲି ସେ କହିଛନ୍ତି।

## ଗାଜାରେ ମୃତ୍ୟୁସଂଖ୍ୟା ୫୮ ହଜାର ଟପିଲା

ଡେର୍ ଅଲ୍ ବଲାହ, ୧୩।୭


ଇସ୍ରାଏଲୀ ସେନାର ଆକ୍ରମଣରେ ରବିବାର ଗାଜା ଷ୍ଟ୍ରିପ୍‌ରେ ୩୦ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଶିଶୁ ରହିଛନ୍ତି। ମଧ୍ୟ ଗାଜାର ନୁସିରାତ୍‌ସ୍ଥିତ ଏକ ଜଳ ସଂଗ୍ରହ ସ୍ଥାନରେ ଇସ୍ରାଏଲ ପକ୍ଷରୁ ଏହି ଆକ୍ରମଣ ହୋଇଥିଲା। ଏହାସହ ୨୦୨୩ ଅକ୍ଟୋବର ୭ରୁ ହମାସ୍ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗାଜାରେ ୫୮ ହଜାରରୁ ଅଧିକ ପାଲେଷ୍ଟିନୀୟଙ୍କର ମୃତ୍ୟୁ ହୋଇଥିବା ନେଇ ଗାଜାସ୍ଥିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଅଧାରୁ ଅଧିକ ମହିଳା ଏବଂ ଶିଶୁ ରହିଛନ୍ତି।

## ଶ୍ରୀଙ୍ଗ୍‌ଲା, ନିକମ୍‌ଙ୍କ ସମେତ ୪ ରାଜ୍ୟ ସଭାକୁ ମନୋନୀତ

ନୂଆଦିଲ୍ଲୀ, ୧୩।୭(ପି.ଟି.)



ଉଜ୍ଜ୍ୱଳ ନିକମ୍



ହର୍ଷବର୍ଦ୍ଧନ ଶ୍ରୀଙ୍ଗ୍‌ଲା



ମୀନାକ୍ଷୀ ଜୈନ



ସି. ସଦାନନ୍ଦନ ମାଷ୍ଟର

ପୂର୍ବତନ ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗ୍‌ଲା, ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ମାମଲାର ସ୍ୱତନ୍ତ୍ର ସରକାରୀ ଓକିଲ ଉଜ୍ଜ୍ୱଳ ନିକମ୍, କେରଳ ଭାଜପା ନେତା ସି. ସଦାନନ୍ଦନ ମାଷ୍ଟର ଏବଂ ଦିଲ୍ଲୀର ଐତିହାସିକ ମୀନାକ୍ଷୀ ଜୈନ ରାଜ୍ୟ ସଭାକୁ ମନୋନୀତ ହୋଇଛନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୮୦(୧)(ଏ)ରେ ପ୍ରଦତ୍ତ କ୍ଷମତାର ପ୍ରୟୋଗକ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କୁ ପାର୍ଲାମେଣ୍ଟର ଉଚ୍ଚ ସଦନକୁ ମନୋନୀତ କରିଥିବା ଶନିବାର ବିଳମ୍ବିତ ରାତିରେ ଜାରି ବିଜ୍ଞପ୍ତିରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନୋନୀତ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଏକ୍ସ'ରେ ଲେଖିଛନ୍ତି, ନିକମ୍ ଆଇନ କ୍ଷେତ୍ରରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ ଏବଂ ସମ୍ବିଧାନକୁ ଅନୁକରଣୀୟ ଭାବେ ଗ୍ରହଣ କରିଥିଲେ। ସେ କେବଳ ଜଣେ ସଫଳ ଆଇନଜୀବୀ ନୁହନ୍ତି, ବରଂ ଗୁରୁତ୍ୱପୂର୍ଣ୍ଣ ମାମଲାରେ ନ୍ୟାୟ ଚାହିଁବାରେ ଆଗଧାଡ଼ିରେ ରହିଥିଲେ। ସେ ତାଙ୍କର ସମଗ୍ରୀ ଆଇନ ବ୍ୟବସାୟ କ୍ୟାରିୟରରେ ସବୁବେଳେ ସାମ୍ବିଧାନିକ ମୂଲ୍ୟବୋଧକୁ ମଜଭୁତ କରିବା ଦିଗରେ କାର୍ଯ୍ୟ କରିଥିଲେ ଏବଂ ସାଧାରଣ ଜନତା ଯେପରି ସବୁବେଳେ ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର ପାଇବେ ତାହା ସୁନିଶ୍ଚିତ କରିଥିଲେ। ରାଷ୍ଟ୍ରପତି ତାଙ୍କୁ ରାଜ୍ୟ ସଭାକୁ ମନୋନୀତ କରିବା ଅତ୍ୟନ୍ତ ଖୁସିର ବିଷୟ। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ନିକମ୍‌ଙ୍କୁ ମୁମ୍ବାଇ ନର୍ଥ ସେଣ୍ଟ୍ରାଲ ଆସନରୁ ପ୍ରାର୍ଥୀ କରିଥିଲା। ସେହିପରି ଜଣେ କୂଟନୀତିଜ୍ଞ ଭାବେ ଶ୍ରୀଙ୍ଗ୍‌ଲାଙ୍କ କାର୍ଯ୍ୟର ଉଚ୍ଚ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କର ଅନନ୍ୟ ଦୃଷ୍ଟିକୋଣ ସଂସଦୀୟ କାର୍ଯ୍ୟଧାରାକୁ ଯଥେଷ୍ଟ ସମୃଦ୍ଧ କରିବ। ଭାରତର ବୈଦେଶିକ ନୀତି ଏବଂ ଜି୨୦ ଅଧ୍ୟକ୍ଷତାରେ ଶ୍ରୀଙ୍ଗ୍‌ଲାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ସେ ଆମେରିକା ଏବଂ ଥାଇଲାଣ୍ଡରେ ଭାରତର ରାଷ୍ଟ୍ରଦୂତ ରହିବା ସହ ବାଂଲାଦେଶର ଉଚ୍ଚାୟୁକ୍ତ ଭାବେ କାର୍ଯ୍ୟ କରିଥିଲେ। ୧୯୮୪ ବ୍ୟାଚ୍‌ର ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) ଅଫିସର ଶ୍ରୀଙ୍ଗ୍‌ଲା ୨୦୨୩ରେ ଭାରତର ଜି୨୦ ଅଧ୍ୟକ୍ଷତାରେ ଚିଫ୍ କୋଅର୍ଡିନେଟର ଭାବେ କାର୍ଯ୍ୟ କରିଥିଲେ।

ଡ. ମୀନାକ୍ଷୀ ଜୈନ ଜଣେ ବିଦ୍ୱାନ, ଗବେଷକ ଏବଂ ଐତିହାସିକ ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ସେ ଦିଲ୍ଲୀ ୟୁନିଭର୍ସିଟିର ଗାର୍ଗି କଲେଜରେ ଅଧ୍ୟାପିକା ରହିବା ସହ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ବ୍ରିଟିଶ ଶାସନ କାଳରେ ଭାରତୀୟ ଇତିହାସ, ଦେଶର ସଭ୍ୟତା, ସ୍ୱଦେଶୀ ଶିକ୍ଷା ଓ ଭାଷା ଉପରେ ଅନେକ ପୁସ୍ତକ ରଚନା କରିଛନ୍ତି। ସେହିପରି ସଦାନନ୍ଦନ ମାଷ୍ଟରଙ୍କ ଜୀବନ ଅନ୍ୟାୟ ନିକଟରେ ମୁଣ୍ଡ ନ ନୁଆଁଇ ଏହାକୁ ସାମ୍ନା କରିବା ସାହସର ପ୍ରତୀକ। ଜାତୀୟ ବିକାଶ ପ୍ରତି ତାଙ୍କ ଆଗ୍ରହକୁ ହିଂସା ଓ ଧମକ ବିଚ୍ୟୁତ କରିପାରି ନାହିଁ। ଜଣେ ଶିକ୍ଷକ ଓ ସାମାଜିକ କର୍ମୀ ଭାବେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସଦାନନ୍ଦ ୨୦୧୬ ଏବଂ ୨୦୨୧ରେ କେରଳର କନ୍ନୁର ଜିଲା ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିଲେ। ୧୯୯୪ରେ ସେ ତାଙ୍କ ରାଜନୈତିକ ମେଣ୍ଟ ବଦଳାଇବାରୁ ବିରୋଧୀମାନେ ତାଙ୍କ ୨ ଗୋଡ଼ କାଟିଦେଇଥିଲେ। ସୂଚନାଯୋଗ୍ୟ, ରାଷ୍ଟ୍ରପତି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୧୨ ଜଣଙ୍କୁ ରାଜ୍ୟ ସଭାକୁ ମନୋନୀତ କରିଥାନ୍ତି। ଉପରୋକ୍ତ ୪ ଆସନ ଖାଲି ରହିଥିଲା।

## ଫୁରସତ୍

### ଧୀରେ ଧୀରେ ସମୁଦ୍ରରେ ବୁଡୁଛି କାନ୍‌ସାଇ ଏୟାରପୋର୍ଟ

ଟୋକିଓ



ଜାପାନର କାନ୍‌ସାଇ ଅନ୍ତର୍ଜାତୀୟ ବିମାନବନ୍ଦର (କେଆଇଏକ୍ସ) ଏବେ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛି। ଓସାକା ଉପସାଗରର ମଧ୍ୟଭାଗରେ ୨ଟି କୃତ୍ରିମ ଦ୍ୱୀପ ଉପରେ ନିର୍ମିତ ଏହି ବିମାନବନ୍ଦର କ୍ରମାଗତ ଭାବେ ସମୁଦ୍ରରେ ବୁଡ଼ିବାକୁ ଲାଗିଛି। ରିପୋର୍ଟ ଅନୁଯାୟୀ, ଏହି ଦ୍ୱୀପର ପୃଷ୍ଠ ଗତ କିଛିବର୍ଷ ମଧ୍ୟରେ ୩.୮୪ ମିଟର ପର୍ଯ୍ୟନ୍ତ ସମୁଦ୍ରରେ ବୁଡ଼ିଛି, ଯାହା ବିମାନବନ୍ଦରର ସ୍ଥାୟିତ୍ୱକୁ ନେଇ ଦୀର୍ଘକାଳୀନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୧୯୯୪ ମସିହାରେ ଏହି ବିମାନବନ୍ଦର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲିଥିଲା। ସେବେଠାରୁ ଏହି ଏୟାରପୋର୍ଟର ଅନେକ ଅଂଶ ସମୁଦ୍ରରେ ବୁଡ଼ିସାରିଲାଣି। ଏକ ନରମ ସମୁଦ୍ର ମାଟିରେ ନିର୍ମିତ ଏହି ଉତ୍କୃଷ୍ଟ ଡିଜାଇନ୍ ପ୍ରାରମ୍ଭିକ ବର୍ଷଗୁଡ଼ିକରେ ବହୁ ଦ୍ରୁତ ଗତିରେ ସମୁଦ୍ରରେ ବୁଡ଼ିଥିଲା ବୋଲି ରିପୋର୍ଟରେ କୁହାଯାଇଛି।

ବିମାନବନ୍ଦରର ନରମ ମାଟିର ମୂଳଦୁଆ ଏହାର ଭାରି ଓଜନକୁ ସହ୍ୟ କରିପାରୁ ନ ଥିବା ବିଶେଷଜ୍ଞମାନେ କହିଛନ୍ତି। ସାମ୍ପ୍ରତିକ ସମୁଦ୍ର ପତ୍ତନ ବୃଦ୍ଧି ଏବଂ ପ୍ରାକୃତିକ ପରିବର୍ତ୍ତନ ଏହି ଏୟାରପୋର୍ଟକୁ ଧୀରେ ଧୀରେ ସମୁଦ୍ରର ଗଭୀରତା ଆଡ଼କୁ ନେଇଯାଉଛି, ଯାହାଫଳରେ ଭବିଷ୍ୟତରେ ଏହାର ସ୍ଥାୟିତ୍ୱକୁ ନେଇ ବିପଦ ସୃଷ୍ଟି ହୋଇଛି। ୨୦୧୮ରେ ଜେବି ବାତ୍ୟା ପ୍ରଭାବରେ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା କାନ୍‌ସାଇ ବିମାନବନ୍ଦର ଏହି ଦୁର୍ବଳତାକୁ ପ୍ରଥମଥର ପାଇଁ ପଦାରେ ପକାଇଥିଲା। ବନ୍ୟା ଯୋଗୁ ସେତେବେଳେ ଏୟାରପୋର୍ଟକୁ ଅସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଥିଲା। ବିମାନବନ୍ଦରର ଅତିରିକ୍ତ କ୍ଷତିକୁ ରୋକିବା ଏବଂ ଏହାର ଦୀର୍ଘକାଳୀନ ସ୍ଥାୟିତ୍ୱକୁ ଗ୍ୟାରେଣ୍ଟି ଦେବା ଦିଗରେ ସମ୍ପ୍ରତି ଇଞ୍ଜିନିୟରମାନେ କାର୍ଯ୍ୟ କରୁଛନ୍ତି। ଓସାକା ଉପସାଗରରେ ଜଳ ଚାପକୁ କମାଇବା ପାଇଁ ସମୁଦ୍ର ପାଚେରିକୁ ସୁଦୃଢ଼ କରିବା ଏବଂ ଭର୍ଟିକାଲ୍ ସ୍ୟାଣ୍ଡ ଡ୍ରେନ୍ ତିଆରି ନିମନ୍ତେ ଜାପାନ ସରକାରଙ୍କ ପକ୍ଷରୁ ୧୫୦ ନିୟୁତ ଡଲାରରୁ ଅଧିକ ନିବେଶ କରାଯାଇଛି।

ତେବେ କେଆଇଏକ୍ସ ନିକଟରେ ଏକ ବିରଳ ରେକର୍ଡ ରହିଛି। ଦଶ ବର୍ଷରୁ ଅଧିକ ସମୟ ଧରି କୌଣସି ଲଗେଜ୍ ଏଠାରେ ହଜି ନ ଥିବାରୁ ୨୦୨୪ରେ ଏହି ଏୟାରପୋର୍ଟକୁ ବିଶ୍ୱର ସର୍ବୋତ୍ତମ ଲଗେଜ ପରିଚାଳନା ବିମାନବନ୍ଦର ଭାବେ ଘୋଷଣା କରାଯାଇଥିଲା। କେଆଇଏକ୍ସ ନିଜର କର୍ମଚାରୀ, ଦକ୍ଷତା ଏବଂ ସ୍ଥାପତ୍ୟ ଡିଜାଇନ୍ ପାଇଁ ପୂର୍ବରୁ ଅନେକବାର ଅନ୍ତର୍ଜାତୀୟ ସ୍ୱୀକୃତି ଲାଭ କରିଛି। ୨୦୨୪ରେ ପ୍ରାୟ ୩୦.୬ ନିୟୁତ ଯାତ୍ରୀ ଏହି ଏୟାରପୋର୍ଟ ଯୋଗେ ୨୫ଟି ଦେଶର ୯୧ଟି ସହରକୁ ଯାତ୍ରା କରିଥିଲେ।

### କାର୍ତ୍ତିକଙ୍କ ଫିଲ୍ମରେ ଜ୍ୟାକି

ମୁମ୍ବାଇ





ଆସନ୍ତା ଫେବୃଆରୀ ୧୩ରେ ରିଲିଜ୍ ହେବାକୁ ଥିବା ଫିଲ୍ମ 'ତୁ ମେରୀ ମେଁ ତେରା, ମେଁ ତେରା ତୁ ମେରୀ'ରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ଏବଂ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନଜରକୁ ଆସିବେ। ଏବେ ଏହି ଫିଲ୍ମର ଶୁଟିଂ ଜାରି ରହିଛି। ରବିବାର ଫିଲ୍ମକୁ ନେଇ ଏକ ନୂତନ ଅପ୍‌ଡେଟ୍ ସାମ୍ନାକୁ ଆସିଛି। ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତା ଜ୍ୟାକି ଶ୍ରଫ୍ ଯୋଗଦେଇଛନ୍ତି। ଏନେଇ କାର୍ତ୍ତିକ ନିଜ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। କାର୍ତ୍ତିକ ତାଙ୍କ ପୋଷ୍ଟରେ ଫିଲ୍ମ ଶୁଟିଂ ସେଟ୍‌ର ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କ ସହ ଜ୍ୟାକି ମଧ୍ୟ ନଜରକୁ ଆସିଛନ୍ତି। ଏହି ଭିଡିଓରେ ଉଭୟ କାର୍ତ୍ତିକ ଏବଂ ଜ୍ୟାକି ଏକ ଗୀତର ତାଳେ ତାଳେ ଝୁମୁଥିବାର ଦେଖାଯାଉଛନ୍ତି। କ୍ୟାପ୍‌ଶନ୍‌ରେ କାର୍ତ୍ତିକ ଲେଖିଛନ୍ତି, 'ତୁ ମେରୀ ମେଁ ତେରା, ମେଁ ତେରା ତୁ ମେରୀ'ରେ ଜ୍ୟାକିଙ୍କୁ ସ୍ୱାଗତ। ନିଶ୍ଚିତ ଭାବେ ଦର୍ଶକଙ୍କୁ ଏହି ଫିଲ୍ମଟି ପସନ୍ଦ ଆସିବ। ଧର୍ମା ପ୍ରଡକ୍ସନ୍ସର ବ୍ୟାନରରେ ନିର୍ମିତ ହେଉଥିବା ଏହି ଫିଲ୍ମର ନିର୍ଦ୍ଦେଶନା ସମୀର ବିଦ୍ୱାସ ଦେଉଛନ୍ତି। କରନ୍ ଶ୍ରୀକାନ୍ତ ଶର୍ମା ଏହି ଫିଲ୍ମର କାହାଣୀ ଲେଖିଛନ୍ତି। ଫିଲ୍ମରେ ଅଭିନେତ୍ରୀ ନୀନା ଗୁପ୍ତା ମଧ୍ୟ ନଜରକୁ ଆସିବେ।

# ୟୁରୋପା ଅଭିମୁଖେ ୟୁରୋପା କ୍ଲିପର ଯାନ



ଇଂ. ମାୟାଧର ସ୍ୱାଇଁ

''ୟୁରୋପାକୁ ଅଧ୍ୟୟନ କରିବା ହେଉଛି ୟୁରୋପା କ୍ଲିପର ଲକ୍ଷ୍ୟ। ୟୁରୋପା କ୍ଲିପର ୨୦୨୫ ମସିହାରେ ମଙ୍ଗଳ ଏବଂ ୨୦୨୬ ମସିହାରେ ପୃଥିବୀ ନିକଟ ଦେଇ ଓ ଏହାର ମାଧ୍ୟାକର୍ଷଣର ସାହାଯ୍ୟ ନେଇ ବୃହସ୍ପତି ଅଭିମୁଖେ ଗତି କରିବ। ଏହା ୨୦୩୧ ମସିହା ଆରମ୍ଭରେ ୟୁରୋପାର କକ୍ଷରେ ପ୍ରବେଶ କରିବ ଏବଂ ମେ ମାସରେ ଏହାର ବିଜ୍ଞାନ କାର୍ଯ୍ୟକ୍ରମ ଆରମ୍ଭ କରିବ। ଏହା ବୃହସ୍ପତିଠାରୁ ଦୂରରେ ଥିବା ୟୁରୋପାର ପାର୍ଶ୍ୱକୁ ପ୍ରଥମେ ଅଧ୍ୟୟନ କରିବ ଏବଂ ୨୦୩୩ ମସିହା ମେ ମାସରେ ଏହା ବୃହସ୍ପତିର ନିକଟରେ ଥିବା ୟୁରୋପାର ପାର୍ଶ୍ୱକୁ ଅଧ୍ୟୟନ କରିବ। ଏହା ୟୁରୋପା ଚାରିପଟେ ୪୯ ଥର ଘୂରିବ ଏବଂ ୟୁରୋପାଠାରୁ ଏହାର ସର୍ବନିମ୍ନ ଦୂରତା ୨୫ କିମି ହେବ।''



ୟୁରୋପା ହେଉଛି ସୌରଜଗତର ବୃହତ୍ତମ ଗ୍ରହ ବୃହସ୍ପତିର ଗୋଟିଏ ଉପଗ୍ରହ। ଇଟାଲୀର ବୈଜ୍ଞାନିକ ଗାଲିଲିଓ ୧୬୧୦ ମସିହାରେ ବୃହସ୍ପତିର ଚାରିଟି ବଡ଼ ଉପଗ୍ରହ ଆବିଷ୍କାର କରିଥିଲେ। ସେଗୁଡ଼ିକ ହେଉଛି ଆଇଓ, ୟୁରୋପା, ଗାନିମୀଡ ଓ କାଲିଷ୍ଟୋ। ଏହି ଚାରିଟିକୁ ତାଙ୍କ ନାମ ଅନୁସାରେ 'ଗାଲିଲୀୟ ଉପଗ୍ରହ' କୁହାଯାଏ।

ୟୁରୋପାର ବ୍ୟାସ ହେଉଛି ୩୧୨୧ କିମି, ଯାହା ଚନ୍ଦ୍ରର ବ୍ୟାସଠାରୁ ସାମାନ୍ୟ କମ୍। ଏହା ହେଉଛି ସୌରଜଗତର ଷଷ୍ଠ ବୃହତ୍ତମ ଉପଗ୍ରହ। ବୃହସ୍ପତିଠାରୁ ଏହାର ହାରାହାରି ଦୂରତା ହେଉଛି ୬୭୧୧୦୦ କିମି ଏବଂ ବୃହସ୍ପତିକୁ ଥରେ ପରିକ୍ରମଣ କରିବା ପାଇଁ ଏହା ୩.୫୫୧ ଦିନ ନେଇଥାଏ।

ୟୁରୋପାର ପୃଷ୍ଠ ବରଫ ଦ୍ୱାରା ଆଚ୍ଛାଦିତ ହୋଇଛି। ଭଏଜର ଓ ଗାଲିଲିଓ ଅଭିଯାନରୁ ମିଳିଥିବା ତଥ୍ୟ ଅନୁସାରେ ଏହାର ବରଫାଚ୍ଛାଦିତ ତ୍ୱକ୍‌ରୁ ୩ ରୁ ୩୦କିମି ତଳେ ଲୁଣି ଜଳର ମହାସାଗର ଥିବାର ସୂଚନା ମିଳୁଛି। ପୃଥିବୀର ମହାସାଗରଗୁଡ଼ିର ଆୟତନର ଏହା ଦୁଇଗୁଣ ହେବ ବୋଲି ଅନୁମାନ କରାଯାଉଛି। ଏହାର ଆଭ୍ୟନ୍ତରରେ ଜୁଆରୀୟ ଶକ୍ତି ନିର୍ଗତ ହୋଇ ଜଳକୁ ଉଷ୍ମ ତଥା ତରଳ କରିପାରିଛି। ୟୁରୋପାରେ ମଧ୍ୟ ଗନ୍ଧକ ଏବଂ ଜୈବିକ ପଦାର୍ଥ ଥିବାର ଜଣାଯାଇଛି।

ଯଦି ୟୁରୋପାରେ ସମୁଦ୍ର ଓ ଏହାର ଉତ୍ତାପ ଉତ୍ସ ପ୍ରକୃତରେ ଥାଏ, ତାହାହେଲେ ସେଠାରେ ଅତି କମ୍‌ରେ ଆଣୁବୀକ୍ଷଣିକ ଜୀବ ଥିବାର ସମ୍ଭାବନା ରହିଛି। ଯଦି ଏହା ପ୍ରମାଣ ହୋଇପାରିବ, ତାହାହେଲେ ସୌରଜଗତରେ ପୃଥିବୀ ବାହାରେ ପ୍ରଥମ ଜୀବଜଗତ ୟୁରୋପାରେ ରହିଥିବାର ଜଣାପଡିବ। ଏଣୁ ୟୁରୋପା ବର୍ତ୍ତମାନ ବୈଜ୍ଞାନିକମାନଙ୍କର ଦୃଷ୍ଟି ଆକର୍ଷଣ କରିଛି। ଏହି ଉଦ୍ଦେଶ୍ୟ ନେଇ ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା 'ନାସା' ଗତ ବର୍ଷ ଅକ୍ଟୋବର ୧୪ ତାରିଖରେ ୟୁରୋପା ଅଭିମୁଖେ ଏକ ଯାନ ପ୍ରେରଣ କରିଛି। ଏହାର ନାମ ହେଉଛି 'ୟୁରୋପା କ୍ଲିପର'। ଏହା ୨.୯ ବିଲିୟନ କିମି ପଥ ଅତିକ୍ରମ କରି ୨୦୩୦ ମସିହାରେ ବୃହସ୍ପତି ଓ ଏହାର ଉପଗ୍ରହଗୁଡ଼ିକ ନିକଟରେ ପହଞ୍ଚିବ।

ବର୍ତ୍ତମାନ ବୃହସ୍ପତି କକ୍ଷରେ 'ନାସା'ର ଜୁନୋ ଯାନ ପରିକ୍ରମଣ କରୁଛି। ଏହାକୁ ୨୦୧୧ ମସିହା ଅଗଷ୍ଟ ୫ ତାରିଖରେ ଉତ୍‌କ୍ଷେପଣ କରାଯାଇଥିଲା ଏବଂ ୨୦୧୬ ମସିହା ଜୁଲାଇରୁ ଏହା ବୃହସ୍ପତିକୁ ପରିକ୍ରମଣ କରି ତଥ୍ୟ ପଠାଉଛି। ପୁନଶ୍ଚ ୟୁରୋପୀୟ ମହାକାଶ ସଂସ୍ଥା ୨୦୨୩ ମସିହା ଏପ୍ରିଲରେ 'ଜୁଇସ୍' ଯାନକୁ ବୃହସ୍ପତି ଅଭିମୁଖେ ପଠାଇଛି ଏବଂ ଏହା ୨୦୩୧ ମସିହାରେ ସେଠାରେ ପହଞ୍ଚିବ। ବୃହସ୍ପତି ପାଖକୁ ଦୁଇଟି ଯାନ ପ୍ରେରଣ କରାଯିବା ପରେ 'ୟୁରୋପା କ୍ଲିପର'ର ଆବଶ୍ୟକତା କ'ଣ?

'ଜୁନୋ' କେବଳ ବୃହସ୍ପତିକୁ ଅଧ୍ୟୟନ କରିବା ପାଇଁ ଉଦ୍ଦିଷ୍ଟ, ଯଦିଓ ଏହା ତାହାର ଉପଗ୍ରହଗୁଡ଼ିକର ମଧ୍ୟ କେତେକ ଭଲ ଚିତ୍ର ପଠାଇଛି। ପୁନଶ୍ଚ ଏହାର କାର୍ଯ୍ୟକାଳ ୨୦୨୫ ମସିହା ସେପ୍ଟେମ୍ବର ମାସରେ ଶେଷ ହୋଇଯିବ। ଜୁଇସ ଯାନ ୨୦୩୧ ମସିହାରେ ବୃହସ୍ପତି ନିକଟରେ ପହଞ୍ଚିବ ଏବଂ ୨୦୩୨ ମସିହା ଜୁଲାଇ ମାସରେ ଏହା ୟୁରୋପା ନିକଟରେ ମାତ୍ର ଦୁଇ ଥର ଯିବା ପରେ ଗାନିମୀଡ ଓ କାଲିଷ୍ଟୋକୁ ବିଶଦ ଭାବରେ ଅଧ୍ୟୟନ କରିବ। ଏହି ଦୁଇ ଉପଗ୍ରହର ପୃଷ୍ଠ ତଳେ ମଧ୍ୟ ତରଳ ମହାସାଗର ଥିବାର ଅନୁମାନ କରାଯାଉଛି। ଏଣୁ କେବଳ ୟୁରୋପାକୁ ଅଧ୍ୟୟନ କରିବା ହେଉଛି ୟୁରୋପା କ୍ଲିପର ଲକ୍ଷ୍ୟ। ୟୁରୋପା କ୍ଲିପର୨୦୨୫ ମସିହାରେ ମଙ୍ଗଳ ଏବଂ ୨୦୨୬ ମସିହାରେ ପୃଥିବୀ ନିକଟ ଦେଇ ଓ ଏହାର ମାଧ୍ୟାକର୍ଷଣର ସାହାଯ୍ୟ ନେଇ ବୃହସ୍ପତି ଅଭିମୁଖେ ଗତି କରିବ। ଏହା ୨୦୩୧ ମସିହା ଆରମ୍ଭରେ ୟୁରୋପାର କକ୍ଷରେ ପ୍ରବେଶ କରିବ ଏବଂ ମେ ମାସରେ ଏହାର ବିଜ୍ଞାନ କାର୍ଯ୍ୟକ୍ରମ ଆରମ୍ଭ କରିବ। ଏହା ବୃହସ୍ପତିଠାରୁ ଦୂରରେ ଥିବା ୟୁରୋପାର ପାର୍ଶ୍ୱକୁ ପ୍ରଥମେ ଅଧ୍ୟୟନ କରିବ ଏବଂ ୨୦୩୩ ମସିହା ମେ ମାସରେ ଏହା ବୃହସ୍ପତିର ନିକଟରେ ଥିବା ୟୁରୋପାର ପାର୍ଶ୍ୱକୁ ଅଧ୍ୟୟନ କରିବ। ଏହା ୟୁରୋପା ଚାରିପଟେ ୪୯ ଥର ଘୂରିବ ଏବଂ ୟୁରୋପାଠାରୁ ଏହାର ସର୍ବନିମ୍ନ ଦୂରତା ୨୫ କିମି ହେବ।

ଏହି ଯାତ୍ରା ସମୟରେ ୟୁରୋପା କ୍ଲିପର କେତେକ ସମସ୍ୟାର ସମ୍ମୁଖୀନ ହୋଇପାରେ। ବୃହସ୍ପତିର ଗୋଟିଏ ବଡ଼ ଚୁମ୍ବକ ବଳୟ ଅଛି। ସୂର୍ଯ୍ୟ ଓ ବୃହସ୍ପତିରୁ ଏବଂ 'ଆଇଓ'ର ଆଗ୍ନେୟଗିରିରୁ ଚାର୍ଜ କଣିକା ବୃହସ୍ପତିର ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ଆକର୍ଷିତ ହୋଇ ଗୋଟିଏ ପ୍ରଖର ଚୁମ୍ବକ ବଳୟ ସୃଷ୍ଟି କରିଥାଏ। ଏହି ବଳୟ ଆଇଓ, ୟୁରୋପା ଓ ଗାନିମୀଡକୁ ଆଚ୍ଛାଦନ କରିଥାଏ। ଏଥିପାଇଁ ଏହି ଯାନର କମ୍ପ୍ୟୁଟର ଓ ସୂକ୍ଷ୍ମ ଇଲେକ୍ଟ୍ରୋନିକ୍‌ସକୁ ୯.୨ ମିଲିମିଟର ମୋଟେଇର ଆଲୁମିନିୟମ ଓ ଦସ୍ତାର ପ୍ରାଚୀର ଥିବା ଗୋଟିଏ ବାକ୍ସ ଭିତରେ ରଖାଯାଇଛି। ଜୁନୋ ଯାନର ଅଭିଜ୍ଞତାରୁ ଏହି ପଦକ୍ଷେପ ନିଆଯାଇଛି।

ଗ୍ରାହକ ଅଭିଯାନ ପାଇଁ ନାସା ନିର୍ମାଣ କରିଥିବା ଯାନଗୁଡ଼ିକ ମଧ୍ୟରେ ୟୁରୋପା କ୍ଲିପର ହେଉଛି ବୃହତ୍ତମ। ଏହାର ଓଜନ ହେଉଛି ୫୯୦୦ କିଗ୍ରା ଏବଂ ଓସାର ହେଉଛି ୩୦.୫ ମିଟର (ଏକ ବାସ୍କେଟବଲ ପଡ଼ିଆର ଦୈର୍ଘ୍ୟ ସହିତ ସମାନ)।

ୟୁରୋପାର ଗଠନ ଜାଣିବା ପାଇଁ ଏହି ଯାନରେ ଦୃଶ୍ୟମାନ ଆଲୋକ ଓ ଅବଲୋହିତ କ୍ୟାମେରା ଏବଂ ଅତିବାଇଗଣି ଓ ଅବଲୋହିତ ବର୍ଣ୍ଣବୀକ୍ଷଣ ଯନ୍ତ୍ର ରଖାଯାଇଛି। ଏଥିରେ ଥିବା ଚୁମ୍ବକମାପକ ଯନ୍ତ୍ର ଓ ପ୍ଲାଜ୍‌ମା ଯନ୍ତ୍ର ୟୁରୋପାର ଚୁମ୍ବକୀୟ କ୍ଷେତ୍ରକୁ ମାପ କରିବ। ଏଥିରୁ ୟୁରୋପା ପୃଷ୍ଠ ତଳେ ମହାସାଗରର ସନ୍ଧାନ ଜଣାପଡିବ। ଏପରିକି ଏହା ସମୁଦ୍ରର ଲବଣତା, ଗଭୀରତା ଏବଂ ଏହା ଉପରେ ଥିବା ବରଫର ମୋଟେଇକୁ ମଧ୍ୟ ଜାଣିପାରିବ। ଯାନରେ ଥିବା ଗୋଟିଏ ରାଡାର ଯନ୍ତ୍ର ମଧ୍ୟ ୟୁରୋପାର ପୃଷ୍ଠର ମାନଚିତ୍ର ନେଇପାରିବ। ଏହାର ତ୍ୱକ୍‌ରେ ବରଫର ମୋଟେଇ ଗଣନା କରିପାରିବ ଏବଂ ଏପରିକି ଏହା ତଳେ ଥିବା ସମୁଦ୍ରର ଗଭୀରତାକୁ ଜାଣିପାରିବ। ଯାନରେ ଥିବା ବସ୍ତୁତ୍ୱ ବର୍ଣ୍ଣବୀକ୍ଷଣ ଯନ୍ତ୍ର ଏବଂ ପୃଷ୍ଠ ଧୂଳି ବିଶ୍ଳେଷଣ ଯନ୍ତ୍ର ୟୁରୋପାର ଚାରିପଟର ପରିବେଶକୁ ଅଧ୍ୟୟନ କରିବ। ଉଷ୍ମ ପ୍ରସ୍ରବଣରୁ ନିର୍ଗତ ହେଉଥିବା ପଦାର୍ଥକୁ ମଧ୍ୟ ବିଶ୍ଳେଷଣ କରିବ।

ୟୁରୋପା କ୍ଲିପର କାର୍ଯ୍ୟକାଳ ୨୦୩୪ ମସିହା ସେପ୍ଟେମ୍ବରରେ ଶେଷ ହେବ। ଏହାପରେ ଏହାକୁ କକ୍ଷଚ୍ୟୁତ କରାଇ ଗାନିମୀଡ଼ ଉପରେ ପକାଇ ଦିଆଯିବ। ସୂଚନାଯୋଗ୍ୟ ଯେ ଜୁଇସ ଯାନକୁ ମଧ୍ୟ କାର୍ଯ୍ୟକାଳ ଶେଷ ପରେ ଗାନିମୀଡ ଉପରେ ଖସାଇ ଦିଆଯିବ। ୟୁରୋପାରେ ଜୀବଜଗତର ସମ୍ଭାବନା ଥିବାରୁ ଏହା ଉପରକୁ କୌଣସି ଯାନ ସଂଘର୍ଷ କରାଯାଉନାହିଁ। ୟୁରୋପାର ପୃଷ୍ଠରେ ବରଫ ଓ ଏହା ତଳେ ଥିବା ଜଳକୁ ଅଧ୍ୟୟନ କରିଏହା ଜୀବଜଗତ ପାଇଁଉପଯୁକ୍ତ କିନାହିଁ ତାହା ବୈଜ୍ଞାନିକମାନେ ନିର୍ଦ୍ଧାରଣ କରିବେ।

-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

# ଜଳାତଙ୍କର ଲକ୍ଷଣ




ପ୍ରଥମ କଥା ହେଲା, ପାଗଳା କୁକୁର କାମୁଡିଲେ ଜଳାତଙ୍କ ହୋଇଥାଏ। ଯଦି ପ୍ରାଣୀଟି ପାଗଳା ହୋଇ ନଥାଏ ବା ତା ଲାଳରେ ଜଳାତଙ୍କ ଭୂତାଣୁ ନଥାଏ, ତେବେ ରୋଗ ହେବାର କୌଣସି ଆଶଙ୍କା ନାହିଁ। କିନ୍ତୁ ପାଗଳା କୁକୁର କାମୁଡ଼ା ଯୋଗୁ ବ୍ୟକ୍ତିଟି ଭୂତାଣ ସଂକ୍ରମିତ ହୋଇ ପଡ଼ିଥିଲେ, ତା'ଠାରେ କେତେକ ସାଧାରଣ ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇଥାଏ। ସେଗୁଡିକ ହେଲା- ମୁଣ୍ଡବିନ୍ଧା, ଦେହ ଘୋଳାବିନ୍ଧା, ତଣ୍ଟିରେ ଘାଆ ଏବଂ ଦେହରେ ସାମାନ୍ୟ ଜ୍ୱର। ଏହି ଲକ୍ଷଣମାନ ମାତ୍ର ୩-୪ ଦିନ ପର୍ଯ୍ୟନ୍ତ ରହେ। ଅନେକ ରୋଗୀଙ୍କ କ୍ଷେତ୍ରରେ କାମୁଡ଼ା ସ୍ଥାନରେ ଅନୁଭୂତ ହୁଏ ଯନ୍ତ୍ରଣା ଓ ଛୁଞ୍ଚି ଫୋଡ଼ି ହେବା ଭଳି ଲାଗିଥାଏ। ଉଚ୍ଚ ଶବ୍ଦ, ତୀବ୍ର ଆଲୋକ ଓ ଶୀତୁଆ ପବନକୁ ରୋଗୀ ସହି ପାରେନି। କାହା କାହାଠାରେ ଦେହରୁ ଝାଳ ବହେ। ପାଟିରୁ ଲାଳ ଗଡ଼େ। ଆଖିରୁ ଲୁହ ଝରେ। ଆଉ ଧୀରେ ଧୀରେ ଏସବୁ ବଢ଼ି ବଢ଼ି ଚାଲେ। ସେ ଯେତେ ଚେଷ୍ଟା କଲେ ବି ଜଳ ସମେତ କୌଣସି ତରଳ ପଦାର୍ଥ ଢୋକି ପାରେନି। ଏପରିକି ଜଳକୁ ଦେଖିଦେଲେ କି ଜଳ ବୋହୁଥିବାର ଶବ୍ଦ ଶୁଣିଲେ ଆତଙ୍କିତ ହୋଇପଡେ। ଏହି କାରଣରୁ ରୋଗୀ ଜଳକୁ ଦେଖିଲେ ଆସନ୍ନ ଯନ୍ତ୍ରଣା କଥା ଭାବି ଆତଙ୍କିତ ହୋଇପଡ଼େ। ସେଥିପାଇଁ ଏହି ରୋଗକୁ ଜଳ(ହାଇଡ୍ରୋ-) ପ୍ରତି ଆତଙ୍କ (ଫୋବିଆ) ବା 'ହାଇଡ୍ରୋଫୋବିଆ' ବୋଲି କୁହନ୍ତି। ରୋଗ ମାତ୍ର ୨-୩ ଦିନ କିମ୍ବା କଦବା କେମିତି ୫-୬ ଦିନ ସ୍ଥାୟୀ ହୋଇ ରୋଗୀ ମୃତ୍ୟୁବରଣ କରେ। ଏହି ରୋଗ ହେଲେ ମୃତ୍ୟୁ ପ୍ରାୟତଃ ସୁନିଶ୍ଚିତ। ହଠାତ୍ ବାତ ମାରି ରୋଗୀ ମରିଯାଏ କିମ୍ବା ପକ୍ଷାଘାତ ହୋଇ ଓ ଅଚେତ ହୋଇ ପଡ଼ି ରୋଗୀର ମୃତ୍ୟୁ ଘଟେ। ତେଣୁ ଏସବୁ ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରି ଉପଯୁକ୍ତ ଚିକିତ୍ସା କରାଇ ନିଅନ୍ତୁ।

# ଚକ୍ଷୁଦାନ କରୁଥିଲେ...



ଚକ୍ଷୁଦାନ ମହତ ଦାନ। କେବଳ ଏକଥା କହିଦେଲେ ହେବ ନାହିଁ। ଏହାର ମହତ୍ତ୍ୱ କେତେ ରହିଛି ତାହା ଉପଲବ୍ଧି କରିବା ନିହାତି ଦରକାର। ଚକ୍ଷୁ ଦ୍ୱାରା ଆମେ ଦେଖିପାରୁ। ଏହାକୁ ହରାଇବା ପରେ ଜଣକୁ ଅନ୍ୟ ଜଣକ ଉପରେ ସାହାରା ହୋଇ ବଞ୍ଚିବାକୁ ପଡ଼ିଥାଏ। ତେବେ ଆଜିକାଲି ଦୃଷ୍ଟି ଶକ୍ତି ହରାଇଥିବା ବ୍ୟକ୍ତିମାନେ ଆଉ ସେହି ଅନ୍ଧାର ଭିତରେ ରହୁନାହାନ୍ତି। ଚକ୍ଷୁ ପ୍ରତ୍ୟାରୋପଣ କରାଯାଉଛି ଏବଂ ସେମାନେ ପୁଣି ଥରେ ଦୁନିଆକୁ ଦେଖିପାରୁଛନ୍ତି। ହେଲେ ଚକ୍ଷୁଦାନ ପୂର୍ବରୁ ଆମେ କେତୋଟି ବିଷୟ ଜାଣି ରଖିବା ନିହାତି ଦରକାର। ବିଶେଷଭାବରେ ମୃତ୍ୟୁ ପରେ ହିଁ ଚକ୍ଷୁଦାନ କରାଯାଇଥାଏ। ହେଲେ କେତେକ ବ୍ୟକ୍ତି ଅଙ୍ଗଦାନ ମିଶନରେ ନିଜକୁ ସାମିଲ କରି ପୂର୍ବରୁ ଏକଥା ଘୋଷଣା କରିବାର ଅନେକ ନଜିର ରହିଛି। ଚକ୍ଷୁଦାନ କରିବାକୁ ଚାହୁଁଥିଲେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ଏ ନେଇ ଆଲୋଚନା କରନ୍ତୁ। ଆମ ରାଜ୍ୟରେ ଚକ୍ଷୁ ସଂଗ୍ରହ ପାଇଁ ଚକ୍ଷୁ ଭଣ୍ଡାର ରହିଛି। ଯଦି ଆପଣ ନିଜର ଚକ୍ଷୁ ଦାନ କରିବାକୁ ଆଗ୍ରହୀ କିମ୍ବା କୌଣସି ମୃତ ବ୍ୟକ୍ତିଙ୍କର ଚକ୍ଷୁ ଦାନ କରିବାକୁ ଚାହୁଁଛନ୍ତି ତେବେ ଚକ୍ଷୁ ଭଣ୍ଡାରରେ ପ୍ରଥମେ ରେଜିଷ୍ଟ୍ରେଶନ କରନ୍ତୁ। ତା' ସହ ନିଜ ପରିବାରକୁ ଏ ବିଷୟରେ ପୂର୍ବରୁ ସୂଚନା ଦିଅନ୍ତୁ। ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବାର ଛଅ ଘଣ୍ଟା ମଧ୍ୟରେ ଚକ୍ଷୁ ସଂଗ୍ରହ କରାଯାଇଥାଏ। ସୂଚନା ପାଇବା ପରେ ଚକ୍ଷୁ ଭଣ୍ଡାରର ଅଭିଜ୍ଞ ବିଶେଷଜ୍ଞ ଦଳ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଚକ୍ଷୁ ସଂଗ୍ରହ କରିଥାଆନ୍ତି। ତେବେ ଏହି ଛଅ ଘଣ୍ଟା ଭିତରେ ଚକ୍ଷୁକୁ ଯେପରି କୌଣସି ପ୍ରକାର ଆଘାତ ନ ପହଞ୍ଚେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଖାରୁଫୁଲ




କଖାରୁ ଫୁଲରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ନିକଟରେ ଏହି ତାଲିକାରେ ଆଉ ଏକ ଭଲ ଗୁଣକୁ ସାମିଲ କରାଯାଇଛି। ତାହା କ'ଣ ଜାଣନ୍ତି? ପ୍ରାୟ ନିୟମିତ କଖାରୁ ଫୁଲରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହାର ଭଲ ପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡିଥାଏ। ଅର୍ଥାତ୍, ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଆହୁରି ଦୃଢ଼ ହୋଇଥାଏ। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏହା ଉପରେ ଏକ ସର୍ଭେ କରିଥିଲେ। ନିୟମିତ କଖାରୁଫୁଲ ଖାଉଥିବା ବ୍ୟକ୍ତିମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କିପରି ରହୁଛି ତାହାକୁ ସେମାନେ ଭଲ ଭାବରେ ନିରୀକ୍ଷଣ କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି ଆହୁରି ଦୃଢ଼ ହେବା ପଛରେ କଖାରୁ ଫୁଲର ଭୂମିକା ଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କଖାରୁ ଫୁଲରେ ଭିଟାମିନ୍ 'ସି' ରହିଛି। ଏହାକୁ ଖାଇଲେ ଥଣ୍ଡା, କାଶ, କଫରୁ କେତେକାଂଶରେ ଉପଶମ ମିଳିଥାଏ। ଏଥିରେ ଭିଟାମିନ୍ 'ଏ' ମଧ୍ୟ ଭରି ରହିଛି। ତେଣୁ କଖାରୁଫୁଲ ଦୃଷ୍ଟି ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। କେବଳ ସେତିକି ନୁହେଁ, ଏହା ଅନ୍ଧାରକଣା ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହାକୁ ଖାଇଲେ ତାହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ୍ୟ ତିଆରି କରିଥାଏ। କଖାରୁ ଫୁଲରେ କ୍ୟାଲସିୟମ୍ ଓ ଫସ୍‌ଫରସ୍ ପ୍ରଚୁର ପରିମାଣରେ ରହିଛି, ଯାହା ଅସ୍ଥି ଏବଂ ଦାନ୍ତକୁ ମଜଭୁତ କରିବାରେ ସାହାଯ୍ୟ କରେ।

# ଜାଣିରଖନ୍ତୁ



- ମୁଣ୍ଡ ଯଦି ସବୁବେଳେ ବିନ୍ଧୁଛି ତେବେ ଏନେଇ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ଏଭଳି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଲେ ତାହାକୁ ମାଇଗ୍ରେନ୍ କୁହାଯାଏ। ତେଣୁ ତାହାର ଠିକ୍ ସମୟରେ ଚିକିତ୍ସା କରାଇ ନେବା ଦରକାର।
- ଅଙ୍ଗୁରରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ଅଛି, ଯାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି।
- ଯଦି ଆପଣଙ୍କର ଡାଇବେଟିସ୍ ସମସ୍ୟା ରହିଛି ତେବେ ନିଜକୁ ଯେତେ ସମ୍ଭବ ଟେନସନ ଠାରୁ ଦୂରେଇ ରଖନ୍ତୁ। କାରଣ ଏହା ଧୀରେ ଧୀରେ ରକ୍ତରେ ସୁଗାର ପରିମାଣକୁ ବୃଦ୍ଧି କରିଥାଏ।

# ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା



ସନ୍ତୁଳିତ ଖାଦ୍ୟ ଆମ ଶରୀର ପାଇଁ କେତେ ଉପକାରୀ ତାହା ପ୍ରାୟ ଅନେକେ ଜାଣନ୍ତି। ହେଲେ ଏଭଳି ଖାଦ୍ୟର ସୁପ୍ରଭାବ ମାନସିକତା ଉପରେ ମଧ୍ୟ ପଡ଼ିଥାଏ। ଏକ ସଦ୍ୟତମ ସର୍ଭେରୁ ଏକଥା ଜଣାପଡିଛି। 'ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହି ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ନିୟମିତ ସମୟ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ପରିଶେଷରେ ଜଣାପଡିଥିଲା ଯେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବା ଫଳରେ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ପୂର୍ବାପେକ୍ଷା ସକାରାତ୍ମକ ରହୁଥିଲା। କେବଳ ସନ୍ତୁଳିତ ଖାଦ୍ୟ ନୁହେଁ, ନିୟମିତ ବ୍ୟାୟାମ, ଯୋଗ କଲେ ମଧ୍ୟ ମାନସିକତା ଅନେକାଂଶରେ ସକାରାତ୍ମକ ରହିଥାଏ।

# ଷତିକାରକ ନିଶା ଔଷଧ



ଦେବାଶିଷ ମହାନ୍ତି

''ପ୍ରାକୃତିକ ମାନସିକ ପ୍ରଭାବୀ ଔଷଧ ବା ନାର୍କୋଟିକ୍ସ ଡ୍ରଗ୍‌ସ ସାଧାରଣତଃ ନିମ୍ନଲିଖିତ ତିନୋଟି ଗଛ ମଧ୍ୟରୁ ଗୋଟିଏରୁ ଆସିଥାଏ। ଅଫିମ ଗଛ ବା ଅଫିମ ପପି (ପାପାଭର ସୋମନିଫେରସ), ଗଞ୍ଜେଇ ଗଛ (କ୍ୟାନାବିସ) ଓ କୋକା ଗଛ। ଅଫିମ ଗଛ ସୁନ୍ଦର ଲାଲ ଏବଂ ଧଳା ଫୁଲ ଉତ୍ପାଦନ କରେ, ଯାହା ପାକଳ ହୋଇ ଫଳରେ ପରିଣତ ହୁଏ। ଲାନ୍ସିଂ ନାମକ ଏକ ପ୍ରକ୍ରିୟା ମାଧ୍ୟମରେ ଏହି ଫଳ ଛେଦନ କରାଗଲେ କ୍ଷୀର ବାହାରକୁ ବାହାରି ଆସି ଫଳର ପୃଷ୍ଠରେ ଲାଗି ଯାଏ। ବାୟୁମଣ୍ଡଳର ସଂସ୍ପର୍ଶରେ ଆସିଲେ, ଏହି କ୍ଷୀର ବାଦାମୀ କିମ୍ବା କଳା ରଙ୍ଗର ଅଠାଳିଆ ଲାଖ ଭଳିଆ ପଦାର୍ଥରେ ପରିଣତ ହୋଇଯାଏ ଏବଂ ଏହି ପଦାର୍ଥକୁ ଅଫିମ କୁହାଯାଏ। ଅଫିମ ଏକ ମାନସିକ ପ୍ରଭାବୀ ଅପବ୍ୟବହୃତ ଔଷଧ।''



ଦିନେ କ୍ଲାସ ସରିଯିବା ପରେ ମହାବିଦ୍ୟାଳୟର ସାଧାରଣ ପ୍ରକୋଷ୍ଠରେ ବସି ସହକର୍ମୀମାନଙ୍କ ସହିତ କିଛି ସାମ୍ପ୍ରତିକ ଘଟଣା ବିଷୟରେ କଥୋପ କଥନରେ ବ୍ୟସ୍ତ ଥାଏ। ଏହି ସମୟରେ ମୋବାଇଲରେ ହ୍ୱାଟ୍‌ସଆପ ସନ୍ଦେଶ ଆସିବାର ଶବ୍ଦରେ ସମସ୍ତଙ୍କ ନଜର ମୋବାଇଲ ଆଡ଼କୁ ଚାଲିଗଲା। ହ୍ୱାଟ୍‌ସଆପ ଦେଖିବାରୁ ମହାବିଦ୍ୟାଳୟରେ ନିଶା ନିବାରଣ ସପ୍ତାହ ପାଳନ ପାଇଁ ଅଧକ୍ଷଙ୍କ ସନ୍ଦେଶ ପ୍ରାପ୍ତ ହେଲା। ଏହି ସନ୍ଦେଶକୁ ପଢୁ ପଢୁ ଜଣେ ବାଣିଜ୍ୟ ବିଭାଗର ସହକର୍ମୀ କହି ଉଠିଲେ ଏହି ନିଶା ରାକ୍ଷସର କବଳରେ ବର୍ତ୍ତମାନର ଯୁବ ପିଢ଼ି ଫସି ଗଲାଣି। ସେଇଠୁ ମୁଁ ମୋର ମତ ଦେବା ଆରମ୍ଭ କରି କହିଲି-ନର୍କୋଟିକ୍‌ସ ଔଷଧ ସେବନରେ ଆମ ରାଜ୍ୟ ଓଡ଼ିଶା ସାରା ଭାରତବର୍ଷରେ ତୃତୀୟ ସ୍ଥାନରେ ଥିବାବେଳେ ଆମର ଏହି ଶାନ୍ତି ସହର ଢେଙ୍କାନାଳ ଓଡ଼ିଶାରେ ମଧ୍ୟ ଅଗ୍ରଣୀ ସ୍ଥାନରେ ଅଛି। ସେ ଟିକେ ଜିଜ୍ଞାସୁ ହୋଇ ପଚାରିଲେ ସାର୍ ଏହି ନାର୍କୋଟିକ୍‌ସ ଡ୍ରଗ୍‌ସ କ'ଣ ଓ ଏହା ପଛରେ ଯୁବପିଢି ପାଗଳ କାହିଁକି। ଏହି ପ୍ରଶ୍ନ ମୋତେ ନିଶାଦ୍ରବ୍ୟର ଦୁନିଆ ବିଷୟରେ ବର୍ଣ୍ଣନା କରିବାକୁ ପ୍ରେରଣା ଦେଲା। ମୁଁ କହିଲି ମ୍ୟାଡାମ, ନାର୍କୋଟିକ୍ସ ହେଉଛି ଏପରି ଔଷଧ ଯାହା ଇନ୍ଦ୍ରିୟକୁ ମନ୍ଥର କରିଦିଏ ଏବଂ ଯନ୍ତ୍ରଣାରୁ ମୁକ୍ତି ଦିଏ। ସ୍ୱଳ୍ପ ପରିମାଣରେ ବ୍ୟବହାର କଲେ ଏହା ଔଷଧ ଭଳି କାର୍ଯ୍ୟକରେ। ଡାକ୍ତରମାନେ ବିଶେଷକରି ଅସ୍ତ୍ରୋପଚାର ପରେ ପ୍ରାୟତଃ ଯନ୍ତ୍ରଣା ଉପଶମ ପାଇଁ ଅଳ୍ପ ପରିମାଣରେ ଏହାକୁ ବ୍ୟବହାର ପାଇଁ ପରାମର୍ଶ ଦିଅନ୍ତି। କିନ୍ତୁ ଡାକ୍ତରୀ ପରାମର୍ଶ ବିନା ବ୍ୟବହାର କଲେ କିମ୍ବା ଅଧିକ ମାତ୍ରାରେ ଗ୍ରହଣ କଲେ, ଏହା ବିପଜ୍ଜନକ ଏବଂ ନିଶାସକ୍ତ କରିଦିଏ। ନାର୍କୋଟିକ୍ସ ଏକ ପ୍ରକାରର ମାନସିକ ପ୍ରଭାବଶାଳୀ ଔଷଧ। ଅର୍ଥାତ୍ ଏହା ସିଧାସଳଖ ଆମ ମସ୍ତିଷ୍କକୁ ପ୍ରଭାବିତ କରେ। କିଛି ଅଫିମ ଗଛ ପରି ପ୍ରାକୃତିକ ଉତ୍ସରୁ ତିଆରି ଏବଂ ଆଉ କିଛି କୃତ୍ରିମ ଉପାୟରେ ପରୀକ୍ଷାଗାରରେ ପ୍ରସ୍ତୁତ କରାଯାଏ। ଏହି ନିଶାଗ୍ରସ୍ତ କରୁଥିବା ମାନସିକ ପ୍ରଭାବୀ ଔଷଧ ବା ନାର୍କୋଟିକ୍‌ସ ଡ୍ରଗ୍‌ସକୁ ନିମ୍ନ ଭାବେ ଶ୍ରେଣୀ ଭୁକ୍ତ କରାଯାଇପାରେ। ପ୍ରାକୃତିକ ଔଷଧ, ଅର୍ଦ୍ଧ-କୃତ୍ରିମ ଔଷଧ ଏବଂ କୃତ୍ରିମ ଔଷଧ।

**ପ୍ରାକୃତିକ ଔଷଧ:** ପ୍ରାକୃତିକ ମାନସିକ ପ୍ରଭାବୀ ଔଷଧ ବା ନାର୍କୋଟିକ୍‌ସ ଡ୍ରଗ୍‌ସ ସାଧାରଣତଃ ନିମ୍ନଲିଖିତ ତିନୋଟି ଗଛ ମଧ୍ୟରୁ ଗୋଟିଏରୁ ଆସିଥାଏ। ଅଫିମ ଗଛ ବା ଅଫିମ ପପି (ପାପାଭର ସୋମନିଫେରସ), ଗଞ୍ଜେଇ ଗଛ (କ୍ୟାନାବିସ) ଓ କୋକା ଗଛ। ଅଫିମ ଗଛ ସୁନ୍ଦର ଲାଲ ଏବଂ ଧଳା ଫୁଲ ଉତ୍ପାଦନ କରେ, ଯାହା ପାକଳ ହୋଇ ଫଳରେ ପରିଣତ ହୁଏ। ଲାନ୍ସିଂ ନାମକ ଏକ ପ୍ରକ୍ରିୟା ମାଧ୍ୟମରେ ଏହି ଫଳ ଛେଦନ କରାଗଲେ କ୍ଷୀର ବାହାରକୁ ବାହାରି ଆସି ଫଳର ପୃଷ୍ଠରେ ଲାଗିଯାଏ। ବାୟୁମଣ୍ଡଳର ସଂସ୍ପର୍ଶରେ ଆସିଲେ, ଏହି କ୍ଷୀର ବାଦାମୀ କିମ୍ବା କଳା ରଙ୍ଗର ଅଠାଳିଆ ଲାଖ ଭଳିଆ ପଦାର୍ଥରେ ପରିଣତ ହୋଇଯାଏ ଏବଂ ଏହି ପଦାର୍ଥକୁ ଅଫିମ କୁହାଯାଏ। ଅଫିମ ଏକ ମାନସିକ ପ୍ରଭାବୀ ଅପବ୍ୟବହୃତ ଔଷଧ। ଗଞ୍ଜେଇ ଗଛ ଜଙ୍ଗଲୀ ଭାବରେ ବଢ଼ିଥାଏ ଏବଂ ବେଆଇନ ଭାବରେ ଚାଷ କରାଯାଏ। ଗଞ୍ଜେଇ ଗଛର ଫୁଲର ଶୀର୍ଷକୁ ଗଞ୍ଜେଇ କୁହାଯାଏ। ଗଛକୁ ଚୂର୍ଣ୍ଣ କରି ଉତ୍ପାଦିତ ଗୁଣ୍ଡକୁ ଭାଙ୍ଗ କୁହାଯାଏ। କୋକା ଗଛର ପତ୍ର ଏବଂ ଏହି ପତ୍ରରୁ ତିଆରି କୋକା ପେଷ୍ଟ ମଧ୍ୟ ହେଉଛି ଉତ୍ତେଜକ ଔଷଧ। ତେଣୁ ଅଫିମ, ଗଞ୍ଜେଇ, ଭାଙ୍ଗ, ଚରସ, କୋକା ପତ୍ର ଏବଂ କୋକା ପେଷ୍ଟ ହେଉଛି ପ୍ରାକୃତିକ ନିଶାଗ୍ରସ୍ତ କରୁଥିବା ମାନସିକ ପ୍ରଭାବୀ ଔଷଧ।

**ଅର୍ଦ୍ଧ-କୃତ୍ରିମ ଔଷଧ:** ଯଦି ପ୍ରାକୃତିକ ଔଷଧରୁ ଏହାର ସକ୍ରିୟ ଉପାଦାନକୁ ପୃଥକ କରିବା ପାଇଁ କିମ୍ବା ଏହାକୁ ପରିବର୍ତ୍ତନ କରିବା ପାଇଁ ରାସାୟନିକ ପ୍ରତିକ୍ରିୟା କରାଯାଏ, ତେବେ ଯେଉଁ ପଦାର୍ଥ ମିଳେ ତାକୁ ଅର୍ଦ୍ଧ-କୃତ୍ରିମ ଔଷଧ କୁହାଯାଏ। ମର୍ଫିନ, କୋଡିନ, ହେରୋଇନ ଇତ୍ୟାଦି ଅଫିମରୁ ଉତ୍ପାଦିତ ଅର୍ଦ୍ଧ-କୃତ୍ରିମ ଔଷଧ ହୋଇଥିବା ବେଳେ କୋକେନ ହେଉଛି କୋକା ଗଛରୁ ଉତ୍ପାଦିତ ଏକ ଅର୍ଦ୍ଧ-କୃତ୍ରିମ ଔଷଧ। (କ୍ରମଶଃ..)

-ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର
ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ
ସ୍ୱୟଂ ଶାସିତ ମହାବିଦ୍ୟାଳୟ,ଢେଙ୍କାନାଳ
ମୋ-୯୮୬୧୩୯୧୧୯୦

# ସ୍ୱାସ୍ଥ୍ୟ ସୂଚନା



- ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ନିୟମିତ ସମୟ ବ୍ୟବଧାନରେ ନିଜର ଶରୀର ଚେକ୍‌ଅପ୍ କରାଇ ନିଅନ୍ତୁ।
- ଫଳମୂଳ ଖାଇବା ପରେ ପରେ ଆଦୌ ପାଣି ପିଅନ୍ତୁ ନାହିଁ।
- ବୟସ ୫୦ ଟପିଲେ ସାଧାରଣତଃ ନିଜର ଖାଦ୍ୟପେୟ, ଜୀବନଶୈଳୀ ପ୍ରତି ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଏହି ସମୟରେ ନିଜର ବ୍ଲଡପ୍ରେସର, ରକ୍ତରେ ସୁଗାର ପରିମାଣ ନିୟମିତ ସମୟ ଅନ୍ତରାଳରେ ମାପି ନିଅନ୍ତୁ।
- ଯଦି ଆପଣ ଗୁରୁତର ରୋଗରେ ପୀଡ଼ିତ ତେବେ ଡାକ୍ତରଙ୍କ ପରାମର୍ଶକୁ ଅଣଦେଖା କରନ୍ତୁ ନାହିଁ। ନିୟମିତ ଔଷଧ ଖାଇବା ସହ ରୋଗର ଅବସ୍ଥା କିପରି ଅଛି ତାହା ପରୀକ୍ଷା କରାଇ ନିଅନ୍ତୁ।
- ସବୁବେଳେ ଖାଇବା ଏବଂ ଶୋଇବାର ଏକ ଟାଇମ ନିର୍ଦ୍ଧାରଣ କରନ୍ତୁ।
- ସବୁବେଳେ ଏକୁଟିଆ ବସି ଏଣୁତେଣୁ ଭାବିଲେ ତାହାର ପ୍ରଭାବ ଶରୀର ଉପରେ ପଡିଥାଏ। ତେଣୁ ନିଜ ମନକୁ ଏପରି ପରିବେଶରେ ରଖନ୍ତୁ ଯାହାଦ୍ୱାରା ଆପଣ ଏକ ଖୁସି ଜୀବନ ବିତାଇ ପାରିବେ।
- ନିଜର ଓଜନ କିପରି ସନ୍ତୁଳିତ ରହିବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ଯଦି ଓଜନ ବଢ଼ି ଚାଲିଲା ତେବେ ତାହା ପରୋକ୍ଷରେ କେତେକ ରୋଗକୁ ଅଯଥାରେ ଡାକି ଆଣିଥାଏ।

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁଲାଇ ୧୪/୨୦୨୫ Bhubaneswar, Monday, July 14/ 2025

# ଭାରତ ସମ୍ମୁଖରେ ୧୯୩ ଲକ୍ଷ୍ୟ



ଜୋ ରୁଟ୍‌ଙ୍କ ଉଇକେଟ ନେବାପରେ ୱାଶିଂଟନ ସୁନ୍ଦରଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ଲର୍ଡ୍‌ସ, ୧୩।୭**

ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଚମତ୍କାର ବୋଲିଂ କରି ଭାରତ ପାଇଁ ବିଜୟ ଆଶା ସଞ୍ଚାର କରିଛନ୍ତି ୱାଶିଂଟନ ସୁନ୍ଦର। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୯୨ ରନକରି ଅଲ୍‌ଆଉଟ ହୋଇଛି। ଫଳରେ ଭାରତ ସମ୍ମୁଖରେ ୧୯୩ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଚତୁର୍ଥ ଦିବସ ଖେଳ ଶେଷ ବେଳକୁ ଭାରତ ୪ ଉଇକେଟ ହରାଇ ୫୮ ରନ ସଂଗ୍ରହ କରିଛି। ଯଶସ୍ୱୀ ଜୟସ୍ୱାଲ (୦), କରୁଣ ନାୟାର (୧୪), ଅଧିନାୟକ ଶୁବମନ ଗିଲ୍ (୬) ଓ ନାଇଟ ୱାଚମ୍ୟାନ ଆକାଶ ଦୀପ୍ (୧) ଆଉଟ ହୋଇଥିବାବେଳେ

## ୱାଶିଂଟନ ସୁନ୍ଦରଙ୍କ ଚମତ୍କାର ବୋଲିଂ

ଲୋକେଶ ରାହୁଲ ୩୩ ରନରେ ଅପରାଜିତ ରହିଛନ୍ତି। ଅନ୍ତିମ ଦିବସରେ ବିଜୟ ପାଇଁ ଭାରତକୁ ଆଉ ୧୩୫ ରନ ଏବଂ ଇଂଲଣ୍ଡକୁ ୬ ଉଇକେଟ ଆବଶ୍ୟକ ହେବ। ତୃତୀୟ ଦିବସର ଅସମାପ୍ତ ସ୍କୋର ୨/୦ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ୮୭ ରନରେ ୪ ଉଇକେଟ ପଡ଼ିବାପରେ ଜୋ ରୁଟ୍ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ୫ମ ଉଇକେଟରେ ୬୭ ରନ ଯୋଗ ହେବାପରେ ନିର୍ଭରଯୋଗ୍ୟ ରୁଟ୍(୪୦ ରନ)ଙ୍କୁ କ୍ଲିନ ବୋଲ୍ଡ କରି ଭାରତୀୟ ଶିବିରରେ ଉତ୍ସାହ ଭରି ଦେଇଥିଲେ ୱାଶିଂଟନ ସୁନ୍ଦର। କେବଳ ସେତିକି ନୁହେଁ ସେ ଜେମି ସ୍ମିଥ୍(୮), ଷ୍ଟୋକ୍ସ(୩୩ ରନ) ଓ ଶୋଏବ ବଶିର (୨)ଙ୍କୁ ଆଉଟ କରି ଭାରତ ପାଇଁ ହିରୋ ବନିଥିଲେ। ଭାରତୀୟ ବୋଲରମାନେ ଦ୍ୱିତୀୟ ଇନିଂସରେ ୭ ଓ ମ୍ୟାଚରେ ୧୨ ଖେଳାଳିଙ୍କୁ କ୍ଲିନ୍ ବୋଲ୍ଡ କରି ଉଭୟରେ ରେକର୍ଡ କରିଥିଲେ। ପୂର୍ବରୁ ଗୋଟିଏ ଇନିଂସରେ ସର୍ବାଧିକ ୬ ଏବଂ ଗୋଟିଏ ମ୍ୟାଚରେ ୧୦ ଜଣଙ୍କୁ ବୋଲ୍ଡ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭। ଭାରତ ପ୍ରଥମ ଇନିଂସ: ୩୮୭। ଇଂଲଣ୍ଡ ଦ୍ୱିତୀୟ ଇନିଂସ:୧୯୨/ଅଲ୍‌ଆଉଟ (ଜୋ ରୁଟ୍-୪୦, ବେନ୍ ଷ୍ଟୋକ୍ସ-୩୩, ୱାଶିଂଟନ ସୁନ୍ଦର-୪/୨୨, ଯଶପ୍ରୀତ୍ ବୁମ୍ରା-୨/୩୮, ମହମ୍ମଦ ସିରାଜ-୨/୩୧, ନୀତୀଶ କୁମାର ରେଡ୍ଡୀ-୧/୨୦, ଆକାଶ ଦୀପ୍-୧/୩୦)। ଭାରତ ଦ୍ୱିତୀୟ ଇନିଂସ: ୫୮/୪ (ଲୋକେଶ ରାହୁଲ-୩୩, ବ୍ରାଇଡନ କାର୍ସ-୨/୧୧, ଜୋଫ୍ରା ଆର୍ଚର-୧/୧୮, ବେନ୍ ଷ୍ଟୋକ୍ସ-୧/୧୫)।

**ୱିମ୍ବଲଡନ ଟେନିସ**

## କୁଦେରମେଟୋଭା-ମର୍ଟେନ୍ସଙ୍କୁ ମହିଳା ଡବଲ୍ସ ଟାଇଟଲ

**ଲଣ୍ଡନ, ୧୩।୭:** ରୁଷିଆର ଭେରୋନିକା କୁଦେରମେଟୋଭା ଓ ବେଲଜିୟମର ଏଲିସେ ମର୍ଟେନ୍ସଙ୍କ ଯୋଡ଼ି ୱିମ୍ବଲଡନ ଟେନିସ ଚାମ୍ପିୟନଶିପ୍‌ରେ ମହିଳା ଡବଲ୍ସ ଟାଇଟଲ ହାତେଇଛନ୍ତି। ରବିବାର ସେଣ୍ଟର କୋର୍ଟରେ ଖେଳାଯାଇଥିବା ମହିଳା ଡବଲ୍ସ ଫାଇନାଲ ମ୍ୟାଚ୍‌ରେ କୁଦେରମେଟୋଭା ଓ ମର୍ଟେନ୍ସ ୩-୬, ୬-୨, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଲାଟ୍‌ଭିଆର ଜେଲେନା ଓସ୍ତାପେଙ୍କୋ ଓ ତାଇୱାନର ହସିହ ସୁ-ୱେଇଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ରେ ଦୁଇ ଯୋଡ଼ି ମଧ୍ୟରେ ୨ ଘଣ୍ଟା ୨୩ ମିନିଟ୍ ଧରି ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଏହା କୁଦେରମେଟୋଭାଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହୋଇଥିବା ବେଳେ ମର୍ଟେନ୍ସଙ୍କ ଲାଗି ଏହା ପଞ୍ଚମ ଗ୍ରାଣ୍ଡସ୍ଲାମ ଓ ଦ୍ୱିତୀୟ ୱିମ୍ବଲଡନ ଟ୍ରଫି। ମର୍ଟେନ୍ସ ପୂର୍ବରୁ ୨୦୨୧ରେ ୱିମ୍ବଲଡନରେ ଡବଲ୍ସ ଟାଇଟଲ ଜିତିଥିଲେ। ସେଥିରେ ସୁ-ୱେଇ ତାଙ୍କ ସାଥି ଖେଳାଳି ଥିଲେ। ଏପରିକି ମର୍ଟେନ୍ସ ଓ ସୁ-ୱେଇ ସେହି ଫାଇନାଲରେ କୁଦେରମେଟୋଭା ଓ ଏଲେନା ଭେସନିନାଙ୍କୁ ଫାଇନାଲରେ ପରାସ୍ତ କରିଥିଲେ।

# ଓଡ଼ିଶା ଦଳକୁ ରୌପ୍ୟ ପଦକ



ରୌପ୍ୟ ପଦକ ବିଜୟୀ ଓଡ଼ିଶା ପୁରୁଷ ରଗ୍‌ବୀ ଦଳ।

**ଜାତୀୟ ଜୁନିୟର ରଗ୍‌ବୀ**

**ଭୁବନେଶ୍ୱର, ୧୩।୭ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ଜୁନିୟର (୧୮ ବର୍ଷରୁ କମ୍) ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ରୌପ୍ୟ ପଦକ ହାସଲ କରିଛି। ଗତଥରର ଚାମ୍ପିୟନ ଓଡ଼ିଶା ପୁରୁଷ ଦଳ ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ବିହାରଠାରୁ ୧୫-୧୭ ଗୋଲରେ ହାରି ଯାଇଛି। ଫଳରେ ଟାଇଟଲ ବଜାୟ ରଖିବାରେ ଦଳ ବିଫଳ ହୋଇଛି। କ୍ୱାର୍ଟର ଫାଇନାଲରେ ଓଡ଼ିଶା ୫୯-୦ରେ ତେଲଙ୍ଗାନାକୁ ଏବଂ ସେମିଫାଇନାଲରେ ୨୨-୦ରେ ଦିଲ୍ଲୀକୁ ପରାସ୍ତ କରିଥିଲା। ପ୍ରତିଯୋଗିତାରେ ମୋଟ ୨୭ଟି ଦଳ ଅଂଶଗ୍ରହଣ କରିଥିଲେ। ମୋଟ ୯ଟି ଗ୍ରୁପ୍‌କୁ ନେଇ ଲିଗ୍ ପର୍ଯ୍ୟାୟ ହୋଇଥିବାବେଳେ ଓଡ଼ିଶା ପୁଲ୍-ଏ'ରେ ଆସାମ ଓ ତାମିଲନାଡୁ ସହିତ ସ୍ଥାନ ପାଇଥିଲା। ତାମିଲନାଡୁକୁ ଓଡ଼ିଶା ୫୬-୦ ଓ ଆସାମକୁ ୩୪-୭ରେ ହରାଇବାପରେ ପ୍ରି-କ୍ୱାର୍ଟର ଫାଇନାଲରେ ଆସାମକୁ ୩୧-୦ରେ ହରାଇ ଆଗକୁ ବଢ଼ିଥିଲା। ପ୍ରକାଶଯୋଗ୍ୟ, ପ୍ରତିଯୋଗିତାର ମହିଳା ବର୍ଗରେ ମଧ ଓଡ଼ିଶା ରୌପ୍ୟ ପଦକ ହାସଲ କରିଥିଲା। ଓଡ଼ିଶା ବାଳକ ଦଳ: ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ, ରାହୁଲ ମାଝୀ, ଚିନ୍ମୟ କୁମାର ନାଏକ, ସୂରଜ କୁମାର ଦୋରା, ଈଶ୍ୱର ପୂଝାରୀ, ମଣ୍ଟୁ ଟୁଡୁ, ଶିବା ସୋରେନ, ଭାରତ କିସାନ, ଆମ୍ବା ମୁର୍ମୁ, ସୁବାସ ହାଂସଦା, ଶୁଭପ୍ରି ନାଏକ। କୋଚ୍: ଧୀରେନ କୁମାର ରାଉତ।

# ଆଜି କ୍ୱାର୍ଟର ଓ ସେମିଫାଇନାଲ

**ଭୁବନେଶ୍ୱର, ୧୩।୭ (ତପନ ସ୍ୱାଇଁ)**

**ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ**

କଳିଙ୍ଗ ଷ୍ଟାଡିୟମସ୍ଥିତ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମ 'ସଟଲ'ରେ ଚାଲିଥିବା ୟୋନେକ୍ସ ସନ୍‌ରାଇଜ ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ସୋମବାର କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲ ଏବଂ ମଙ୍ଗଳବାର ଫାଇନାଲ ଅନୁଷ୍ଠିତ ହେବ। ପୁରୁଷ ସିଙ୍ଗଲ୍ସ ପ୍ରି କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ କର୍ଣାଟକର ରଘୁ ଏମ. ମହାରାଷ୍ଟ୍ରର କ୍ରିଶ ଦେଶାଇଙ୍କୁ, ହରିୟାଣାର ମନରଜ ସିଂ ପଞ୍ଜାବର ଅଭିନ ଠାକୁରଙ୍କୁ, ମଣିପୁରର ଏମ. ମୈରବା ଦିଲ୍ଲୀର ଗିନପଲ ଏସ୍‌ଙ୍କୁ ଏବଂ ହରିୟାଣର ରବି ଓ ମହାରାଷ୍ଟ୍ରର କୌଶଲ ଧର୍ମମେର ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ନିଜ ସ୍ଥାନ ସୁରକ୍ଷିତ ରଖିଛନ୍ତି। ମହିଳା ପ୍ରି- କ୍ୱାର୍ଟର ଫାଇନାଲରେ ଟପ ସିଡ୍ ଉତ୍ତର ପ୍ରଦେଶର ମାନସୀ ସିଂ ଆନ୍ଧ୍ରପ୍ରଦେଶର ସୂର୍ଯ୍ୟା ଚାରିଷ୍ମା ତମେରୀଙ୍କୁ, ଗୁଜରାଟର ଆଇସା ଗାନ୍ଧୀ ଦିଲ୍ଲୀର ଦିଆଙ୍କ ୱାଲଦିଆଙ୍କୁ, ଆସାମର ଇସାରାଣୀ ବରୁଆ ରାଜସ୍ଥାନର ସାକ୍ଷୀ ଫୋଗଟଙ୍କୁ ଏବଂ କର୍ଣାଟକର ଇଲିଶା ପଲ ଓ ଗୁଜରାଟର ଶ୍ରେୟା ଲେଲେ ନିଜ ନିଜ ମ୍ୟାଚ ଜିତି କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି । କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓସବା) ସଭାପତି ତଥା ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବି.କେ. ସ୍ୱାଇଁ ପ୍ରମୁଖ ଭେନ୍ୟୁସ୍ଥଳ ପରିଦର୍ଶନ କରି ଖେଳ ଉପଭୋଗ କରିଥିଲେ। ଓସବା ସମ୍ପାଦକ ନଳିନ କୁମାରଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।



ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରବିବାର ଶଟ୍ ଖେଳିବା ଅବସରରେ ଦୁଇ ଖେଳାଳି।

# ସ୍କୁଲ୍ସ ଓପନ ଚେସ୍: ଭିନିତ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୩।୭ (ତପନ ସ୍ୱାଇଁ)**

ବିଜେଇଏମ୍ ସ୍କୁଲ-୧ ପରିସରରେ ରବିବାର ଅନୁଷ୍ଠିତ ସ୍କୁଲ୍ସ ଓପନ ଚେସ୍‌ରେ ଭିନିତ ନାୟକ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ସତ୍ୟମ ସ୍ୱରୂପ ସାହୁ, ପ୍ରାଂଶୁ ଦାଶ, ଆଦ୍ୟା ଅଭିତ ଦାସ ଓ ଆରିସ ନନ୍ଦ ଗୋସ୍ୱାମୀ ୪ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୪ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍-ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍କୁଲ ଭାଇସ-ପ୍ରିନ୍ସିପାଲ ପଲ୍ଲବୀ ମହାପାତ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀରେ ପ୍ରିନ୍ସିପାଲ ସନ୍ଧ୍ୟା ଜେନା ମୁଖ୍ୟ ଅତିଥି ଏବଂ କ୍ରୀଡ଼ା ବିଭାଗ ମୁଖ୍ୟ ସରୋଜ କୁମାର ସାହୁ, ପିଇଟି ରଞ୍ଜନ କୁମାର ସିଂ ଓ ଆୟୋଜକ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ପରାଜୟ ସତ୍ତ୍ୱେ ସିରିଜ୍ ଜିତିଲା ଭାରତ

**ବର୍ମିଂହାମ, ୧୩।୭(ପି.ଟି.):** ଇଂଲଣ୍ଡ ବିପକ୍ଷରେ ଏକ ଐତିହାସିକ ଟି୨୦ ସିରିଜ୍ ଜିତିଥିବା ଭାରତୀୟ ଦଳ ଅନ୍ତିମ ମ୍ୟାଚ୍‌ରେ ପରାଜିତ ହୋଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୩-୨ରେ ଶେଷ ହୋଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୧୬୮ ରନର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ଅନ୍ତିମ ବଲରେ ହାସଲ କରି ନେଇଥିଲା। ଚାର୍ଲି ଡିନ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ପୂରା ସିରିଜ୍‌ରେ ସର୍ବାଧିକ ଉଇକେଟ ନେବା ପାଇଁ ଶ୍ରୀ ଚରନୀ ପ୍ଲେୟର ଅଫ୍ ସିରିଜ୍ ବିବେଚିତ ହୋଇଛନ୍ତି।

# ଉଷା କମିଟି ଗଠନ କଲେ

**ନୂଆଦିଲ୍ଲୀ, ୧୩।୭(ପି.ଟି.):** ଭାରତୀୟ ବକ୍ସିଂ ଫେଡେରେଶନ (ବିଏଫ୍‌ଆଇ) ନିର୍ବାଚନରେ ହେଉଥିବା ବିଳମ୍ବ ପଛର କାରଣ ଜାଣିବା ପାଇଁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ସଭାପତି ପି. ଟି. ଉଷା ଏକ ୩ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରିଛନ୍ତି। ଏହି କମିଟିକୁ ବିଳମ୍ବ ପଛର କାରଣ ଜାଣିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ନିଷ୍ପକ୍ଷ ନିର୍ବାଚନ ଆୟୋଜନ ନିମନ୍ତେ

**ବିଏଫ୍‌ଆଇ ନିର୍ବାଚନରେ ବିଳମ୍ବ ପ୍ରସଙ୍ଗ**

ରୋଡ୍ ମ୍ୟାପ ପ୍ରସ୍ତୁତ କରିବାକୁ କୁହାଯାଇଛି। ଆଇଓଏ କୋଷାଧ୍ୟକ୍ଷ ସହଦେବ ଯାଦବଙ୍କ ନେତୃତ୍ୱରେ ଗଠିତ କମିଟିରେ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଭୁପେନ୍ଦର ସିଂ ବାଜୱା ଓ ଓକିଲ ପାୟଲ କାକ୍ରା ସଦସ୍ୟ ଭାବେ ରହିଛନ୍ତି। ବିଏଫ୍‌ଆଇର କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ଚଳିତବର୍ଷ ଫେବୃଆରୀ ୨ରେ ଶେଷ ହୋଇଥିଲା। ସେବେଠାରୁ ନିର୍ବାଚନ ହୋଇ ନାହିଁ ବୋଲି ଉଷା ଆଇଓଏ ନିର୍ଦ୍ଦେଶରେ କହିଛନ୍ତି। ଏହି ନିର୍ଦ୍ଦେଶ ମୁତାବକ, ୩ ଜଣିଆ କମିଟି ବିଏଫ୍‌ଆଇର ବର୍ତ୍ତମାନ ଆଇନ ଓ ପ୍ରଶାସନିକ ସ୍ଥିତି ଯାଞ୍ଚ କରିବା ସହ ଫେଡେରେଶନର ପରିଚାଳନାରେ ବିଳମ୍ବ ପ୍ରଭାବର ଆକଳନ କରିବ।





Authorized Dealers: Baripada: Aditya Hero - 7799766370, Bhadrak: Sanjib Hero - 9289922608, Cuttack: JMG Hero - 9289922178, Sunny Hero - 9289922697, Essen Hero - 9289923078, Jagatsinghpur: Sunny Autobikes - 9289233592, Bhubaneswar: Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, Vishal Hero - 9289922984, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Chandikhol: S. K. Hero - 9289922900, Jajpur Road: Soumik Hero - 9289922611, Authorized HeroSure Dealers: Bhubaneshwar: Arundhati Motobikes - 7682841658, Associate Dealers: Telkoi: Panchamukhi Motors - 9717004926, Barbil: Wheels Motors - 9776931870, Rairangpur: Maa Sakambari Motors - 7008581719, Mayurbhanj: JK Motors - 9040909925, Mayurbhanj: Mahaveer Motors - 7326872255/9853290346, Basudevpur: Bidyalalita Automobile - 9827487072, Kamrda: Siddhivinayak Motors - 7208675074, Rahama: Sarala Automobiles - 9937018532, Kendrapara: Baishnabi Motors - 9437089454/9853471301, Pattamundai: Mishra Auto - 9853843713, Narsinghpur: Ambika Motocorp - 9861811411, Nimapara: Basudev Automobiles - 9861020724, Pipili: Shri Ram Motors - 9437110789, Balugaon: Mahamayee Motors - 9437004624, Khurdha: Dinesh Trading Co. - 9778097876, Sakhigopal: Sai Motors - 9439765820, Begunia: Rashmi Automobiles - 9178316145, Balipatna: M/S Jagannath Motors - 7064309702, Chandpur: Apsara - 9861418161, Khuakia: Binayak Automobiles - 9090444379, Jajpur Town: Ayush Automobiles - 9556189870.

RS/Hero/06/25


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ